ମାଛା ଧୂରା

Digitized by PPRACHIN, SOA

ମାୟାପୁରୀ

—କୁମାର—

Digitized by PPRACHIN, SOA

ପ୍ରଥମ ପ୍ରକାଶନ ୧୯୪୭

ପ୍ରକାଶକ

ଶ୍ରୀ ମାଧବଚନ୍ଦ୍ର ଦାନ୍

ପ୍ରଚ୍ଛଦପଟ

ଗୋପାଳ କାନୁନଗୋ

ମୁଦ୍ରାକର

ଚୌଧୁରୀ ଶ୍ରୀ ମଧୁସୂଦନ ମହାପାତ୍ର

ଅରୁଣୋଦୟ ପ୍ରେସ୍—କଟକ

ମୂଲ୍ୟ ଏକ ଟଙ୍କା ଛଅ ଅଣା

Digitized by PPRACHIN, SOA

ମୋ ବାପାଙ୍କୁ

Digitized by PPRACHIN, SOA

ଏକ

ଯେଉଁ ଟେକ୍ସିରେ ମେଷ୍ଟର ମହାପାତ୍ର ଓ ଗଦାଧର ଷ୍ଟେସନରୁ ଆସିଥିଲେ, ତାହା ପ୍ରାୟ ଏକ କୋଶ ପର୍ଯ୍ୟନ୍ତ ଗାଉଁଲି ସଡ଼କ ଉପରେ ଆସୁ ଆସୁ ଏମିତି ଗୋଟିଏ ଅପରିଚିତ ସ୍ଥାନରେ ପହଞ୍ଚିଲା, ଯେଉଁଠି ଡ୍ରାଇଭର ସ୍ୱୀକାର କରିବାକୁ ଲାଗିଲା ସେମାନେ ପ୍ରକୃତ ରାସ୍ତା ଭୁଲି ଯାଇଛନ୍ତି ।

ଏକେତ ଘୂରିଆଡ଼ର ସେହି ବିସ୍ତୃତ ଖୋଲା ପଡ଼ିଆ । ଦୁଇ କୋଶ ପର୍ଯ୍ୟନ୍ତ ଘୋଠାବାଡ଼ିର ନାମଗନ୍ଧ ସୁଦ୍ଧା ନାହିଁ । ତହିଁରେ ପୁଣି ସନ୍ଧ୍ୟାର କୁହେଳିକା । ଦି ହାତର ମଝିରେ ଥିବା ଜିନିଷଗୁଡ଼ିକ ସ୍ୱଚ୍ଛନ୍ଦରେ ଦେଖା ଯାଉନାହିଁ । ନିଜର ଖାମିନ୍ଦ ଉପରେ ଦୃଷ୍ଟିପାତ କରି ଗଦାଧର ନିରୁତ୍ସାହ ହୋଇ କହିଲା—ଆଜ୍ଞା ! ଆଜି ତ ଆମେ ଏକ ବିଚିତ୍ର ଜାଗାରେ ଆସି ପହଞ୍ଚି ଗଲେ !

ସେ ଦାନ୍ତ ପାଟିର ମଝିରେ ସିଗାରେଟ ଦାବି ରଖି ପୁଣି ଦି ହାତ ନିଜ ଓଭରକୋଟ ପକେଟରେ ଭରି ମେଷ୍ଟର ମହାପାତ୍ର ଏକବାର୍ ତୀକ୍ଷ୍ଣ ଦୃଷ୍ଟିରେ ଥରେ ଘୂରିଆଡ଼ ପର୍ଯ୍ୟବେକ୍ଷଣ କରିନେଲେ ।

Digitized by PPRACHIN, SOA

ବିସ୍ତୃତ ପଡ଼ିଆଟି ଉପରେ ପୂର୍ଣ୍ଣଚନ୍ଦ୍ରଙ୍କର ବିମଳ କିରଣ ବିଛୁଡ଼ି ହୋଇ ପଡ଼ିଥିଲା । କିନ୍ତୁ ତାହା ତାର ଆବରଣକୁ ଆହୁରି ଟିକିଏ ବିଚିତ୍ର କରି ଦେଉଥିଲା । ମଝିରେ ମଝିରେ ବିଶାଳ ବୃକ୍ଷଗୁଡ଼ିକ ସ୍ପଷ୍ଟ ବାରି ହୋଇ ଯାଉଥିଲା । କିନ୍ତୁ ତାର ମଝିରେ ଆହ ଥିବା ସଡ଼କଟିର ଅବସ୍ଥା ଏତେ ଖରାପ ହୋଇ ଯାଇଥିଲା, ଯେପରି କି ସାଧାରଣତଃ ପାଉଁଳି ବଳଦ ଗାଡ଼ି ଯାତାୟାତ କରୁଥିବା ରାସ୍ତାଗୁଡ଼ିକ ହୋଇଥାଏ ।

ଟେକ୍ସି ଡ୍ରାଇଭର୍ ସମ୍ମୁଖସ୍ଥ ଗୋଟେ କୁଡ଼ିଆର ଦୁଆର୍ ଖୋଲି ଦେଇ ଭିତରକୁ ପଶିଗଲା । କ୍ଷଣକାଳ ସକାଶେ ଦୁଆର ପାଖରେ ଆଲୋକର ଏକ ଦିବ୍ୟ ଚମକ ଝଲସି ଉଠିଲା । ପୁଣି ପରକ୍ଷଣରେ ତାହା ପୂର୍ବ ପରି ଘନ ଅନ୍ଧକାରରେ ଆବୃତ ହୋଇଗଲା ।

ଗଦାଧରର ସମସ୍ତ ଶରୀର ଶିହରି ଉଠିଲା । ସେ କହି ପକାଇଲା —ଜଣା ଯାଉନି, ଭୂୟାଁ କୋଠିରେ ଆମମାନଙ୍କର ଦଶା କଣ ହେବ !

ମିଷ୍ଟର ମହାପାତ୍ର ସେ କଥାରେ କିଛି ହେଲେ ଜବାବ ଦେଲେ ନାହିଁ । ସେ ବର୍ତ୍ତମାନ ସେହି ଚିଠି ଖଣ୍ଡିକ ବିଷୟ ତନ୍ମୟ ଭାବରେ ଚିନ୍ତା କରୁଥିଲେ । ଚିଠି ଖଣ୍ଡିକ ଏ ପର୍ଯ୍ୟନ୍ତ ତାଙ୍କ ପକେଟ ଭିତରେ ମହଜୁଦ ଥିଲା । ଚିଠିଟା ମାମୁଲି ଧରଣର ହେଲେ କଣ ହେବ, ତା ତଳେ ଜଣେ ବଡ଼ ଅପରାଧୀର ଦସ୍ତଖତ ଥିଲା । ପୁଣି ତାହା ଏପରି କରୁଣାବ୍ୟଞ୍ଜକ ଶବ୍ଦରେ ଲେଖା ଯାଇଥିଲା ଯେ ପତ୍ର-ଲେଖକ ଭୂତ ପ୍ରେତ ପୁଣି ତା ସଙ୍ଗେ ସଙ୍ଗେ ଜୀବନ୍ତ ମନୁଷ୍ୟମାନଙ୍କ ଭୟରେ ଅତି ଅସାଧାରଣ ଭାବରେ ସଂତ୍ରସ୍ତ ହୋଇ ଉଠିଛି । ଏପରି ଭୟଙ୍କର ଅପରାଧୀର ସହାୟତା କରିବା ମିଷ୍ଟର ମହାପାତ୍ରଙ୍କ ଚରିତ୍ର-ବିରୋଧୀ ନିଶ୍ଚୟ, କିନ୍ତୁ ସେହି ବ୍ୟକ୍ତି ଦିନେ ଏପରି ଅସମୟରେ ତାଙ୍କୁ ସାହାଯ୍ୟ ଦେଇଥିଲା, ଯେଉଁ କଥା ସେ ଆଜି ପର୍ଯ୍ୟନ୍ତ ମନରୁ ପାଶୋରି ପାରି ନାହାନ୍ତି ।

Digitized by PPRACHIN, SOA

ଖାଲି ଏତିକି ନୁହେଁ । ଯାଁ ପଛରେ ଅନ୍ୟ ଏକ ବଡ଼ କାରଣ ଥିଲା, ଯଦ୍ଦ୍ୱାରା ଆଜ ମିଷ୍ଟର ମହାପାତ୍ରଙ୍କୁ ସେହି ଅପରାଧୀର ବାସ କରୁଥିବା ଏହି ନିର୍ଜନ ଘରଠାକୁ ଆସିବାକୁ ପଡ଼ିଥିଲା । କିଛି ଦିନ ଭିତରେ ସେହି ସ୍ଥାନର ଗୃହଆଡ଼େ ପ୍ରାୟ ଦଶକୋଶ ଲଗାଏତ କେତେଗୁଡ଼ିଏ ଲୁଟ ତରାଜ ହୋଇ ଯାଇଛି । କିନ୍ତୁ ଆଶ୍ଚର୍ଯ୍ୟର କଥା— ଆଜ ପର୍ଯ୍ୟନ୍ତ କେହି ଚୋର ବା ଲୁଟ୍ ହୋଇଥିବା ଜିନିଷର ପତ୍ତା ସୂଚା ପାଉ ନାହାନ୍ତି ।

ଡିଟେକଟିଭ ଇନସ୍‌ପେକ୍ଟର ମିଷ୍ଟର ପଣ୍ଡା ମିଷ୍ଟର ମହାପାତ୍ରଙ୍କର ଜଣେ ପ୍ରଧାନ ମିତ୍ର । ସେ ଏହି ସମୟକୁ ପୂର୍ବକଥିତ ଚୋର ଗୁଡ଼ିକର ତଦନ୍ତ କରିବା ପାଇଁ ସ୍ଥାନୀୟ ପୋଲିସର ସହାୟକ ଭାବରେ ଆସିଥାନ୍ତି । ତେଣୁ ମିଷ୍ଟର ପଣ୍ଡାଙ୍କ ଦରକାରରେ ଆସିବା ଭଳି କୌଣସି ସାମାନ୍ୟ ସୂତ୍ର ହେଲେ ମିଳି ପାରିବ, ଏହି ଆଶାରେ ମିଷ୍ଟର ମହାପାତ୍ର ଘରୁ ବାହାରିଥିଲେ ।

ମୋଟର ଡ୍ରାଇଭର ଲେଉଟି ଆସି ତାଙ୍କ ପାଖରେ ପହଞ୍ଚିଲା । ଗର୍ବର ସହିତ ଗୋଟିଏ ଦିଗକୁ ଇସାରା କରି କହିଲା—ଏହି ଦେଖନ୍ତୁ । ଆପଣ ଅତି ସୁବିଧାରେ ଏଠି ପହଞ୍ଚି ଯାଇଥାନ୍ତେ । ଦିନବେଳ ହୋଇଥିଲେ ବି ମୁଁ କଦାଚ ଆପଣମାନଙ୍କୁ ଯାଠୁଁ ଆଉରି ସୁବିଧରେ ଏଠି ପହଞ୍ଚାଇ ଦେଇ ପାରି ନ ଥାନ୍ତି । ଏଠି ପଶ୍ଚିମ ପଟରୁ ଜଣାଗଲା କିଛି ସମୟ ଏହି ବିଲ ମଝିରେ ଥିବା ରାସ୍ତାରେ ଗଲେ ଆପଣ ଭୂୟାଁ-କୋଠିରେ ପହଞ୍ଚି ଯିବେ ।

ଏତିକି କହିଦେଇ ଡ୍ରାଇଭର ଗୋଟିଏ ଢାଙ୍କୁ ଉପରେ ଚଢ଼ିଗଲା, ଆଉ ଗୃହଆଡ଼କୁ ଆଖି ବୁଲାଇ କହିଲା—ହେଇ ଦେଖନ୍ତୁ, ସଫା ଦେଖା ଯାଉଛି ।

Digitized by PPRACHIN, SOA

ମିଷ୍ଟର ମହାପାତ୍ର ଓ ଗଦାଧର ଉଭୟ ସେହି ଦିଗକୁ ଦୃଷ୍ଟି ଫେରେଇଲେ । କିଛିକ୍ଷଣ ପରେ ସେମାନଙ୍କୁ ଗୋଟେ ବଙ୍ଗଳାର ଗ୍ରୀଲ ସିଧା ଦେଖା ଗଲା ।

ଏହି ସମୟରେ ଟେକ୍ସି ଡ୍ରାଇଭର୍ ପୁଣି କହି ଉଠିଲା—କିନ୍ତୁ ମହାଶୟ ! ଏହି ସ୍ଥାନ ସମ୍ବନ୍ଧରେ କେତେପ୍ରକାର ଗୁଜବ ଶୁଣା ଯାଉଛି । ଲୋକେ କହୁଛନ୍ତି—କିଛି ଦିନ ତଳେ ତାହା ଖାଲି ପଡ଼ି ରହିଥିଲା, ଏବେ ବରଂ ବିକଟ ଲୋକ ଦେଖା ଯାଉଛନ୍ତି । ଆଖପାଖର ବାସିନ୍ଦାଙ୍କର ଧ୍ରୁବ ବିଶ୍ୱାସ ଯେ ସେଠି ଭୂତପ୍ରେତ ରହୁଛନ୍ତି । ସେଇଥିଲାଗି ସେମାନେ ତା ପାଖକୁ ଯିବାକୁ ବି ଡରନ୍ତି ।

ଏଇଥିରୁ ଜଣା ପଡ଼ୁଛି, ଆମକୁ ନିଜ ନିଜର ବ୍ୟାଗ୍ ସ୍ୱୟଂ ସେ ପର୍ଯ୍ୟନ୍ତ ବହି ନବାକୁ ପଡ଼ିବ—କହି ସାରି ମିଷ୍ଟର ମହାପାତ୍ର ଟେକସି ଡ୍ରାଇଭର୍‌ର ଭଡ଼ା ତା ହାତ ଉପରେ ରଖି ଦେଲେ । ତା ପରେ ଗଦାଧର ସାଙ୍ଗରେ ଚୁପ୍ ଚାପ ଭୂସ୍ୱାଁ କୋଠି ଆଡ଼େ ଚାଲିଲେ ।

ସେମାନେ ଯେଉଁ ଅଣଓସାରିଆ ରାସ୍ତାରେ ଚାଲୁଥିଲେ, ତା ଦୁଇ ପାଖ ଘନ ଜଙ୍ଗଲରେ ପୁରି ରହିଛି । କିଛି ବାଟ ଗଲା ପରେ ଗୋଟେ ଛୋଟିଆ ଖାଲ ଉପରେ ତିଆରି ହୋଇଥିବା ପୋଲଟିଏ ପାର ହେବାକୁ ପଡ଼ିଲା । ତା ପରେ ସେମାନେ ଆଉ ଗୋଟେ ରାସ୍ତାକୁ ଆସିଲେ । ସେଇଟା କ୍ରମଶଃ ଉପରକୁ ଉଠିଆ ହୋଇ ଉଠି ଯାଇଛି । ତା ପରେ ସମତଳ ଭୂମି ଉପରେ ପହଞ୍ଚିବା କ୍ଷଣି ମିଷ୍ଟର ମହାପାତ୍ରଙ୍କ ଗତି ଅକସ୍ମାତ୍ ବନ୍ଦ ହୋଇଗଲା । ଖୁବ୍ କ୍ଷୀଣ ସ୍ୱରରେ ଗଦାଧର ପଚାରିଲା—କଣ ହେଲା ?

ମିଷ୍ଟର ମହାପାତ୍ର ତା କଥାର କୌଣସି ପ୍ରତ୍ୟୁତ୍ତର ଦେଲେ ନାହିଁ । ସେତେବେଳକୁ ସେ ଅତି ଧ୍ୟାନରେ ଏକ କୁତ୍ସିତକାୟ ମୂର୍ତ୍ତିକୁ ନିରୀକ୍ଷଣ କରିବାରେ ଲାଗିଥାନ୍ତି । ସେ ତାଙ୍କଠୁଁ କେତେ ଗଜର ତଫାତରେ ମାତ୍ର ଧୀରେ ଧୀରେ ଆଗକୁ ଗତି କରୁଥିଲା !

Digitized by PPRACHIN, SOA

ସେ ମୂର୍ତ୍ତିଟି କିଏ ? ମିଷ୍ଟର ମହାପାତ୍ର ବିଲ୍‌କୁଲ ବୁଝି ପାରିଲେ ନାହିଁ । ତାର ସମସ୍ତ ଦେହଟା ମନୁଷ୍ୟ ପରି ଜଣା ପଡ଼ୁଥିଲା, କିନ୍ତୁ ବେକ ଉପରେ ମୁଣ୍ଡଟାର କୌଣସି ପତ୍ତା ନ ଥିଲା । ଏମିତି ଶୂନ୍‌ଶାନ ପାହାଡ଼ଟାରେ ଆଉ ଜଷ୍ଟିଆ ଜାଗାରେ ଏପରି ଏକ ବିଚିତ୍ର ପଦାର୍ଥ ଦେଖିଲେ ମନୁଷ୍ୟ ମନରେ କେତେ ପ୍ରକାର ଭାବ ଯେ ଉତ୍ପନ୍ନ ହେବ ତାର କୌଣସି ଇୟତ୍ତା ନାହିଁ—ମାତ୍ର ମିଷ୍ଟର ମହାପାତ୍ର ଓ ଗଦାଧରଙ୍କୁ ଟିକିଏ ବି ଡର ଭୟ ଲାଗିଲା ନାହିଁ । ସେମାନେ ଯେଉଁ ସ୍ଥାନରେ ଦୃଢ଼ତର ସହିତ ଠିଆ ହୋଇ ଅତିଶୟ ଉତ୍ସୁକତାର ସହି ସେହି ବିଚିତ୍ର ପ୍ରାଣୀଟିର ଗତିବିଧି ଲକ୍ଷ୍ୟ କରିବାରେ ଲାଗିଲେ । ସେହି ଅଦ୍ଭୁତ ପ୍ରାଣୀଟି କ୍ରମାଗତ ସେମାନଙ୍କ ନିକଟବର୍ତ୍ତୀ ହେବାକୁ ଲାଗିଲା ।

କେତୋଟା ସେକେଣ୍ଡ ବାଦେ ସେହି ମୂର୍ତ୍ତିଟି ଆସି ସେମାନଙ୍କର ପ୍ରାୟ ଅତି ନିକଟରେ ଠିଆ ହୋଇଗଲା । ମିଷ୍ଟର ମହାପାତ୍ର ଜାଣି ପାରିଲେ—ସେ ଜଣେ ଅତିଶୟ ବୃଦ୍ଧ ବ୍ୟକ୍ତି । ତାର ଶିର-ଭାଗ ବିଲ୍‌କୁଲ୍ ଆଗକୁ ଝୁଙ୍କି ପଡ଼ିଛି । କାନ୍ଧ ଉପରେ ଏକ ବସ୍ତା ବୋଝ ନଦେଇହବାର ଦେଖା ଯାଉଛି ।

ତାର ଦେହଟା ପୁରାପୁରି ଦେଖା ଯାଉ ନ ଥିଲା । କାରଣ ତାର ଶରୀରର ଉପରଭାଗ ସାମନାକୁ ଝୁଙ୍କି ପଡ଼ିଥିବା ହେତୁ ଖପୁରି ତକ ହିଁ ତାର କେବଳ ଦେଖାଯାଉଥିଲା । ସେମାନେ ବୁଝି ପାରିଲେ—ଗଣ୍ଠିବାତ କିମ୍ବା ଅନ୍ୟ କୌଣସି ରୋଗ ଯୋଗୁଁ ତାର ଶିର-ଭାଗ ଏତେଦୂର ଅସ୍ୱାଭାବିକ ଭାବରେ ସାମନାକୁ ଝୁଙ୍କି ପଡ଼ିଛି । ତେଣୁ ତାହା ଆଉ ସିଧା ହୋଇ ପାରୁନାହିଁ । ସେ ସମସ୍ତଙ୍କ ସହିତ କଥା ହଉଥିଲା, କିନ୍ତୁ ତା ଶରୀରର ଏ ବ୍ୟତିକ୍ରମ ପ୍ରତି କେହି ଲକ୍ଷ୍ୟ କରି ପାରୁ ନାହାନ୍ତି ।

ସହସା ସେ କହି ଉଠିଲା—ମୁଁ ଆପଣମାନଙ୍କର ପରିଚିତ ନୁହେଁ । ଆପଣମାନଙ୍କ ବୁଦ୍ଧି ଯୋଡ଼ା ତ ବେଶ୍ ସଫା ଦେଖା ଯାଉଛି ?

Digitized by PPRACHIN, SOA

ମିଷ୍ଟର ମହାପାତ୍ର ତତ୍‌କ୍ଷଣାତ ତା ସହିତ ଏକ ଅନାବଶ୍ୟକ କଥାବାର୍ତ୍ତା କରି ବସିଲେ । ସେ ପଚାରିଲେ—ଜଣା ପଡ଼ୁଛି, ଭୂଆଁ-କୋଠି ଏଠୁ ବହୁତ ଦୂର, ନୁହେଁ ?

ସେହି ବୁଢା ତାଙ୍କ କଥା ଶୁଣି ଅଟ୍ଟା କରି ହସି ଉଠିଲା ଆଉ ବ୍ୟଙ୍ଗ କରି କହିଲା—ହୋ, ହୋ, ହୋ ଆପଣମାନେ ଭୂଆଁ କୋଠିକୁ ଯାଉଛନ୍ତି ? ଦୁନିଆ କି ବିଚିତ୍ର ! ଭୂଆଁ କୋଠି ନାଁ କାନରେ ବାଜିବ କ୍ଷଣି ଲୋକେ ଡରି ପଳାନ୍ତି, ଆଉ କେତେ ଜଣ ଲୋକ ସିଧା ସିଧ ସେହି ଆଡ଼କୁ ଯାଉଛନ୍ତି !

ଏତିକି କହି ଦେଇ ବୁଢା ଥରେ ମୁଣି ହସି ଦେଲା । କିନ୍ତୁ ଜଣା ନାହିଁ, ପରି ମୁହୂର୍ତ୍ତରେ କାହିଁକି ସେ ଚୁପ୍ ହୋଇଗଲା—ଯେପରିକି ତା ହୃଦୟରେ ଅକସ୍ମାତ୍ କୌଣସି ଗୁରୁତ୍ତ୍ୱ ବିଷୟରେ ସ୍ମରଣ ଆସିଗଲା । କିଛି ସମୟ ସେ ସେହିପରି ନୀରବ ଭାବରେ ନିଜ ସ୍ଥାନରେ ଠିଆ ହୋଇ ରହିଲା । ତା ପରେ କହିଲା—ମତେ ମୁର୍ଦ୍ଦାରର ଗନ୍ଧ ଜଣା ପଡ଼ୁଛି । ଭୂଆଁ କୋଠିରୁ ଶବର ଗନ୍ଧ ଆସେ । ଲୋକେ କହନ୍ତି —ତାହା ପ୍ରେତମାନଙ୍କର ଲୀଳାଭୂମି । ମୁଁ ଏ ବିଷୟରେ ଅଧିକ କିଛି ଜାଣି ନାହିଁ । କିନ୍ତୁ ମୋର ବିଶ୍ୱାସ ଯେ ତା ନିଶ୍ଚୟ ପ୍ରେତମାନଙ୍କ ନିବାସ-ଭୂମି । ଏହି ବୁଢା ବୁରୁନ୍ଦା ଏ ସବୁ ଲୋମହର୍ଷଣକାରୀ ଘଟନା ଖବର କାଗଜରେ ଦେଖିବା ପାଇଁ ଜୀବନରେ ରହିଛି ।

ମିଷ୍ଟର ମହାପାତ୍ର ପଚାରିଲେ— ତେବେ କଣ ତୁମ ନାଁ ବୁରୁନ୍ଦା ?

ସେ ଉତ୍ତର ଦେଲା—ହଁ ମହାଶୟ ! ମୁଁ ଗରିବ କେଉଟଟିଏ । ସମୁଦ୍ର ତୀରର ସେହି ଖୋଲା ପଡ଼ିଆ ଉପରେ ମୋର କୁଡ଼ିଆ ।

ଆଚ୍ଛା, ମୁଁ ଏହିକ୍ଷଣି ଯାଉଛି । ପ୍ରାୟ ଘଣ୍ଟେ ହେବ ମୁଁ ସର୍ବପ ପିଇ ନାହିଁ । ଡାକ୍ତରମାନେ ଉପଦେଶ ଦିଅନ୍ତି—ସର୍ବପହିଁ ମନୁଷ୍ୟର ଜୀବନ ରକ୍ଷା କରେ ।

Digitized by PPRACHIN, SOA

ମେଷ୍ଟର ମହାପାତ୍ର ହଠାତ୍ ନିଜ ପକେଟରୁ ଏକ ଚକମକ୍ ହେଉଥିବା ମୁଦ୍ରାଏ କାଢ଼ି ବୁଢ଼ା ହାତକୁ ବଢ଼ାଇ ଦେଇ କହିଲେ— ଆଚ୍ଛା, ନେ । ମୁଁ ତତେ ସମୟ ଖର୍ଚ୍ଚ କରିବାର ଏହି ମସୁଲ ଦେଉଛି । ଯା, ଆଗ୍ରମର ସହିତ ସଗ୍ରପ ଦେଇ ଯା !

ଗୋଟେ ଶୁଖିଲା ହାତ ଖଣ୍ଡକ ଲାଗି ଫଟା ପୁରୁଣା ପୋଷାକ ଭିତରୁ ବାହାରିଲା । କିନ୍ତୁ ମେଷ୍ଟର ମହାପାତ୍ର ଯେପରି ତା ଖୋଲ ପାପୁଲି ଉପରେ ସେହି ମୁଦ୍ରାଟା ରଖିଦେଲେ ତା ପୁଣି ସେହି ଜୀର୍ଣ୍ଣ ବସ୍ତ୍ର ଭିତରେ ଅନ୍ତର୍ଦ୍ଧାନ ହୋଇଗଲା ।

ବର୍ତ୍ତମାନ କେଉଁଠାରେ କଥାବାର୍ତ୍ତା ଢଙ୍ଗ ବରାବର ବଦଳିବାକୁ ଲାଗିଲା ! ସେ କହିଲା—ଆପଣ ବଡ଼ ଅମୀର ମିଜାଜର ଲୋକ ଜଣା ପଡ଼ୁଛନ୍ତି । ମୁଁ ଆପଣଙ୍କୁ ସାବଧାନ କରି ଦେଉଛି । କିନ୍ତୁ ପ୍ରକୃତରେ ଆପଣ ମାନିବେ ନାହିଁ । ଭୂସ୍ୱୀଁ କୋଠାକୁ ଆପଣ ନିଶ୍ଚୟ ଯିବେ । ତେବେ ମୁଁ ବୃଥା ନିଜ ଗୁମର କାହିଁକି ଭଲ ଖାଲି କରିବାକୁ ଯିବି ?

ମେଷ୍ଟର ମହାପାତ୍ର କହିଲେ—କହ, କହ ବୁଢ଼ା ! ମୁଁ ତୋ କଥା ଶୁଣିବାକୁ ତିଆରି । ତାଙ୍କର ସମ୍ମୁଖରେ ବୁଢ଼ା ଟିକିଏ ଆଗକୁ ଘୁଞ୍ଚିକୁ ଦାନ୍ତୁଣ୍ଡ ଖେଲାଉ ଖେଲାଉ କହିଲା—ମିଛ କଥା । ଅମୀର ନବାବ ଲୋକମାନେ ମୋ ଭଳି ମଲାମୁଣ୍ଡିଆଙ୍କୁ କାହିଁକି ମାନିବାକୁ ଯିବେ ? ଯଦି ମୁଁ କହିବି ଯେ ରାତିରେ ଭୂସ୍ୱୀଁ କୋଠି ଆଡ଼କୁ ଯା'ନା ସେମାନେ ବୁଝି ସୁଝି ସିଧା ଆଗେଇ ବସିବେ ।

ଏତିକି କହିଦେଇ ବୁଢ଼ା ଆଗକୁ ବଢ଼ିଗଲା । ମେଷ୍ଟର ମହାପାତ୍ର ଓ ଗଦାଧର ସାଙ୍ଗରେ ଆଗକୁ ଚାଲି ଆସି କହିଲେ—ବୁଢ଼ାର ଉପଦେଶ ମତେ ସତ ଜଣା ପଡ଼ୁଛି ଗଦାଧର ! ମୋ ଯେତେଦୂର ଅନୁମାନ ଏପରି ଭୟଙ୍କର ସ୍ଥାନରେ ରହିବା ହେତୁ ମୋତେ ପଠାଉଥିବା ମଣିରାମର ମଥା ଖରାପ ହୋଇ ଯାଇଥିବ । ଅସଲ କଥା—ମଣିରାମ

Digitized by PPRACHIN, SOA

ଦିନେ ସରକାରୀ ତରଫରୁ ସାକ୍ଷୀ ହୋଇ ନିଜର ବନ୍ଧୁଜଣ ସାଙ୍ଗକୁ ପାଞ୍ଚ ବର୍ଷ ଲେଖାଏଁ କଡ଼ା କୟେଦ୍‌ର ହୁକୁମ କରାଇବାର କାରଣ ହୋଇଥିଲା । ସେ ବନ୍ଧୁଜଣ ଏଇ ଅଳ୍ପ ଦିନ ତଳେ ଜେଲରୁ ଖଲାସ ପାଇଛନ୍ତି । ସେମାନେ କୟେଦ୍‌ରେ ଥିବା ଅବସ୍ଥାରେ ବୋଧହୁଏ ମଣିରାମ ପାଖରେ କିଛି ପଇସା ହୋଇଗଲା । ତେଣୁ ସେ ଭୂୟାଁ କୋଠିକୁ ଭଡ଼ାରେ ହେଉ ବା ଖର୍ଦ୍ଦି କରିନେଇ ହେଉ ସେଠାରେ ନିରାପଦରେ ରହିବାକୁ ଚାହିଁଛି । ତାର ସେତେବେଳେ କମ୍ ଧାରଣା ଥିଲା ଯେ ଏହି ଦୁଇ ବ୍ୟକ୍ତି କୈଦ୍ୟାଖାନାରୁ ଫେରିବା ମାତ୍ରେ ନିଶ୍ଚୟ ତାର ପ୍ରତିଶୋଧ ନେବେ । ଏପରିକି ତାକୁ ହତ୍ୟା କରିବାକୁ ମଧ୍ୟ ପଛେଇବେ ନାହିଁ । ସମ୍ଭବ ହୁଏ ସେ ଏହିପରି ଘୋର ଭୂୟାଁ କୋଠି ଭଳି ଏକାନ୍ତ ଜାଗାରେ ରହିବାକୁ ପସନ୍ଦ କରିଥିଲା ।

ତା ପରେ ଭୂୟାଁ କୋଠିରେ ପାଦ ଦେବା ମାତ୍ରେ ସେ ଯେଉଁ-ସବୁ ଘଟଣା ଦେଖିଲା, ସେ ସବୁ ତାକୁ ଭୂତ ପ୍ରେତମାନଙ୍କର କାଣ୍ଡ କାରଖାନା ବୋଲି ଅନୁମାନ ହେଲା । ଯା ଛଡ଼ା ଆହୁରି କେତେକ ଘଟଣା ତା ଆଖି ଆଗରେ ପଡ଼ିଲା । ସତରେ ହେଉ ବା ମିଛରେ ହେଉ ଏ ତାର ବନ୍ଧୁମାନଙ୍କର କାଣ୍ଡ କାରଖାନା ବୋଲି ଧାରଣା । ଏମାନେ ନିକଟରେ କୈଦ୍ୟାଖାନାରୁ ଫେରିଛନ୍ତି ।

ଏହିସବୁ କାରଣ ହେତୁ ମଣିରାମ ସେତେବେଳେ ଅତିଶୟ ବିଚଳିତ ଓ ଭୟଭୀତ ହୋଇ ପଡ଼ିଥିଲା । ସେତେବେଳେ ସ୍ତ୍ରୀନିଆରେ ଅଚେତ ହୋଇ ସେ ବୋଧହୁଏ ଏହି ପତ୍ର ଲେଖିଥିଲା ।

କିନ୍ତୁ ଭୟଭୀତ ହେଲେ ମଧ୍ୟ ତା ପାଇଁ ବିପଦର ଅସମ୍ଭାବନା କରିବା ଅନୁଚିତ । ବୋଧହୁଏ ତାକୁ ମୋ ପଠାଇଥିବା ତାର ନିଜର ନାହିଁ । ତେଣୁ ଆମ୍ଭମାନଙ୍କୁ ଦେଖିଲା ମାତ୍ରେ ସେ ହୁଏତ ଭାବି ବସିବ ଯେ ଆମ୍ଭେମାନେ ତାର ଶତ୍ରୁ ହିସାବରେ ଏଠାକୁ ତାକୁ ହତ୍ୟା କରିବା

Digitized by PPRACHIN, SOA

ଷଡ଼ଯନ୍ତ୍ରରେ ଆସିଛନ୍ତି । ଏହିପରି ଖିଆଲ କରି ସେ ଯଦି ଆମ ଉପରେ ଗୁଳି ଚଳାଏ ତେବେ କୌଣସି ଆଶ୍ଚର୍ଯ୍ୟର ଘଟଣା ନୁହେଁ । ଏପରି ଅବସ୍ଥାରେ ଆମ୍ଭମାନଙ୍କୁ ଆଗରୁ ସାବଧାନ ହୋଇ ଭୂସ୍ୟାଁ କୋଠା ଆଡ଼େ ପାଦ ବଢ଼ାଇବାକୁ ହେବ ।

ଉପରୋକ୍ତ ସମ୍ଭାବନା ମିଷ୍ଟର ମହାପାତ୍ରଙ୍କୁ ଏପରି ଆବଶ୍ୟକ ପ୍ରତୀତ ହେଲା ଯେ କେବଳ ଏହି କାରଣ ଲାଗି ସେ ଅତି ସାବଧାନତାର ସହିତ ଭୂସ୍ୟାଁ କୋଠି ଆଡ଼କୁ ଯିବା ଯୁକ୍ତିସଙ୍ଗତ କି ନା ଭାବିବାକୁ ଲାଗିଲେ । କିଛିକ୍ଷଣ ବିଚାର କଲା ପରେ ସେ ଗଦାଧରକୁ କହିଲେ—ବୁଢାର କଥା ଶୁଣି ମୋତେ ଏତେ ଛନିଆ ଲାଗୁଛି ଯେ, ତୁମକୁ ସଙ୍ଗରେ ଧରି ଭୂସ୍ୟାଁ କୋଠି ଆଡ଼େ ନିବାକୁ ମୁଁ ଆଦୌ ନିରାପଦ ମନେ କରୁ ନାହିଁ । ଆମ୍ଭେମାନେ ବର୍ତ୍ତମାନ ପରସ୍ପରଠୁଁ ଅଲଗା ହୋଇଯିବା ଉଚିତ ।

ଏତିକି କହିଦେଇ ନିଜ ସୁଟ୍‌କେଶଟି ତଳେ ରଖିଦେଇ କହିଲେ—ମୋ ବିଚାରରେ ତୁମେ ଏଇଠି ରୁହ, ଆଉ ମୁଁ ଏକୁଟିଆ ଯାଇ ପହଞ୍ଚିଲେ ଏହି ରହସ୍ୟ ଭିତରେ ସବୁଠାରୁ ବେଶୀ ଉଲ୍ଲିଖିତ ହୋଇଥିବା ମଣିରାମକୁ ଦେଖା କରେଁ । ଭୂସ୍ୟାଁ କୋଠି ଆଡ଼କୁ ପୁଣି ଥରେ ଦୃଷ୍ଟିପାତ କଲେ ଜଣାପଡ଼ିବ, ତାର ଦୂରତ୍ୱ ଏଠୁ ଦଶ ମିନିଟରୁ ବେଶୀ ନୁହେଁ । କିଛି ସମୟ ଏଠି ରହି ତୁମେ ମଧ୍ୟ ଭୂସ୍ୟାଁ କୋଠି ଆଡ଼େ ପାଦ ବଢ଼ାଇବ। ଯଦି ମୋର ଆବଶ୍ୟକ ହୁଏ ତେବେ ସବୁଦିନ ରୀତିରେ ସିଟି ବଜାଇ ମୁଁ ସଙ୍କେତ ଦେବ ।

ଗଦାଧର ମଧ୍ୟ ସମ୍ମତି ସୂଚକ ମୁଣ୍ଡ ହଲାଇଲା ଏବଂ ନିଜ ସ୍ଥାନରେ ନୀରବରେ ଠିଆ ହୋଇ ଭୂସ୍ୟାଁ କୋଠି ଆଡ଼କୁ ଅଗ୍ରସର ହେଉଥିବା ମିଷ୍ଟର ମହାପାତ୍ରଙ୍କୁ ଦେଖିବାକୁ ଲାଗିଲା । ପ୍ରାୟ ଦଶ କଦମ ଆଗକୁ ବଢ଼ିଯିବା ପରେ ମିଷ୍ଟର ମହାପାତ୍ର ଗଛ ଛାଇର ଅନ୍ଧକାରରେ

Digitized by PPRACHIN, SOA

ମିଶିଗଲେ । ଝିଙ୍କୁ ରାସ୍ତାରେ ନରମ ମାଟି ଉପରେ ତାଙ୍କର ପାଦଶବ୍ଦ ବାରି ହେଉ ନ [illegible] । ଗଦାଧର ଏଠାରେ ବର୍ତ୍ତମାନ ଏକା ।

ମିଷ୍ଟର ମହାପାତ୍ର ନିଜ ସ୍ଥାନରୁ ଭୂମ୍ୟ କୋଠି ଆଡ଼କୁ ଦଶ ଗଜ ନ ଆସୁଣୁ, ହଠାତ୍ ସେହି ରାସ୍ତାର ଆର ପାଖରୁ ଝିଁଣ ଝିଁଣ ଶବ୍ଦ ଶୁଣାଗଲା, ଆଉ କୌଣସ ବସ୍ତୁ ତାଙ୍କ କାନ ପାଖ ଦେଇ ବାହାରି ଗଲା ।

ସେ ଶବ୍ଦ ଖୁବ୍ ନିକଟରୁ ଆସିଲା । ତେଣୁ ମିଷ୍ଟର ମହାପାତ୍ର କୌଣସି ପ୍ରକାର ବିଚଳିତ ନ ହୋଇ ସାହସର ସହିତ ଅଗ୍ରସର ହେବାକୁ ଲାଗିଲେ । ତାଙ୍କ ଗଣ୍ଠି ପର୍ଯ୍ୟନ୍ତ କାଦୁଅ ପାଣିରେ ବୁଡ଼ିଗଲା ।

ହଠାତ୍ ତାଙ୍କ ଗୋଡ଼ ଖସିଗଲା । ସେ ସେହି କାଦୁଅ ଉପରେ କଚଡ଼ି ହୋଇ ପଡ଼ିଲେ । ଆଗକୁ ଝୁଙ୍କି ଆସିଥିବା ସେହି ଭଙ୍ଗା କୁଡ଼ିଆ ଯଦି ତାଙ୍କୁ ଆଶ୍ରୟ ନ ଦେଇଥାନ୍ତା, ତା ହେଲେ ତାଙ୍କ ସାରା ଶରୀର କର୍ଦ୍ଦମାକ୍ତ ହୋଇ ଯାଇଥାନ୍ତା । ସେ ପୁଣି ସିଧା ହୋଇ ଠିଆ ହେବାକୁ ଚେଷ୍ଟା କଲେ । କିନ୍ତୁ ପୁନର୍ବାର ସେହି ପ୍ରକାର ଶବ୍ଦ ତାଙ୍କ କାନରେ ବାଜିଲା । କୌଣସି ପ୍ରକାର ହଲ୍ ଚଲ୍ ନ ହୋଇ ସେ ଅନ୍ଧକାରରେ ସେହି ଦିଗକୁ ପର୍ଯ୍ୟବେକ୍ଷଣ କରିବାକୁ ଲାଗିଲେ । ଏକ ବହଳିଆ ପର୍ଦ୍ଦା ପରି ଅନ୍ଧକାର ତାଙ୍କ ଆଖି ଆଗରେ ଝୁଲୁ ରହିଥିଲା ।

କେତେ ମିନିଟ ଯାଏ ସେହିପରି ଠିଆ ହୋଇ ରହିବା ପରେ ମିଷ୍ଟର ମହାପାତ୍ର ହାତ ହଲାଇ ଘର ଆଡ଼କୁ ଅଣ୍ଡାଳିବାକୁ ଲାଗିଲେ । ଯେଉଁ ଭଙ୍ଗା କୁଡ଼ିଆକୁ ଆଶ୍ରା କରି ସେ ଏକ ସମୟରେ ପତନ ମୁଖରୁ ରକ୍ଷା ପାଇଥିଲେ ତା ଉପରେ ଧୀରେ ହାତ ବୁଲାଇ କୌଣସି ବସ୍ତୁ ଖୋଜିବାକୁ ଲାଗିଲେ । ହଠାତ୍ ତାଙ୍କର ହାତ ଗୋଟିଏ ଛୋଟ ପାତଳା ବାଡ଼ ଉପରେ ଯାଇ ପଡ଼ିଲା । ହାତରେ ଅନୁଭବ କରି ସେ ଜାଣି ପାରିଲେ ଯେ ସେହି ବାଡ଼ର କୌଣସି ପାଖରେ ଧାତୁ ଦ୍ରବ୍ୟର ଏକ ଲୁଣା ମରି ଯାଇଛି ଓ ଅନ୍ୟ ପାଖରେ ଖୁବ୍ ତୀକ୍ଷ୍ଣ ପରଗୁଡ଼ିଏ

Digitized by PPRACHIN, SOA

ତିନି ଗୋଛ ହୋଇ ବନ୍ଧା ଯାଇଛି । ସେ ନିଜେ ନିଜେ ଚିତ୍କାର କରି ଉଠିଲେ—ଏଁ ! କମାଣ୍ଡରୁ ବାହାରି ଯାଉଥିବା ଗାର୍ଣ୍ଟ!

ତାପରେ ସାବଧାନତାର ସହିତ ସେ ସେହି କର୍ଦ୍ଦମ ଭିତରୁ ନିଜର ପାଦଦ୍ୱୟ ଉଦ୍ଧାର କରି ବସିଲେ । ଏଥିରେ ତାଙ୍କୁ କେତେ ମିନିଟ ପରିଶ୍ରମ କରିବାକୁ ପଡ଼ିଲା । ତାପରେ ନଇଁ ନଇଁ ସେ ସେହି କାଦୁଅ ଉପରୁ ବାହାରି ଆସିଲେ ଏବଂ ସେହିପରି ମୁଣ୍ଡ ତଳକୁ ନୁଆଁଇ ପଛ ଆଡ଼କୁ ହଟିବାକୁ ଲାଗିଲେ । କାରଣ ସେ ଭାବିବାକୁ ଲାଗିଲେ ଯେ ପୂର୍ବ ପରି ତାଙ୍କ ମୁଣ୍ଡ ଓ କାନ୍ଧର ସ୍ଥାନ ଉପରକୁ ଆଉ ଦେଖା ଯାଉ ନାହିଁ । ତା ପରେ ଗଦାଧରକୁ ସଙ୍କେତ ଦେବାପାଇଁ ସେ ଧୀରେ ଗୋଟିଏ ସିଟି ବଜାଇଲେ । ସାଙ୍ଗେ ସାଙ୍ଗେ ଗଦାଧରର ପ୍ରତ୍ୟୁତ୍ତର ଅତି ହାଲୁକା ସିଟି ଆବାଜରେ ତାଙ୍କ କାନରେ ବାଜିଲା ଆଉ ସେ ତା ଆଡ଼କୁ କେତେ କଦମ ଧୀରେ ପାଦରେ ବଢ଼ି ଆସି କହିଲେ—ଗଦାଧର ! ସାବଧାନ । ମୁଣ୍ଡ ତଳକୁ ନୁଆଁ ।

ଏତିକି କହିଦେଇ ଗଦାଧର ଆସି ତାଙ୍କ ପଛରେ ନ ପହଞ୍ଚିବା ଯାଏ ସେଇଠି ଠିଆ ହୋଇ ରହିଲେ । ତା ପରେ ସମସ୍ତ ଘଟଣା ଗଦାଧରକୁ ବୁଝାଇ ଦେଇ କହିଲେ—ମତେ ଭୀଡ଼ରେ କେହି ଶୀକାର କରିବାକୁ ଚାହୁଁଥିଲା କି କଣ ।

ସେମାନେ ଅତି ଆସ୍ତେ କଥାବାର୍ତ୍ତା କରୁଥିଲେ । କାରଣ ସେମାନଙ୍କର ଭୟ ଥିଲା ଯେ ଯଦି ସେମାନଙ୍କର ଆବାଜ ଶୁଣାଯାଏ, ତେବେ ସେହି ଗୁପ୍ତ ଆକ୍ରମଣକାରୀ ପୁନର୍ବାର ସେମାନଙ୍କ ଉପରେ ନିଜ ହାତରେ ଥିବା ଅସ୍ତ୍ରର ସଦ୍ ବ୍ୟବହାର କରିବ । ତେଣୁ ସେ ଗଦାଧରକୁ କହିଲେ—ବର୍ତ୍ତମାନଠାରୁ ଆମେ ଏକାଠି ରହିବା । ମୋର ପ୍ରଥମ ବିଶ୍ୱାସରେ ମୁଁ କେବଳ ମଣିରାମ ନିକଟରୁ ହିଁ ବିପଦ ଆଶଙ୍କା କରିଥିଲି । ତେଣୁ ତୁମକୁ ଦୂରରେ ରହିବାକୁ ଉପଦେଶ ଦେଇଥିଲି । କିନ୍ତୁ

Digitized by PPRACHIN, SOA

ବର୍ତ୍ତମାନ ଦେଖୁଛ, ଏଠାରେ ମଧ୍ୟ ତା ଅପେକ୍ଷା ଅଧିକ ବଡ଼ ରହିବ ।
ଆମର ଏକା ଏଠାରେହିଁ ରହିବା ଉଚିତ ।

ଏତକ କହି ସାରିଲା ପରେ ମିଷ୍ଟର ମହାପାତ୍ର ହଠାତ୍ ନୀରବ ଭାବରେ ଠିଆ ହୋଇଗଲେ ଏବଂ ଅତ୍ୟନ୍ତ ଧ୍ୟାନର ସହିତ ନଦୀର ସେପଟ ଆଡ଼କୁ ଦୃଷ୍ଟିପାତ କରିବାକୁ ଲାଗିଲେ । ଯେଉଁଆଡ଼କୁ ତାଙ୍କର ଦୃଷ୍ଟି ଯାଉଥିଲା, କେବଳ ଅନ୍ଧାର ଏକ ବିରାଟ ଓ ବିସ୍ତୃତ ରୂପରେ ଦେଖା ଯାଉଥିଲା ଏବଂ ତାର ଉପର ଭାଗରେ ରୌପ୍ୟ ବର୍ଣ୍ଣର ଚନ୍ଦ୍ର କିରଣ ଚକମିକ କରୁଥିଲା ।

ବର୍ତ୍ତମାନ ମିଷ୍ଟର ମହାପାତ୍ର ଗଦାଧର ସହିତ ଭୂୟାଁ କୋଠି ଆଡ଼କୁ ବଢ଼ିବାକୁ ଲାଗିଲେ । କେତେଦୂର ଚାଲି ପରେ ତାଙ୍କୁ ଜଣାଗଲା ସେହି କୋଠାଟି ଅତି ପୁରୁଣା ଏବଂ ଭଙ୍ଗାଚୁଡ଼ା ଅବସ୍ଥାରେ ଅଛି । କେବଳ କେତେକ ଆବଶ୍ୟକୀୟ ମରାମତି କାର୍ଯ୍ୟ କରାଯାଇ ତାକୁ ବାସୋପଯୋଗୀ କରାଯାଇଛି, ତା ଉପରେ ଥରେ ମାତ୍ର ଦୃଷ୍ଟିପାତ କଲେ ଜଣାଯିବ— କୌଣସି ସମୟରେ ଏହି ଗୃହ ନିର୍ମାଣକାରୀଙ୍କର ବହୁତ ଗୁଡ଼ିଏ ଗୃହର ଆବଶ୍ୟକ ଥିଲା । କେବଳ ସେହି ଆବଶ୍ୟକତାକୁ ପୂର୍ଣ୍ଣ କରିବା ଲାଗି ସେ ଏପରି ଭାବରେ ଲାଗି ଲାଗି— ଏତେ ଗୁଡ଼ିଏ ଅସଂଖ୍ୟ କୋଠରୀ ତିଆରି କରି ଯାଇଛନ୍ତି । ଉପରର ଛାତ ଲାଗି କୌଣସି ଗୃହ ଛଣ, କେହି ବା ଖପର ଏବଂ କେଉଁ କେଉଁଠାରେ ଖଡ଼ର ବି ବ୍ୟବହାର କରା ଯାଇଥିଲା । ତେଣୁ ସେମାନଙ୍କର ଅବସ୍ଥା ବର୍ତ୍ତମାନ ନିହାତି ଖରାପ ହୋଇ ଯାଇଥିଲା ଏବଂ ସେ ସବୁର ମରାମତି ଆଡ଼େ ରହିବା ଲୋକର ଧ୍ୟାନ ନ ଥିଲା ।

ସେମାନେ ଭୂୟାଁ କୋଠିରୁ କିଛି ଦୂରରେ ପହଞ୍ଚି ଯିବାକ୍ଷଣି, ହଠାଏ ଛାଡ଼ାରେ ଏକ ଶ୍ୱେତାକୃତ ଛବିର ଛାୟା ଦୃଷ୍ଟିଗୋଚର ହେଲା ।

Digitized by PPRACHIN, SOA

ତା ଆଖି ବହୁତ ଧଳା ଓ ଉଜ୍ଜ୍ୱଳ । ସେ ଖୁବ ତୀକ୍ଷ୍ଣ ଦୃଷ୍ଟିରେ ଚାହୁଁଥିଲା । ସେମାନେ ଆହୁରି ଟିକିଏ ନିକଟକୁ ଅଗ୍ରସର ହୋଇ ଦେଖିଲେ ଯେ ତାହା ଏକ ବିଶାଳ ଓ କଦାକାର କୁକୁର—ତା ମୁହଁରୁ ଗୋଟିଏ କ୍ଷୀଣ ସ୍ୱର ବରାବର ବାହାରୁଥିଲା ।

ଠିକ୍ ଏହି ସମୟରେ ଅନ୍ଧାର ଭିତରେ ଲୁଚିଥିବା କୌଣସି ଲୋକର ଆବାଜ ଆସିଲା—ଟମି ! ଖବର କଣ ରେ ?

ମିଷ୍ଟର ମହାପାତ୍ର ଧୀର ସ୍ଥିର ଭାବରେ ଉତ୍ତର ଦେଲେ— କଣ ? ମୁଁ ମଣିରାମର ଶବ୍ଦ ଶୁଣିବାକୁ ପାଉଛି ?

ସେ ଲୋକଟି ବର୍ତ୍ତମାନ ମିଷ୍ଟର ମହାପାତ୍ରଙ୍କର ସମୀପବର୍ତ୍ତୀ ହୋଇ ଯାଇଥିଲା । ତେଣୁ ସେ ତାଙ୍କ ପ୍ରଶ୍ନର ଉତ୍ତରରେ କହିଲା— ହଜୁର୍, ମୁଁ ତାଙ୍କ ଚାକର । ମୋ ନାଁ ସୁରସେନ । ଆପଣ କିଏ ? ଆପଣଙ୍କୁ ଏତିକି ଜଣାଇ ଦଉଛି—ମୋ ପାଖରେ ପିସ୍ତଲ ଅଛି ଓ ମୁଁ ତତ୍ପରା..........।

ତା ବାକ୍ୟ ଖଣ୍ଡନ କରି ମିଷ୍ଟର ମହାପାତ୍ର ତୁରନ୍ତ କହି ଉଠିଲେ —ମୋ ନା ମିଷ୍ଟର ମହାପାତ୍ର । ମୁଁ ଓଡ଼ିଶାର ଗୁପ୍ତ ପୋଲିସ । ମୋ ପାଖରେ ବି ପିସ୍ତଲ ଅଛି !

କିନ୍ତୁ ବର୍ତ୍ତମାନ ମୋ ପିସ୍ତଲ ନଳୀର ମୁହଁ ଆପଣଙ୍କ ଆଡ଼କୁ ରହି ସାରିଲାଣି । ଏତିକି କହି ସାରି ସେ କୁକୁରକୁ ଶୁଣାଇ ଦେଲା— ସାବଧାନ ଟମି ! ତୋ ଶବ୍ଦ ବନ୍ଦ କର !

କୁକୁରକୁ ଏହିପରି ଭାବରେ ଗାଳି ଦେଇ ସେ ପୁନର୍ବାର ମିଷ୍ଟର ମହାପାତ୍ରଙ୍କ ଆଡ଼କୁ ବୁଲି ପଡ଼ି କହିଲା—ଆପଣଙ୍କ ପାଖରେ ମିଷ୍ଟର ମଣିରାମଙ୍କର ପତ୍ର ଥିଲେ, ଦେଖାଇ ଏହି କୋଠା ନିକଟକୁ ଯାଇ ପାରନ୍ତି ।

ମିଷ୍ଟର ମହାପାତ୍ର ଉତ୍ତର ଦେଲେ—ପତ୍ରତ ନିଶ୍ଚୟ ମୋ

Digitized by PPRACHIN, SOA

ପାଖରେ ମହାନ୍ତ୍ରଦ ଅଛି । କିନ୍ତୁ ଏହି ଅନ୍ଧକାର ମଧ୍ୟରେ ତୁମେ ଯେ ତାକୁ କିପରି ପଢ଼ି ପାରିବ, ଏ କଥା ମୁଁ ମୋଟେ ବୁଝି ପାରୁନାହିଁ ।

ସେ ଲୋକଟା ନିଜର ମୁଣ୍ଡ କୁଣ୍ଡାଉ କୁଣ୍ଡାଉ କହିଲା—ଏତ ବଡ଼ ମୁସ୍କିଲ କଥା । ମୋ ପାଖରେ ଟର୍ଚ୍ଚ ଅଛି ସତ କିନ୍ତୁ ଆଲୁଅ କରିବାର ସାହସ ମୁଁ କରି ପାରୁନାହିଁ । ଆଚ୍ଛା, ଆପଣଙ୍କର ଯଦି କୌଣସି ଆପତ୍ତି ନ ଥାଏ, ମୋ ଆଗରେ ଚାଲି ପାରନ୍ତି । ମିଷ୍ଟର ମହାପାତ୍ର ନିଜର ପିସ୍ତଲ ସଜାଡୁ ସଜାଡୁ କହିଲେ—ନାଁ ତୁମକୁହିଁ ମୋ ଆଗେ ଆଗେ ଚାଲିବାକୁ ପଡ଼ିବ ।

କିଛିକ୍ଷଣ ଇତଃସ୍ତତ ହୋଇ ସେହି ଲୋକଟି କହିଲା—କିନ୍ତୁ ମୋତେ କିପରି ଜଣାଯିବ ଯେ ଆପଣ.........।

ପୁଣି ଥରେ ତା ବାକ୍ୟକୁ ଖଣ୍ଡନ କରି ମିଷ୍ଟର ମହାପାତ୍ର କହିଲେ —ତୁମକୁ କିଛି ଜଣାଯାଉ ବା ନ ଯାଉ, ଏହି ବିପଦ ତୁମକୁ ସହିବାକୁ ପଡ଼ିବ ।

ସେହି ଲୋକଟି କିଞ୍ଚିତ ରୁଷ୍ଟ ଭାବରେ କହିଲା—ମୋ ଘର ଭିତରେ ଆପଣଙ୍କର ଏପରି କଥାବାର୍ତ୍ତା କରିବାର କୌଣସି ଅଧିକାର ନାହିଁ ।

ମିଷ୍ଟର ମହାପାତ୍ର ମଧ୍ୟ ଟିକିଏ ତେଜୋଦ୍ଦୀପ୍ତ ସ୍ୱରରେ କହିଲେ— ଦେଖ, ବେଶୀ କଥାବାର୍ତ୍ତା କରିବାର କୌଣସି ଦରକାର ନାହିଁ । ଚୁପ୍ ଚାପ୍ ଆଗେ ଆଗେ ଚାଲ ।

ତା ପରେ ସେ ଲୋକଟି ଟିକିଏ ଧ୍ୟାନର ସହିତ ତାଙ୍କ ଚେହେରା ଦେଖି ନେଲା ଏବଂ ତତ୍‌କ୍ଷଣାତ୍ ଚାଲି ପଡ଼ି ସେହି କୋଠା ଆଡ଼କୁ ଚାଲିବାକୁ ଲାଗିଲା ।

ମିଷ୍ଟର ମହାପାତ୍ର ମଧ୍ୟ ତା ପଛେ ପଛେ ଚାଲୁଁ ଚାଲୁଁ କହିଲେ—ଦେଖ, ବର୍ତ୍ତମାନ ପାଦ ଟିକିଏ ପକାଅ । ଶୋଷରେ ମୋର ତଣ୍ଟି ଶୁଖି ଯିବାକୁ ବସିଲାଣି ।

Digitized by PPRACHIN, SOA

କୁକୁରଟି ବର୍ତ୍ତମାନ ପର୍ଯ୍ୟନ୍ତ ହେହ୍ୱଟର ଟଙ୍କାର କରିବାକୁ ଲାଗିଥିଲା, ଏବଂ ସୂରସେନ ଉପରେ ବରାବର ଦୃଷ୍ଟି ତ କରିବାରେ ଲାଗିଥିଲା—ଯେପରିକି ଟିକିଏ ମାତ୍ର ଇସାରା ପାଇଲେ ସେ ମିଷ୍ଟର ମହାପାତ୍ରଙ୍କୁ ଆକ୍ରମଣ କରିବ।

କିନ୍ତୁ ସେ ଆଡ଼କୁ ତିଳେ ହେଲେ ଭ୍ରୂକ୍ଷେପ ନ କରି ଗଦାଧରଙ୍କୁ ସାଙ୍ଗରେ ଧରି ମିଷ୍ଟର ମହାପାତ୍ର ସୁରସେନର ପଛେ ପଛେ ସେହି କୋଠା ଆଡ଼କୁ ଅଗ୍ରସର ହେବାକୁ ଲାଗିଲେ। ତାଙ୍କର ସମସ୍ତ ଧ୍ୟାନ ସେହି ସମ୍ମୁଖସ୍ଥ କୋଠା ଉପରେ ରହିଥିଲା।

ଅବଶେଷରେ ସେମାନେ ସେହି କୋଠା ନିକଟରେ ପହଞ୍ଚି ଗଲେ। କୋଠାଟି ବିଲକୁଲ ପୁରୁଣା ଭଙ୍ଗାରୁଜା ଅବସ୍ଥାରେ ଥିଲା। ଜଙ୍ଗଲୀ ବୁଦାସବୁ ଚାରିଆଡ଼େ ଘେରି ରହିଥିଲେ। ସେ ମଧ୍ୟରେ ଯାହା ବାସ ଉପଯୋଗୀ ସ୍ଥାନ ଥିଲା, ତାହା ପାଣି ଭିତରେ ତିଆରି ହୋଇଥିଲା। ତେଣୁ ତା ଚାରିଆଡ଼େ ଜଳ ଆଚ୍ଛାଦିତ ହୋଇ ରହିଥିଲା।

ସେତେବେଳକୁ ସୁରସେନର ମସ୍ତିଷ୍କ ଟିକିଏ ଠିକ ଅବସ୍ଥାକୁ ଫେରି ଆସିଥିଲା। ତେଣୁ ସେ ଆଗ ଅପେକ୍ଷା ମିଷ୍ଟର ମହାପାତ୍ରଙ୍କ ସହିତ କେତେକାଂଶରେ ଭଲ କଥାବାର୍ତ୍ତା କରିବାକୁ ଲାଗିଲା। ଏଣୁ ତେଣୁ କେତେକ କଥାବାର୍ତ୍ତା ପଡ଼ିଲା ପରେ ସେ କହିଲା—ସବୁପତ୍ର ଏଠି କମ୍ ପରିମାଣରେ ମିଳେ ନାହିଁ। ତେଣୁ ଖାଦ୍ୟ ସାମଗ୍ରୀ ଉପରେ ମଣିଷମର ଧ୍ୟାନ ଆଦୌ ରହୁ ନାହିଁ।

ମିଷ୍ଟର ମହାପାତ୍ର ପ୍ରଶ୍ନ କଲେ—ସେ କୋଠା ଭିତରେ ଅନ୍ୟ କୌଣସି ଲୋକ ରହନ୍ତି ?

ସେ ଉତ୍ତର ଦେଲା—ହଜୁର, ମତେ ଖୁଡ଼ ଅଉ ଦି ଜଣ ଲୋକ ବି ରହନ୍ତି। ତାଙ୍କ ଭିତରୁ ଜଣେ ସ୍ତ୍ରୀ ଓ ଅନ୍ୟ ଜଣେ ପୁରୁଷ। ଦୁ'ଜଣ ଯାକ ବଡ଼ ବିଚିତ୍ର ଢଙ୍ଗର ମଣିଷ। ବ୍ୟସ୍ତ କାହିଁକି ହଉଚନ୍ତି ?

Digitized by PPRACHIN, SOA

ଆପଣ ତ ମେ୍ୟ଼ଜଙ୍କ ନିକଟରେ ପହଞ୍ଚି ଗଲେଣି । ପୁରୁଷର ନାମ ନାରାୟଣ । ତା ବିଷୟରେ ମୁଁ ବେଶୀ କିଛି ଜାଣେ ନାହିଁ—ଖାଲି ଏହି ଘରର ସେ 'ପୁରୁଣା ବାସିନ୍ଦା ବୋଲି ଜଣା' । ଆମ୍ଭେମାନେ ଯେତେବେଳେ ଏଠାକୁ ଆସିଲୁ ସେ ଏହି ମୁକାମରେ ପ୍ରସ୍ତୁତ ଥିଲା । ଆଉ ଟିକିଏ ଏହି ଗୃହ ପ୍ରତି ଦୃଷ୍ଟିପାତ କରନ୍ତୁ । ଲୋକେ କହନ୍ତି—ଏଠି ଭୂତ ପ୍ରେତଙ୍କର ବସତି । ମୋତେ ବି ତ ଏପରି କିଛି ଜଣା ପଡ଼ୁଛି କିନ୍ତୁ ନାରାୟଣର ଚେହେରା ଦେଖିବା ମୋର ଅଭ୍ୟାସରେ ଆସି ଗଲଣି । ତେଣୁ ମତେ ଭୂତ ପ୍ରେତର କୌଣସି ଡର ଭୟ ଲାଗୁନାହିଁ । ସ୍ତ୍ରୀଟି ଦେଖିବାକୁ ଏତେଦୂର କଦାକାର ନୁହେଁ । ସେ ନିଜର ନାମ କାମିନୀ ବୋଲି କହେ । ସେ ଯଦି ବିବାହ କରିଥାଏ, ତେବେ ବି ତାର ସ୍ୱାମୀ ଏ ସମୟକୁ କବରରେ ପଡ଼ି ସଡ଼ୁଥିବ ।

ସହସା ସୁରେନ ଗୁଲି ପଡ଼ି ପଛ ଆଡ଼କୁ ଦେଖି ପୁଣି ଚୁପ୍‌ଚାପ୍ ଛିଡ଼ା ହୋଇଗଲା । ମେଷ୍ଟର ମହାପାତ୍ରଙ୍କୁ ମଧ୍ୟ ସେ ଏହିପରି କରିବାକୁ ଅନୁରୋଧ କଲା । ଆଉ କହିଲା—କ୍ଷମା କରିବେ ମେଷ୍ଟର ମହାପାତ୍ର ! ବହୁତ ଦିନ ପରେ ଆଜି ଏଠାରେ ଜୀବିତ ମନୁଷ୍ୟ ସାଥିରେ ମୋର ସାକ୍ଷାତ ହେଲା । ତେଣୁ ବହୁତକଥା କଥାବାର୍ତ୍ତା କରିବାକୁ ମନ ହେଉଛି ।

ଆଚ୍ଛା, ମଣିଗ୍ରାମର ହାଲ କଣ ?

ତା ବିଷୟରେ କିଛି ହେଲେ ପଚାରନ୍ତୁ ନାହିଁ । ସେ ଏତେଦୂର ଭୟବିହ୍ୱଳ ହୋଇ ଯାଇଛନ୍ତି ଯେ ତାଙ୍କ ଅବସ୍ଥା ଦେଖିଲେ ମୋ ଶରୀର କମ୍ପି ଯାଉଛି । ମୁଁ ତାଙ୍କୁ କହିଲି ମଣିଷ କେବଳ ଥରକ ପାଇଁ ମରିପାରେ, ତେଣୁ ମୃତ୍ୟୁକୁ ଏତେଦୂର ଡରିବାର କାରଣ କଣ ? କିନ୍ତୁ ତାଙ୍କର ଗଭୀର ଧାରଣା ସପନ ଓ ରାଜୁ ଯେତେବେଳେ ଆସିବେ ତାଙ୍କୁ ମୃତ୍ୟୁ ଅପେକ୍ଷା ବି ଅଧିକ କଷ୍ଟ ଦେବେ ।

Digitized by PPRACHIN, SOA

ମିଷ୍ଟର ମହାପାତ୍ର ମଧ୍ୟ ଏ ଦୁଇଟି ନାଁ ମନେ ରଖିନେଲେ ଏବଂ ଗଦାଧର ଆଢ଼ଙ୍କୁ ପୁଣି କହିଲେ—ଏହି ସପନ ଓ ସୁଜନଙ୍କୁ ମାସେ ପନ୍ଦର ଦିନ ହେବ ଜେଲଖାନାରୁ ମୁକୁଳିଛନ୍ତି । ମଣିରାମ୍ ଏ ଦୁଇ ଜଣଙ୍କର ସରକାରୀ ସାକ୍ଷୀ ହୋଇ ତାଙ୍କୁ ଜେଲଖାନାକୁ ପଠାଇଥିଲା ।

ଏତକ କହି ସେ ପୁଣି ସୁରସେନ ସହିତ କଥାବାର୍ତ୍ତା ଆରମ୍ଭ କଲେ—କେବେ କଣ ଏହି ଦୁଇ ଜଣ ମଣିରାମକୁ କୌଣସି ପ୍ରକାର କଷ୍ଟ ଦେଲେଣି ?

ସୁରସେନ ଉତ୍ତର ଦେଲା—ନାଁ, ଏପର୍ଯ୍ୟନ୍ତ ସେମାନେ କୌଣସି ପ୍ରକାର କଷ୍ଟ ଦେଇ ନାହାନ୍ତି । କିନ୍ତୁ ମୋ ଉପରେ ଅବଶ୍ୟ ଥରେ ଆକ୍ରମଣ ହୋଇ ସାରିଲାଣି । କାରଣ ମୁଁ ସବୁବେଳେ ପିସ୍ତଲଟାକୁ ନିଜ ସାଥିରେ ଧରି ବୁଲୁଛି ।

ମିଷ୍ଟର ମହାପାତ୍ର—ତାହାହେଲେ ତୁମେ କଣ ସେ ଦୁଇ ଜଣଙ୍କୁ କେବେ ଏହି ଘର ନିକଟରେ ଦେଖି ସାରିଛ ?

ସୁରସେନ—ନାଁ, ମିଷ୍ଟର । ମୁଁ ସେ ଦୁଇ ଜଣଙ୍କୁ ଏ ପର୍ଯ୍ୟନ୍ତ ସେପରି ଅବସ୍ଥାରେ ଦେଖିନାହିଁ ସତ, ସେ ଦୁହିଁଙ୍କ ଭିତରୁ ଜଣେ ମତେ ଥରେ ନିଜର ଲକ୍ଷ୍ୟ ଭାବରେ ଗ୍ରହଣ କରିଥିଲା । ସୌଭାଗ୍ୟର କଥା ମୁଁ ଅଳ୍ପକେ ବର୍ତ୍ତିଗଲି । ମୋ ଗଳାରେ ଆପଣ ଯେଉଁ ପଟି ବନ୍ଧା ହେବାର ଦେଖି ପାରୁଛନ୍ତି, ଏ ସେହିମାନଙ୍କର କୃତିତ୍ୱର ଫଳ । ଗୋଟିଏ ଛୁରୀ ମୋ ବେକରେ ଗଳି ଯାଇଥିଲା । ମୁଁ ତାକୁ ପଛରେ ଗୋଡ଼ାଇ ଗଲି, କିନ୍ତୁ ସେ ପଳେଇ ଗଲା ।

ମିଷ୍ଟର ମହାପାତ୍ର ଅତି ଶୀଘ୍ର ପ୍ରଶ୍ନ କଲେ—ତୁମେ କଣ ନିଶ୍ଚୟ କରି ଜାଣ ତାହା ଗୋଟିଏ ଛୁରୀ ?

Digitized by PPRACHIN, SOA

ସୁରସେନ କହିଲା—ଆପଣଙ୍କର ଏ ପ୍ରଶ୍ନର ଅର୍ଥ ମୁଁ କିଛି ବୁଝି ପାରୁନାହିଁ ମିଷ୍ଟର ମହାପାତ୍ର ।

ମିଷ୍ଟର ମହାପାତ୍ର—ତାହା ବୋଧେ ନୁହେଁ ! ସୁରସେନ ନୀରବ ରହିଲା ଏବଂ ତତ୍‌କ୍ଷଣାତ୍ ତାଙ୍କ ସୁଟ୍‌କେଶକୁ ତଳେ ଥୋଇ ଦେଇ ପ୍ରଶ୍ନ କଲା—କାହିଁ ?

ହଁ କହି ଦେଇ ମିଷ୍ଟର ମହାପାତ୍ର ହାତରେ ଧରିଥିବା ଶରଟିକୁ ତା ସମ୍ମୁଖରେ ରଖିଦେଲେ ଏବଂ କହିଲେ—ହଁ ଏହିପରି ଶର । ଏଥିକୁ ଦେଖିବା ମାତ୍ରେ ତୁମର କଣ କୌଣସି ବିଷୟ ସ୍ମରଣ ଆସୁଛି ?

ତାଙ୍କ କଥାର କୌଣସି ଜବାବ ନ ଦେଇ ସୁରସେନ ପୁଣି ତାଙ୍କ ସୁଟ୍‌କେଶକୁ ହାତରେ ଧରିଲା ଏବଂ ଆଗେଇବାକୁ ଲାଗିଲା । କିଛି କ୍ଷଣ ପରେ ଅତି କ୍ଷୀଣ ସ୍ୱରରେ କହିଲା—କ୍ଷମା କରିବେ । ଅନ୍ୟତଃ ଏପରି ସ୍ଥାନରେ ମୁଁ ଆପଣଙ୍କର ଏ ଭଳି ପ୍ରଶ୍ନର ଉତ୍ତର ଦେଇ ପାରୁ ନାହିଁ ।

ଭୁସ୍‌ କୋଠି ଦୁଆର ମୁହଁରେ ପହଞ୍ଚି ସୁରସେନ କବାଟ ଉପରେ ଏକ ଶକ୍ତ ଧକ୍କା ଦେଲା । ଠିକ୍ ଏହି ସମୟରେ କୌଣସି ବ୍ୟକ୍ତିର ଏକ ଉଚ୍ଚ ସ୍ୱରରେ ସେମାନଙ୍କୁ କହିବାର ଶୁଣାଗଲା—ତୁମେମାନେ ଭିତରକୁ ଆସି ପାରିବ ନାହିଁ ।

ମିଷ୍ଟର ମହାପାତ୍ରଙ୍କ ଆଡ଼କୁ ବୁଲି ପଡ଼ି ସୁରସେନ କହିଲା—ଏହି ଶୁଣନ୍ତୁ ମିଷ୍ଟର ମଣିରାମର ଆବାଜ, ମିଷ୍ଟର ମହାପାତ୍ର ।

ସେହା ପରେ ପୁଣି ଥରେ ସେ ଦୁଆର ଆଡ଼କୁ ବୁଲି ପଡ଼ି କହିଲା—ମୁଁ ଆସିଛି ମିଷ୍ଟର ମଣିରାମ । ଡରିବାର କୌଣସି କାରଣ ନାହିଁ । ମୁଁ ଦୁଇ ଜଣ ବିଖ୍ୟାତ ଡିଟେକ୍‌ଟିଭଙ୍କୁ ସାଙ୍ଗରେ ନେଇ ଆସିଛି ।

ପୁଣି ଉତ୍ତର ଆସିଲା—ମୁଁ କିପରି ବିଶ୍ୱାସ କରିବ ଯେ ତୁମର ଏହି ସ୍ୱର ? ତୁମ ପାଖରେ କଣ କାଡ଼ ଅଛି ?

Digitized by PPRACHIN, SOA

ସୁରସେନ ଲଜ୍ଜାଯୁକ୍ତ ନେତ୍ରରେ ମିଷ୍ଟର ମହାପାତ୍ରଙ୍କ ଆଡ଼କୁ ଚାହିଁ ଦେଇ କହିଲା—ମୁଁ ଆପଣଙ୍କୁ କହୁଛି, ମିଷ୍ଟର ମଣିରାମ ଆବଶ୍ୟକତାରୁ ଅଧିକ ଡରି ଯାଇଛନ୍ତି । ଯେଉଁ ଦିନ ମୋ ଉପରେ ଆକ୍ରମଣ ହେଲା, ସେହି ଦିନଠୁଁ ତାଙ୍କ ଅବସ୍ଥା ଆହୁରି ଶୋଚନୀୟ । ତେଣୁ ତାଙ୍କର ଗୋଟେ କାଡ଼ ମୋ ପାଖରେ ଥାଏ, ତାକୁ ଦେଖାଇଲେ ଯାଇଁ ଭିତରକୁ ପ୍ରବେଶ କରିବାର ହୁକୁମ ମିଳିବ ।

ଏତକ କହି ଦେଇ ସେ ମିଷ୍ଟର ମହାପାତ୍ରଙ୍କ ସୁଟ୍‌କେଶକୁ ପୁନର୍ବାର ଭୂଇଁ ଉପରେ ରଖି ଦେଲା ଏବଂ ପକେଟ ଅଣ୍ଡାଳିବାକୁ ଲାଗିଲା ।

ହଠାତ୍ ତାକୁ ସେହି କାଡ଼ ମିଳି ଯିବାରୁ ସେ ସେହି କବାଟର କଣା ବାଟେ ଭିତରକୁ ଖସାଇ ପକାଇଲା ।

ପ୍ରାୟ ମିନିଟଏ ଗଡ଼ିଗଲା ପରେ ମିଷ୍ଟର ମହାପାତ୍ର ଘର ଭିତରେ କୌଣସି ସ୍ତ୍ରୀ କଣ୍ଠ-ସ୍ୱର ଓ ତା ସହିତ କଥାବାର୍ତ୍ତା କରୁଥିବା କୌଣସି ଭୟଭୀତ ବ୍ୟକ୍ତିର ବିଚଳିତ କରୁଣ କଣ୍ଠ ଧ୍ୱନି ଶୁଣି ପାରିଲେ । ତା ପରେ ମିଷ୍ଟର ମଣିରାମ ଦୁଆର ଖୋଲି ଦେଲା ଏବଂ କହିଲା—ଶୀଘ୍ର ଭିତରକୁ ଚାଲି ଆସନ୍ତୁ ।

ସୁରସେନ ଗୋଟେ କଡ଼କୁ ଘୁଞ୍ଚିଗଲା । ମିଷ୍ଟର ମହାପାତ୍ର ଓ ଗଦାଧର ଭିତରକୁ ପ୍ରବେଶ କରି ସାରିଲା ପରେ ସେ ମଧ୍ୟ ଅତ୍ୟନ୍ତ ଶୀଘ୍ର ପଦ-କ୍ଷେପରେ ଘର ଭିତରକୁ ପଶି ଯାଇ କବାଟ ବନ୍ଦ କରିଦେଲା ।

ଘର ଭିତରଟା କଟିକଟା ଅନ୍ଧାର । ମିଷ୍ଟର ମହାପାତ୍ର ତତ୍‌କ୍ଷଣାତ୍ ପାଟି କଲେ—ମଣିରାମ କଣ ଏଇଠି ଅଛି ?

ଅତି କ୍ଷୀଣ କଣ୍ଠରେ ଆବାଜ ଆସିଲା—ସବୁ ଠିକ ଅଛି । କ୍ଷମା କରିବେ । ଆଲୋକ ବିପଦଜନକ ଏବଂ ଆଜି ଆକାଶରେ ମଧ୍ୟ ଆଲୋକ ଅଛି ।

ସହସା ସୁରସେନ ବିଜୁଳିବତି ଟର୍ଚ୍ଚଟା ଟିପି ଦେଲା । ହଠାତ୍ ମଣିରାମ ଚିତ୍କାର କରି ଉଠିଲା-ବନ୍ଦ କର, ବନ୍ଦ କର, ବେକୁବ୍ ! ଆଲୁଅ

Digitized by PPRACHIN, SOA

ବନ୍ଦ କର । ତେଂ ହେତ କଣ ଜଣା ନାହିଁ ଯେ ସେମାନେ ଘରର ଗୃହ ଆଡେ ବୁଲୁଛନ୍ତି ?

ମିଷ୍ଟର ମହାପାତ୍ର ଟିକିଏ ଜୋର୍ ଦେଇ କହି ପକାଇଲେ— ମଣିରାମ ! ଏ ଭଳି ଢଙ୍ଗଢାଙ୍ଗ ମତେ ଆଦୌ ଭଲ ଜଣା ପଡୁ ନାହିଁ । ତୁମର ବର୍ତ୍ତମାନ କର୍ତ୍ତବ୍ୟ, ସାହସର ସହିତ ନିଜ ଉପରକୁ ଆସୁଥିବା ଦୁର୍ଦ୍ଦିନର ସମ୍ମୁଖୀନ ହେବା । ହୋସ୍ ଠିକ ରଖି ପାରିଲେ ଆହୁରି ସୁଚାରୁରୂପେ ତୁମ ନିଜର ରକ୍ଷାରେ ପ୍ରତିବିଧାନ କରି ପାରନ୍ତ ।

ମଣିରାମ ଅତ୍ୟନ୍ତ କରୁଣ କଣ୍ଠରେ କ୍ଷମା ପ୍ରାର୍ଥନା କଲା । କିନ୍ତୁ ଠିକ ଏହି ସମୟରେ କୌଣସି ସ୍ତ୍ରୀ କଣ୍ଠର ଧ୍ୱନି ଶ୍ରୁତି ଗୋଚର ହେଲା— ମିଷ୍ଟର ମଣିରାମ ! ଆପଣ ଏ ସ୍ଥାନରେ ମାଲିକ ଅଛନ୍ତି, ତଥାପି ଆପଣ ନିଜ ଇଚ୍ଛା ଅନୁଯାୟୀ ସବୁ କାମ କରି ପାରୁ ନାହାନ୍ତି । ସାତେସାତ ସିଡ଼ି ଉପରୁ କିଏ ଓହ୍ଲାଇବାର ଶବ୍ଦ ଶୁଣାଗଲା ।

ଏହି ସମୟରେ ସୁରସେନ ମିଷ୍ଟର ମହାପାତ୍ରଙ୍କୁ ହାତରେ ଇସାରା କରି ଆଗକୁ ଯିବାକୁ ସଙ୍କେତ ଦେଲା ଏବଂ କହିଲା— ଡାହାଣ ଆଡ଼କୁ ଚାଲନ୍ତୁ, ମିଷ୍ଟର ମହାପାତ୍ର ।

ଭଲ କଥା, ଗଦାଧର । ଟିକିଏ ଦେଖନ୍ତ ଏ ଲୋକ ସବୁ ଏତେ ଦୂର ଭୟଭୀତ ହେବାର କାରଣ କଣ ? କହୁଁ କହୁଁ ମିଷ୍ଟର ମହାପାତ୍ର ଆଗକୁ ଚାଲିଲେ । ତାଙ୍କ ସମ୍ମୁଖରେ ଉପରକୁ ଚଢ଼ିବାର ସିଡ଼ି ଥିଲା । ସେ ଶୀଘ୍ର ପଦ କ୍ଷେପରେ ସିଡ଼ି ଉପରକୁ ଉଠି ଚାଲିଲେ— ଗଦାଧର ବି ତାଙ୍କ ପାଖରେ ଥାଏ ।

Digitized by PPRACHIN, SOA

ଦୁଇ

ସେହି ଅନ୍ଧକାରମୟ ଗୃହ ଭିତରୁ ସିଢ଼ି ଦେଇ ମେଷ୍ଟର୍ ମହାପାତ୍ର ଓ ଗଦାଧର ଉପରେ ପହଞ୍ଚିଲେ ।

ସୁରେସନ ତୁରନ୍ତ ଜଣାଇଦେଲା —ଆଗକୁ ଗଲେ ତାଙ୍କୁ ଆଉ ଅନେକ ସିଢ଼ି ମିଳିବ । ମେଷ୍ଟର୍ ମହାପାତ୍ରଙ୍କର ଏ ପର୍ଯ୍ୟନ୍ତ ଖିଆଲ ଥିଲା ଯେ ତାଙ୍କୁ ଆଉ ଉପରକୁ ଚଢ଼ିବାକୁ ପଡ଼ିବ । କିନ୍ତୁ ବାସ୍ତବରେ ତାହା ନୁହେଁ । ସେହି ସ୍ଥାନରୁ ପୁଣି ତଳକୁ ଗୋଟେ ସିଢ଼ି ଥିଲା । ତେଣୁ ସେ ବହୁତ କଷ୍ଟରେ ତଳକୁ ଗଡ଼ି ପଡ଼ି ପଡ଼ି ଉଦ୍ଧାର ପାଇଗଲେ ସବୁ ଘରର ସିଢ଼ିଗୁଡ଼ାକ ପ୍ରାୟ ଏଇ ଢଙ୍ଗରେ ତିଆରି ।

ମଣିରାମ ଓ ସେ ସ୍ତ୍ରୀଟି ତେର୍ ଆଗରୁ ସିଢ଼ିର ବହୁତ ଉପରକୁ ଉଠି ଯାଇଥିଲେ । ତେଣୁ ତାଙ୍କ ପାଦ ଶବ୍ଦ ଶୁଣା ଯାଉ ନ ଥିଲା ।

ମେଷ୍ଟର୍ ମହାପାତ୍ର ଯେତିକି ସିଢ଼ି ଉପରକୁ ଚଢ଼ିଥିଲେ, ପ୍ରାୟ ସେତିକି ଉଠିସାରିଲା ବାଦେ ତାଙ୍କୁ ଗୋଟେ ରାସ୍ତା ମିଳିଲା । ରାସ୍ତାଟି ବରାବର ଉଚ୍ଚ ନୀଚ ଭାବରେ ତିଆରି । ରାସ୍ତାଟି ଏପରି ଭାବରେ ବହୁତ ଦୂରକୁ ଯାଇଥିଲା । ହୁଏ ତ ତା ର ପାଖରେ କୌଣସି ଝରକା ନ ଥିଲା କିମ୍ବା ଝରକା ଗୁଡ଼ାକ ଏପରି ଭାବରେ ବନ୍ଦ କରି ଦିଆଯାଇଥିଲା ଯେପରି-

Digitized by PPRACHIN, SOA

କ ଭିତରକୁ ଆଉ ଅପ୍ରବେଶ କରି ପାରିବ ନାହିଁ । ଗୁଳ୍ଗୁଳ୍ ଗଦାଧର ବିରକ୍ତ ହୋଇ କହିଲେ—ଯଦି ଏ ରାସ୍ତା ଏଇମିତି ପଡ଼ିବ, ମୁଁ ନାଗର ହେଇ ଝଟ୍ ବାହାରିଯିବ, କରିବ ।

ଠିକ ଏହି ସମୟରେ ବାଁ ଆଡ଼କୁ ଘୂରି ଦିବା ପାଇଁ ସୂରସେନ ସେମାନଙ୍କୁ କହିଲେ ଏବଂ ଗୋଟିଏ କୋଠରୀ ପାଖକୁ ଆସିଲେ । କୋଠରୀର ଭିତ ବହୁତ ତଳେ ଟେବୁଲ୍ ଉପରେ ଗୋଟିଏ କେମ୍ପ ମିଞ୍ଜି ମିଞ୍ଜି ହୋଇ ଜଳୁଥାଏ ।

ସୂରସେନ ସେମାନଙ୍କ ପଛେ ପଛେ ସେ ଘରେ ପ୍ରବେଶ କଲେ । ତାଙ୍କ ବେଗ ରଖି ଦେଇ ସେ ଅତି ସାବଧାନରେ କବାଟ ବନ୍ଦ କରି ଦେଲେ । ଏହି ସମୟରେ ମଣିରାମ ଜୋରରେ କ୍ରୋଧ କରୁଥିବା ଶବ୍ଦ ସେମାନଙ୍କ କାନରେ ପଡ଼ିଲା—କବାଟ ବନ୍ଦ କରିଦିଅ ।

ସୂରସେନ ଗୋଟିଏ ବଡ଼ ତାଲରେ କବାଟ ବନ୍ଦ କରିଦେଲେ । ତା ପରେ ସେ ସ୍ପ୍ରିଂ ଟେବୁଲ୍ ଉପରେ ଥିବା ବତୀଟିକୁ ଆଉରି ଟିକିଏ ତେଜି ଦେଲେ, ଯଦ୍ଦ୍ୱାରା ଘରର ଯାବତୀୟ ଜିନିଷ ସ୍ପଷ୍ଟ ଦେଖା ପଡ଼ିବ । ଘରର ଠିକ୍ ମଝିରେ ଗୋଟିଏ ପ୍ରକାଣ୍ଡ ଟେବୁଲ୍ । କେତେଜଣଙ୍କର ଅଧା ଖାଇଥିବା ଖାଦ୍ୟ ତା ଉପରେ ବିକ୍ଷିପ୍ତ ହୋଇ ପଡ଼ିଥାଏ । ଟେବୁଲ୍ ମଝିରେ ଲେମ୍ପଟି ଥୁଆ ହୋଇଛି । ଲେମ୍ପର ଆଲୁଅ ପ୍ରଭାବରେ ନିଷ୍ଟର ମହାପାତ୍ର ଓ ଗଦାଧରଙ୍କର ଧ୍ୟାନ ଗୋଟିଏ ମଣିଷ ଉପରେ ପଡ଼ିଲା । ତାଙ୍କ ଆଡ଼କୁ ଏ ପର୍ଯ୍ୟନ୍ତ ସେମାନେ ଲକ୍ଷ୍ୟ ଦେଇ ନ ଥିଲେ । ଏଇ ନାରାୟଣ କଥା ସୂରସେନ ବାଟରେ ସେମାନଙ୍କୁ କହିଥିଲେ ।

ଟେବୁଲ୍ ପାଖରେ ଗୋଟିଏ ଚୌକିରେ ଯାଇ ସେ ବସିଲେ । କିଛି ସମୟ ପର୍ଯ୍ୟନ୍ତ ଟିକିଏ ହଲଚଲ ନ ହୋଇ ବସି ରହିଲେ । ଯେପରି ତା ପିଣ୍ଡରେ ପ୍ରାଣ ନାହିଁ । ମାଲୁମ ହଉଥିଲା—କବାଟ ଖୋଲିବାର ବହୁତ ଆଗରୁ ସେ ଏପରି ଭାବରେ ବସିଥିଲେ । କାନ୍ଧ ତାର ଖୁବ

Digitized by PPRACHIN, SOA

ଚାହିଁଦା, ଚେହେରାଟି ଇନ୍ତ୍ରାନ୍ଟ ଓ ଜାହାଜ ଜଡ଼ସିଂ । ସେ ଏକ ଦୃଷ୍ଟିରେ ତା ଆଗରେ ଥିବା ଟେବୁଲ ଆଡ଼କୁ ଚାହିଁ ରହିଥିଲା ।

ସେହି ମନୁଷ୍ୟର ଯଦି ଜୀବନର କୌଣସି ପ୍ରକାର ଚିହ୍ନ ଦେଖା ଯାଉଥାଏ ତ ତାହା ତାର ଗାଲ୍‌ଫାଟି । ପାକୁଳ ସମୟରେ ଚୋରଙ୍କ ପରି ଫାଟି ରହୁଥିଲା । ଶରୀରର ଅନ୍ୟ ସମସ୍ତ ଅଂଶ ନିଶ୍ଚେଷ୍ଟ ବୋଲି ପ୍ରତୀତ ହେଉଥିଲା । ତାର ଜୀବନ ଶକ୍ତି ଯେମିତି ସଂପୂର୍ଣ୍ଣ ବିଲୁପ୍ତ । ଶରୀରଟି ଭାରି ଲମ୍ବା ଚଉଡ଼ା ।

ମିଷ୍ଟର ମହାପାତ୍ର ତା ଉପରୁ ଦୃଷ୍ଟି ଫେରାଇ ନେଇ ଟେବୁଲର ଆର ପାଖରେ ଛିଡ଼ା ହୋଇଥିବା ମଣିରାମ ଉପରେ ନଜର ଦେଲେ । ସେ ଚୁପ୍ ଚାପ୍ କିଂକର୍ତ୍ତବ୍ୟ ବିମୂଢ଼ ଅବସ୍ଥାରେ ଠିଆ ହୋଇ ସେମାନଙ୍କୁ କେବଳ ଦେଖୁଥିଲା । ମଣିରାମ ଦେହର ରଙ୍ଗ ବିଲ୍‌କୁଲ୍ ଶେତା— ତା ଗାଲ୍-ହାତ ଚମଡ଼ା ଉପରକୁ ଦେଖା ଯାଉଥାଏ । ତାର ବଡ଼ ବଡ଼ କଳା ଆଖିରୁ ଭୟର ଚିହ୍ନ ସ୍ପଷ୍ଟ ସୂଚିତ ହେଉଥିଲା । ସେ ଏତେ ଦୂର ଭୟ ବିହ୍ୱଳ ହୋଇ ଯାଇଥିଲା ଯେ ମିଷ୍ଟର ମହାପାତ୍ରଙ୍କୁ ଆଶ୍ଚର୍ଯ୍ୟ ବୋଧ ହେଲା; ସେ ଏତେବେଳ ଯାଏ ପାଗଳ ନ ହୋଇ କିପରି ବଞ୍ଚି ରହିଛି । ତାର ପୋଷାକ ପତ୍ରରୁ ଅନୁମିତ ହେଉଥିଲା—ହୁଏତ ଦରଜି ଅନ୍ୟ କାହା ପୋଷାକ ଭୁଲରେ ତିଆରି କରି ଦେଇଛି କିମ୍ବା ଡର ଓ ଭୟରେ ତା ଶରୀରର ମାଂସ ସବୁ ଶୁଖି ଗଲଣି ।

ବହୁତ ଚେଷ୍ଟା କଲେ ମଧ୍ୟ ତା ପାଟିରୁ କଥା ବାହାରି ପାରିଲି ନାହିଁ । ଏହି ସମୟରେ ସୁରେନ ତା ପଛ ଆଡ଼େ ଯାଇ ଠିଆ ହେଲା ଏବଂ ମା ପୁଅକୁ ଆଶ୍ୱାସନା ଦେଲା ଭଳି ତା ପିଠିରେ ଧୀରେ ଧୀରେ ଥାପୁଡ଼ା ମାରୁ ମାରୁ କହିଲା—ମିଷ୍ଟର ମଣିରାମ । ଡରିବାର କୌଣସି କାରଣ ନାହିଁ । ପ୍ରସିଦ୍ଧ ଗୁପ୍ତଚରମାନେ ଆସି ଆପଣଙ୍କ ସମ୍ମୁଖରେ ଉପସ୍ଥିତ । ଆପଣ ସେମାନଙ୍କ ସହିତ କଥାବାର୍ତ୍ତା କରନ୍ତୁ ନା !

Digitized by PPRACHIN, SOA

ସେ ସ୍ତ୍ରୀ ଲୋକଟି ନାରାୟଣର ପଛ ଆଡ଼େ ଛିଡ଼ା ହୋଇ ଧ୍ୟାନରେ ସମ୍ଭବତ ଏ ସବୁ କାର୍ଯ୍ୟ କରୁଥିଲା । ତା ହାବଭାବରୁ ଜଣା ଯାଉଥିଲା—ସେଠାକୁ C. I. D. ଆସିବାଟା ସେ ସେପରି ଆଦୌ ପସନ୍ଦ କରୁନାହିଁ । ମିଷ୍ଟର ମହାପାତ୍ର ବୁଝି ପାରିଲେ—ସୁରସେନହିଁ ସେମାନଙ୍କୁ ଏଠାକୁ ଆଣିବାର ସମସ୍ତ ଆୟୋଜନ କରିଛି । ସମ୍ଭବତଃ ସୁରସେନ ନିଜେ ସେହି ପତ୍ରଟି ମଣିରାମ ନାଁରେ ଲେଖିଥିଲା । ମଣିରାମର କେତେବେଳେ ଏତେ ଦୂର ସାହସ ହବ ନାହିଁ ଯେ ଯାଦୁ କାରିଣୀ ପରି ନାରାୟଣର ପଛ ଆଡ଼େ ଠିଆ ହୋଇ ମିଷ୍ଟର ମହାପାତ୍ରଙ୍କ ଆଡ଼କୁ ନୀଳ ଆଖିରେ ଚାହୁଁଥିବା ସେହି ସ୍ତ୍ରୀ ଲୋକଟି ଇଚ୍ଛାର ପ୍ରତିକୂଳ କୌଣସି କାମ କରିବ ।

ସହସା ମଣିରାମ ଆଡ଼କୁ ଚାହିଁ ଦେଇ ସେ କହିଲେ—ଆପଣ ଠିକ୍ କରିଛନ୍ତି ମଣିରାମ । ଆପଣ ଭଲ କୌଣସି ପ୍ରକାରେ ଜାଣି ପାରିଛନ୍ତି ଯେ ଏମାନେ C. I. D. ଲୋକ । ଆପଣଙ୍କର ନିଜର ରକ୍ଷା ବିଧାନ ନିଜେ କରିବା ନିତାନ୍ତ ଜରୁରୀ । ଆପଣ ନିଜେ ନିଜ ଆତ୍ମ ରକ୍ଷାର ବ୍ୟବସ୍ଥା ନ କଲେ ଆଉ କିଏ ବା କଣ କରିବ ?

ମଣିରାମ ଖୁବ୍ ଧୀରେ ଉତ୍ତର ଦେଲେ—କିନ୍ତୁ ମୋ ରି ରକ୍ଷା ଲାଗି ଏହି ସହୃଦୟ ଭଦ୍ରବ୍ୟକ୍ତିମାନେ ସୁଦୂର କଲିକତାରୁ ଆସିବ କଷ୍ଟ ସ୍ୱୀକାର କରିଛନ୍ତି ।

କେହି ହେଲେ ମିଷ୍ଟର ମହାପାତ୍ରଙ୍କୁ ବସିବାକୁ କହିଲେ ନାହିଁ । ସେ ଟୋପିଟାକୁ ହାତରେ ଧରି ତନ୍ନ ତନ୍ନ କରି ସମସ୍ତଙ୍କ ଉପରେ ଦୃଷ୍ଟି ନିକ୍ଷେପ କରିବାକୁ ଲାଗିଲେ । ହଠାତ୍ ସେ ମଣିରାମଙ୍କ ନିକଟକୁ ଯାଇ ପଛକୁ ଗୋଟେ ଚୌକି ଟାଣି ଆଣି ବସି ଯାଇ କହିଲେ—ମିଷ୍ଟର ମଣିରାମ । ଏହି ଚୌକିରେ ବସ । ତୁମ ମଥା ଠିକ୍ କର । ଭୟ ଦ୍ୱାରା କେବଳ ତୁମ ନିଜର ହାନି ବ୍ୟତୀତ ଅନ୍ୟ କୌଣସି ପ୍ରକାର ଫଳ ହେବ ନାହିଁ ।

Digitized by PPRACHIN, SOA

ମଣିଗ୍ରାମ ଶୀଘ୍ର ସେହି ସ୍ତ୍ରୀ ଲୋକଟି ଆଡ଼କୁ ଦୃଷ୍ଟି ଫେରାଇ ନେଲେ ସେ ଯେପରି ଜାଣିବାକୁ ଚାହୁଁ ଥିଲେ—ଏ ବିଷୟରେ ତାର ସମ୍ମତି ଅଛି କି ନାହିଁ । ଏହି ସମୟରେ ମଣିଗ୍ରାମ ତରଫରୁ ସୂରସେନ ଜବାବ ଦେଲେ—ଆପଣମାନେ ଏତେ କଷ୍ଟ ସ୍ୱୀକାର କରି ଏଠାକୁ ଆସି ଥିବାରୁ ଆମ୍ଭମାନଙ୍କର ଅଶେଷ ଧନ୍ୟବାଦ, ମିଷ୍ଟର ମହାପାତ୍ର ! ଅନେମତ ବିଲକୁଲ୍ ହତାଶ ହୋଇ ପଡ଼ିଥିଲୁ ।

ମିଷ୍ଟର୍ ମହାପାତ୍ର ଓଭରକୋଟଟା ଓହ୍ଲାଇ ଗୋଟିଏ କଣରେ ରଖିଦେଲେ । ତା ପରେ ନିଜେ ନିଜର ବୁଟ୍ ଯୋଡ଼ା ଖୋଲି ପକାଇ ସ୍ଲିପର୍ କାଢ଼ିବା ପାଇଁ ସୁଟ୍‌କେଶ ଖୋଲି ବସିଲେ । କହିବାକୁ ଲାଗିଲେ–ସୁରସେନ ! ଯଦି ଏଠି କୌଣସି ଏକାନ୍ତ କୋଠରୀ ମିଳନ୍ତା, ମୁଁ ସେଇଠି ମିଷ୍ଟର୍ ମଣିଗ୍ରାମଙ୍କ ସହିତ କଥାବାର୍ତ୍ତା କରନ୍ତି । ତା ପୂର୍ବରୁ ତୁମେ ଯଦି ତାଙ୍କୁ କି ବୁନ୍ଦା ସରାପ ଦିଅନ୍ତ, ତେବେ ତ ମସ୍ତିଷ୍କ ଆହୁରି ଠିକ୍ ହୋଇ ଯାଆନ୍ତା ।

ମିଷ୍ଟର ମଣିଗ୍ରାମ କହି ଉଠିଲେ—କିନ୍ତୁ ମୋ ସାଙ୍ଗରେ ଆଉ ଜଣେ ନିଶ୍ଚୟ ରହିବା ଉଚିତ ।

ତାଙ୍କ କଥାର କୌଣସି ଜବାବ ନ ଦେଇ ସୁରସେନ ଆଲମାରି ଖୋଲିଲେ ଏବଂ ସରାପ ଶିଶୀ ଓ ଗିଲାସ ବାହାର କରି ମଣିଗ୍ରାମଙ୍କୁ ଅଳ୍ପ ପରିମାଣରେ ସରାପ ପିଇବାକୁ ଦେଲେ ।

ତା ପରେ ସରାପ ପିଇବାକୁ ଦେଇ ସାରି ମିଷ୍ଟର୍ ମହାପାତ୍ର ଓ ମଣିଗ୍ରାମଙ୍କୁ ସାଙ୍ଗରେ ଧରି ଏକ ଅନ୍ଧକାରମୟ ସିଡ଼ି ଉପରେ ଚଢ଼ି ଗୋଟିଏ ଲମ୍ବା ଚୌଡ଼ା କୋଠରୀରେ ଆସି ସେ ହାଜର ହେଲେ ।

କୋଠରୀରେ ଏକାଧିକ ଝରକା ଓ ଦରଜା ଥିଲା । କିନ୍ତୁ ଗୋଟିଏ ଗୋଟିଏ ପିଢ଼ୀ ଆସିବା ରାସ୍ତା ଦୁଆରକୁ ଛାଡ଼ି ବାକି ସବୁ ଭଲଭାବରେ ବନ୍ଦ କରି ଦିଆ ଯାଇଥିଲା । ସୁରସେନ ଟେବୁଲ୍ ଉପରେ ଥିବା ବତି

Digitized by PPRACHIN, SOA

ଲଗାଇବାକୁ ଉଦ୍ୟତ ହେଉଥିବା ସମୟରେ, ମଣିରାମ ଚକ୍ରଧର କର ପ୍ରଥମେ ଦରଜା ବନ୍ଦ କରିବାକୁ ତାଙ୍କୁ ଆଦେଶ ଦେଲେ ।

ମେଷ୍ଟର ମହାପାତ୍ର ଥରେ ନିଜର ଅତି ତୀକ୍ଷ୍ଣ ଦୃଷ୍ଟିରେ ଘରଆଡ଼କୁ ନିରୀକ୍ଷଣ କରି, ସୁରସେନ ଆଡ଼କୁ ଚାହିଁ କହିଲେ—ଆଚ୍ଛା ସୁରସେନ! ତୁମେତ କିଛି କମ ବୁଦ୍ଧିମାନ ନୁହଁ । ଆଚ୍ଛା, କହି ପାରିବକି ଏ ସ୍ଥାନରେ ଭୟ କରିବାର କୌଣସି ବାସ୍ତବିକ କାରଣ ଥାଇପାରେ ?

ସୁରସେନ ଜବାବ ଦେଲା—ହଁ, ମେଷ୍ଟର ମହାପାତ୍ର ! ନିଶ୍ଚୟ ଭୟ କରିବାର କାରଣ ଅଛି । ଏକ ତ ଘରେ ବାହାରେ ଜୀବ କମାଣ ନେଇ ସେହି ହତ୍ୟାକାଣ୍ଡ ସଦା ସର୍ବଦା ଉପସ୍ଥିତ ରହିଛି—ଯା ସହିତ ଆପଣଙ୍କର ମଧ୍ୟ ଦର୍ଶନ ହୋଇ ସାରିଛି । ତା ସମ୍ବନ୍ଧରେ ଲୋକଙ୍କର ଭିନ୍ନ ଭିନ୍ନ ଧାରଣା ଦେଖାଯାଏ, କିନ୍ତୁ ଆଜି ଏଠାରେ ସେହି ସବୁ ଧାରଣାର ପୁନରାବୃତ୍ତି କରିବାକୁ ମୁଁ ଚାହେଁ ନାହିଁ । ଏହା ବ୍ୟତୀତ ଏହି ଘର ଭିତରେ ମୋତେ କୌଣସି ଏକ ବିଚିତ୍ର ଜୀବର ଦୃଷ୍ଟିଗୋଚର ହୁଏ । ମୁଁ ଭୂତ ପ୍ରେତରେ ବିଶ୍ୱାସ କରେ ନାହିଁ । କିନ୍ତୁ ଲୋକମାନେ କହନ୍ତି ଯେ ଆଜକୁ କୋଡ଼ିଏ ବର୍ଷ ଆଗରୁ ଏହି ଗୃହ କେବଳ ଭୂତ ପ୍ରେତଙ୍କ ନିବାସ ଥିଲା ।

ଆଶ୍ଚର୍ଯ୍ୟର ଘଟଣା ଏହି ଯେ ରାତିରେ ନିଜ ପଲଙ୍କ ଉପରେ ଶୋଇଥିବା ବେଳେ ସୁଦ୍ଧା ମତେ କେତେ ବାର ଜବରଦସ୍ତ ଟେକି ନିଆ ଯାଇ ଭୂଇଁରେ ଜୋରରେ କଚାଡ଼ ଦିଆ ଯାଇଛି । ମୁଁ ବାଜି ରଖି କହି ପାରେ ଯେ ମୋତେ ଏପରି ପଲଙ୍କରୁ ଉଠାଇ ତଳେ ପକାଇଦେବା କୌଣସି ସାଧାରଣ କାର୍ଯ୍ୟ ନୁହେଁ । ତା ଛଡ଼ା କେତେ ଥର ଏହି ଘର ଭିତରୁ ଏକ ବିଚିତ୍ର ପ୍ରକାର ଶବ୍ଦ ଶୁଣା ଯାଉଛି । ସମ୍ଭବତଃ ସେ ଶବ୍ଦ କୌଣସି ପ୍ରକାର କୁକୁର ବା ଅନ୍ୟ କୌଣସି ପଶୁର ହୋଇପାରେ । କିନ୍ତୁ ବୁଝି ପାରୁନାହିଁ ଯେ ସେହି ଜୀବ କିପରି ଘରେ

Digitized by PPRACHIN, SOA

ଓ କେଉଁ ବାଟେ ଏହି ଘର ଭିତରକୁ ଆସୁଛି ଓ ପୁଣି ବାହାର ଗ୍ଲଇ ଯାଉଛି ।

ସୁରସେନର କଥାବାର୍ତ୍ତା ଶୁଣି ଥରେ ମଣିରାମଙ୍କ ହୃଦୟରେ ଭୀତିର ସଞ୍ଚାର କଲା । ସେ ବରଡ଼ା ପତ୍ର ପରି ଥର ଥର ହୋଇ କମ୍ପିବାକୁ ଲଗିଲେ ଏବଂ ସ୍ତ୍ରୀଙ୍କ ପରି ଚିତ୍କାର କରି ଉଠିଲେ । କିଛି କ୍ଷଣ ପରେ ସେ କହିଲେ—କୁକୁର ! ତୁ ଭୁଲ ବୁଝିଛୁ ସୁରସେନ ! କୁକୁର କେବେ କେବେଭି ଧାନଶା ଉପରୁ ଟେକି ନେଇ ଭୂଇଁରେ କଚାଡ଼ି ଦେଇ ପାରିବ ନାହିଁ । ନିଶ୍ଚୟ ଏ କାର୍ଯ୍ୟ ଭୂତ ପ୍ରେତଙ୍କର ।

ମିଷ୍ଟର ମହାପାତ୍ର ମଣିରାମଙ୍କ କାନ୍ଧ ଉପରେ ହାତ ରଖି କହିଲେ —ଏତେ ଦୂର ଉତ୍ତେଜିତ ହେବାର କୌଣସି କାରଣ ନାହିଁ, ମିଷ୍ଟର ମଣିରାମ । ମୁଁ ଦୁନିଆର ପ୍ରତ୍ୟେକ ଭାଗରେ କେତେ ପ୍ରକାର ବିଚିତ୍ର ବିଚିତ୍ର ତାମସା ଦେଖି ସାରିଛି । କିନ୍ତୁ ଏମିତି କିଛି ହେଲେ ଭୟଙ୍କର ଜିନିଷ ଦେଖି ନାହିଁ, ଯାହାକି ସାକ୍ଷାତ କଲା ମାତ୍ରେ ଅତ୍ୟନ୍ତ ସାହସୀ ବ୍ୟକ୍ତି ମଧ୍ୟ ଜ୍ଞାନଶୂନ୍ୟ ହୋଇ ପଡ଼ିବ, ଯାହା ଫଳରେ କି ନିଜର ଦୁର୍ବଳତା ଉପରେ ବିନେ ତାକୁ ନିଜେ ହସିବାକୁ ପଡ଼ିବ । ଆଚ୍ଛା ମଣିରାମ, ଯଦି ଏ ସ୍ଥାନ ତୁମକୁ ବାସ୍ତବିକ ଏତେ ଦୂର ଭୟପ୍ରଦ ବୋଧ ହେଉଛି, ଏ ଘର ଛାଡ଼ି ଗ୍ଲଲି ଯାଉ ନାହଁ କାହିଁକି ? ତୁମର ତ ଯଥେଷ୍ଟ ପଇସା ଅଛି । ଆଉ କୁଆଡ଼େ ଯାଇ ମଜାରେ ଗୋଟେ ହୋଟେଲରେ ରହୁ ନାହଁ କାହିଁକି ?

ନିଜ ହାତ ଆଗକୁ ବଢ଼ାଇ ମିଷ୍ଟର ମଣିରାମ ଅତି ଅସ୍ପଷ୍ଟ ସ୍ୱରରେ କହିଲେ—ଆପଣ କି କଥା କହୁଛନ୍ତି ମିଷ୍ଟର ମହାପାତ୍ର ! ଯଦି ମୁଁ ମୁହୂର୍ତ୍ତକ ପାଇଁ ଘର ଛାଡ଼ି ବାହାରକୁ ଗ୍ଲଲି ଯାଏ, ତେବେ ଏମାନେ ମତେ ଆଉ ଜୀବନରେ ରଖିବେନା ?

ମିଷ୍ଟର ମହାପାତ୍ର ତୁରନ୍ତ ପ୍ରଶ୍ନ କଲେ—କେଉଁମାନେ ଜୀବନରେ ରଖିବେ ନାହିଁ ?

Digitized by PPRACHIN, SOA

ମଣିବ୍ର ଉତ୍ତର ଦେଲେ—ମୁଁ କଣ ଏ ବିଷୟ୍ରେ ମୋ ପତ୍ନୀରେ ସମ୍ପୂର୍ଣ୍ଣ ଭରସା କରି ନାହିଁ ? ସେମାନେ ହେଉଛନ୍ତି ଯଯଳ ଆଉ ଗ୍ରଜ ! ଆପଣ ବୋଧହୁଏ ଜାଣନ୍ତି ନାହିଁ ଯେ ସେମାନେ କେତେ ଦୂର ଭୟଙ୍କର ପ୍ରାଣୀ, ଗ୍ରଷସମାନେ ବରଂ ସେମାନଙ୍କ ଅପେକ୍ଷା ହଜାରେ ଗୁଣେ ଭଲ ।

ତେବେ କଣ ତୁମେ ନିଶ୍ଚିତ ଭାବରେ କହିପାର ଯେ ସେମାନେ ବରାବର ତୁମକୁ ଅନୁସରଣ କରୁଛନ୍ତି ? ଏହା କଣ ସମ୍ଭବ ହୋଇ ପାରେ ନା ଯେ ସେମାନେ ତୁମକୁ ଭୁଲି ଯାଇ ପାରିବେ ନାହିଁ ?

ସେମାନେ ଜୀବନ ବ୍ୟାପି ପଣ କରି ମୋ ପଛେ ପଛେ ଲାଗିଛନ୍ତି । ଆପଣ କଣ ଶୁଣି ନାହାନ୍ତି ଯେ ସେମାନେ ସୁରସେନ ଉପରେ ବି ଆକ୍ରମଣ ଚଳାଇ ସାରିଲେଣି ?

ଏଥିରୁ ବୁଝା ପଡୁଛି ଯେ କୌଣସି ବ୍ୟକ୍ତି ବାସ୍ତବିକ ତୁମ ପଛରେ ଲାଗିଛି । କିନ୍ତୁ ସେହି ବ୍ୟକ୍ତି ଏ ଦୁଇଜଣଙ୍କ ଭିତରୁ ଯେ କେହି ହୋଇପାରେ, ଏହା ତୁମେ ନିଶ୍ଚିତ କରି କହି ନ ପାର ।

ସେମାନଙ୍କୁ ଛାଡ଼ିଦେଲେ ଆଉ କିଏ ବା କାହିଁକି ଏ କାମ କରିବାକୁ ଯିବ ? ସେମାନଙ୍କୁ ଛାଡ଼ିଦେଲେ ସଂସାରରେ ମୋର ଆଉ ଶତ୍ରୁ ନାହାନ୍ତି ।

ମିଷ୍ଟର ନନ୍ଦ ପାତ୍ର ଏହି ସମ୍ପର୍କରେ ମଣିରାମ ସାଙ୍ଗରେ ଅଧିକ ଯୁକ୍ତି ତର୍କ କରିବା ନିଷ୍ପ୍ରୟୋଜନ ବୋଲି ଭାବିଲେ । ତେଣୁ କଥାବାର୍ତ୍ତାର ଧାରା ବଦଳାଇ ଦେଇ ସେ କହିଲେ—ଆଚ୍ଛା, କୁହନ୍ତୁ, ତଳେ ଯଉଁ ସ୍ତ୍ରୀ ପୁରୁଷ ଦୁହିଁଙ୍କି ଦେଖିଲେ ସେମାନେ କିଏ ଓ ଏଠାକୁ କିପରି ଆସିଲେ ?

ଏମାନେ ଏହି ଘରର ରକ୍ଷକ । ମୋର ଏଠାକୁ ଆସିବା ଆଗରୁ ସେମାନେ ଏଠାରେ ରହି ଆସୁଛନ୍ତି ।

Digitized by PPRACHIN, SOA

ଆଚ୍ଛା, ଏ ଲୋକଟି କିଏ ଏବଂ ଏଠାରେ କାହିଁକି ରହି ଯାଇଛି ?

ମୁଁ ଯାକୁ କେବଳ ଏଇଥିଲାଗି ଏଠି ଛି ଦେ[illegible]ସମୟ ବେଳେ ଏ ମୋର ସହାୟତା କରେ । ଯାର ଶରୀରରେ [illegible]ଅଷ୍ଟ ଶକ୍ତି ଅଛି ଏବଂ ମୋର ଯଥାସାଧ୍ୟ ସହାୟତା କରିପାରେ । ଏ' ବଡ଼ ଭଦ୍ରବ୍ୟକ୍ତି । କାମିନୀ ବି ମୋର ବହୁତ ଯତ୍ନ ନିଅନ୍ତି । ଯଦି ସେ ମୋ ପାଖରେ ନ ଥାନ୍ତେ ତେବେ କି ଜାଣି ମୋର ଅବସ୍ଥା କଣ ନ ହୁଅନ୍ତା !

ସହସା ମେଷ୍ଟର ମହାପାତ୍ରଙ୍କର ଆଖି ସୁରସେନ ଆଖି ସହିତ ମିଳିତ ହୋଇଗଲା, କିନ୍ତୁ ସେ ନିଶ୍ଚିତରୂପେ ଜାଣି ପାରିଲେ ନାହିଁ ଯେ ସେ ତାଙ୍କର ଏକ ଆଖିର ପଲକକୁ ସ୍ପଷ୍ଟଭାବରେ ମୁଦ୍ରିତ ହୋଇ ଯିବାର ଦେଖି ପାରିଲେ କି ନାହିଁ । ଏଥିରେ ଅବଶ୍ୟ ତାଙ୍କର ସନ୍ଦେହ ଜାତ ହେଲା । ଯାହାହେଉ, ସେ ସୁରସେନ ଆଡ଼କୁ ଚାହିଁ କହିଲେ—ଆଚ୍ଛା ସୁରସେନ ! ତୁମେ ତୁମ ମାଲିକଙ୍କୁ ତଳକୁ ନେଇଯାଅ, ତେବେ.............. ।

ଏହା ପରେ ମେଷ୍ଟର ମହାପାତ୍ର ଯେଉଁ କଥା କହିବାକୁ ଯାଉଥିଲେ କୋଠରୀ ଦ[illegible]ଆସୁଥିବା କରୁଣ ଓ ବିକଳ ଚିତ୍କାର ଧ୍ୱନି ଶୁଣି ତାହା ବନ୍ଦ ହୋଇଗଲା । ସାଙ୍ଗେସାଙ୍ଗେ ମଣିରାମ ଚିତ୍କାର କରି ଉଠିଲା—ହେଇ, ସେମାନେ ଆସିଗଲେ । ହେଇ, ସେମାନେ ଆସିଗଲେ ।

ସୁରସେନ ଏକ ପଲକରେ ଦୁଆର କବାଟ ଖୋଲି ଦେଲା ଏବଂ ମେଷ୍ଟର ମହାପାତ୍ର ହଠାତ୍ ନିଜର ଚିଠି ଝପି ଦେଲେ । ଏ ପର୍ଯ୍ୟନ୍ତ ସେ ତାକୁ ପକେଟରେ ପୂରାଇ ରଖିଥିଲେ । ତା ପରେ ସେ ଧଡ଼ା ଧଡ଼ ସେଠିରୁ ତଳକୁ ଓହ୍ଲାଇ ଆସି ଆସି କହିଲେ—ଏ ହେଉଛି କାମର ବେଳ । ଏ ଠିଆ ହୋଇ ରହିବା ବେଳ ନୁହେଁ ।

Digitized by PPRACHIN, SOA

ତିନି

ଗଦାଧର ନାରାୟଣ ଓ ସେ ସ୍ତ୍ରୀ ଲୋକ ସହିତ ଏକାକୀ ରହିଗଲେ ପରେ ତାକୁ ସ୍ପଷ୍ଟ ଜଣାଗଲା ଯେ ସେ ସ୍ତ୍ରୀ ଲୋକଟି ଯେପରି ତାକୁ ଅତି ତୀକ୍ଷ୍ଣ ଦୃଷ୍ଟିରେ ଚାହିଁବାରେ ଲାଗିଛି । ସେ ଏ ପର୍ଯ୍ୟନ୍ତ ଟୋପିଟା ହାତରେ ଧରି ଓ ଓଭରକୋଟ କାନ୍ଧ ଉପରେ ରଖି ନିଜ ସ୍ଥାନରେ ଠିଆ ହୋଇ ରହିଥିଲା । ସେ ଦୁହିଁଙ୍କ ଭିତରୁ କେହି ତାକୁ ବସିବା ଲାଗି କହିଲେ ନାହିଁ । ନେଷ୍ଟର ମହାପାତ୍ର ସାଥିରେ ରହି ତାର ଏହି ସବୁ କଥା ଅଭ୍ୟାସରେ ପରିଣତ ହୋଇ ଯାଇଥିଲା । [illegible] ତାଙ୍କ ସିଗାରେଟ କେସ୍ ବାହାର କରି ସିଗାରେଟଟେ ହାତରେ ଧରି ସେ ସ୍ତ୍ରୀ ଆଡ଼କୁ ଘୁରି ଯାଇ କହିଲା—ଆଶା କରେଁ, ମୋ ସିଗାରେଟ ପାଇଁ ଆପଣଙ୍କର କୌଣସି ପ୍ରକାର ଆପତ୍ତି ନ ଥିବ ।

ତା କଥାର କୌଣସି ଜବାବ ନ ଦେଇ ସ୍ତ୍ରୀ ଲୋକଟି ଅନ୍ୟ ଦିଗକୁ ମୁହଁ ଫେରାଇ ନେଲା । ଗଦାଧର ତା ସିଗାରେଟଟି ଲଗେଇଲା । ଏବଂ ତା ଓଭରକୋଟ ମହାପାତ୍ରଙ୍କ କୋଟ ପାଖରେ ରଖିଲା । ତା ପରେ ସେ ଭାବିବାକୁ ଲାଗିଲା—ରାତିରେ ବିଶ୍ରାମ ନେବା ପାଇଁ ସେ ଅନ୍ୟ କୌଣସି ସ୍ଥାନ ଦେଖିବ । କାରଣ ଏବେ ତ ସେ ସ୍ଥାନ ବିଶ୍ରାମୋପଯୋଗୀ ନୁହେଁ, ତା ପରେ ତାର ବାତାବରଣ ତାକୁ ଅତ୍ୟନ୍ତ ଚମକପ୍ରଦ ବୋଧ ହେଉଥିଲା ।

Digitized by PPRACHIN, SOA

ଟେବୁଲ ପାଖରେ ବସିଥିବା ଲୋକଟିର ଢଙ୍ଗ ଢଙ୍ଗରୁ ଏପରି ଜଣା ଯାଉଥିଲା ଯେ ସେ ନିଜେ ଯେପରି ହଲଚଲ୍ ସୁଦ୍ଧା ହୋଇ ପାରିବ ନାହିଁ କିମ୍ବା ଅନ୍ୟ କୌଣସି ବ୍ୟକ୍ତି ସହିତ ଆଖିକୁ ମିଳାଇ ପାରିବ ନାହିଁ । ଏବଂ ସେହି ବିଚିତ୍ର ସ୍ତ୍ରୀ ଲୋକ, ଯାହାର ଆଖି ଅନ୍ଧାରରେ ଜଳା ଓ ଆଲୁଅରେ ହଳଦିଆ ଦେଖା ଯାଉଥିଲା, ଗଦାଧରର ଚକ୍ଷୁରେ ସେ ମୂର୍ତ୍ତି ସୈତାନର ଅବତାର ବୋଲି ବୋଧ ହେଉଥିଲା । ଯଦି କୌଣସି କାରଣରୁ ଅନ୍ୟ କେହି ଏ ଦୁଇଟି ଅଦ୍ଭୁତ ଜୀବଙ୍କ ସମ୍ମୁଖକୁ ଆସିଯାଏ, ତେବେ ତାର ବୁଦ୍ଧି ନିଶ୍ଚେ ଭ୍ରଷ୍ଟ ହୋଇଯିବ । ଏହା ବ୍ୟତୀତ ସେହି ଘରର ଚତୁର୍ଦ୍ଦିଗ ଶୁନ୍‌ଶାନ୍ ମଇଦାନ୍ ଥିଲା । ବିନ୍ଦୁ ବିଚିତ୍ର ଢଙ୍ଗର ସେହି କକ୍ଷଟିକ ! ଏକଦମ ନିସ୍ତବ୍ଧିଆ ଜାଗାରେ ମଶାଣି ଭୂଇଁ ପରି ଏହି ପ୍ରକାଣ୍ଡ ଘରଟି । ଭୟ ହେତୁ କବାଟ ଓ ଝରକା ସବୁ ବନ୍ଦ । ଭିତରେ ଭୂତ ପ୍ରେତମାନଙ୍କର ବାସଭୂମି ବୋଲି ନିସନ୍ଦେହ ଭାବରେ ଦେଖା ଯାଉଥିଲା । ଏହି ସବୁ ଘଟଣା ଯୋଗୁଁ ଗଦାଧର ଏକବାରେ ବିରକ୍ତ ହେଲା ।

ସେ ସ୍ଥିର ହୋଇ ଚୌକିରେ ବସିଲା ଏବଂ କିଛି ପଢିବାକୁ ଚେଷ୍ଟା କଲା । ମିଷ୍ଟର ମହାପାତ୍ର ମହିମ ଓ ସୁରସେନକୁ ସାଙ୍ଗରେ ନେଇ ଯିବାର, ଢେର ସମୟ ଗତ ହୋଇ ଯାଇଥିଲା । ସେମାନଙ୍କର କୌଣସି ପଦ ଶବ୍ଦ ଏ ପର୍ଯ୍ୟନ୍ତ ତା କାନରେ ବାଜିଲା ନାହିଁ । ଗଦାଧରଙ୍କ ଆଶଙ୍କା ହେଲା—ଜାଣେ ତାକୁ ସେହି ପାଗଳଙ୍କ ସାଙ୍ଗରେ ଏକା ଛାଡ଼ି ଦେଇ ମିଷ୍ଟର ମହାପାତ୍ର ଚାଲି ଗଲେ !

ପୁଣି ଥରେ ସେ ଘରଆଡ଼େ ନିଜର ଦୃଷ୍ଟି ଫେରାଇ ନେଲା । ହଠାତ୍ ସେହି ସ୍ତ୍ରୀ ଲୋକ ଏତେ ଜୋରରେ ନିଶ୍ୱାସ ଗ୍ରହଣ କଲା ଯେ ଗଦାଧର ଚମକି ପଡ଼ି ତା ଆଡ଼କୁ ଦେଖିବାକୁ ଲାଗିଲା । ସେ ସମୟରେ ଗୋଟିଏ କବାଟ ଆଡ଼କୁ ଚାହିଁ ରହିଥିଲା । ହଠାତ୍ ସେ ହାତ ଉଠେଇଲା

Digitized by PPRACHIN, SOA

ଏବଂ ଟେଲିଫୋନ୍‌ର ସିଗନାଲ ପରି କବାଟ କୁହୁଣ୍ଡୀ ଆଡ଼କୁ ନିର୍ଦ୍ଦେଶ କଲା ଏବଂ ସାଙ୍ଗେସାଙ୍ଗେ ଚିତ୍କାର କରି ଉଠିଲା—ହେଇ ସେ ଚାଲି ଆସିଲା, ଚାଲି ଆସିଲା ।

ଏତିକି କହି ଦେଇ ସେ ସ୍ତ୍ରୀ ଲୋକ ନୀରବ ହୋଇଗଲା । ତା ଆଖି ଓ ଶରୀର ଉପରେ ଭୟର ଚିହ୍ନ ପ୍ରକଟ ହେବାକୁ ଲାଗିଲା ଏବଂ ସେ ଜୋରରେ ଥରିବାକୁ ଲାଗିଲା । ନାରାୟଣର ଦୃଷ୍ଟି ମଧ୍ୟ ଧୀରେ ଧୀରେ ଦରଜା ଆଡ଼କୁ ବୁଲିବାକୁ ଲାଗିଲା, ଏବଂ ତା ଦୃଷ୍ଟି ଯେମିତି ଦୁଆର ଉପରେ ପଡ଼ିଲା ସେ ପିଲଙ୍କ ପରି ବିକଳ ଭାବରେ ଚିତ୍କାର କରି ଉଠିଲା ।

ଗଦାଧର ଚୌକି ଛାଡ଼ି ଦେଇ ଠିଆ ହୋଇଗଲା । ଚୌକିଟି ଆଘାତ ଦ୍ୱାରା ସେ କେତେବେଳେ ପଛ ଆଡ଼କୁ ଲେଉଟି ପଡ଼ିଛି ଏ କଥା ବି ତାର ଖିଆଲ ନାହିଁ । ସେ ସେହି ସମୟରୁ ଦୁଆର ଆଡ଼କୁହିଁ ଟକଟକ ଚାହିଁ ରହିଥିଲା ।

କବାଟ ଦେହରେ ଲାଗିଥିବା ତାଲା ଘୁରିବାକୁ ଲାଗିଲା । ଜଣାଗଲା, ଯେପରି କୌଣସି ଅଦୃଶ୍ୟ ହାତ ତାକୁ ଘୁରାଇବାରେ ଲାଗିଛି । ଖଣ୍ଡିକ ବାଦେ ଦୁଆରର କୁହୁଣ୍ଡୀ ବୁଲିବାକୁ ଲାଗିଲା, କିନ୍ତୁ ସେ ଏତେ ଧୀରେ ଧୀରେ ବୁଲୁଥିଲା ଯେ ଖିଦମତ ଲକ୍ଷ୍ୟ ନ କଲେ କେହି ତାକୁ ଜାଣି ପାରିବ ନାହିଁ ।

ନାରାୟଣ ଓ ସେ ସ୍ତ୍ରୀ ଲୋକଟିର ଭୟ ଯେପରି ଗଦାଧର ଭିତରେ ବି ଆସି ପ୍ରବେଶ କଲା । ଆଉ ସେ ଅନୁଭବ କରୁଥିଲା ଯେପରି ତା ପାଦ ଦୁଇଟି ଧୀରେ ଧୀରେ ମାଟି ଉପରେ ଜମି ଯାଉଛନ୍ତି ।

ଦୁଆର ଆସ୍ତେ ଆସ୍ତେ ଖୋଲିବାକୁ ଲାଗିଲା । ସ୍ତ୍ରୀ ଲୋକଟି ଏ ପର୍ଯ୍ୟନ୍ତ ବି ଅତ୍ୟନ୍ତ ବିକଳ କଣ୍ଠରେ ଚିତ୍କାର କରୁଥିଲା—ହେଇ ଆସି ଗଲା । ହେଇ ଆସି ଗଲା ।

Digitized by PPRACHIN, SOA

ଗଦାଧର ଏକ ପଦ ପଛକୁ ଘୁଞ୍ଚି ଯାଇ ଦୁଆର ପାଖରେ ଠିଆ ହୋଇଗଲା । ସେ ନିଶ୍ଚୟ କରି ଜାଣିଥିଲା ଯେ ଆକ୍ରମଣ ମାତ୍ର ଯଦି ଅପେକ୍ଷା କରିବ, ତା ଗୋଡ଼ ଆଉ ମାଟି ଉପରୁ ମୋଟେ ଉଠିବ ନାହିଁ । ଏହି ବିଚିତ୍ର ସ୍ଥାନରେ ସବୁ ଘଟିପାରେ । କବାଟର ଜଞ୍ଜିର ହାତରେ ଧରି ସେ ଜୋରରେ ସହିତ ନିଜ ଆଡ଼କୁ ଟାଣିବାକୁ ପ୍ରାଣପଣ ଚେଷ୍ଟା କଲା । ଆଶ୍ଚର୍ଯ୍ୟର କଥା ଏହି ଯେ ତାର ସାମର୍ଥ୍ୟର କୌଣସି ପ୍ରଭାବ ସେଥି ଉପରେ ପଡ଼ିଲା ନାହିଁ । ତାହା କେବଳ ସେହିପରି ଧୀର ଗତିରେ ମୁକୁଳା ହେବାକୁ ଲାଗିଲା ।

ନିଜର କାନ୍ଧ କବାଟ ସାଥିରେ ଲଗାଇ ତାକୁ ଖୋଲିବାକୁ ନ ଦେବା ପାଇଁ ସେ ଶରୀରର ସମସ୍ତ ଶକ୍ତି ତା ଉପରେ ଖର୍ଚ୍ଚ କଲା । ତଥାପି ତହିଁରେ ସୁଦ୍ଧା ତିଳେ ହେଲେ ସେ ସଫଳତା ପାଇ ପାରିଲା ନାହିଁ । ତାହା କ୍ରମାନ୍ୱୟରେ ଖୋଲି ଖୋଲି ଯାଉଥିଲା । କୌଣସି ଅମାନୁଷିକ ଶକ୍ତି ତାକୁ ଧୀରେ ଧୀରେ ଖୋଲୁଥିଲା ।

ହଠାତ୍ ସେହି କୋଠରୀ ଅନ୍ଧାର ହୋଇଗଲା । ଯେପରି ସେ ଚମକି ପଛକୁ ଘୁଞ୍ଚି ଆସିଲା, ତା ପାଦ ଟେଲ୍ ଉପରେ ପଡ଼ିଥିବା ଚୌକି ଉପରେ ଆଘାତ ପାଇ ଝୁଣ୍ଟା ହୋଇଗଲା ଏବଂ ସେ ତଳକୁ ମୁଣ୍ଡ କରି ସେହି ଚୌକି ଉପରେ ଚିତ୍ ପଡ଼ିଲା । ଏହି ସମୟରେ ତେଜୋମୟ ଆଲୋକର ଏକ ରେଖା ଖୋଲା ଦୁଆରର ଫାଙ୍କ ଦେଇ ଭିତରେ ପ୍ରବେଶ କଲା । କିନ୍ତୁ ଗଦାଧର ଉଠିବା ପାଇଁ ଚେଷ୍ଟା କରୁଁ କରୁଁ ବାହାରେ ଆଲୁଅ ଦେଖି ପାରିଲା । ସହସା ମିଷ୍ଟର ମହାପାତ୍ରଙ୍କ ଭୁଣ୍ଡି ଶବ୍ଦ ତା କାନରେ ବାଜିଲା—ଘଟନା କଣ ?

ସେହି ଆଲୁଅ ମିଷ୍ଟର ମହାପାତ୍ରଙ୍କ ଟର୍ଚ୍ଚ ଆଲୁଅ । ସେ ତାଙ୍କ ରୁମ୍ ବୁଲ୍ କବାଟ ଆଡ଼କୁ ପଶି ଆସୁଥିଲେ । ପୁଣି ଥରେ ଲେମ୍ପ ଲଗାଇବା ଆଶାରେ ଗଦାଧର ଧୀରେ ଧୀରେ ଉଠି ଟେବୁଲ୍ ଆଡ଼କୁ

Digitized by PPRACHIN, SOA

ବଢ଼ିବାକୁ ଲାଗିଲା । କିନ୍ତୁ ସେ ଦେଖିବାକୁ ପାଇଲା ଯେ ଲୋକ ଏପର୍ଯ୍ୟନ୍ତ ସେହିପରି ଛିଡ଼ାହୋଇ କେବଳ ତା ଆଡ଼କୁ ଟିକିଏ ଝୁଙ୍କ ପଡ଼ି ଚାହିଁ ରହିଛି । ଗଦାଧରର ଧାରଣା ଏ କାର୍ଯ୍ୟ ସେହି ସ୍ତ୍ରୀଲୋକ ବ୍ୟତୀତ ଅନ୍ୟ କାହାର ନୁହେଁ । କିନ୍ତୁ ସେ ନିଜେ ଯେ କାହିଁକି ଏପରି ହୋଇଗଲା ଏ କଥା ତା ବିଚାରକୁ ଆସିଲା ନାହିଁ । ଡରିଥିବା ବ୍ୟକ୍ତି ଅନ୍ଧାରରେ ଆହୁରିବି ଡରିଯାଏ, ତେଣୁ ସେ ଅନ୍ଧାର କରିବାକୁ ଚେଷ୍ଟା କଲା । କିନ୍ତୁ ଏଥିରେ ତାର କଣ ଗଲା ? ଚିତ୍କାର କରି ସେ ଉତ୍ତରଦେଲା—କିଏ ତୁମ୍ଭେ ପ୍ରଭୁ !

ସେତେବେଳେ ତାର ସମସ୍ତ ଶରୀର ଥରୁଥିଲା । ମେଷ୍ଟର ମହାପାତ୍ର ଚିଠିଟା ନିଜର ଦେଇ ପକେଟରେ ରଖିଦେଲେ । ସ୍ତ୍ରୀ ଲୋକଟି ସେତେବେଳେ ଅତି ଜୋରରେ ଶ୍ୱାସ ଗ୍ରହଣ କରୁଥିଲା ଏବଂ ନିଜର ଦୁଇହାତକୁ ଛାତି ଉପରେ ରଖିଥିଲା । ନାରାୟଣ ପୁନର୍ବାର ନିଜର ଗମ୍ଭୀର ଚିନ୍ତାରେ ମଗ୍ନ ହୋଇ ଯାଇଥିଲା ।

ମେଷ୍ଟର ମହାପାତ୍ର ଉତ୍ସୁକତାର ସହିତ ଗଦାଧରଙ୍କୁ ଦେଖିବାକୁ ଲାଗିଲେ । ଗଦାଧର କହି ବସିଲା—ବର୍ତ୍ତମାନ କେଇ ମିନିଟ ଆଗେ ଏଠି ବଡ଼ ଏକ ଆଶ୍ଚର୍ଯ୍ୟଜନକ କାଣ୍ଡ ଘଟିଗଲା । ବାହାରେ ପାଖରୁ କୌଣସି ଲୋକ ଏହି କବାଟକୁ ଧକ୍କା ଦେଇ ଖୋଲୁଥିଲା । ତା ଦେହରେ ଚଳନ୍ଦ ଠାରୁ ବି ଅଧିକ ବଳ ଥିଲା । ସହିଲେ ମୁଁ ଶୀଘ୍ର କବାଟ ଖୋଲି ଦେବାକୁ ଏବଂ ପରେ ତା'କୁ ବନ୍ଦ କରିବାକୁ ମୋର ସମସ୍ତ ଶକ୍ତି ପ୍ରୟୋଗ କରି ଚେଷ୍ଟା କଲି । କିନ୍ତୁ ଦୁଇଟିରୁ କୌଣସିଟିରେ ମଧ୍ୟ କୃତକାର୍ଯ୍ୟ ହୋଇ ପାରିଲି ନାହିଁ । ଏହି ସମୟରେ ଆପଣଙ୍କ ଚିଠି ଆଲୁଅ ଦେଖା-ଗଲା । ଦୁଆରର ବାହାର ପାଖକୁ ମଧ୍ୟ ଚିଠି ଆଲୁଅ ଦେଖା ଯାଉଥିଲା ।

ଏହି ସମୟରେ ମଣିରାମର ହାତ ଧରି ଧରି ସୁରସେନ ଘରେ ପ୍ରବେଶ କଲା । ମଣିରାମ ସେ ସମୟକୁ ପୁରାପୁରି ଅଚେତନ ଥିଲେ ।

Digitized by PPRACHIN, SOA

ତୁରନ୍ତ ମିଷ୍ଟର ମହାପାତ୍ର ସୁରସେନଙ୍କୁ ପଚାରିଲେ—କହ ସୁରସେନ ! ଏହି ଦରଜା ବାଟେ ବାହାରକୁ ଯିବା କି କଣ କୌଣସି ଅନ୍ୟ ରାସ୍ତା ଅଛି ?

ସୁରସେନ ଉତ୍ତର ଦେଲା—ଅନ୍ତତଃ ପକ୍ଷେ ମତେ ତ ଏ ପର୍ଯ୍ୟନ୍ତ ଅନ୍ୟ କୌଣସି ରାସ୍ତା ଦେଖା ଯାଉ ନାହିଁ ।

ଯଦି କୌଣସି ଗୋପନୀୟ ରାସ୍ତା ନ ଥାନ୍ତା, ତେବେ ସମ୍ଭବତଃ ଏହି ରାସ୍ତା ବାଟେ ପଳାଇ ଯାଉଥିବା ବ୍ୟକ୍ତି ସହିତ ମୋର ସାକ୍ଷାତ ହୋଇଥାନ୍ତା । କାରଣ ମୁଁ ସେତେବେଳକୁ ଝଟ୍ ଜଳାଇ ଏହି ଆଡ଼େ ଆସୁଥିଲି ।

ନିଶ୍ଚୟ ! ତାହାହିଁ ତ ହେବା ଜରୁରୀ ଥିଲା ।

ବୋଧହୁଏ ତୁମେ ଏହା ନିଶ୍ଚିତ ଭାବରେ କହୁନାହଁ ।

ମିଷ୍ଟର ମହାପାତ୍ର ! କାରଣ ହେଉଛି ଯେ ଏହି ଘର ସମ୍ବନ୍ଧରେ କୌଣସି କଥା ନିଶ୍ଚିତ ରୂପେ କହି ପାରିବ ନାହିଁ । ଏହା ବଡ଼ ବିଚିତ୍ର ସ୍ଥାନ । ଏଇ ଦୁଇଦିନ ତଳେ ଏବେ ଏକ ରାସ୍ତା ଉପରେ ମୋର ନଜର ପଡ଼ିଲା ଯାହାକୁ ଏହି ଘରେ ରହିବା ଦିନ ଠାରୁ ଆଜି ପର୍ଯ୍ୟନ୍ତ ମୁଁ ଦେଖି ପାରି ନ ଥିଲି ।

ମିଷ୍ଟର ମହାପାତ୍ର ଗଦାଧର ଆଡ଼କୁ ଚାହିଁ କହିଲେ—ଆ ଗଦାଧର । କ୍ଷମା ପଛେ ପଛେ ଆ । ତୋ ବେଗ୍‌ରେ ପିସ୍ତଲ ଥିଲେ ବାହାର କର । ମୁଁ ଏ ଘର ଖାନତଲ୍ଲାସ କରିବାକୁ ଚାହେଁ ।

ଯେତେବେଳେ ସେମାନେ ମଣିରାମ ଓ ତାଙ୍କ ସାଥୀମାନଙ୍କୁ ଛାଡ଼ି କିଛି ଦୂରରେ ଯାଇ ପହଞ୍ଚି ଗଲେ, ମିଷ୍ଟର ମହାପାତ୍ର ଗଦାଧର ଆଡ଼କୁ ଚୁପ ପଡ଼ି କହିଲେ—ତୁ ସେତେବେଳେ କେଉଁଠି ଥିଲୁ ଗଦାଧର, ଯେତେବେଳେ ସେ ଦୁଆର ଖୋଲୁଥିଲା ।

ଟିକିଏ ଅପ୍ରତିଭ ହୋଇ ଗଦାଧର ଉତ୍ତର ଦେଲା—ସେତେ-ବେଳେ ମୁଁ ଚୌକି ଉପରୁ ଓଲଟି ପଡ଼ିଥିଲି ।

Digitized by PPRACHIN, SOA

ମୁଣ୍ଡ ହଲାଇ ମିଷ୍ଟର ମହାପାତ୍ର କହିଲେ—ତୁ ନିଜକୁ ବହୁତ ଭାଗ୍ୟବାନ ଭାବିବା ଦରକାର । କାରଣ ତୁ ସେତେବେଳେ ବଲ୍ଡ ହୋଇ ପଡ଼ିଥିଲୁ ।

ଆଶ୍ଚର୍ଯ୍ୟର ସହିତ ତାଙ୍କ ଆଡ଼କୁ ଚାହିଁ ଗଦାଧର କହିଲା—ଏହାର କାରଣ କଣ ?

ମୋତେ ଜଣା ପଡୁଛି ଯେ ତୁ କିଛି ଦେଖିନାହୁଁ ।

କଣ ଦେଖିନାହିଁ ?

କେହି ତୋ ଉପରକୁ ଛୁରୀ ଫୋପାଡ଼ିଥିଲା । ଅଥବା ଗୋଟେ ଛୁରୀ ସେହି ଖୋଲା ଦରଜା ଭିତରକୁ ଫିଙ୍ଗା ଯାଇଥିଲା । ତାହା କୋଠରୀର ପଛ ପଟ କବାଟରେ ଲାଗି ରହିଥିଲା ।

ଗଦାଧରକୁ ବହୁତ ଆଶ୍ଚର୍ଯ୍ୟଜନକ ବୋଧ ହେଲା । ସେ କହିଲା—ମୁଁ ତ କୌଣସି ବ୍ୟକ୍ତିକୁ ଦରଜା ପାଖରେ ଦେଖି ପାରିନାହିଁ । କେବଳ ଆପଣଙ୍କ ଟର୍ଚ୍ଚ ଆଲୁଅହିଁ ମୋତେ ଦେଖା ଯାଉଥିଲା ।

ଗଦାଧର କାନ୍ଧ ଉପରେ ହାତ ରଖି ମିଷ୍ଟର ମହାପାତ୍ର କହିଲେ—ଗଦାଧର ! ଭୂତ ପ୍ରେତ ଛୁରୀ ଫୋପାଡ଼ି ପାରନ୍ତି ନାହିଁ । ଯେତେବେଳେ ଛୁରୀ ଫିଙ୍ଗାଗଲା, ତୁ ସେଠି ତଳକୁ କରି ତଳେ ଗଡ଼ି ପଡ଼ିଥିଲୁ । ଏପରି ଅବସ୍ଥାରେ ଦରଜା ପାଖରେ ଥିବା ବ୍ୟକ୍ତିକୁ ଦେଖିବା ତୋ ପକ୍ଷରେ କୌଣସି ପ୍ରକାର ସମ୍ଭବ ନ ଥିଲା

ମୋତେ ତ ଏଥି ସ୍ୱୀକାର କରିବାକୁ ହେବ ଯେ ସେହି ଘରେ ଅନ୍ୟ କୌଣସି ବ୍ୟକ୍ତି ଅଛି ।

ଅନ୍ତତଃ ଏକ୍ଷେ ସେହିପରି ତ ବୁଝାପଡ଼େ, କିନ୍ତୁ ତୁ ତ ସୁରେନର କହିବା କଥା ଶୁଣିଛୁ ଯେ ଏହି ସ୍ଥାନ ବିଷୟରେ କୌଣସି କଥା ନିଶ୍ଚିତ ଭାବରେ କୁହାଯାଇ ନ ପାରେ । ପୁଣି ବି ସମ୍ଭବ, ଘରର ଗୃହଆଡ଼ ଏତେଦୂର ନିର୍ଜନ ଭାବରେ ବନ୍ଦ ରଖା ଯାଉଥିଲେ ମଧ୍ୟ ଏଥିରେ ଏପରି କୌଣସି ଗୋପନୀୟ ରାସ୍ତା ଅଛି, ଯାହା ଭିତରେ ଦେଇ ମନୁଷ୍ୟ

Digitized by PPRACHIN, SOA

ଅଳ୍ପକ୍ଷଣରେ ଭିତରକୁ ଯା ଆସ କରିପାରେ । ଆମକୁ ଯେ କୌଣସି ପ୍ରକାର ହେଉନା କାହିଁକି, ସେହି ରାସ୍ତାର ଖବର ନବାକୁ ପଡ଼ିବ । ମୋର ମଣିରାମର ପତ୍ର ଉପରେ ଭଲେ ହେଲେ ବିଶ୍ୱାସ ନାହିଁ । ମୋର ଧାରଣା ଯେ ଏହି ଘର ଯେମିତି କି କେତେ ପ୍ରକାର ଦୂରଭିସନ୍ଧିର ଏକ କେନ୍ଦ୍ର ସ୍ଥଳ ।

ତା ପରେ ମିଷ୍ଟର ମହାପାତ୍ର ଗଦାଧରକୁ ନେଇ ସବୁ ଘରର ଖାନତଲାସୀ ଆରମ୍ଭ କରିଦେଲେ । ଏ କାମ ଭାରି କଷ୍ଟସାଧ୍ୟ । କାରଣ ଭିତରକୁ ଯିବା ରାସ୍ତା ଏପରି ଅଙ୍କାବଙ୍କା, ଟେଢ଼ା ଓ ଚ୍ଛନ୍ଦଣି ମନ୍ଦଣି ଭାବରେ ତିଆରି ହୋଇଥିଲା ଯେ, ହୁଏତ କାହାରିକୁ ଜଣା ଯାଇ ପାରିବ ନାହିଁ ଖାନତଲାସୀ ପାଇଁ କୌଣସି କୋଠରୀ ଛାଡ଼ି ହୋଇଗଲା ଅବା କୌଣସି କୋଠରୀକୁ ସେମାନେ ଦୁ'ଥର ଆସିଛନ୍ତି ।

କେତେ ଗୁଡ଼ିଏ ଦୁଆର ଉପରେ କଲ୍‌କବ୍ଜା ପଟା ଦିଆ ଯାଇ ବନ୍ଦ କରା ଯାଇଥିଲା ଏବଂ ଆଉ କେତେକ ଦୁଆର ଖୋଲିଲେ ଘଣ୍ଟା ଯାଉଥିଲା । ଅନେକ ବର୍ଷ ହେଲା ଏ ସବୁ କୋଠରୀ ସଫା କରାଯାଇ ନାହିଁ । ଉଠପଡ଼ ରାସ୍ତା ହେତୁ ଏହା ମଧ୍ୟ ବାରି ହୋଇ ପାରୁ ନ ଥିଲା ଯେ ଏ ସମୟରେ ସେମାନେ ଗୃହର କେଉଁ ମହଲରେ ଅଛନ୍ତି । ସହସା ସେମାନେ ଯାଇ ଏପରି ଏକ କୋଠରୀରେ ପହଞ୍ଚି ଗଲେ ଯାହାର ଝରକା ଫାଙ୍କ ବାଟେ ବାହାରର ଖୋଲା ପବନ ଆଉ ଆଲୋକ ଘର ଭିତରକୁ ପରିଷ୍କାର ବାହାରି ହେଉଥିଲା । ମିଷ୍ଟର ମହାପାତ୍ର ଆହୁରି ଆଶ୍ଚର୍ଯ୍ୟର ସହିତ ଦେଖିଲେ ଯେ ଏହି ଆଲୋକ କେବେ ବନ୍ଦ ହୋଇ ଯାଉଥିଲା ଏବଂ କେବେ ପୁଣି ଜଳି ଉଠୁଥିଲା । କିନ୍ତୁ ଏହାର ଜଳି ଉଠିବା ବା ଲିଭିଯିବା ଯେପରି କୌଣସି ସ୍ଥିର ନିୟମ ଉପରେହିଁ ଚାଲିଥିଲା । ହଠାତ୍ ଗଦାଧର ଆଡ଼କୁ ବୁଲି ପଡ଼ି ସେ କହିଲେ— ଗଦାଧର, ଦେଖ । ଘରର ବାହାରେ ଠିଆ ହୋଇ କୌଣସି ବ୍ୟକ୍ତି

Digitized by PPRACHIN, SOA

କପର ସାଙ୍କେତିକ ଭାଷାରେ ଜଣା ବାଡ଼ି ଭିତରର କୌଣସି ବ୍ୟକ୍ତି ସହିତ କଥାବାର୍ତ୍ତା କରୁଛନ୍ତି ।

କଥା ତ ସେହିପରି କିଛି ଜଣା ପଡ଼ୁଛି । କିନ୍ତୁ ଏ ଘରେ ଏପରି କିଏ ଲୋକ ଅଛି ଯେ ବାହାରର ଲୋକ ସହିତ ଏପରି ଭାବରେ କଥାବାର୍ତ୍ତା କରୁଛି । ମୁଁ କିମା ବୁଝି ପାରୁନାହିଁ ।

ଏଥିରେ ତ ସନ୍ଦେହ ନାହିଁ ଯେ ସେମାନେ ଆମର ସମ୍ବନ୍ଧରେ ହିଁ କଥାବାର୍ତ୍ତା କରୁଛନ୍ତି ।

ଆପଣ କପରି ଜାଣିଲେ ?

ତୁ କଣ ଏ ପର୍ଯ୍ୟନ୍ତ ଏହା ବୁଝି ପାରିଲୁ ନାହିଁ ଯେ ଆମର ଏଠାକୁ ଆସିବା ଘର ଭିତରର କେତେକଙ୍କୁ ଆଦୌ ପସନ୍ଦ ଲାଗୁନାହିଁ

କିନ୍ତୁ ଏହି ଘର ଭିତରୁ କଥାବାର୍ତ୍ତା କରୁଥିବା ବ୍ୟକ୍ତି କିଏ ହୋଇପାରେ ?

ମୋର ସନ୍ଦେହ ତ କାମିନୀ ଉପରକୁ ଯାଉଛି । ମଣିରାମ ଯେପରି ଥିଲା ସେ ସେହିପରି । ନାରାୟଣ ଭଳି ଲୋକଙ୍କୁ ମୁଁ ସେନ ଅତି ବିଶ୍ୱାସୀ । କିନ୍ତୁ ଏ କାମ ସେହି ଦୁଷ୍ଟା କାମିନୀ ବ୍ୟତୀତ ଆଉ କାହାର ନୁହେଁ । ସେହି ସ୍ତ୍ରୀ ପ୍ରଥମ ଦର୍ଶନରୁ ମୋତେ ବଦମାସ ଓ ଚାଲାକ ବୋଧ ହେଉଛି । କାହିଁକି ନା, ସେ ଏହି ଘର ଭିତରେ ବସି ସେହି ସାଙ୍କେତିକ ଶବ୍ଦକୁ ପଢି ତାର ଉତ୍ତର ଦେବାରେ ଲାଗିଛି । ତେଣୁ ଆମକୁ ବହୁତ ସାବଧାନ ରହିବା ଦରକାର । ଏପରିକି ତା ହାତର ଖାଦ୍ୟ ଭୋଜନ କରିବା ବିପଦ-ଜନକ । ଏହି ଘରକୁ ଏକ ଅଦ୍ଭୁତ ଧରଣର ପାଗଳାମି ଓ ଖିଆଲବାଜି ଢଙ୍ଗରେ ତିଆରି କରା ହୋଇଛି । ସମ୍ଭବତଃ ଘରକୁ ତିଆରି କରିବା ବ୍ୟକ୍ତିର ଉଦ୍ଦେଶ୍ୟ ଏହା ଥିଲା ଯେ ପଳାଇବାର ଚେଷ୍ଟା କଲେ ଯେପରି ଅନ୍ୟ କୌଣସି ବ୍ୟକ୍ତି ତାର ଅନୁସରଣ କରି ଗିରଫ୍ତାର କରି ନ ପାରେ ।

Digitized by PPRACHIN, SOA

ଘରର ତଳ ମହଲା ସବୁକୁ ତଲାସ କରସାରି ସେମାନେ ସିଢ଼ି ବାଟେ ଉପରକୁ ଉଠିଲେ । ଏହି ମହଲାଟି ଯେମିତି ଲମ୍ବାଚୌଡ଼ା ସେମିତି ଉଚ୍ଚା ମଧ୍ୟ । ଏକ ସ୍ଥାନରେ ସେମାନେ ଘୂରନ୍ତ କୋଠରୀକୁ ଉପର ହୋଇ ତିଆରି ହୋଇ ଥିବାର ଦେଖି ପାରିଲେ । ସବୁ ଉପର କୋଠରୀ ଉପରେ ଏକା ଘରର ଛାତ ଥାଇ ସ୍ତମ୍ଭ ବୁର୍ଜ ଆକାରରେ ତାହା ଆକାଶକୁ ଉଠି ଯାଇଥିଲା । କିନ୍ତୁ ସେହି କୋଠରୀର ଭିତର କୌଣସି ପ୍ରକାର ଜାଣିବା ସେମାନଙ୍କର ସମ୍ଭବପର ନ ଥିଲା । କାରଣ ସେ କୋଠରୀର ତାଲା ବନ୍ଦ ଥିଲା । ତାହା ସେ କେଉଁଠି ରହିଛି ତାର ବି କୌଣସି ପତ୍ତା ନ ଥିଲା ।

ଏହାପରେ ଘରର ଚାରିଆଡ଼େ କୋଠରୀ ଗୁଡ଼ିକରେ ବୁଲିଚାଲି କରି ସେମାନେ ସୁରସେନ ଓ ଅନ୍ୟମାନଙ୍କ ବସିଥିବା ସ୍ଥାନକୁ ଲେଉଟି ଆସିଲେ । ବହୁତ ଚେଷ୍ଟା କଲେ ମଧ୍ୟ ସେମାନେ ଏପରି କୌଣସି ଦୁଆରର ଅନୁସନ୍ଧାନ ପାଇ ପାରିଲେ ନାହିଁ, ଯେଉଁ ରାସ୍ତାରେ କୋଠା ଭିତରୁ ବାହାରକୁ କେହି ଯା ଆସ କରି ପାରିବ ।

ସୁରସେନ ତୁରନ୍ତ କବାଟ ଭିତରେ ଭୁସି ଯାଇଥିବା ଛୁରୀ ପ୍ରତି ମିଷ୍ଟର ମହାପାତ୍ରଙ୍କର ଦୃଷ୍ଟି ଆକର୍ଷଣ କରି କହିଲା—ଆପଣମାନେ ଯେତେବେଳେ ଏହି ଘର ଭିତରେ ଥିଲେ, ଏହି ଛୁରୀ କେଉଁଠୁ ସେତିକିବେଳେ ଆପଣମାନଙ୍କୁ ଉଦ୍ଦେଶ୍ୟ କରି ଫିଙ୍ଗା ଯାଇଛି । କିନ୍ତୁ ଏ ଯେ କାହାର କାମ, ତାର କୌଣସି ସନ୍ଧାନ ସୁଦ୍ଧା ମିଳୁ ନାହିଁ ।

ମୁଁ ଜାଣିଛି । ମୋ ଆଖି ତା ଉପରେ ମଧ୍ୟ ଆଗରୁ ପଡ଼ି ସାରିଛି—କହି ଦେଇ ମିଷ୍ଟର ମହାପାତ୍ର ଦରଜା ନିକଟରେ ଯାଇ ପହଞ୍ଚିଗଲେ ଏବଂ ସେଥିରେ ଲାଗିଥିବା ଛୁରିକୁ ବାହାର କରି ଦୂରବୀକ୍ଷଣ କାଚ ଦ୍ୱାରା ଅତି ତୀକ୍ଷ୍ଣ ଧ୍ୟାନରେ ପରୀକ୍ଷା କରିବାକୁ ଲାଗିଲେ । ତା ପରେ ସେ ସେହି ଦରଜାକୁ ମଧ୍ୟ କିଛି ସମୟ ପାଇଁ ଲକ୍ଷ କଲେ ଏବଂ ଗଦାଧର ଆଡ଼କୁ ବୁଲିପଡ଼ି କହିଲେ—ଆଚ୍ଛା ।

Digitized by PPRACHIN, SOA

ଗଦାଧର ! ତୁ କହୁଚୁ ଯେ ଏହି ଗୃହକୁ ତାଲ ଦେହରେ ଝୁଲୁଥିବାର ଦେଖି ପାରିଥିଲୁ ?

ଆଜ୍ଞା ହଁ ।

ତେବେ ଠିକ୍ ଜଣା ଅଛି ଯେ ସେତେବେଳେ କବାଟରେ ତାଲ ବନ୍ଦ ଥିଲା ?

ହଁ ! ମୋର ଖୁବ୍ ମନେ ହଉଛି ଯେ ବୁଡୀ ସେଥିରେ ତାଲା ଠୁଙ୍କି ଦେଇଥିଲେ ।

ତେଣୁ କାମିନୀ ଆଡ଼କୁ ବୁଲିପଡ଼ି ମିଷ୍ଟର ମହାପାତ୍ର ପ୍ରଶ୍ନ କଲେ— ଏ କଥା କଣ ସତ ଯେ ତୁମେ ଦରଜାରେ ତାଲା ବନ୍ଦ କରିଥିଲ ?

ହଜୁର, ହଁ ।

ତୁମେ ଏହା କାହିଁକି କଲ ?

ସର୍ବଦା ସତର୍କ ରହିବାଟା ଆମର କର୍ତ୍ତବ୍ୟ ହୋଇ ଯାଇଛି ।

ତେବେ ବିପଦ ବା କଣ ?

କାମିନୀ ଏ କଥାର କୌଣସି ପ୍ରତ୍ୟୁତ୍ତର ନ ଦେଉଣୁ ମଣିଗ୍ରାମ କହି ଉଠିଲେ—ମୁଁ ଆପଣଙ୍କୁ ପତ୍ର ଦ୍ୱାରା ଏହା ଜଣାଇ ସାରିଛି, ମିଷ୍ଟର ମହାପାତ୍ର । ଏହି ଘରେ ବିଚିତ୍ର ବିଚିତ୍ର ଘଟଣାସବୁ ଦେଖିବାକୁ ମିଳୁଛି । ପହିଲେ ବି କେତେକ ବାର ଏହି ଦୁଆର ଏପରି ଭାବରେ ଖୋଲି ଯାଇଥିଲା ।

ସୁରସେନ ଆଡ଼କୁ ବୁଲିପଡ଼ି ମିଷ୍ଟର ମହାପାତ୍ର ପ୍ରଶ୍ନ କଲେ— ତୁମେ ବି କଣ ନିଜ ଆଖିରେ କେବେ ଏପରି ଘଟଣା ଦେଖିବାକୁ ପାଇଛ ?

ହଁ, ହଜୁର, ବହୁତ ବାର !

ମଣିଗ୍ରାମ—ଆପଣ ବ୍ୟସ୍ତ ହେଉନ୍ତୁ ନାହିଁ ଦିନେ ଦି ଦିନ ଏଠି ରହିଗଲେ ଆପଣ ସ୍ୱୟଂ ନିଜ ଆଖିରେ ଏ ବିଚିତ୍ର ତାମସା ଦେଖି ପାରିବେ ।

Digitized by PPRACHIN, SOA

ମିଷ୍ଟର ମହାପାତ୍ର ଚୁପ୍ ଚାପ୍ ଗୋଟିଏ ଚୌକି ଉପରେ ଯାଇ ବସି ପଡ଼ିଲେ । ତା ପରେ କହିଲେ—ଆଚ୍ଛା ! ବର୍ତ୍ତମାନ ଭୋଜନର ବ୍ୟବସ୍ଥା କରାଯିବା ଉଚିତ ।

ମଣିରାମ ଚମକି ଉଠି କହିଲା—ଭୋଜନ !

ତା କହିବା ଢଙ୍ଗରୁ ଏପରି ବୁଝାଗଲା ଅନ୍ତତଃ ଯେପରି ସେ କେତେ ବର୍ଷ ହେଲା ଏ ଶବ୍ଦ ଶୁଣିବାକୁ ପାଇ ନାହିଁ । ଏହି ସମୟରେ ସୁରସେନ ଉତ୍ତର ଦେଲା—କଥା ଏୟା ମିଷ୍ଟର ମହାପାତ୍ର ! ଭୋଜନ ଲାଗି ଆମ୍ଭମାନଙ୍କୁ ସେହି ଟିଣ ଭିତରେ ବନ୍ଦ ହୋଇଥିବା ଜିନିଷ ସବୁ ଦେଖିବାକୁ ମିଳେ । ଆମ୍ଭମାନଙ୍କୁ ଏହିସବୁ ଜିନିଷ ଦ୍ୱାରା ଉଦର ଜ୍ୱାଳା ପୂର୍ଣ୍ଣ କରିବାକୁ ପଡ଼େ ।

କିନ୍ତୁ ଆମ୍ଭମାନଙ୍କର ତ ଏ ଶୁଖା ମାଛ ମାଂସରେ କାମ ଚଳିବ ନାହିଁ, ଭାଇ !

ମଣିରାମଙ୍କୁ ଏ କଥା ଯେପରି ଅତି ଖରାପ ବୋଧ ହେଲା । ସେ ତୁରନ୍ତ ଜବାବ ଦେଇ ଉଠିଲା—କଥା କଣ କି ମିଷ୍ଟର ମହାପାତ୍ର, ଆମ୍ଭମାନଙ୍କ ପାଖରେ ବର୍ତ୍ତମାନ ଭୋଜନ ଲାଗି ଯେଉଁ ଭଲ ଜିନିଷ ଅଛି, ତାହାହିଁ ଆପଣମାନଙ୍କୁ ଦିଆ ଯାଉଛି । ଯେପରି କଠିନ ସମସ୍ୟା ଭିତରେ ଆମ୍ଭମାନଙ୍କର ବର୍ତ୍ତମାନ ଜୀବନ ଅତିବାହିତ ହେଉଛି, ସେଥିରୁ ଆପଣ ସ୍ୱୟଂ ଜାଣି ପାରିବେ ଯେ ଏହା ବ୍ୟତୀତ ଆମ୍ଭେମାନେ ଅନ୍ୟ କୌଣସି ବ୍ୟବସ୍ଥା କରି ପାରିବୁ ନାହିଁ ।

ମିଷ୍ଟର ମହାପାତ୍ର କଠିନ ସ୍ୱରରେ କହିଲେ—ଏହି କଥା ଶୁଣି ଶୁଣି ମୋ କାନ ଭରି ଯାଇଛି । ମୁଁ ତୁମକୁ ସାବଧାନ କରି ଦେଉଛି ମିଷ୍ଟର ମଣିରାମ କି ଏଠାର ରହସ୍ୟ ଅଧିକ ଦିନ ପର୍ଯ୍ୟନ୍ତ ମୋ ପାଖରେ ଛପି ରହି ପାରିବ ନାହିଁ । ଏହା ସହିତ ମୁଁ ଏଠାରେ ରହିଥିବା ଅନ୍ୟ ଲୋକମାନଙ୍କୁ ମଧ୍ୟ ସାବଧାନ କରି ଦେଉଛି ଯେ ସେମାନେ ମୋ କଥାକୁ ଖୁବ୍ ମନ ଦେଇ ଶୁଣନ୍ତୁ ।

Digitized by PPRACHIN, SOA

ତାଙ୍କର ଏ କଥାରେ କେହି କୌଣସି ପ୍ରକାର ଉତ୍ତର ଦେଲେ ନାହିଁ। କାମେଶାର ମୁଣ୍ଡ ଉପରେ ଏହା ଅବଶ୍ୟ ଟିକିଏ ଘୃଣା ହୋଇଥିଲା, ତେଣୁ ସେ ଚମକି ଉଠିଲା। ମଣିରାମ କହି ପକାଇଲା—ମତେ ଯେଉଁ-ତିକି ଜଣା ଅଛି ତାହା କହିବାରେ ମୋର ତିଳେ ହେଲେ ଆପତ୍ତି ନାହିଁ ମିଷ୍ଟର ମହାପାତ୍ର।

ତୁମକୁ ଯାହା କିଛି ଜଣା ଅଛି ସେଥିରେ ମୁଁ ସନ୍ତୁଷ୍ଟ ରହି ପାରେନା। ମୁଁ ପରିଷ୍କାର ଜାଣି ସାରିଲିଣି ଯେ ତୁମକୁ ବି ଏ ପର୍ଯ୍ୟନ୍ତ ଏଠାର ଅସଲ ରହସ୍ୟ ଜଣା ନାହିଁ।

ମଣିରାମ ଟିକିଏ ଉତ୍ତେଜିତ ହୋଇ କହିଲା—ଆପଣ ଏହା କାହିଁକି କହୁଛନ୍ତି ମିଷ୍ଟର ମହାପାତ୍ର! ମତେ ଛାଡ଼ିଦେଲେ ଏଠାର ହାଲଚାଲ ବା ଆଉ ଜାଣେ କିଏ? ମୁଲସର ସହାୟତା କରିବା ଫଳରେ ଯେଉଁ ଦି ଜଣ ଜେଲଖାନାକୁ ଯାଇଥିଲେ, ସେମାନେ ବର୍ତ୍ତମାନ ଫେରି ଆସିଛନ୍ତି। ମୋର ଧାରଣା ସେମାନେ ଯେପରି ମୋ ଜୀବନ ନେବା ଲାଗି ଚିରଙ୍କଳ୍ପ କରି ଲାଗି ପଡ଼ିଛନ୍ତି।

ବରଂ ତୁମର ଏହା କହିବା ଉଚିତ, ତୁମେ ତୁମର ଦି ସାଥୀଙ୍କ ସହିତ ବିଶ୍ୱାସଘାତକତା କରିଛ। ତେଣୁ ବର୍ତ୍ତମାନ ଡରୁଛ। ହୁଏତ ସେମାନେ କୌଣସି ଉପାୟରେ ତାର ପ୍ରତିଶୋଧ ନେଇ ପାରନ୍ତି। ଏହି ଘଟଣା ଦେଖି ତୁମେ ମୋ ଠାରେ ନିଜ ରକ୍ଷା ପାଇଁ ଶରଣ ପଶିଲ ଏବଂ ତୁମର ସେହି ପ୍ରାର୍ଥନା ଗ୍ରହଣ କରି ମୁଁ ଏଠାକୁ ଆସିଲି। ବର୍ତ୍ତମାନ ମୁଁ ସୁବିଧା ଦେଖିଲେ ଏଠାରେ ରହି ପାରିବି।

ଏତିକି କହୁଁ କହୁଁ ମିଷ୍ଟର ମହାପାତ୍ରଙ୍କର ସ୍ୱରର ତେଜ ବଢ଼ିଗଲା। ସେ କଡ଼ା ସ୍ୱରରେ କହିଲେ—କିନ୍ତୁ ମଣିରାମ! ଏ କଥା ମନେ ରଖ, ଯଦି ସେ ଦୁଇଜଣ ତୁମ ସାଥିରେ କିଛି କଠୋର ବ୍ୟବହାର କରନ୍ତି ତେବେ ସୁଦ୍ଧା ମୋର ଦାୟୀ ହେବ ନାହିଁ, କାରଣ ତୁମେ

Digitized by PPRACHIN, SOA

ପ୍ରଥମେ ସେମାନଙ୍କ ସହିତ ବିଶ୍ୱାସଘାତକତା କରିଛ ଏବଂ ଏହି ବିଶ୍ୱାସ-ଘାତକତା ଜିନିଷଟାକୁ ଚୋରି ଆଉ ଡାକୁଙ୍କ ଭିତରେ ବି ଦେଖିବାକୁ ମୁଁ ଭଲ ପାଏ ନାହିଁ ।

ମଣିରାମ ଉତ୍ତେଜିତ ସ୍ୱରରେ ଜବାବ ଦେଲା—ଏ ପ୍ରକାର କଥା ଶୁଣି ମତେ ଭାରି ଆଶ୍ଚର୍ଯ୍ୟ ବୋଧ ହେଉଛି, ମିଷ୍ଟର ମହାପାତ୍ର ! ଏପରି ଜଣେ ଭଦ୍ରବ୍ୟକ୍ତିଙ୍କ ମୁହଁରୁ ଯାହାକୁ କି ମୁଁ ପଇସା ଦେଇ···।

ସହସା ତା କଥାରେ ବାଧା ଦେଇ ମିଷ୍ଟର ମହାପାତ୍ର କହିଲେ—ତୁମେ ବୁଝିନାହଁ ମଣିରାମ, ମୁଁ ଏ କାମ ଲାଗି ତୁମଠାରୁ ପଇସା ନେବି ? ତେଣୁ ତୁମର ବୁଝିବା ଉଚିତ, ତୁମର ଏହି ଧାରଣା ନିତାନ୍ତ ଭ୍ରମମୂଳକ । ମୋର ଏଠାକୁ ଆସିବାର ଦୁଇଟା କାରଣ ଅଛି । ଏକେତ ଏକ ସମୟରେ ତୁମେ ମୋର ଏପରି ଗୋଟିଏ ଉପକାର କରିଥିଲ, ଯାହା ଅତ୍ୟନ୍ତ କ୍ଷୁଦ୍ର ହେଲେ ମଧ୍ୟ ମୋ ପକ୍ଷରେ ତାହା ନିତାନ୍ତ ଦରକାରୀ ହୋଇ ଉଠିଛି । ଦ୍ୱିତୀୟତଃ ଏ ଭଳି କାମରେ ମୋର ନିଜର ବି ବହୁତ ସଉକ ତୁମକୁ ବୋଧହୁଏ ଜଣା ନ ଥିବ ପ୍ରାୟ ବର୍ଷକ ପୂର୍ବେ ଏହି ଆଖ ପାଖ ସ୍ଥାନମାନଙ୍କରୁ ଏପରି ଭୟଙ୍କର ଡକେଇତି ଚୋରି ହୋଇଛି, ଯାହାର ଅନୁସନ୍ଧାନ ପାଇଁ ଏ ପର୍ଯ୍ୟନ୍ତ ଅନ୍ୱେଷଣ ଓ ଅନୁସନ୍ଧାନରେ ଲାଗିଛି । ତେଣୁ ମୋର ଏଠାକୁ ଆସିବାର କାରଣ ଭିତରେ ଏହି ଆଶା ମଧ୍ୟ ଅଛି । ହୁଏତ ମୁଁ ତାର କିଛି ସୂତ୍ର ପାଇ ଯାଇପାରେ ଓ ପୁଲିସକୁ ସହାୟତା କରିପାରେଁ । ଆଶାକରେ ବର୍ତ୍ତମାନ ତୁମେ ମୋର ତାତ୍ପର୍ଯ୍ୟ ଭଲଭାବରେ ବୁଝି ପାରୁଥିବ । ମୋର ଏଠାରେ ଆଉ ଅନ୍ତତଃ ଦୁଇ ଦିନ ରହିବାର ଇଚ୍ଛା । ଦୁଇ ଦିନ ଭିତରେ ମୁଁ ଏହି ଘଟଣା ବୁଝିବାକୁ ପ୍ରଯତ୍ନ କରିବି, ବାସ୍ତବରେ ତୁମକୁ ତୁମର ସେହି ଦୁଇ ସାଥିଙ୍କୁ ଭୟ କରିବାର କୌଣସି କାରଣ ଅଛି କି ନାହିଁ । ପୁନଶ୍ଚ ଏହି ରହସ୍ୟରେ ମୋର ପୂର୍ବୋକ୍ତ ଚୋରି ଘଟଣାର କିଛି ସମ୍ବନ୍ଧ ଅଛି କି ନାହିଁ ।

Digitized by PPRACHIN, SOA

ଏହି ସମୟରେ ସୂରସେନ କହି ଉଠିଲା—ମିଷ୍ଟର ମହାପାତ୍ର ! କିନ୍ତୁ ଆପଣ ତ ଜାଣନ୍ତି ଯେ ମଣିରାମର ଜୀବନ ବର୍ତ୍ତମାନ ବିପଦର ମଝିରେ ଏବଂ ତାର ଯଥେଷ୍ଟ ପ୍ରମାଣ ମଧ୍ୟ ଆପଣ ପାଇ ସାରିଛନ୍ତି । ଆମ ଢହିଙ୍କ ଉପରେ ଆକ୍ରମଣ ବି ହୋଇ ସାରିଛି । 'ଆକ୍ରମଣ' କହୁଁ କହୁଁ ମଣିରାମ ବଡ ଜୋର୍‌ରେ ଥରି ଉଠିଲା । ମିଷ୍ଟର ମହାପାତ୍ରଙ୍କର ସେହି ତୀର କମାଣଧାରୀ ବ୍ୟକ୍ତି ସହିତ ସଂଘର୍ଷ ହେବାର ଖବର ଉଣା ଅଧିକ ଶୁଣି ସାରିଥିଲା । ଏ ଘଟନା ବର୍ତ୍ତମାନ ତାର ପୁନଶ୍ଚ ସ୍ମରଣ ଆସିବାରୁ ସାରା ଭୟରେ ତାର ସର୍ବାଙ୍ଗ କମ୍ପି ଉଠିଲା ।

ମିଷ୍ଟର ମହାପାତ୍ରଙ୍କ ଉପରେ ଏହି ଘରର ବାହାରେ ଯେଉଁ ତୀର ଦ୍ୱାରା ଆକ୍ରମଣ ହୋଇଥିଲା, ସେ ସେହି ତୀର ଓ ତାଙ୍କ ଓଭରକୋଟ ଗୋଟେ କଣରେ ସାଇତି ରଖିଥିଲେ । ସହସା ସୁରସେନ ସେହି ଆଡ଼କୁ ଅଙ୍ଗୁଳି ନିର୍ଦ୍ଦେଶ କରି ତାହା ଦେଖାଇ ଦେଲା ।

କାମିନୀ ମୁହଁରୁ ଏକ ଦୀର୍ଘଶ୍ୱାସ ବାହାରି ଆସିଲା । ମିଷ୍ଟର ମହାପାତ୍ର ବୁଲିପଡ଼ି ଦେଖିଲେ, ସେ ଭୟଭୀତ ସେହି ତୀର ଆଡ଼କୁ ଚାହିଁ ରହିଛି । ହଠାତ୍ ତା ମୁହଁରୁ ବାହାରି ପଡ଼ିଲା—ଆରେ ! ଏଇ ତୀରତ ! ଏଇ ତୀରତ !

ଚୋରି

ସେହି ଖାର ଏଠାରେ ଉପସ୍ଥିତ ଜନତା ମଣ୍ଡଳୀଙ୍କ ମନରେ ଭୀତର ସଂଚାର କଲା । ତେବେ ଘଟଣା କଣ ?—ଏହା କହି ଦେଇ ମିଷ୍ଟର ମହାପାତ୍ର ତାକୁ ନିଜ ହାତରେ ଉଠେଇ ନେଲେ ଏବଂ କହିଲେ—କଣ ? ଏହି ଭଳି ଖାର ଆପଣମାନେ କେବେ ଯୁ ପୂର୍ବରୁ ଦେଖିବାକୁ ପାଇଥିଲେ ?

ସହସ୍ର ଉତ୍ତର ଦେଲା—ଏହି ଖାର ତ ସେହି ଖାରକମାଣଧାରୀ ବ୍ୟକ୍ତି ଫିଙ୍ଗିଥିବ ।

ସେହି ଖାରକମାଣଧାରୀ ବ୍ୟକ୍ତି ଫିଙ୍ଗିଥିବ ! ତେବେ ସେ ବ୍ୟକ୍ତି ବା କିଏ ?—ଏତକ କହି ଦେଇ ମିଷ୍ଟର ମହାପାତ୍ର ସୁରସେନ ଆଡକୁ ଚାହିଁ ରହିଲେ ।

ସୁରସେନ ତୁରନ୍ତ ଆସି ତାଙ୍କ ସମ୍ମୁଖରେ ଠିଆ ହେଲା ଏବଂ ଅତ୍ୟନ୍ତ ଗମ୍ଭୀର ସ୍ୱରରେ କହିଲା—ଘଟନା ଏହି ଯେ ମିଷ୍ଟର ମହାପାତ୍ର, ଏହି ଘର ଓ ଏହାର ଆଖପାଖ ସ୍ଥାନ ବିଷୟରେ ଲୋକଙ୍କର ଧାରଣା, ଏହି ଖାରକମାଣଧାରୀ ବ୍ୟକ୍ତି ମଧ୍ୟ ସେହି ଜୀବମାନଙ୍କ ଭିତରୁ ଜଣେ । ଘରର ନିକଟବର୍ତ୍ତୀ ମଇଦାନରେ ତାକୁ ଅନେକବାର ବୁଲୁଥିବାର ଦେଖା ଯାଇଛି ।

Digitized by PPRACHIN, SOA

ଅସମ୍ମତି ସୂଚକ ମସ୍ତକ ହଲଉ ହଲଉ ମିଷ୍ଟର ମହାପାତ୍ର କହିଲେ—ଯଦି ଏହି ଘଟନା କେବଳ ହୋଇଥାଏ ତେବେ ତୁମମାନଙ୍କ ମନରୁ ବୃଥା ସନ୍ଦେହ ଦୂର କରିଦେବା ଉଚିତ। କୌଣସି ଭୂତ ପ୍ରେତ ଏ ଘର ଡିଙ୍ଗି ପାରେ ନା।

ମଣିଭ୍ରମ ତୁରନ୍ତ ତାଙ୍କୁ ପଚାରି ବସିଲା—ତେବେ ଆପଣ କଣ ତାକୁ ଦେଖିଛନ୍ତି ?

ନା, ଦେଖି ନାହିଁ ଅବଶ୍ୟ, କିନ୍ତୁ ବୁଦ୍ଧିରେ ଅନୁମାନ କରି ପାରୁଛି। ଘର ଚଳାଇବାର ସ୍ୱର ଏବଂ ଫଳତଃ ଏ ଘରଟି ଯେତେବେଳେ ମୋତେ ମିଳିଲା, ସେତେବେଳେ ମୁଁ ବୁଝି ପାରୁନାହିଁ ଯେ ଯାକୁ କିପରି ଭୂତପ୍ରେତଙ୍କର କାମ ବୋଲି କହିବ।

ତେବେ କଣ ଆପଣ ତାର ଅନୁସନ୍ଧାନରେ ବାହାରିବେ ?

ଏଥିରେ ବା ସନ୍ଦେହ କଣ ?

ଏହି ଅନ୍ଧାର ରାତିରେ ?

ଇଚ୍ଛା ତ ମୋର ସେହିପରି।

କିନ୍ତୁ ମୁଁ ତୁମକୁ ଏପରି କରିବାକୁ ଚେଷ୍ଟିତ ହେଲେ ଅନୁମତି ଦେବ ନାହିଁ।

ତୁମେ ଏହା ଜାଣି ରଖିବା ଉଚିତ, ମୁଁ ଏ ସ୍ଥାନରେ କାହାରି ଅନୁମତି ନେଇ କୌଣସି କାମ କରିବାକୁ ଆସିନାହିଁ। ବରଂ ତୁମକୁ ରକ୍ଷା କରିବାକୁ ଆସିଛି। ଯଦ୍ୟପି ଏ କାର୍ଯ୍ୟ ମୋର ଢଙ୍ଗେ ହେଲେ ପସନ୍ଦ ପଡୁନାହିଁ, ତଥାପି ଏହାକୁ ମୁଁ ହାତକୁ ନେଇ ସାରିଛି। ଏହାକୁ ପୂର୍ଣ୍ଣ କରି ସାରିବା ପର୍ଯ୍ୟନ୍ତ ଏଥିରେ ଲାଗି ରହିବ। କିନ୍ତୁ ମୁଁ ସବୁବେଳେ ନିଜର ଢଙ୍ଗ ଓ ଇଚ୍ଛା ଅନୁସାରେ କାର୍ଯ୍ୟ କରିବ। ହଁ, ଯଦି ତୁମକୁ ମୋ କାମର ଢଙ୍ଗ ପସନ୍ଦ ଆସୁନାହିଁ, ତେବେ ମୁଁ ବର୍ତ୍ତମାନ ସୁଦ୍ଧା ଫେରି ଯିବାକୁ ପ୍ରସ୍ତୁତ ଅଛି।

ମିଷ୍ଟର ମହାପାତ୍ରଙ୍କର କଥା ଶୁଣି ମଣିଭ୍ରମର ମନ ଏକାବେଳକେ ଥଣ୍ଡା ହୋଇଗଲା। ତେଣୁ ସେ ଅତି ବିନୀତଭାବରେ କହିବାକୁ ଲାଗିଲା

Digitized by PPRACHIN, SOA

—ନା, ନା, ମିଷ୍ଟର ମହାପାତ୍ର ! ଆପଣ ଏପରି ଅବସ୍ଥାରେ ମୋତେ ଛାଡ଼ି ଦେଇ ଯାନ୍ତୁ ନାହିଁ । ମୁଁ ଆପଣଙ୍କର କୌଣସି କାର୍ଯ୍ୟରେ ବାଧା ଦେବି ନାହିଁ । ମୁଁ ଏ ପର୍ଯ୍ୟନ୍ତ ଯେଉଁ ସବୁ କଥା କହି ଆସିଛି ସେ ସବୁ କ୍ଷମା କରନ୍ତୁ । ଯେ କୌଣସି ଉପାୟରେ ହେଉ ମୋର ରକ୍ଷାର ପ୍ରତିବିଧାନ କରନ୍ତୁ । ଆପଣ ଜାଣନ୍ତି ନାହିଁ, ମୋ ଜୀବନ କେତେଦୂର ବିପଦସଂକୁଳ ।

ମିଷ୍ଟର ମହାପାତ୍ର ସେହିପରି କଡ଼ା ଶବ୍ଦରେ ଉତ୍ତର ଦେଲେ—ହଁ, ପହିଲେ ମୋତେ କିଛି ଖାଇବାକୁ ଦିଅ । ତା ବାଦେ ମୋତେ ପରିଷ୍କାର ଭାବରେ ତୁମର ପରିସ୍ଥିତି ବିଷୟ ବୁଝାଇ ଦିଅ । କିନ୍ତୁ ମନେ ରଖ, ଏହି ଶୁଖା ମାଂସ ମୁଁ କେବେହେଁ ଖାଇବି ନାହିଁ ।

ମଣିରାମ ଉତ୍ତର ଦେଲା—ମୋର ଦୁଃଖ ହୁଏ ମିଷ୍ଟର ମହାପାତ୍ର, ଆପଣ ଏ ପର୍ଯ୍ୟନ୍ତ ଆମ୍ଭମାନଙ୍କର ପ୍ରକୃତ ଅବସ୍ଥା ବୁଝିଲେ ନାହିଁ । ଆମ୍ଭେମାନେ ବର୍ତ୍ତମାନ ସମୟରେ ଏକ ପ୍ରକାର ଗୃହଆଡୁ ଅବରୁଦ୍ଧ ହୋଇ ଅଛୁଁ । ଗାଁର ଅନ୍ୟ ମୁଣ୍ଡରେ ଗୋଟିଏ ମାଂସ ଦୋକାନ ଅଛି । ଏତେଦୂର ଯାଇ ଆଣିବା କୌଣସି ମତେ ସମ୍ଭବପର ନୁହେଁ ।

ତୁରନ୍ତ ସୁରସେନ ଆଡ଼କୁ ବୁଲି ପଡ଼ି ମିଷ୍ଟର ମହାପାତ୍ର କହିଲେ—ସୁରସେନ ! ତୁମେ ଯାଅ ତ, ସେହି କଂସେଇ ଦୋକାନରୁ ମାଂସ ନେଇ ଆସିବ ।

ବହୁତ ଆଚ୍ଛା, ହଜୁର !—କହି ଦେଇ ସୁରସେନ ତତ୍‌କ୍ଷଣାତ୍ ଯିବା ଲାଗି ତିଆରି ହୋଇଗଲା । କିନ୍ତୁ ମଣିରାମ ତାକୁ ରୋକି ଦେଇ କହିଲା—ନା ନା ସୁରସେନ, ମୁଁ ତୁମକୁ ଏତେବେଳେ ବାହାରକୁ ଯିବାର ଅନୁମତି କୌଣସି ପ୍ରକାରେ ହେଲେ ଦେଇ ପାରିବି ନାହିଁ । ସକାଳ ହେଲେ ଯେ କୌଣସି ପ୍ରକାରେ ବନ୍ଦୋବସ୍ତ କରାଯିବ ।

ତାର କୌଣସି କଥା ଆଡ଼େ ଧ୍ୟାନ ନ ଦେଇ ମିଷ୍ଟର ମହାପାତ୍ର

Digitized by PPRACHIN, SOA

କହି ଉଠିଲେ—ଯଦି ସୁରସେନ ଯିବାକୁ ନ ଚାହେଁ, ତେବେ ମୁଁ ସ୍ୱୟଂ ଯିବାକୁ ପ୍ରସ୍ତୁତ ଅଛି ।

ଆଶ୍ଚର୍ଯ୍ୟର ଭାବ ଦେଖାଇ ମଣିରାମ କହିଲା—ଆପଣ ନିଜେ ଯିବାକୁ ତିଆର ହୋଇ ଗଲେଣି ? ଆପଣଙ୍କ ମସ୍ତିଷ୍କ ଖରାପ ନାହିଁ ?

ମିଷ୍ଟର ମହାପାତ୍ର ଉତ୍ତର ଦେଲେ—ନାଁ, ମୋର ମସ୍ତିଷ୍କ ବିଲ୍‌କୁଲ ଠିକ୍ ଅଛି । ମୁଁ ନିଶ୍ଚୟ ଯିବି । କୁକୁରକୁ ବି ସାଙ୍ଗରେ ନେଇ ଯିବି ।

ମିଷ୍ଟର ମହାପାତ୍ରଙ୍କର ଏହି ଶେଷ ଜବାବ ଲୋକମାନଙ୍କ ଉପରେ ଏକ ଗମ୍ଭୀର ଭାବର ରେଖାପାତ କଲା । ସୁରସେନ କହି ଉଠିଲା—ଏ କୁକୁରଟି ବହୁତ ବଦମାସ ମିଷ୍ଟର ମହାପାତ୍ର ! ଏ ଆପଣଙ୍କୁ ଏକଦମ ବିପଦରେ ପକାଇ ଦେବ ।

ଜୋତା ପିନ୍ଧୁ ପିନ୍ଧୁ ମିଷ୍ଟର ମହାପାତ୍ର କହିଲେ—ମୋତେ ଏହି ଭଳି କୁକୁର ଭାରି ପସନ୍ଦ ଲାଗେ ।

ଠିକ ଏହି ସମୟରେ ସେ ସ୍ତ୍ରୀଟି ପୁଣି କହି ଉଠିଲା—ଯଦି ସେ ଯାଉଛନ୍ତି, ତେବେ ସ୍ୱାଙ୍କୁ କାହିଁକି ନେଇ ଯାଉ ନାହାନ୍ତି ?

ଜୋତା ପିନ୍ଧି ସାରିବା ପରେ ମିଷ୍ଟର ମହାପାତ୍ର ଓଭରକୋଟଟା ଗଳେଇ ମୁଣ୍ଡରେ ଟୋପି ଦେଇ ଗଦାଧର ଆଡ଼କୁ ଚାହିଁ କହିଲେ—ତୁମକୁ ଏଇଠି ରହିବାକୁ ହେବ, ଗଦାଧର ! ମୁଁ ଅଧିକ ବିଳମ୍ବ କରିବି ନାହିଁ । ଯଦି ଭାଗ୍ୟ ଭଲ ଥିବ ତ ମୁଁ ଖୁବ୍ ସୁଆଦିଆ ମାଂସ ନେଇ ଏଇକ୍ଷଣି ଭଲ ଅବସ୍ଥାରେ ଫେରି ଆସିବି ।

ଏତିକି କହି ଦେଇ ମିଷ୍ଟର ମହାପାତ୍ର ସୁରସେନ ଆଡ଼କୁ ବୁଲି ପଡ଼ି କହିଲେ—ଆଚ୍ଛା ସୁରସେନ ! କହ ତ ସେ କୁକୁର କେଉଁଠି ଅଛି ଓ ତା ନାଁ କଣ ? ବୋଧହୁଏ ତୁମେ ତାକୁ ପ୍ରିନ୍ସ ବୋଲି ଡାକୁଥିଲ ।

କହି ଦେଇ ମିଷ୍ଟର ମହାପାତ୍ର କୋଠରୀର ବାହାରକୁ ଚାଲିଗଲେ ଏବଂ ଅନ୍ୟ ଏକ ଘରର ପଛ ପଟ କବାଟ ଖୋଲି ବହୁତ ଜୋରରେ ଡାକିବାକୁ ଲାଗିଲେ—ପ୍ରିନ୍ସ, ଏ ଆଡେ଼ ଆ ।

Digitized by PPRACHIN, SOA

ସେଇ କୋଠରୀରେ ବସିଥିବା ଦଶଜଣଙ୍କ ଭିତରୁ ଜଣେ ଅନ୍ୟର ମୁହଁକୁ ଚାହିଁବାକୁ ଲାଗିଲେ । ମଣିରାମ ଦୃଢ଼ସ୍ୱର ସହିତ କହିଲା—ମୋତ ସେ କୁକୁର ପ୍ରତି ତିଳେ ହେଲେ ଭୟ ନାହିଁ ।

ସ୍ତ୍ରୀଲୋକଟି ଜବାବ ଦେଲା—ଏ ଯେ ସେ କୁକୁରର ସ୍ୱଭାବ ସହିତ ଆଦୌ ପରିଚିତ ହୋଇ ନାହାନ୍ତି ।

କିନ୍ତୁ ସୁରସେନ ମିଷ୍ଟର ମହାପାତ୍ରଙ୍କ ସହିତ କୋଠରୀର ବାହାରକୁ ଚାଲି ଯାଇଥିଲା । ସେ ପ୍ରିନ୍ସକୁ ଡାକିବା ଶୁଣି ଅତି ଶୀଘ୍ର କହି ପକାଇଲା—ରୁହନ୍ତୁ, ରୁହନ୍ତୁ, ମିଷ୍ଟର ମହାପାତ୍ର । ତାକୁ କେବେହେଁ ଡାକନ୍ତୁ ନାହିଁ । ସେ ବାସ୍ତବିକ ଖୁବ ଭୟଙ୍କର ଜନ୍ତୁ ।

ତା କଥା ଶେଷ ନ ହେଉଣୁ, ସେହି ଭୟଙ୍କର ଜନ୍ତୁଟି ଅନ୍ଧାରରେ ସେ କୁକୁର ଝପଟି ଆସି ମିଷ୍ଟର ମହାପାତ୍ରଙ୍କ ଉପରେ ଚଢ଼ିଗଲା ଏବଂ ତାର ପିନ୍ ଭଳି ବଡ ବଡ ତୀକ୍ଷ୍ଣ ଦାନ୍ତ ମିଷ୍ଟର ମହାପାତ୍ରଙ୍କ ଲୁଗା ଭିତରେ ଗଳାଇ ଦେଲା ।

ସୁର[illegible] ତୁରନ୍ତ କୁକୁରକୁ କଡ଼ା ଭାବରେ ଆଦେଶ କରି ଅଲଗା ହୋଇ ଯିବାକୁ କହିଲା । କିନ୍ତୁ ମିଷ୍ଟର ମହାପାତ୍ର ସେ କୁକୁରର ହିଂସ୍ରକତା ପ୍ରତି ଟିକେ ହେଲେ ନଜର ନ ଦେଇ ଭୂଇଁ ଉପରେ ଆଣ୍ଠେଇ ପଡ଼ିଲେ ଏବଂ ନିଜ ହାତରେ ତା ମୁହଁ ଆଉଁସିବାକୁ ଲାଗିଲେ ।

ଧୀରେ ଧୀରେ କୁକୁରର ଦାନ୍ତ ତା ଓଠ ଭିତରେ ଲୁଚିଗଲା ଏବଂ ଉପରକୁ ଠିଆ ହୋଇଥିବା କାନ ଯଥାସ୍ଥାନରେ ଝୁଙ୍କି ପଡ଼ିଲା । ମିଷ୍ଟର ମହାପାତ୍ର ଉଠିଯାଇ ଠିଆ ହେଲେ ଏବଂ କୁକୁରକୁ ଟେଢ଼ ଶୁଣାଇ ଶୁଣାଇ ଆଗକୁ ବଢ଼ି ଚାଲିଲେ—ଆ ପ୍ରିନ୍ସ ! ମୋ ସାଙ୍ଗରେ ଆ ।

ସୁରସେନ ଏହା ଦେଖି ଅତ୍ୟନ୍ତ ଆଶ୍ଚର୍ଯ୍ୟାନ୍ୱିତ ହେଲା,—ଏତେ ହିଂସ୍ରକ କୁକୁର କପରି ଅଳ୍ପ ସମୟ ଭିତରେ ତାଙ୍କର ଆଜ୍ଞା ପାଳନ କରି ବସିଲା । ତେଣୁ ସେ କହିଲା—ମୋର ବିଶ୍ୱାସ ନ ଥିଲା, କୌଣସି

Digitized by PPRACHIN, SOA

ବ୍ୟକ୍ତି ଏହି କୁକୁରକୁ କୌଣସି ଉପାୟରେ ପୁଣି ନିଜର ହାତମୁଠା ଭିତରେ ରଖି ପାରିବ ।

ମେଷ୍ଟର ମହାପାତ୍ର ବଡ଼ ଜୋରରେ ହସିଦେଲେ ଏବଂ କହିଲେ- ଏଥିରେ କିଛି ହେଲେ ଆଶ୍ଚର୍ଯ୍ୟର କଥା ନାହିଁ, ସୁରସେନ । ଏ ସ୍ୱଭାବତଃ ହିଂସ୍ର ଏବଂ ମୁଁ ମଧ୍ୟ ସମୟ ସମୟରେ ହିଂସ୍ର ହୋଇ ଉଠେ । ତେଣୁ ଏହା ହିଁ ତାର କାରଣ ଯେ ଆମେ ଦୁହେଁ ଉଭୟ ଉଭୟଙ୍କୁ ପସନ୍ଦ କରୁ । ହଉ, ତୁମେ ବର୍ତ୍ତମାନ ପଛକୁ ଘୁଞ୍ଚିଆସ । ମୁଁ ଯେତେ ଶୀଘ୍ର ପାରେ ଫେରି ଆସିବାକୁ ଯତ୍ନ କରିବି । ସେ ସ୍ତ୍ରୀଲୋକଟି ମତେ ଅତ୍ୟନ୍ତ ଭୟଙ୍କର ଜଣା ଯାଉଛି । ବୁଝି ହେଉନାହିଁ ମଣିରାମର ତା ସହିତ କିପରି ଭାବରେ ସଂଯୋଗ ହେଲା ।

ସୁରସେନ କହିଲା—ଆମେ ଯେତେବେଳେ ଏ ଘରକୁ ଆସିଲୁ, ଦେଖିଲୁ ଯେ ସେ ତା ପୂର୍ବରୁ ଏଠି ରହୁଛି । ଘରର ରକ୍ଷା ଓ ତତ୍ତ୍ୱାବଧାରଣର ଭାର ତାରି ଉପରେ ସମର୍ପି ଦିଆ ଯାଇଥିଲା । ମୁଁ ସେହି ସମୟରୁ ବୁଝି ପାରିଥିଲି, ଆମ୍ଭମାନଙ୍କର ଏଠିକି ଆସିବା ତାର ଟିକେ ହେଲେ ପସନ୍ଦରେ ପଡ଼ୁନାହିଁ । କିନ୍ତୁ ମଣିରାମ ଏତେଦୂର ଉନ୍ମୁଖିତ ହୋଇଥିଲେ ଯେ ତାଙ୍କର ଏସବୁ ଆଡ଼େ ମୋଟେ ଧ୍ୟାନ ନ ଥିଲା ।

ମେଷ୍ଟର ମହାପାତ୍ର ସୁରସେନ ସହିତ କଥାବାର୍ତ୍ତା କରି ଯାଉଥିଲେ ଏବଂ ନିଜ ହାତ ପସ୍ତଲ ଉପରେ ରଖି ଘରଆଡ଼ର ଅନ୍ଧକାରକୁ ଅତ୍ୟନ୍ତ ସ୍ଥିର ଦୃଷ୍ଟିରେ ପର୍ଯ୍ୟବେକ୍ଷଣ ବି କରି ଯାଉଥିଲେ । ସୁରସେନ ମଧ୍ୟ ଏହା ବୁଝି ପାରିଥିଲା । ତେଣୁ ସେ କହି ଉଠିଲା—ଜଣା ଯାଏ, ଆପଣ ସେହି କମାଣଧାରୀକୁ କୌଣସି ଜୀବତ ବ୍ୟକ୍ତି ମନେ କରୁଛନ୍ତି ।

ମେଷ୍ଟର ମହାପାତ୍ର ଉତ୍ତର ଦେଲେ—ଅବଶ୍ୟ ସେବି ଆମ୍ଭମାନଙ୍କ ପରି କୌଣସି ଜୀବତ ବ୍ୟକ୍ତି । କିନ୍ତୁ ଅତ୍ୟନ୍ତ ବିପଦଜନକ ପ୍ରାଣୀ ।

Digitized by PPRACHIN, SOA

ସାତେ ସାତ ମୁଁ ତୁମକୁ ଏତକ ମଧ୍ୟ ଜଣାଇ ଦେଉଛି, ସେ ଅମର ଏହି କୁକୁରଟି ସହିତ ବହୁତ ପରିଚୟ ବଢ଼ାଇରଖିଛି । ତୁମ୍ଭମାନଙ୍କଠାରୁ ମଧ୍ୟ ସେ ମୋ ସହିତ ଅଧିକ ପରିଚିତ ।

ସୁରସେନ କହିଲା—ଆପଣ କଣ ନିଜର ଅନୁଭୂତି ଦ୍ୱାରା ଏ କଥା କହୁଛନ୍ତି ?

କାରଣ ଏହି ଯେ ସେହି କମାଣଧାରୀ ଯେତେବେଳେ ଦ୍ୱିତୀୟ ଥର ମୋ ଉପରେ ଆକ୍ରମଣ ଚଳାଇଲା, ଏ କୁକୁର ସେତେବେଳେ ତା ସଙ୍ଗରେ ଥିଲା ।

ଏତକ କହି ଦେଇ ମିଷ୍ଟର ମହାପାତ୍ର କାହିଁକି ଏକାବେଳେ ଅତ୍ୟନ୍ତ ସ୍ଥିର ଦୃଷ୍ଟିରେ ସୁରସେନକୁ ଦେଖିନେଲେ ଏବଂ କହିଲେ—ଆଉ ତୁମେ ବି ତାର ଅତି ନିକଟରେ ଥିଲ ।

ଚମକି ପଡ଼ି ସୁରସେନ ମିଷ୍ଟର ମହାପାତ୍ରଙ୍କ ଆଡ଼କୁ ଦେଖିଲା ଏବଂ କହିଲା—କଣ ? ଆପଣଙ୍କର ସନ୍ଦେହ ହୁଏ ଯେ ମୋର ସେଥିରେ କୌଣସି ପ୍ରକା ....

ତା କଥାରେ ବାଧା ଦେଇ ମିଷ୍ଟର ମହାପାତ୍ର କହିଲେ—ନାଁ, ନାଁ । ମୋର କହିବାର ମତଲବ ତା ନୁହେଁ । ମୁଁ ତୁମକୁ କେବଳ ଏହା ପଚାରୁଛି, ସେତେବେଳେ ସୁବିଧାରେ ପାଇ ସେ ତୁମ ଉପରେ କାହିଁକି ଆକ୍ରମଣ ନ କଲା ।

ମୁଁ ଜାଣେ ନାହିଁ ମିଷ୍ଟର ମହାପାତ୍ର !

ତେବେ ତୁମେ ଆଗରୁ ରାତିରେ କେବେ ବାହାରକୁ ଆସିଛ ?

କେବେ ନାହିଁ, ମିଷ୍ଟର ମହାପାତ୍ର ! ମଣିରାମ ମତେ ରାତ୍ରି କାଳରେ ବାହାରକୁ ଆସିବାର କେବେହେଲେ ଅଧିକାର ଦେଇ ନାହାନ୍ତି, କେବଳ ସେ ଦିନ ଆପଣଙ୍କୁ ସାକ୍ଷାତ କରିବା ଲାଗି ମତେ ବାଧ୍ୟ ହୋଇ ବାହାରକୁ ଆସିବାକୁ ପଡ଼ିଥିଲା ।

Digitized by PPRACHIN, SOA

ତୁମକୁ କଣ ଜଣାଥିଲା ଯେ ମୁଁ ସେ ସମୟରେ ଆସୁଥିଲି ?"

ନାଁ, ଏ ଘଟଣାରୁ ମୋତେ ଟିକିଏ ହେଲେ ଖବର ନ ଥିଲା । ମୁଁ ପ୍ରାୟ ଘଣ୍ଟାକ ଆଗରୁ ଆପଣଙ୍କ ପଥ ଚାହିଁ ରହିଥିଲି ।

ତୀର କମାଣଧାରୀ କୌଣସି ଲୋକକୁ ରହିଥିବାର କଣ ତୁମକୁ ଜଣା ପଡ଼ି ନ ଥିଲା ?

ହଜୁର, ନାଁ ।

ଆଚ୍ଛା ! କେତେବେଳେ ତା ସହିତ ଦେଖା ହେଲେ ସର୍ବ ପ୍ରଥମେ ତାକୁ ଗୁଳି କରିଦେବ ଏବଂ ତା ପରେ ତା ସଙ୍ଗରେ ଯାହା କଥାବାର୍ତ୍ତା କରିବ । ମୁଁ ମଧ୍ୟ ଏହିପରି ତିଆରି ରହୁଛି । ସେ ବଡ଼ ଭୟଙ୍କର ଜୀବ । ଏ କଥା ମୁହୂର୍ତ୍ତକ ଲାଗି ମଧ୍ୟ ପାଶୋରି ଦେବ ନାହିଁ ।

ସେ ଯା ହେଉ ଆପଣ ଯଦି ଗାଁ ପର୍ଯ୍ୟନ୍ତ ଯିବାକୁ ସ୍ଥିର କରି ପାରିଥାନ୍ତି, ତେବେ ମତେ ବି ସାଙ୍ଗରେ ଯିବାକୁ ଅନୁମତି ଦିଅନ୍ତୁ । ମୁଁ ଯେ କୌଣସି ପ୍ରକାରେ ମଣିସ୍ୱମର ସମ୍ମତ ଆଣିବ ।

ନାଁ, ନା, ଏଥିରେ କୌଣସି ଦରକାର [illegible] ତୁମା ସାଥି ଲାଗି କେବଳ ଏହି କୁକୁରହିଁ ଯଥେଷ୍ଟ । ଆ ପ୍ରିନ୍ସ ! ମୋ ସାଙ୍ଗରେ ଆ !

ପ୍ରାୟ ପଚିଶ ଗଜ ଅଗ୍ରସର ହେଲା ପରେ ମିଷ୍ଟର ମହାପାତ୍ର ପଛକୁ ଫେରି ଚାହିଁଲେ । ସ୍ୱଭାବତଃ ତାଙ୍କର କାହାରି ଉପରେ କେତେବେଳେ ହେଲେ ଶୀଘ୍ର ବିଶ୍ୱାସ ହେଉ ନ ଥିଲା । ତାଙ୍କୁ ସନ୍ଦେହ ହେଲା, ଏହି ସୁରସେନ ହୁଏତ ତୀର କମାଣ ନେଇ ତାଙ୍କୁ ଅନୁସରଣ କରୁ ନାହିଁ ! କିନ୍ତୁ ସେ ସୁରସେନକୁ କୌଣସି ଆଡ଼େ ଦେଖିବାକୁ ପାଇଲେ ନାହିଁ ।

ଦ ମିନଟ ବାଦେ ସିଧା ସିଧା ଗାଁ ଆଡ଼କୁ ଚାଲିଲେ ।

Digitized by PPRACHIN, SOA

ପାଞ୍ଚ

ଗାଁ ଭିତରେ ଥିବା କଂସେଇ ଦୋକାନକୁ ଖୋଜିବାରେ ମିଷ୍ଟର ମହାପାତ୍ରଙ୍କୁ ବିଶେଷ ପରିଶ୍ରମ କରିବାକୁ ପଡ଼ି ନ ଥିଲା। କଂସେଇ ତା ଦୋକାନ ପାଖରେ ଗୋଟିଏ ସରାପଖାନାରେ ସରାପ ପିଉଥିଲା। ତେଣୁ ଶୀଘ୍ର ସେ ନିଜ ଦୋକାନ ଖୋଲି ମିଷ୍ଟର ମହାପାତ୍ରଙ୍କୁ ମାଂସ ଦେବାକୁ ତିଆରି ହୋଇଗଲା। କଂସେଇଠୁଁ ମିଷ୍ଟର ମହାପାତ୍ର ବୁଝିଲେ, ଡାମିନୀର ସ୍ୱାମୀ ସେହି ଗାଁରେ ରହେ, କିନ୍ତୁ ସେ ପାଣିରେ ବୁଡ଼ି ଆତ୍ମହତ୍ୟା କରିଛି। ଦୁଇ ମାସ ପର୍ଯ୍ୟନ୍ତ ତାର ଲାସ ମିଳିନ ନାହିଁ, କିନ୍ତୁ ଶେଷରେ ଲୁଣ୍ଠିଁ କୋଠିରେହିଁ ମିଳିଲା।

କୁକୁରକୁ ମାଂସ ଖାଇବାକୁ ଦେଇ ସାରି ମିଷ୍ଟର ମହାପାତ୍ର ପୁନର୍ବାର ଲୁଣ୍ଠିଁ କୋଠି ଆଡ଼କୁ ଲେଉଟିବାକୁ ଲାଗିଲେ। କୁକୁରଟି ସେ ସମୟକୁ ତାଙ୍କ ଉପରେ ଅତ୍ୟନ୍ତ ସନ୍ତୁଷ୍ଟ ହୋଇ ଯାଇଥିଲା ଏବଂ ଶାନ୍ତ ଭାବରେ ମିଷ୍ଟର ମହାପାତ୍ରଙ୍କ ପଛେ ପଛେ ଚାଲିଥିଲା। ଯେତେବେଳେ ସେମାନେ ସେହି ଚଉମୁହାଁଣି ନିକଟରେ ପହଞ୍ଚିଗଲେ, ମାଇଁସ

Digitized by PPRACHIN, SOA

ସୁଡ଼ଆନ୍ତ କାଗ ତଳେ ତାଙ୍କ ରଖି ମିଷ୍ଟର୍ ମହାପାତ୍ର ପିସ୍ତଲ୍ କାଢ଼ି ଡାହାଣ ହାତରେ ଧଇଲେ ।

ଗ୍ରେଟ୍ ପୋଲ୍‌ଟିଏ ପାର ହେଲେ ଭୂମ୍ବା କୋଠି ମୈଦାନ ଦେଖିବାକୁ ମିଳେ । ସେହି ପୋଲ୍ ଉପରେ ପହଞ୍ଚିଲା କ୍ଷଣି କୁକୁରଟି ଜୋରସାର ଭୁକିବାକୁ ଲାଗିଲା । ମିଷ୍ଟର ମହାପାତ୍ର ତୁରନ୍ତ ଭୂଇଁରେ ବସିଗଲେ ଏବଂ ତତ୍‌କ୍ଷଣାତ୍ ଗୁଳି ମାରି ହ୍ୱିନତ୍ୱକାର ଶବ୍ଦ ତାଙ୍କୁ ଶୁଣାଗଲା । ଯେଉଁଆଡ଼ୁ ସେହି ଗୁଳି ଆସୁଥିଲା, ଅତି ଗାମ୍ଭୀର୍ଯ୍ୟଭାବରେ ସେ ଆଡ଼କୁ ଘୁଞ୍ଚି ଘୁଞ୍ଚି ମିଷ୍ଟର୍ ମହାପାତ୍ର ତାଙ୍କ ପିସ୍ତଲ ନଳର ମୁହଁକୁ ସେହି ଦିଗକୁ ବୁଲାଇ ଦେଲେ । ସେ ଦେଖିବାକୁ ପାଇଲେ—କୁକୁରଟି ମଧ୍ୟ ଅତିଶୟ ଭୟ ହେତୁ ମାଟିରେ ଏକବାର ଲୁଚି ଯାଇଛି ।

ପ୍ରାୟ କୋଡ଼ିଏ ସେକେଣ୍ଡ ପର୍ଯ୍ୟନ୍ତ ମିଷ୍ଟର୍ ମହାପାତ୍ର ନିଜ ସ୍ଥାନରେ ସ୍ଥିର ହୋଇ ବସି ରହିଲେ । କୁକୁରଟି ଗୋଟିଏ ଲୋକ ଉଦ୍ଦେଶ୍ୟରେ ଦଉଡ଼ିଗଲା—ତା ମୁଣ୍ଡ ପାଖରୁ ପଛର ଉପରକୁ ଦେଖା ଯାଉଥିଲା । ପିସ୍ତଲର ଆବାଜ ହେବା ମାତ୍ରେ ସେହି ଲୋକଟି କେଉଁଆଡ଼େ ଅନ୍ତର୍ଦ୍ଧାନ ହୋଇଗଲା । ପାଣି ଚବର୍ ଚବର୍ ଶବ୍ଦର ଆବାଜ ଆସିଲା ଏବଂ କେହି ଅସ୍ପଷ୍ଟ କିଛି କହୁଥିବାର ଶବ୍ଦ ଶୁଣାଗଲା । ଫେର୍ ଦୁଇଜଣ ଲୋକ ସତର୍କ ଆଡ଼କୁ ଦୌଡ଼ି ଆସୁଥିବାର ଦେଖାଗଲେ ।

ମିଷ୍ଟର୍ ମହାପାତ୍ର ଚୁପ୍‌ଚାପ୍ ନିଜ ସ୍ଥାନରେ ଠିଆ ହୋଇ ରହିଲେ । ନିଜ ଆଡ଼ୁ ସେହି ଲୋକମାନଙ୍କ ଉପରେ ଆକ୍ରମଣ ଚଳାଇବା ତାଙ୍କୁ ଯୁକ୍ତିସଙ୍ଗତ ବୋଧ ହେଲା ନାହିଁ । ସେମାନେ ଆସି ତାଙ୍କ ଠାରୁ କୋଡ଼ିଏ କଦମ ଦୂରରେ ରହିବା କ୍ଷଣି ମିଷ୍ଟର୍ ମହାପାତ୍ର କଡ଼ା ସ୍ୱରରେ ଚିତ୍କାର କରି ଉଠିଲେ—ଖବରଦାର ! ଆଗକୁ ଆଉ ଏକ କଦମ ସୁଦ୍ଧା ପାଦ ବଢ଼ାଅ ନାହିଁ !

ତାଙ୍କ ଭିତରୁ ଯେ ଆଗରେ ଥିଲା, ସେ ଉତ୍ତର ଦେଲା—କାହିଁକି ? କାରଣ କଣ ?

Digitized by PPRACHIN, SOA

ସେ କହିଲା—ଆମେ ଆମ ଘରକୁ ଯାଉଥିଲୁ । ଏପରି ସମୟରେ ସହସା ପିସ୍ତଲର ଆବାଜ ଶୁଣାଗଲା ।

ତୁମର କହିବା ଠିକ୍, ତୁମେ ପିସ୍ତଲର ଆବାଜହିଁ ଶୁଣିଥିଲ,—କହି ଦେଇ ମିଷ୍ଟର ମହାପାତ୍ର ସେହି ଖାଇ ଆଡ଼କୁ ଅଗ୍ରସର ହେଲେ—ତା ଭିତରେ ସେହି ଲୋକଟି ପଶିଯାଇ ଅନ୍ତର୍ଦ୍ଧାନ ହୋଇଗଲା । ହଠାତ୍ ଖାଇ ପାରି ହୋଇ ଅନ୍ୟ ପାଖକୁ ଉଠୁଥିବା କୌଣସି ବ୍ୟକ୍ତି ତାଙ୍କର ଦୃଷ୍ଟି ଗୋଚର ହେଲା । କୁକୁରଟି ତା ପିଛା ଲାଗିଥିଲା । ମିଷ୍ଟର ମହାପାତ୍ର ଚିତ୍କାର କରି କହିଲେ—ଦେଖ । ଆଉ ଆଗକୁ ବଢ଼ ନାହିଁ । ଯଦି ପଛକୁ ଲେଉଟି ନ ଆସ ମୁଁ କୁକୁରକୁ ମଧ୍ୟ ଓ୍ୱାପସ ଆଣିବି ନାହିଁ ।

ତାଙ୍କ କଥାରେ କୌଣସି ଜବାବ ନ ଦେଇ ସେହି ବ୍ୟକ୍ତି ତୁରନ୍ତ ପଛକୁ ବୁଲିପଡ଼ି ଫାଏର କରି ଦେଲା । ମୁହୂର୍ତ୍ତକ ଭିତରେ କୁଦି ପଡ଼ି ମିଷ୍ଟର ମହାପାତ୍ର ଖାଇ ଆର ପାଖରେ ଯାଇ ପହଞ୍ଚିଗଲେ । ବାଁ ହାତରେ ସେହି ଲୋକର ବେକ ଚିପି ଧରି ଓ ଡାହାଣ ହାତରେ ଶରୀରର ସମସ୍ତ ବଳ ଖର୍ଚ୍ଚ କରି, ତା ଖପୁରି ଉପରେ ଅଙ୍କା କରି ଦ୍ଧ ନାତ ବ [illegible] ଲେ ।

ସେ ବିଚରା ବେହୋସ ହୋଇ ଶୀଘ୍ର ଭୂଇଁରେ ଢଳି ପଡ଼ିଲା । ମିଷ୍ଟର ମହାପାତ୍ର ତାକୁ ଘୋସାଡ଼ି ଘୋସାଡ଼ି ଆର ପଟକୁ ଘେନିଗଲେ ।

କିନ୍ତୁ ସେ ବେଶୀ ସମୟ ବେହୋସ ରହିଲା ନାହିଁ । ସେ ଅତି ଶୀଘ୍ର ଉଠି ଠିଆ ହେଲା ଏବଂ ଠିଆ ହେବା ମାତ୍ରେ ମିଷ୍ଟର ମହାପାତ୍ରଙ୍କ ଉପରେ ପିସ୍ତଲ ଚଳାଇବା ଲାଗି ପୁନଃ ପୁନଃ ଚେଷ୍ଟା କରିବାକୁ ଲାଗିଲା । ମିଷ୍ଟର ମହାପାତ୍ର ଚମକି ପଡ଼ି ପୁଣି ଏକ ଧକ୍କା ତା ବେକ ପାଖରେ ବସେଇ ଦେଲେ ଏବଂ କହିଲେ—ଏ ପର୍ଯ୍ୟନ୍ତ କଣ ମନ ଶାନ୍ତ ହେଇ ନାହିଁ ?

ସେହି ଦୁଇ ଜଣଙ୍କୁ ବିଦାୟ ଦେଇ ମିଷ୍ଟର ମହାପାତ୍ର ସେ ଲୋକଟିକୁ ପିଠି ଉପରକୁ ପକାଇ ଭୂମ୍ବା କୋଠି ଆଡ଼କୁ ଅଗ୍ରସର ହେଲେ ।

Digitized by PPRACHIN, SOA

ଝୁମ୍ପ ଝୋଟି ଠାରୁ ପ୍ରାୟ କୋଡ଼ିଏ ଗଜ ଦୂରରେ ଥିବା ସମ୍ମୁଖରେ ପୁନର୍ବାର ତୀର ଚଲାବାର ଆବାଜ ଆସି ତାଙ୍କ କାନରେ ପଡ଼ିଲା । ତାଙ୍କ ବେକିଆ ଝଡର ହାତ ଉପରୁ ଠେକ ମାଟି ଉପରେ କଣ୍ଟ ହୋଇ ପଡ଼ିଲା ଏବଂ ସାତେସାତ ମିଷ୍ଟର ମହାପାତ୍ର ମଧ୍ୟ ଅଣ୍ଟୁ ମାଡ଼ି ସେଇଠି ବସି ପଡ଼ିଲେ ।

ହାତରେ ଅନୁଭବ କରି ମିଷ୍ଟର ମହାପାତ୍ର ଦେଖିବାକୁ ପାଇଲେ— ସେହି ବ୍ୟକ୍ତିର ଗଳାରେ କୌଣସି ବସ୍ତୁ ଲଗା ଯାଇଛି । କୁକୁର ସେତେବେଳେ ପଛ ଗୋଡ଼ ସାହାଯ୍ୟରେ ମାଟି ଉପରେ ବସି ଭୀଷଣ ସ୍ୱରରେ ଚିତ୍କାର କରୁଥିଲା । ମିଷ୍ଟର ମହାପାତ୍ର ସେହି ତୀର କମାଣ-ଧାରୀଙ୍କୁ ରକ୍ଷା କରିବା ପାଇଁ ଚତୁର୍ଦ୍ଦିଗକୁ ଅତ୍ୟନ୍ତ ଧ୍ୟାନର ସହିତ ଦୃଷ୍ଟି ନିକ୍ଷେପ କଲେ । କିନ୍ତୁ ରାତ୍ରିର ଘନ ଅନ୍ଧକାର ଭିତରେ ତାଙ୍କୁ କିଛି ଦେଖାଯାଉ ନ ଥିଲା । କୁକୁରଟି ସେ ପର୍ଯ୍ୟନ୍ତ ବି ପୂର୍ବ ପରି ଭୀଷଣ ସ୍ୱରରେ ଚିତ୍କାର କରୁଥିଲା ।

Digitized by PPRACHIN, SOA

ଛଅ

ମିଷ୍ଟର ମହାପାତ୍ର ! ମୁଁ ଆପଣଙ୍କୁ ପୁନର୍ବାର କହୁଛି—ମୁଁ ଏହି ଘଟନାକୁ ପୁଲିସ ହାତରେ ଦେବାକୁ ଆଦୌ ପ୍ରସ୍ତୁତ ନୁହେଁ ।

ସମ୍ମୁ[illegible] ଠିଆ ହୋଇ ମଣିରାମ ମିଷ୍ଟର ମହାପାତ୍ରଙ୍କୁ ଏହି କଥା ଖୁବ୍ ଜୋର୍‌ରେ କହିଲା । କିନ୍ତୁ ମିଷ୍ଟର ମହାପାତ୍ର ଏତକ ଶୁଣି ଟିକିଏ ସ୍ମିତହାସ୍ୟ ମାତ୍ର ପ୍ରକଟ କରି ରହିଗଲେ ।

ମଣିରାମ ପୁଣି କହିଲା—ଆପଣ ଜାଣି ରଖନ୍ତୁ, ପୁଲିସର ଏଠାକୁ ଆସିବାଟା ମୋତେ ଟିକେ ହେଲେ ପସନ୍ଦ ପଡୁ ନାହିଁ ।

ମିଷ୍ଟର ମହାପାତ୍ର ସ୍ମିତହାସ୍ୟ କରି କହିଲେ—ତୁମର ପସନ୍ଦ ନାପସନ୍ଦରେ କିଛି ଯାଏ ଆସେ ନାହିଁ । କାରଣ ପୁଲିସ ତ ଆଉ ଅଳ୍ପ ସମୟ ଭିତରେ ଏଠାରେ ଆସି ପହଞ୍ଚିଯିବ । ଏହି ଲୋକଟିକୁ କିଏ ହତ୍ୟା କରିଛି ? ଏ ହତ୍ୟାକୁ ଛପାଇବାରେ ତୁମର ମଙ୍ଗଳ ନାହିଁ । ପୁଲିସ ନଜରରେ ତୁମେ ପ୍ରଥମେହିଁ ଦୋଷୀ ସାବ୍ୟସ୍ତ ହୋଇଛ ।

Digitized by PPRACHIN, SOA

ଭୟ କମ୍ପିତ କଣ୍ଠରେ ମଣିରାମ କହିଲା—ତେଣୁ ତ ମୁଁ କହୁଛି, ଲାସ ଉଠେଇ ନେଇ ସଡ଼କ ଉପରେ ରଖିଦେଲେ ଭଲ ହୁଅନ୍ତା ! ପୁଲିସ ସେଇଠି କାଟେଜ ଘଟେଇ ତାର ଅନୁସନ୍ଧାନ କରନ୍ତା ।

କିନ୍ତୁ ମୁଁ ବୁଝି ପାରୁନାହିଁ, ତୁମେ ପୁଲିସକୁ ଏତେ ଭୟ କରିବାର କାରଣ କଣ ? ସେଥିରେ ତ ତୁମକୁ ସହାୟତା ମିଳିବ ।

ଆପଣ କଣ ବୁଝି ନାହାନ୍ତି ?

ନାଁ, କିନ୍ତୁ ମୁଁ ବୁଝିବାକୁ ଚାହୁଁଛି ଏବଂ ଯେ କୌଣସି ପ୍ରକାରେ ବୁଝାଇବାକୁ ମଧ୍ୟ ଚେଷ୍ଟା କରିବ । ଏହି ଘାର କମାଣ୍ଡଧାରୀ ଲୋକ ବିଷୟରେ ତ ନିଶ୍ଚୟ କିଛି ସୂତ୍ର କରିହେବ—ତା ତ ମୁଁ ଜାଣେ ନାହିଁ ; ଠିକ ଠିକ ଶୁଣାଅ ମଣିରାମ ପ୍ରକୃତ କଥା କଣ । ତୁମେ ସ୍ୱର ଏନ୍ତ ସମର୍ଥନ କରୁନାହଁ ?

ମଣିରାମ ଚିତ୍କାର କରି କହିଲା—ନାଁ, ନାଁ, ମିଷ୍ଟର ମହାପାତ୍ର ! ଆପଣ କେବେହେଲେ ଏପରି ଖବର ଘୋଷଣା କରନ୍ତୁ ନାହିଁ । ମୁଁ ଏହି ହତ୍ୟା ସମ୍ବନ୍ଧରେ କିଛି ହେଲେ ତା ଜାଣିବାକୁ ଚାହେଁ ନାହିଁ । ମୁଁ ଏହି ଘଟଣାରୁ ସମ୍ପୂର୍ଣ୍ଣତଃ ଅଲଗା ରହିବାକୁ ଚାହେଁ । ଆଶାକରେ, ମୋର ଉଦ୍ଦେଶ୍ୟ ବୁଝି ପାରିଥିବେ ।

ଏହାର କାରଣ ?

କାରଣ, ମୁଁ କୋର୍ଟ ଯାଇ ସାକ୍ଷୀ ହେବାକୁ ଚାହେଁ ନାହିଁ । ଆପଣ ଜାଣନ୍ତି ଯେ ମୋର ଶତ୍ରୁ ଅଛନ୍ତି, ନଚେତ୍ ଆପଣଙ୍କର ଏଠାକୁ ଆସିବାର କାରଣ କିଛି ନ ଥିଲା । ମୁଁ ବାହାରକୁ ଗଲେ କୌଣସି ପ୍ରକାରେ ହେଲେ ମୋ ଜୀବନର ରକ୍ଷା ନାହିଁ ।

ଅସମ୍ମତି ସୂଚକ ମସ୍ତକ ହଲାଇ ହଲାଇ ମିଷ୍ଟର ମହାପାତ୍ର କହିଲେ—ନାଁ, ତୁମର ପ୍ରକୃତ ଉଦ୍ଦେଶ୍ୟ ଏହା ନୁହେଁ ।

ତେବେ ଆପଣ ମୋତେ ମିଥ୍ୟାବାଦୀ ଭାବୁଛନ୍ତି ?

Digitized by PPRACHIN, SOA

ଅନ୍ତତଃ ମୋତେ ସେହିପରି ଜଣା ଯାଉଛି ।

ମୋର ଆପଣଙ୍କ ସହିତ ଉପରେ ବ୍ୟବହାର, ତାହା ମୋତେ ଜାଣିପାରୁ ନାହାନ୍ତି ।

ମୁଁ ଖୁବ୍ ଜାଣିଛି ଯେ ମୁଁ ଜଣେ ଭୟଙ୍କର ଅପରାଧୀ ସହିତ କଥାବାର୍ତ୍ତା କରୁଛି—ଯେ କି ନିଜ ସାଥୀମାନଙ୍କୁ ଧୋକା ଦେଇ ଏବଂ ସେମାନଙ୍କ ଦ୍ୱାରା ଭୟଗ୍ରସ୍ତ ହୋଇ ଶେଷରେ ନିଜର ସହାୟତା ଲାଗି ମତେ ଏଠାକୁ ଡ଼ାକିଛି ।

ମଣିରାମ ଟିକିଏ ଶାନ୍ତ ହୋଇ କହିଲା— ଆପଣଙ୍କ ପାଖରେ ମୋ କଥାର ଯଦି କିଛି ମୂଲ୍ୟ ନାହିଁ, ତେବେ ଆଉ ଦରକାର କଣ ?

ହଁ, ଏଭଳି କଥାର ମୁଁ କିଛି ମୂଲ୍ୟ ଜାଣେ ନାହିଁ । ମୋ ବଖରାରେ ସୁରସେନଠାରୁ କିଛି ସମ୍ବାଦ ନେଇ ପିଇ ବିଛଣା ଉପରେ ଗଡ଼ିପଡ଼ୁ ।

ଏତିକି କହିଦେଇ ମେଷ୍ଟର ମହାପାତ୍ର ଚୁପ୍‌ଚାପ୍ ସିଡ଼ି ପରେ ସିଡ଼ି ଚଢ଼ି ଚଢ଼ି ରେଷ୍ଟୋରା ଘରେ ଯାଇ ପହଞ୍ଚିଗଲେ—ଖାଦ୍ୟଦ୍ରବ୍ୟ ପାକ ହେବାର ସୁଗନ୍ଧ ଆସୁଥିଲା । ଏପରି ସାବଧାନତାର ସହିତ ଯାଇ ସେ ରେଷ୍ଟୋରା ଘରେ କାନ୍ଥ ପଛରେ ଠିଆ ହୋଇଗଲେ ଯେ, ତାକୁ ତାଙ୍କର ଆସିବାର କଳ୍ପନା ସୁଦ୍ଧା ନ ଥିଲା । ରେଷ୍ଟୋରା ଘରର ଝରକା ଦେହରେ ଧଳାଦିଆ କାଚ ଖଞ୍ଜା ହୋଇଥିଲା ଏବଂ ସେ ହାତ ଉପରକୁ ଉଠାଇ ବିଚିତ୍ର ପ୍ରକାର ହଲହଲ କରି ସେହି କାଚ ବାଡ଼ରେ ଛାୟାପାତ କରୁଥିଲା । ମେଷ୍ଟର ମହାପାତ୍ର ଯଦ୍ୟପି ଏଥିରୁ କିଛି ବୁଝି ନ ପାରିଲେ, ତାଙ୍କୁ ଅନ୍ତତଃ ଜଣାଗଲା, ସେ କେଉଁଠାକୁ କିଛି ଖବର ପଠାଉଛି ।

କିଛିକ୍ଷଣ ପର୍ଯ୍ୟନ୍ତ ତାମସା ଦେଖିଲା ପରେ ସେ କହିଲେ—ତୁମେ କଣ ଅନୁମାନ କର ଜାଣ କାହିଁକି ତୁମର ଏହି ସଙ୍କେତକୁ ତୁମ ସାଙ୍ଗ ସାଥିମାନେ ସତରେ ବୁଝି ପାରୁଥିବେ ?

Digitized by PPRACHIN, SOA

ସେ ଚମକି ପଡ଼ି ପଛ ଆଡ଼କୁ ବୁଲି ପଡ଼ିଲା । ମେଷ୍ଟର ମହାପାତ୍ରଙ୍କୁ ସମ୍ମୁଖରେ ଠିଆ ହୋଇଥିବାର ଦେଖି ତାଙ୍କର ସର୍ବାଙ୍ଗ ଘର୍ମ ଛୁଟିଲା । ମେଷ୍ଟର ମହାପାତ୍ର ପୁନର୍ବାର କହିଲେ—ଶେଷରେ ତମର ଇଚ୍ଛା କଣ ? ତୁମେ ମଣିଗ୍ରାମକୁ କି ସଦ୍‌ବୁଦ୍ଧି ଦେଉଛ ? ପୁଲିସ ଏଠାକୁ ଆସିବାରେ ତୁମର କେଉଁ କାରଣରୁ ପସନ୍ଦ ନାହିଁ ? ସେହି କମାଣ୍ଡାର କଣ ତୁମର କେହି ସାଙ୍ଗ ସାଥୀ ?

କାମିନୀର ଚେହେରା ଏକଦମ ଫିକା ପଡ଼ିଗଲା । ହଠାତ୍ କ୍ରୋଧର ଚିହ୍ନ ତା ଚେହେରାରେ ସ୍ପଷ୍ଟ ଉଠିଲା । ସେ କଡ଼ା ସ୍ୱରରେ ଜବାବ ଦେଲା—ମୁଁ ବୁଝି ପାରୁନାହିଁ ତୁମେ କଣ କହୁଛ । ମୁଁ ସେଇ ବାଣୁଆକୁ ଜାଣେ ନାହିଁ, କି ମଣିଗ୍ରାମକୁ ସଦ୍‌ବୁଦ୍ଧି ଦେବାରେ ମୋର ଅଧିକାର ନାହିଁ । ତୁମେ ଏଠାକୁ ଆସି କାହିଁକି ଏତେ ଉପଦ୍ରବ କରୁଛ ? ଆମ୍ଭମାନଙ୍କୁ ବ୍ୟର୍ଥ ବ୍ୟତିବ୍ୟସ୍ତ କରିବାରେ କଣ ତୁମର କୌଣସି ପ୍ରକାର ସ୍ୱାର୍ଥସିଦ୍ଧିର ଉପାୟ ଅଛି ?

ଆମ୍ଭମାନଙ୍କର ଅର୍ଥ କଣ ?

ମୁଁ ଆଉ ମଣିଗ୍ରାମ ।

ମଣିଗ୍ରାମ ସହିତ ତୁମର କଣ କୌଣସି ସମ୍ପର୍କ ଅଛି ?

ନାହିଁ ଆଉ କଣ ?

ମୁଁ ଏହାକୁ ମଣିଗ୍ରାମର ବେକୁବୀ ଛଡ଼ା ଅନ୍ୟ କିଛି କହିପାରିବି ନାହିଁ । ତୁମକୁ ତ ରୋଷେଇ କରି ଆସେ ନାହିଁ ।

ଚମକି ଉଠି କାମିନୀ କହିଲା—ଠିକ୍ କଥା ! ମତେ ରୋଷେଇ କରି ଆସେ ନାହିଁ ସତ । ତୁମକୁ ମୋ ରୋଷେଇ ପସନ୍ଦ ନ ଆସୁଛି ତ, ତୁମେ ନିଜେ ନିଜର ଖାଦ୍ୟ ତିଆରି କରୁନାହଁ ?

ମେଷ୍ଟର ମହାପାତ୍ର ହସିଦେଇ କହିଲେ—ତୁମେ ତ ଭାରି ଠିକ୍ କଥା କହୁଛ ! ତୁମର ଏ ଉପଦେଶରେ ମୁଁ ଖୁବ୍ ସନ୍ତୁଷ୍ଟ ହେଲି । ତୁମେ

Digitized by PPRACHIN, SOA

ବର୍ତ୍ତମାନ ଯାଇ ମଣିଗ୍ରମର ମନ ପରିବର୍ତ୍ତନ କରିବାକୁ ଚେଷ୍ଟାକର । ଏଣେ ମୁଁ ଖାଦ୍ୟ ତିଆରି କରିବାରେ ରହିଲି । ମତେ ତୁମ ଭଲ ହାତ ହଲଇ ଖବର ପଠାଇ ଆସେ ନାହିଁ କି ମୁଁ ତୁମର ଏ କାର୍ଯ୍ୟରେ ମଧ୍ୟ ସହାୟତା କରି ପାରିବି ନାହିଁ ।

ଘରର ବାହାରକୁ ଚାଲିଯାଇ ସେ ସ୍ତ୍ରୀ କହିଲା—ତୁମେତ ବେକୁବଙ୍କ ଭଳି କଥାବାର୍ତ୍ତା କରୁଛ ।

ଏକ ଦୀର୍ଘ ନିଶ୍ୱାସ ତ୍ୟାଗ କରି ମିଷ୍ଟର ମହାପାତ୍ର ଉତ୍ତର ଦେଲେ—କଣ କହିବି, ଏ ବେକୁବାତ ପୁଣି ମୋ ପାଖରେ ଟଗାଟେ ବେଗ ହୋଇ ଯାଇଛି ।

ଏତିକି କହି ସାରି ମିଷ୍ଟର ମହାପାତ୍ର ଚୁଲି ଉପରେ ଗୋଟେ ହାଣ୍ଡି ବସାଇ ଦେଲେ ଏବଂ କବାଟ ନିକଟକୁ ଯାଇ ଗଦାଧରକୁ ଆସିବା ପାଇଁ ସଙ୍କେତ ଦେଲେ ।

ସେ ଆସିଲାରୁ ମିଷ୍ଟର ମହାପାତ୍ର କହିଲେ—ହେ ଗଦାଧର । ମାଂସତ ଚିହ୍ନ [illegible] । ସୁରସେନକୁ କହି ବେଷ୍ଟ ଆଣି ଦବାକୁ କହ । ଆଗ ପେଟରେ କିଛି ପଡ଼ ଯାଉ ନା ।

ସୁରସେନ ତୁରନ୍ତ ଆବଶ୍ୟକୀୟ ସାମଗ୍ରୀମାନ ଆଣି ସେମାନଙ୍କ ନିକଟରେ ରଖିଦେଲା । ମିଷ୍ଟର ମହାପାତ୍ର ଓ ଗଦାଧର ଆନନ୍ଦରେ ଭୋଜନ କରି ବସିଲେ । ସୁରସେନବ ଭାରି ଖୁସିରେ ତାଙ୍କ ଆତିଥ୍ୟ ସ୍ୱୀକାର କରି ସେମାନଙ୍କ ସହିତ ଖାଦ୍ୟ ଖାଇବାକୁ ଲାଗିଲା । ପ୍ରାୟ ପନ୍ଦର ଦିନ ହେଲା ତାକୁ ମାଂସ ଖାଇବାକୁ ମିଳି ନ ଥିଲା ।

ଖାଉଁ ଖାଉଁ ମିଷ୍ଟର ମହାପାତ୍ର ପଚାରିଲେ—ତୁମେ ଜାଣ ସୁରସେନ, କାମିନୀର ଏହି ଘରର ବାହାରେ କେହି ସାଙ୍ଗସାଥୀ ଅଛନ୍ତି ?

Digitized by PPRACHIN, SOA

ନାଁ, ମିଷ୍ଟର ମହାପାତ୍ର ! ମୁଁ ତ ଆଜଯାଏ ଏମିତ କୌଣସି କଥା ଜାଣି ନାହିଁ ।

ତେବେ ତୁମକୁ ଏହା ନିଶ୍ଚେ ଜଣାଥିବ, ମଣିରାମ ଓ କାମିନୀ ଭିତରେ ଏକ ଗାଢ ବନ୍ଧୁତ୍ୱ ସମ୍ପର୍କ ରହି ଯାଇଛି ।

ନା ହଜୁର ! ଏସବୁ କଥା ଆଡେ ମୁଁ ଏ ପର୍ଯ୍ୟନ୍ତ ଖିଆଲ ଦେଇ ନାହିଁ । କିନ୍ତୁ ପେର ଏକ ଘଟଣାର ମତେ ଦେଖିବାକୁ·········

ମିଷ୍ଟର ମହାପାତ୍ର ତାଙ୍କ ବାକ୍ୟ-ସ୍ରୋତର ଗତି ବଦଳାଇ କହିଲେ—ଆଉ ଗୋଟେ କଥା ସୂରସେନ ! ମୁଁ ଏ ଘରକୁ ଆସି ଦେଖିଲି କାମିନୀ ହାତ ଦ୍ୱାରା ଇସାରା କରି ବାହାରର କୌଣସି ବ୍ୟକ୍ତି ସହିତ କିଛି କଥାବାର୍ତ୍ତା କରୁଛି । ତୁମେ କହି ପାରିବକି ଏ ଘଟନା କଣ ? ଅଥବା ଏ ସବୁ କା ସମ୍ବନ୍ଧରେ ?

ହଜୁର ! ବୋଧହୁଏ ଏ ଆପଣ କମ୍ପା ମଣିରାମଙ୍କ ବିଷୟରେ ।

ସେହି କମାଣ ଧାରା ଦ୍ୱାରା ହତ୍ୟା କରିଛି ସେହି ବ୍ୟକ୍ତିର ଦେହ ଉଠାଇ ନିଆ ଯାଇ ଏକ କୋଠରୀରେ ବନ୍ଦ କରି ଦିଆ ଯାଇଥିଲା । ମିଷ୍ଟର ମହାପାତ୍ର ମୃତବ୍ୟକ୍ତିକୁ ଧ୍ୟାନର ସହିତ ପରୀକ୍ଷା କରି ଏବଂ ତାର ଖାନତଲାସ କରି କେବଳ ଏତିକି ଜାଣିବାକୁ ସମର୍ଥ ହୋଇଥିଲେ, ତାର ନାମ ନୀଳକଣ୍ଠ ଏବଂ ଏହି ସ୍ଥାନର ଦକ୍ଷିଣ ପଶ୍ଚିମ ଭାଗରେ କୌଣସି ସ୍ଥାନରେ ବାସକରେ । ସେ କହିଲେ—ଘଟଣା କିଛି ହେଲେ ବୁଝି ପାରୁନାହିଁ । ହୁଏତ ମୋର ଭୁଲରେ ୟାଙ୍କୁ ହତ୍ୟା କରାଯାଇଛି, ଅଥବା ୟାଙ୍କୁ ହତ୍ୟା କରିବାରେ କୌଣସି ସ୍ୱତନ୍ତ୍ର ଉଦ୍ଦେଶ୍ୟ ନିହିତ ।

ସୁରସେନ—ମୋ ବିଶ୍ୱାସରେ ୟାଙ୍କୁ କେବଳ ଭୁଲରେହିଁ ହତ୍ୟା କରାଯାଇଛି । ଏ ଆପଣ ବହିଙ୍କ ଭଳିଆ ଓ ପୋଷାକପତ୍ର ଠିକ ଆପଣମାନଙ୍କ ପରି ପିନ୍ଧିଥିଲେ ।

Digitized by PPRACHIN, SOA

ମିଷ୍ଟର ମହାପାତ୍ର କିଛି ଚିନ୍ତା କରି କହିଲେ—ଏ କଥାରେ ମଧ୍ୟ ମୋର ପୂର୍ଣ୍ଣ ସନ୍ଦେହ ଦୂର ହେଉନାହିଁ ସୁରସେନ । ସମ୍ଭବତଃ ଏହି ମୃତବ୍ୟକ୍ତି ମଧ୍ୟ ଧନୁଃଶରଧାରୀ ତୁଲ୍ୟ ମତେ ହତ୍ୟା କରିବା ପାଇଁ ତିଆରି ଥିଲା । ଏବଂ ସେହି ବାଣୁଆ ହୁଏତ ଜାଣି ପାରିଲା ଯେ ଏ ମୋର କର୍ମଚାରୀ ଲୋକ, ଅଥଚ ସମସ୍ତ ଘଟନା କେବେ ଖୋଲିଦେଇ ପାରନ୍ତି । ତେଣୁ ଏହାଙ୍କୁ ହତ୍ୟା କଲା ।

ଗଦାଧର—ସମ୍ଭବ ହୁଏ ଆପଣଙ୍କ ବିଷୟରହିଁ ଠିକ ।

ମିଷ୍ଟର ମହାପାତ୍ର—କିନ୍ତୁ ଗୋଳମାଳ ଏହି ଯେ ମଣିରାମ ଏହି ମୃତ ବ୍ୟକ୍ତିକୁ ଆଦୌ ଚିହ୍ନି ପାରୁନାହିଁ, କିନ୍ତୁ ଏହି ମୃତବ୍ୟକ୍ତି ମତେ ହତ୍ୟା କରିବାକୁ ଦୁଇଥର ପ୍ରଯତ୍ନ କରିଥିଲା । ତେଣୁ ମଣିରାମ ଯେଉଁ ଦୁହିଁଙ୍କୁ ଭିନ୍ନ କହେ, ଏ ଯଦି ସେମାନଙ୍କ ଭିତରୁ କେହି ନୁହେଁ, ତେବେ ଆଉ କିଏ ?

ଗଦାଧର—ମୋର ତ ମଣିରାମର କଥା ଉପରେ ବିଶ୍ୱାସ ହୁଏ ନାହିଁ । ଆଉ ଅଧିକ କିଛି ରହସ୍ୟଗୋପନୀୟ ବୋଧ ହେଉଛି, ଯାହାର ସୂତ୍ର ଆମେ ଏପର୍ଯ୍ୟନ୍ତ ପାଇ ପାରିଲୁ ନାହିଁ ।

ସୁରସେନ—ମୁଁ ଏହା ସ୍ୱୀକାର କରିବାକୁ ପ୍ରସ୍ତୁତ ନୁହେଁ ମିଷ୍ଟର ମହାପାତ୍ର । ତାଙ୍କର କୌଣସି କଥା ମୋ ଆଖିରୁ ଲୁଚି ଛପି ରହିନାହିଁ । ତାଙ୍କର ମୋ ଉପରେ ଏତେ ମମତା ଅଛି ଯେ ମୁଁ କେବେହେଲେ ଭୁଲି ପାରିବ ନାହିଁ । ଆପଣ ବିଶ୍ୱାସ କରନ୍ତୁ, ସେହି ଦୁଇ ଜଣଙ୍କ ଛଡ଼ା ତାଙ୍କର ଆଉ କେହି ଅନିଷ୍ଟକାରୀ ନାହାନ୍ତି ।

ମିଷ୍ଟର ମହାପାତ୍ର—କିନ୍ତୁ ଏତିକ ତ ତୁମକୁ ମାନିବାକୁ ପଡ଼ିବ, ମଣିରାମଙ୍କର ଏହି ଭୟ ବିଲକୁଲ ବ୍ୟର୍ଥ । କାମେକାର ଏ ଘର ସହିତ ଯେତେଦୂର ସମ୍ପର୍କ, ସେହି ବାଣୁଆର ବି ସେତେ ଗଭୀର । ନିଶ୍ଚୟ

Digitized by PPRACHIN, SOA

ଏହି ଘର ଭିତରେ ଏପରି କିଛି ଗୂଢ଼ ରହସ୍ୟ ଅଛି ଯାହାକି ଏ ପର୍ଯ୍ୟନ୍ତ ଆମେ ବୁଝି ପାରିନାହୁଁ । ଏ ଘର ଉପରେ ଯେଉଁ ବିପଦ, ମଣିରାମଙ୍କର ବି ସେୟା ।

ଅଚ୍ଛା, ଯଦି ମୁଁ ତାଙ୍କୁ ଏ ଘର ଛାଡ଼ି ଚାଲିଯିବା କଥାରେ ରାଜି କରେଇ ନିଏଁ, ତେବେ ବିପଦ କଣ ଉଭେଇ ଯିବ ?

ମୁଁ ଏହାର ନିଶ୍ଚିନ୍ତ ଜବାବ ଦେଇ ନ ପାରିଲେହେଁ ମୋର ବିଶ୍ୱାସହିଁ ଏୟା ।

ଭଲ କଥା । ତେବେ ମୁଁ ତାଙ୍କୁ ଏଠୁ ନେଇ ଯିବାକୁ ଚେଷ୍ଟା କରିବି ।

ଆନନ୍ଦର ସହିତ କରିପାରି । କିନ୍ତୁ ମୋର ସନ୍ଦେହ, ତୁମେ ଏ କାର୍ଯ୍ୟରେ ସଫଳତା ଲାଭ କରି ପାରିବ ନାହିଁ ।

କାରଣ ?

କାମିନୀ ନିଜେ ତୁମର ଏ କାର୍ଯ୍ୟରେ [illegible] ହେବ । ତୁମକୁ ଏ କଥା ବୋଧହୁଏ ଜଣାନାହିଁ, ସେ କେତେ ପାଣିରେ ବୁଡ଼ି ରହିଛି ।

ଏତିକି କହିଦେଇ ମିଷ୍ଟର ମହାପାତ୍ର ଅନ୍ୟ ଏକ କୋଠରୀ ଭିତରକୁ ପଶିଗଲେ ଏବଂ ସେଠାରେ ଗ୍ଲାସେ ପାଣି ପିଇସାରି ତାଙ୍କର ଶୋଇବା ପାଇଁ ଠିକ ହୋଇଥିବା କୋଠରୀ ଆଡ଼କୁ ଅଗ୍ରସର ହେଲେ ।

ବାହାରେ ଗୋଟିଏ କୋଠରୀରେ କାମିନୀ ମଣିରାମଙ୍କ ସାଙ୍ଗରେ ଆସ୍ତେ ଆସ୍ତେ କଥାବାର୍ତ୍ତା କରୁଥିବାର ଜଣାଗଲା । ଦୁହିଁଙ୍କ ଦୁହେଁ ତାଙ୍କୁ ଦେଖି ଶଙ୍କି ଠିଆ ହୋଇଗଲେ, କିନ୍ତୁ ମିଷ୍ଟର ମହାପାତ୍ର ଏଥିରେ ଅଭିନନ୍ଦନ ସୂଚକ ମୁଣ୍ଡ ହଲାଇ ଆଗକୁ ଚାଲିଗଲେ ।

ତାଙ୍କ କୋଠରୀର ଝରକା ଉପରେ ଦିଆ ଯାଇଥିବା କାଠ ପଟା ସବୁ ମିଷ୍ଟର ମହାପାତ୍ର କେଉଁ ଦିନରୁ ଖୋଲିଦେଇ ସାରିଥିଲେ । ତକେ

Digitized by PPRACHIN, SOA

ମଣିରାମ ହଠାତ୍ ଏ ସବୁ ଦେଖି ଆଶ୍ଚର୍ଯ୍ୟ ଓ ଭୀତ ହୋଇଗଲା । ସେ ଝିଡ଼କରେ କେବଳ ପରଦା ଲଗେଇ ଦେଇ ମେଷ୍ଟର ମହାପାତ୍ର ମହା ଆନନ୍ଦରେ ପଲଙ୍କରେ ବିଶ୍ରାମ କରିବାକୁ ଲାଗିଲେ । ଆଲୁଅ କରିବାପାଇଁ ତାଙ୍କୁ କେବଳ ମହମବତୀ ଦିଆ ଯାଇଥିଲା । ସେ ତାକୁ ଏମିତି ଗୋଟେ ଜାଗାରେ ଜାଳି ବସେଇ ଦେଇଥିଲେ ଯେ ଝରକା ଉପରକୁ ଆଲୁଅ ପଡୁ ନ ଥିଲା ।

ଗଦାଧରକୁ ତାଙ୍କ କୋଠରୀକୁ ପଠାଇବା ସମୟରେ ମେଷ୍ଟର ମହାପାତ୍ର କହିଲେ—ଗଦାଧର । ସାବଧାନ ! ଏ ଘର ସାଧାରଣ ନୁହେଁ । ଏଠି ଯେଉଁ ବିପଦସବୁ ନିଜ ଉପରକୁ ଆସିବ ସେ ଖୁବ୍ କମ୍ ନୁହେଁ । ତେଣୁ ମୋ କଥା ମାନି କୋଠରୀରେ ବରାବର ତାଲି ଦେଇ ରଖିବ । ବିଛଣା ଉପରେ ସର୍ବଦା ପିସ୍ତଲ ତିଆରି କରି ରଖିଥିବ । ଯଦି କୌଣସି ପ୍ରକାର ବିପଦର ସମ୍ଭାବନା ମିଳେ, ତେବେ ପିସ୍ତଲ ଚଳାଇବାକୁ ଭୁଲିବା ନାହିଁ । ପିସ୍ତଲର ଆବାଜ ଶୁଣିବା ମାତ୍ରେ ତିରିଶ ସେକେଣ୍ଡ ଭିତରେ ମୁଁ ତୁମ ପାଖରେ ହାଜର ହୋଇଯିବି । ଯାଅ, ଏଖଣି ଆରାମ କର । କାଲି ଢେର୍ କାମ ଅଛି ।

Digitized by PPRACHIN, SOA

ସାତ

କେତେ ଘଣ୍ଟା ପରେ ହଠାତ୍ ମିଷ୍ଟର ମହାପାତ୍ରଙ୍କ ନିଦ ଭାଙ୍ଗିଗଲା । ଗୋଟେ ଝରକାର ପରଦା ହଲୁଥିଲା । ତେଣୁ ଅତି ଶୀଘ୍ର ସେ ତକିଆ ତଳେ ହାତ ପୁରାଇ ପିସ୍ତଲ ଉଠାଇ ଆଣି ତିଆର୍ ହୋଇଗଲେ ।

ଟୋଫା ଜହ୍ନ ଆଲୁଅରେ ସେ ଦେଖି ପାରିଲେ ଦୁଆର ଖୋଲା ହୋଇଛି । ଶୋଇବାକୁ ଯିବା ପୂର୍ବରୁ ସେ ସେହି କବାଟ ବନ୍ଦକରି ସେଥିରେ ତାଲା ଦେଇଥିଲେ । ବର୍ତ୍ତମାନ ଜାଣି ପାରିଲେ—ତାଙ୍କର ଶୋଇରହିଥିବା ଅବସ୍ଥାରେ କେହି ଜଣେ ତାଙ୍କ ଘର ଭିତରକୁ ଆସିଥିଲା

ଖୁବ୍ ସାବଧାନତାର ସହିତ ପାଦ ଟିପି ଟିପି ସେ ଦୁଆର ନିକଟରେ ପହଞ୍ଚିଗଲେ ଏବଂ ଚୁପ୍‌ଚୁପ କାନ ଡେରିବାକୁ ଲାଗିଲେ । କିନ୍ତୁ କୌଣସି ଆଡ଼ୁ କୌଣସି ପ୍ରକାର ଶବ୍ଦ ତାଙ୍କ କାନରେ ବାଜିଲା ନାହିଁ । ଅଗଣା ଭିତରେ ଭୟଙ୍କର ନିସ୍ତବ୍ଧତା ଛାଇ ହୋଇ ଯାଇଥିଲା । ସେ ଖିଡ଼କି ବାଟେ ମୁହଁ ଗଳାଇ କାହାକୁ ଦେଖିବାରେ ଲାଗିଲେ ।

Digitized by PPRACHIN, SOA

ଓଗାଟେ ସିଢ଼ି ଖିଡ଼କି ବାହାରୁ ଲାଗି ରହିଥିଲା—ତା ଭିତରେ ଜଣେ ଠିଆ ହୋଇଥିଲା । ତାଙ୍କ ଉପରେ ନଜର ପଡ଼ିବା ମାତ୍ରେ ସେ ଧୀର ସ୍ୱରରେ କହିଲା—କିଏ ? ମୋହନ ନା ନାହିଁ ?

ମିଷ୍ଟର ମହାପାତ୍ର ଉତ୍ତର ଦେଲେ—କେଉଁ ଲୋକଟ ?

ସେଇ, ଯା'କୁ……. ।

କଥା ବାର୍ତ୍ତା କରୁ କରୁ ସହସା ସେ ଲୋକଟି ବନ୍ଦ ହୋଇଗଲା, ଆଉ କହିଲା—ଏଁ, ତୁ କିଏ ?

ଏହାଠାରୁ ଅଧିକ କିଛି କହିବାକୁ ଯିବା ଆଗରୁ ମିଷ୍ଟର ମହାପାତ୍ର ଝିଡ଼କି ଉପରକୁ ଚଢ଼ିଯାଇ ଭିତରକୁ କୁଦି ପଡ଼ିଲେ । ଖିଡ଼କି ଡେର ଉଠିଥିଲା । କିନ୍ତୁ ସେ ଭିତରେ ଦାଖଲ ହେବା ମାତ୍ରେ ସେଠି ଠିଆ ହୋଇଥିବା ଲୋକଟି ତାଙ୍କ ଉପରେ ଆକ୍ରମଣ ଚଳାଇ ଦେଲା । ତା ହାତରେ କୌଣସି ହତିଆର ଥିଲା । ସେହି ହତିଆରର ଏକ ମୃଦୁ ଆଘାତ ମିଷ୍ଟର ମହାପାତ୍ରଙ୍କ ଗଳା ଉପରେ ବସିଲା । କିନ୍ତୁ ତା ବଦଳରେ ମିଷ୍ଟର ମହାପାତ୍ରଙ୍କ ମଜଭୁତ ହାତର ଏକ ଚାପଡ଼ ତା ଗାଲଫାଟି ଉପରେ ବସିଗଲା ।

ଚାପଡ଼ ଏତେ ଜୋରରେ ବସିଲା ଯେ ସେ ପ୍ରାୟ ବେହୋସ ହୋଇ ତଳେ ପଡ଼ିଗଲା । ମିଷ୍ଟର ମହାପାତ୍ର ତା ହାତରୁ ସେହି ହତିଆରଟି ଛଡ଼ାଇ ନେଇ ସେଥିରେ ଆଉ ଏକ ଚୋଟ ତା ପିଠି ଉପରେ ବସାଇଦେଲେ । ସେ ଆଣ୍ଠୁ ମାଡ଼ି ତଳେ ଶୋଇ ପଡ଼ିଲା ।

ହଠାତ୍ ତାର ଭଲ ଆଉ ଜଣେ ଲୋକ ଝରକା ଉପରୁ କୁଦି ପଡ଼ି ମିଷ୍ଟର ମହାପାତ୍ରଙ୍କ ପଛଆଡ଼େ ଯାଇ ପହଞ୍ଚିଗଲା । ଚମକି ପଡ଼ି ମିଷ୍ଟର ମହାପାତ୍ର କେତେ ପାହୁଲ ହଟିଗଲେ । ଏହି ସମୟରେ ପିସ୍ତଲର କଡ଼ା ଆବାଜ ସେହି ଶୂନ୍ୟ ପଡ଼ିଆର ନିସ୍ତବ୍ଧ ବାୟୁମଣ୍ଡଳକୁ ଚମକାଇ ଦେଲା ।

Digitized by PPRACHIN, SOA

ମିଷ୍ଟର ମହାପାତ୍ର ତଳେ ଫୋପାଡ଼ି ଦେଇଥିବା ସେହି ହତିଆରଟିକୁ ସେହି ଲୋକଟି ଉଠାଇ ନେଲା । ତା ଦ୍ୱାରା ଏକ ଚାଣୁଆ ଚୋଟ ତାଙ୍କ ମଥା ଉପରେ ବାଜିଲା ।

ମିଷ୍ଟର ମହାପାତ୍ର କୁହୁଡ଼ି କିଛି ଦୂରକୁ ହଟିଗଲେ ବୋଲି ସେହି ହତିଆରର ପୁରା ଚୋଟ ତାଙ୍କ ମୁଣ୍ଡ ଉପରେ ଲାଗି ନ ଥିଲା । ତଥାପି ସେହି ଆଘାତରେ ତାଙ୍କର ମଥା ଘୂରିଗଲା । ଆକ୍ରମଣକାରୀର ହାତରେ ଥିବା ପିସ୍ତଲକୁ ସେ ଯେମିତି ଛଡ଼ାଇ ନେବାକୁ ଗଲେ, ତାଙ୍କର ହାତ ଖସିଗଲା ଏବଂ ସେ ଟଳିକୁ ଛିଟିକି ଯାଇ କିଛି ଦୂରରେ କଣ୍ଢେଇ ହୋଇ ପଡ଼ିଗଲେ ।

କିନ୍ତୁ ଗଦାଧରର ସ୍ୱର ତାଙ୍କ କାନରେ ପଡ଼ିବା ମାତ୍ରେ, ତାଙ୍କ ଚେତନା ଫେରି ଆସିଲା—ପ୍ରଭୁ ! ନିରାପଦରେ ଅଛନ୍ତି ତ ?

ମିଷ୍ଟର ମହାପାତ୍ର ଉତ୍ତର ଦେଲେ—ଏଷଣି ମୁଣ୍ଡରେ ଭୟଙ୍କର ବେଦନା ଅନୁଭବ କରୁଛି । ଏତିକି କହିଦେଇ ମିଷ୍ଟର ମହାପାତ୍ର ହାତ ଥରେ ନିଜ ଶରୀର ଉପରେ ବୁଲାଇ ନେଲେ, କେବଳ ଗଦାଧର ଛଡ଼ା ସେଠି ଆଉ କେହି ନ ଥିଲେ । ସେ ପଚାରିଲେ—ସେମାନେ ପଳାଇ ଗଲେଣି ?

ଗଦାଧର ଟିକିଏ ଅପ୍ରତିଭ ହୋଇ ଉତ୍ତର ଦେଲା—ହଁ ଘଟଣାଟି ସେହିପରି ପ୍ରଭୁ ! ମୁଁ ଗାତ କନ୍ଦରେ ଶୋଇ ରହିଥିଲି, ଠିକ୍ ଏହି ସମୟରେ.........

ମିଷ୍ଟର ମହାପାତ୍ର ତା କଥାରେ ବାଧା ଦେଇ କହିଲେ—ସେ ସବୁ ଯା ହଉ ତୁମେ ଆସି ଏଠି ପହଞ୍ଚିବା ଦ୍ୱାରା ମୋର ଏତିକି ଉପକାର ହେଲା ଗଦାଧର, ସେମାନେ ଏଠୁ ଡରି ପଳାଇ ଗଲେ ! ନ ହେଲେ ମୋର ଯେ କେଜାଣି ଆଉ କି ଦୁର୍ଦ୍ଦଶା ହୋଇଥାନ୍ତା ।

Digitized by PPRACHIN, SOA

ଏତକ କହି ଦେଇ ମିଷ୍ଟର ମହାପାତ୍ର ଥରେ ସେଇ ଘରର ଚାରିଆଡେ ବୁଲି ଆସିଲେ ଏବଂ ତା ପରେ ଗଦାଧର ସାଙ୍ଗରେ ସେହି ଖିଡ଼କିବାଟେ ନିଜ ଶୋଇବା ଘରେ ପ୍ରବେଶ କଲେ । ତା ପରେ ଖିଡ଼କି ଉପରକୁ ଲାଗିଥିବା ସିଡ଼ି ସେ ତଳକୁ ଖସେଇ ପକେଇଲେ ଏବଂ ବିଛଣା ଉପରେ ଯାଇ ଶୋଇ ପଡ଼ିଲେ ।

ପରଦିନ ପ୍ରତ୍ୟୁଷରେ ମିଷ୍ଟର ମହାପାତ୍ରଙ୍କ ନିଦ ଭାଙ୍ଗିଗଲା । ତାଙ୍କୁ ସବୁଠାରୁ ଆଶ୍ଚର୍ଯ୍ୟ ଲାଗିଲା—ପିସ୍ତଲର ଶବ୍ଦ ହେଲେ ସୁଦ୍ଧା ଘରର ସମସ୍ତଙ୍କର କାହିଁକି ନିଦ ନ ଭାଙ୍ଗିଲା ।

ମଣିରାମ ଶୋଇସାରି ଉଠିଲା ବେଳକୁ ତା ମୁହଁର ରଙ୍ଗ ଏକବାର ବଦଳି ଯାଇଥିଲା । ସେ ବୁଝି ପାରିଲା ନାହିଁ, ପ୍ରକୃତରେ ଘଟନା କଣ ? ଉଠିବା ମାତ୍ରେହିଁ ତା ନଜର ମିଷ୍ଟର ମହାପାତ୍ରଙ୍କ ଉପରେ ଯାଇ ପଡ଼ିଲା । ସେ ସେହି ଭୟଙ୍କର କୁକୁରକୁ ସାଙ୍ଗରେ ଧରି ସେହି ଖୋଲା ମଇଦାନ୍ଟିରେ ଆଗକୁ ଆଗକୁ ବଢ଼ି ଚାଲିଥିଲେ ।

ଘରୁ ବାହାରକୁ ଯିବା କ୍ଷଣି ମିଷ୍ଟର ମହାପାତ୍ରଙ୍କୁ ସେ ଏହି ଆଦେଶ କରି ତାଙ୍କୁ ପଠାଇଥିଲା—ସେ ସେଠି ପହଞ୍ଚିବା ମାତ୍ରେ ତୁରନ୍ତ ଟେଲିଫୋନ୍ ସାହାଯ୍ୟରେ ପୁଲିସକୁ ଖବର ଦେବେ । ବର୍ତ୍ତମାନ ପୁଣି ଘର ଭିତରକୁ ଫେରିଆସି ସେ ଘରର ପ୍ରତ୍ୟେକ କୋଠରୀ ତନ୍ନତନ୍ନ କରି ପରୀକ୍ଷା କରିବାକୁ ଲାଗିଲେ । କେବଳ ତିନୋଟି କୋଠରୀକୁ ଗଲେ ନାହିଁ । ପ୍ରଥମଟି ମଣିରାମର, ଦ୍ୱିତୀୟ କାମିନୀର ଓ ତୃତୀୟ କୋଠରୀରେ ସେହି ଶବ ରଖା ଯାଇଥିଲା ।

ଭୋଜନ ଗୃହରେ ପ୍ରବେଶ କରି ମଣିରାମ ଚା ପିଉଥିବା ପିଆଲାକୁ ହାତରେ ଉଠାଇ ନେଲେ । କୌଣସି ଏକ ବସ୍ତୁ ପିଆଲା ତଳେ ବସି ଯାଇଥିଲା ଏବଂ ତାହା ଦେଖିବାକୁ ଅତ୍ୟନ୍ତ ଚମକପ୍ରଦ ବୋଧହେଉଥିଲା ।

Digitized by PPRACHIN, SOA

ମଣିଗ୍ରାମଙ୍କ ସହିତ ପ୍ରଥମ ସାକ୍ଷାତ ହଉଁ ହଉଁ ମିଷ୍ଟର ମହାପାତ୍ର ତାଙ୍କୁ ପ୍ରଶ୍ନ କଲେ—କୁହନ୍ତୁ, କାଲି ରାତିରେ ଖୁବ୍ ଗାଢ ନିଦରେ ଶୋଇଥିଲେ ନା ?

ସେ ଉତ୍ତର ଦେଲା—ହଁ ମିଷ୍ଟର ମହାପାତ୍ର ! ନିଦତ ଖୁବ୍ ହେଲା । ମୁଁ ତ ସେସବୁ ବୁଝୁନି ?

ସନ୍ଦେହ ମିଶା ସ୍ୱରରେ ମଣିଗ୍ରାମ ପଚାରିଲା—ଏ ବିଷୟ ବୁଝିବାର ଦରକାର କଣ ?

ପରିହାସ୍ୟର ସହିତ ମିଷ୍ଟର ମହାପାତ୍ର କହିଲେ—ଏହାର କାରଣ, ଶୋଇବାକୁ ଯିବା ପୂର୍ବରୁ ଯେଉଁମାନେ ଏକ ଗୋଟି ବେରୋନାଲ ସେବନ କରିଥାନ୍ତି, ସେମାନଙ୍କୁ ବେଶ୍ ଗାଢ ନିଦ୍ରା ଆସେ ।

ବେରୋନାଲ ! ମୁଁ ବୁଝି ପାରୁନାହିଁ ଆପଣ କଣ କହିବାକୁ ଯାଉଛନ୍ତି ।

ସକାଳେ ଶୋଇ ଉଠିବା ପରେ ତୁମର ପାଟିର ସ୍ୱାଦ କଣ କିଛି ଖରାପ ଜଣା ପଡୁ ନ ଥିଲା ?

ମଣିଗ୍ରାମ ଚମକି ଉଠିଲା । ମିଷ୍ଟର ମହାପାତ୍ର ଖିଲଖିଲ ହସି ଉଠି କହିଲେ—ତେବେ ତ ମୋ ଧାରଣା ସତ ।

ହଁ, ମିଷ୍ଟର ମହାପାତ୍ର ! ଘଟନାତ ପ୍ରକୃତରେ ଅନେକାଂଶରେ ସେହିପରି । କିନ୍ତୁ ଏପରି କାହିଁକି ହେଲା ମୁଁ ବୁଝି ପାରୁ ନାହିଁ ।

ଏଥିରେ ବୁଝା ନ ପଡ଼ିବା ଭଳି କିଛି କଥା ନାହିଁ । କାମିନୀ ତୁମକୁ ବେରୋନାଲ ପିଆଇ ବେହୋସ କରି ଦେଇଥିଲା ।

ଆପଣଙ୍କର ସମସ୍ତ କଥା ମତେ ପ୍ରହେଳିକାମୟ ବୋଧ ହେଉଛି ।

ନିଶ୍ଚୟ ସେହିପରି ବୋଧ ହେଉଥିବ ।

ଏହି ସମୟରେ କାମିନୀ ଆସି କୋଠରୀ ଭିତରେ ପାଦ ରଖିଲା । ତାଙ୍କୁ ଦେଖୁ ଦେଖୁ ମିଷ୍ଟର ମହାପାତ୍ର କହିଲେ—ଆମ୍ଭେମାନେ

Digitized by PPRACHIN, SOA

ଏହି ସମସ୍ୟାର ସମାଧାନ କରୁଛନ୍ତି, ଆପଣ ମିଷ୍ଟର ମଣିରାମଙ୍କୁ କାଲି ରାତିରେ କି କାରଣରୁ ବେହୋସ କରି ଦେଇଥିଲେ ।

କାମିନୀ ଚମକି ପଡ଼ି ପଛକୁ ଘୁଞ୍ଚିଗଲା ଏବଂ କ୍ରୋଧଯୁକ୍ତ ନାଲି ଆଖିରେ ମିଷ୍ଟର ମହାପାତ୍ରଙ୍କୁ ଚାହିଁ ଉତ୍ତର ଦେଲା—ମୁଁ ମଣିରାମଙ୍କ ବେହୋସ କରିଥିଲି ! ଆପଣ ପାଗଳ ନୁହଁନ୍ତି ତ ?

ତା'ର ଏହି କଥା ପ୍ରତି ଡିଜେ ହେଲେ ଭ୍ରୁକ୍ଷେପ ନ କରି ମିଷ୍ଟରମହାପାତ୍ର କହିଲେ—ଖାଦ୍ୟ ପାତ୍ର ସବୁ ଶୀଘ୍ର ସଫାସଫି କରିଦିଅ ।

କାମିନୀ ରାଗି ଉଠି ଉତ୍ତର ଦେଲା—ମୁଁ ଆପଣଙ୍କ ଆଦେଶ ପାଳନ କରିବାକୁ ବାଧ୍ୟ ନୁହେଁ ।

ସେହିପରି ଦୃଢ ସ୍ୱରରେ ମିଷ୍ଟର ମହାପାତ୍ର କହିଲେ—ମୁଁ ତୁମକୁ ଆଦେଶ ଦେଉନାହିଁ, ବରଂ ଏକ ସୁପରାମର୍ଶ ଦେଉଛି । ପୁଲିସ ବର୍ତ୍ତମାନ ଏଠି ପହଞ୍ଚିବ ଏବଂ ମଣିରାମର ରୀ ପେଆଲା ଯାଞ୍ଚ କରି ବସିଲେ ତୁମକୁ ଆଦୌ ନିରାପଦ ବୋଧ ହେବନାହିଁ ।

କ୍ରୋଧରେ ଥରଥର ହୋଇ ସେ ଚୁପ ହୋଇଗଲା । ମିଷ୍ଟର ମହାପାତ୍ର ହସି ହସି ମଣିରାମଙ୍କ ଆଡ଼କୁ ଚାହିଁ କହିଲେ—ମୋ ବିଶ୍ୱାସରେ ମଣିରାମ ରାତିରେ ଏହି ଘର ଭିତରେ ଘଟିଥିବା ଘଟଣା ବିଷୟରେ ତୁମକୁ ଟିକିଏ ହେଲେ ଖବର ନାହିଁ ।

କି ଘଟଣା ?

ରାତିରେ ଏହି ଘର ଭିତରକୁ କେତେକ ବାହାର ଲୋକ ପଶି ଆସିଥିଲେ ।

ମଣିରାମର ଚେହେରା ଭୟରେ ଧଳା ପଡ଼ିଗଲା । ସେ କହି ଉଠିଲେ—ଅସମ୍ଭବ ! ଅସମ୍ଭବ ମିଷ୍ଟର ମହାପାତ୍ର । ଏହା କେବେ ହୋଇ ପାରେ ନା ।

Digitized by PPRACHIN, SOA

ହଠାତ୍ ସେଇ ସ୍ତ୍ରୀଲୋକ ଆଡ଼କୁ ବୁଲି ପଡ଼ି ମିଷ୍ଟର ମହାପାତ୍ର କହିଲେ—ସ୍ତ୍ରୀକୁ ପଚାର !

କାମିନୀ ତାଙ୍କର ଏ କଥାର କୌଣସି ଜବାବ ବି ଦେଲେ ନାହିଁ । ମଣିରାମ ପଚାରିଲା—ଯଦି ସେ ଦୁ'ଜଣଙ୍କ ଭିତରୁ କେହି ହେଲେ ଆଜି ଏ ଘର ଭିତରକୁ ପଶି ଆସିଥିଲା, ମତେ ବିସ୍ମୟ ଲାଗୁଛି, ମୁଁ କପରି ଜୀବନରେ ବଞ୍ଚିଗଲି ।

ଏଥିରେ ଆଶ୍ଚର୍ଯ୍ୟ ହେବାର କୌଣସି କାରଣ ନାହିଁ, ମଣିରାମ ! ସେମାନେ କୌଣସି ଅନ୍ୟ ଉଦ୍ଦେଶ୍ୟ ନେଇ ଘର ଭିତରକୁ ଆସିଥିଲେ ।

ଏତିକିବେଳେ ମଣିରାମ କାମିନୀ ଆଡ଼କୁ ଦେଖିବାକୁ ଲାଗିଲେ । ତେଣୁ ସେ କହିଲେ—ଦୁଃଖର ସହିତ କହିବାକୁ ଯାଉଛି ମଣିରାମ, ମିଷ୍ଟର ମହାପାତ୍ରଙ୍କର ଏପରି ଅମୂଳକ ଘଟଣା ଶୁଣିବାରେ ମୋର ଡେରି ହେଲେ ପସନ୍ଦ ପଡୁ ନାହିଁ । ତେଣୁ ଏପରି ବ୍ୟର୍ଥ କାହାଣୀ ଶୁଣିବା ଲଗି ମୁଁ ଏଠାରେ ଆଉ ଏକ ମୁହୂର୍ତ୍ତ ସୁଦ୍ଧା ବିଳମ୍ବ କରିବାକୁ ଚାହେଁ ନାହିଁ ।

ଏତିକି କହିଦେଇ କାମିନୀ ଟେବୁଲ୍ ଉପରେ ଥିବା ପ୍ଲେଟ୍ ଓ ଟେଗରକୁ ଉଠାଇବାକୁ ଲାଗିଲା । ସବୁ ଉଠେଇ ସାରି ସେ ଘର ବାହାରକୁ ଯିବା ସମୟରେ, ମିଷ୍ଟର ମହାପାତ୍ର କହିଲେ—ଦେଖ, ମଣିରାମର ଶ୍ୱ ପେଆଲା ଟିକିଏ ଭଲ ଭାବରେ ସଫା କରିବ, କିନ୍ତୁ ପୁଲିସ ଆସିବା ପୂର୍ବରୁ ।

ମଣିରାମର ଭ୍ରୂକୁଟି କୁଞ୍ଚିତ ହୋଇଗଲା । ସେ କହିଲା—ପୁଲିସକୁ କିଏ ଖବର ଦେଲା, ମିଷ୍ଟର ମହାପାତ୍ର ? ଆପଣ ଏ ସବୁ ଭଲ କରୁ ନାହାନ୍ତି ।

ମତେ ଯେତେଦୂର ମାଲୁମ ହେଉଛି, ପୁଲିସର ଏଠାକୁ ଆସିବାରେ କେବଳ ଏହି ସ୍ତ୍ରୀ ବାଧା ଦେଉଛି ।

Digitized by PPRACHIN, SOA

ମଣିରାମଙ୍କୁ ଏ କଥା ସ୍ୱୀକାର କରିବାକୁ ପଡ଼ିଲା । କିନ୍ତୁ ସେ କହିଲେ—ମତେ ଆଦୌ ବୁଝି ପଡୁ ନାହିଁ, ଆପଣ କାମିନୀକୁ କାହିଁକି ବରାବର ଏପରି ସନ୍ଦେହ ଦୃଷ୍ଟିରେ ଦେଖୁଛନ୍ତି ? ଏ ଘର ଭଲ ସ୍ତ୍ରୀଟିଏ । ତା କଥାରେ ବାଧା ଦେଇ ମିଷ୍ଟର ମହାପାତ୍ର ଅତି ଉତ୍ତେଜିତ ସ୍ୱରରେ କହିଲେ—ଶୁଣିଲ ମଣିରାମ ! ଯେତେଦୂର ମୋ ଦ୍ୱାରା ହୋଇ ପାରିବ, ମୁଁ ତୁମକୁ ବଞ୍ଚାଇବାରେ ଲାଗିଛି । ତୁମ ଉପରେ ଯାହା ସବୁ ବିପଦ ଅଛି, ସେ ସବୁ ମୋ ଠାରୁ ଲୁଚି ଛପି ରହି ନାହିଁ । ମୋର ଏଠି ରହିବାରେ କୌଣସି ସ୍ୱାର୍ଥ ନ ଥିଲେ ମୁଁ ଦଣ୍ଡେ ସୁଦ୍ଧା ଏଠି ରହନ୍ତି ନାହିଁ । ମୁଁ ଏଠାକୁ ଆସିବା ଦିନରୁ ମୋ ଜୀବନ ନାଶ କରିବା ପାଇଁ କେତେଥର ଚେଷ୍ଟା ହୋଇ ସାରିଛି ଏବଂ ସେ ସବୁର ପ୍ରତିଶୋଧ ନ ନେବା ପର୍ଯ୍ୟନ୍ତ ମୁଁ ଏଠାରୁ ଯିବିନାହିଁ । ତୁମେ ଯଦି ମୋର ଉପଦେଶ ମାନିବାକୁ ଚାହୁଁଛ, ତେବେ ତୁମର କାମିନୀ ଉପରେ ନଜର ରଖିବା ଦରକାର । ସେ ଘର ଭୟଙ୍କର ସ୍ତ୍ରୀଲୋକ । ଏଠାକୁ ପୁଲିସ ଆସିବାରେ ତାର ଯେ କାହିଁକି ସମ୍ମତି ନାହିଁ, ମୁଁ ଭଲ ଭାବରେ ଜାଣି ପାରିଲିଣି । ତୁମେ ଦେଖିବ ଯେ ପୁଲିସ ଏଠି ପାଦ ଦବା ଆଗରୁ ସେ ଏ ଘରୁ ଅନ୍ତର୍ଦ୍ଧାନ ହୋଇ ଯାଇଥିବ ।

ନାଁ ନାଁ ମିଷ୍ଟର ମହାପାତ୍ର ! ଏପରି ଭାବିବା ଆପଣଙ୍କର ଭୁଲ ।

ବାସ୍ତବିକ ମିଷ୍ଟର ମହାପାତ୍ରଙ୍କର ଏପରି ବିଚାର ପୁରାପୁରି ଭୁଲ ଥିଲା । କାରଣ ପୁଲିସ ଆସିବା ମାତ୍ରେ ସର୍ବ ପ୍ରଥମେହିଁ କାମିନୀ ଯାଇ ଇନ୍ସପେକ୍ଟର ପଣ୍ଡାଙ୍କର ଅଭ୍ୟର୍ଥନା କରି ବସିଲା ।

ମିଷ୍ଟର ମହାପାତ୍ରଙ୍କୁ ସେଠାରେ ଉପସ୍ଥିତ ଥିବାର ଦେଖି ପଣ୍ଡା ଭାରି ଖୁସି ହେଲେ । ତାଙ୍କ ଉପରେ ଦୃଷ୍ଟି ପଡୁ ପଡୁ ସେ କହିଲେ—ଏହି ଘଟଣା ବହୁତ ଭୟଙ୍କର ମିଷ୍ଟର ମହାପାତ୍ର ! ଏଥିରେ ଆପଣଙ୍କ ସହାୟତା ଲାଭ କରି ମୁଁ ଅତିଶୟ ଆନନ୍ଦିତ ହେଲି ।

Digitized by PPRACHIN, SOA

ଏତକ କଥା ଦେଇ ମିଷ୍ଟର ପଣ୍ଡା ସ୍ୱର ଆଡ଼େ ଥରେ ଆଖି ବୁଲାଇ ନେଲେ ଏବଂ ପରେ କହିଲେ—ମଣିରାମ କା ନାଁ ?

ମଣିରାମ ନିଜେ ନିଜର ପରିଚୟ ଦେଲା ଏବଂ ନିଜ ପକେଟରୁ ନୋଟବୁକ୍ କାଢ଼ି ମିଷ୍ଟର ପଣ୍ଡା ତାକୁ ନାନାପ୍ରକାର ପ୍ରଶ୍ନ ପଚାରି ନୋଟ ବୁକ୍‌ରେ ତାର ଉତ୍ତର ଲେଖିବାକୁ ଲାଗିଲେ ।

ଏହା ପରେ ଘରର ଅନ୍ୟାନ୍ୟ ବ୍ୟକ୍ତିଙ୍କୁ ମଧ୍ୟ ଭିନ୍ନ ଭିନ୍ନ ପ୍ରଶ୍ନ ପଚାରି ନୋଟବୁକ୍‌ରେ ଲେଖିବାକୁ ଲାଗିଲେ । ମିଷ୍ଟର ମହାପାତ୍ର ତାଙ୍କର ଏହି କାମରେ କୌଣସି ପ୍ରକାର ସହଯୋଗ କଲେ ନାହିଁ, କିମ୍ବା ଏଥିରେ ତନ୍ନ ହେଲେ ଆନନ୍ଦିତ ମଧ୍ୟ ହେଲେ ନାହିଁ ।

ଏ କାମ ଶେଷ କରି ଇନ୍‌ସପେକ୍ଟର ସେହି ମୃତ ବ୍ୟକ୍ତିକୁ ଦେଖିବାକୁ ଲାଗିଲେ । ତେଣୁ ମଣିରାମ ଓ ଅନ୍ୟାନ୍ୟ କେତେକ ବ୍ୟକ୍ତିଙ୍କୁ ସାଙ୍ଗରେ ଧରି ସେହି ଶବ ରଖା ଯାଇଥିବା ଘରେ ପ୍ରବେଶ କଲେ । ମିଷ୍ଟର ମହାପାତ୍ର ମଧ୍ୟ ସେମାନଙ୍କ ସହିତ କୋଠରି ଭିତରେ ପ୍ରବେଶ କଲେ ।

କିନ୍ତୁ ସବୁଠାରୁ ଆଶ୍ଚର୍ଯ୍ୟର ବିଷୟ ଏହି ଯେ ଘରର ଯେଉଁଠି ଶବ ରଖା ଯାଇଥିଲା ତାର ସବୁ ଅନୁସନ୍ଧ ଖୋଜିବା ପରେ ମଧ୍ୟ ସେହି ଶବର କୌଣସି ସନ୍ଧାନ ମିଳିଲା ନାହିଁ । ସେ ଘରର ତାଲା ମଣିରାମ ପାଖରେ ଥିଲା । ତଥାପି ସେ ବି ବୁଝି ପାରିଲା ନାହିଁ, ଘଟଣା କଣ ? ପଣ୍ଡା ମଧ୍ୟ ଏ ବିଷୟରେ ବହୁ ପ୍ରକାର ଅନୁସନ୍ଧାନ କରିବାରେ ଲାଗିଲେ, ତଥାପି କୌଣସି ଖବର ମିଳିଲା ନାହିଁ ।

ସେଠାରୁ ଫେରି ଆସି ମିଷ୍ଟର ପଣ୍ଡା ମହାପାତ୍ରଙ୍କ ମଧ୍ୟ ଜବାବ ସୁଆଲ କଲେ । ତା ପରେ ଗାଁବାଲାଙ୍କୁ ପଚରା ପଚରି ଆରମ୍ଭ କଲେ । ସେମାନେ ସମସ୍ତ କହିଗଲେ, ଏପରିକି ମିଷ୍ଟର ମହାପାତ୍ରଙ୍କର କୁକୁର ସହିତ ସେହି ଲୋକର ସଂଘର୍ଷ ବିଷୟରେ ମଧ୍ୟ ବର୍ଣ୍ଣନା

Digitized by PPRACHIN, SOA

କରିବାକୁ ଭୁଲିଲେ ନାହିଁ । ମିଷ୍ଟର ମହାପାତ୍ରଙ୍କୁ ଆଶ୍ଚର୍ଯ୍ୟ ଲାଗିଲା— ତାଙ୍କର ମାଂସ ଦୋକାନକୁ ଆସିବାଠୁଁ ତା ପରବର୍ତ୍ତି ସମସ୍ତ ଘଟଣା କିପରି ଗ୍ରାମବାସୀମାନେ ଜାଣି ପାରିଲେ । ଏପରିକି ମିଷ୍ଟର ମହାପାତ୍ରଙ୍କର ହ୍ୟୁମ୍ କୋଠିକୁ ଆସିବାର କାରଣ ମଧ୍ୟ ଗ୍ରାମବାସୀ-ମାନଙ୍କର ଅଗୋଚର ନ ଥିଲା ।

ସମସ୍ତେ ହ୍ୟୁମ୍ କୋଠିକୁ ଫେରି ଆସିବା ପରେ ପଣ୍ଡା ଓ ମିଷ୍ଟର ମହାପାତ୍ର ବହୁତ ବେଳଯାଏଁ ଏକାନ୍ତରେ ବସି କଣ କଥୋପକଥନ ହେଲେ । ମିଷ୍ଟର ମହାପାତ୍ର ଯେଉଁ ସବୁ କାରଣ ଯୋଗୁଁ କାମିନୀକୁ ସନ୍ଦେହ କରୁଥିଲେ, ସେ ସମସ୍ତ ମଧ୍ୟ ତାଙ୍କୁ ଜଣାଇ ଦେଲେ । ରାତିରେ ତାଙ୍କ ଘର ଉପରେ ହୋଇଥିବା ଆକ୍ରମଣ ବିଷୟ ତାଙ୍କୁ କହିଲେ । ସମସ୍ତ ଘଟଣା ଅତ୍ୟନ୍ତ ଧ୍ୟାନର ସହିତ ଶୁଣି ସାରିଲା ପରେ ପଣ୍ଡା କହିଲେ—ତେବେ ଆପଣଙ୍କର ଏ ସମ୍ବନ୍ଧରେ ଧାରଣା କଣ ?

ମିଷ୍ଟର ମହାପାତ୍ର—ମୁଁ ଏତିକି ନିଶ୍ଚିତ ଭାବରେ ଜାଣି ପାରିଛି ଯେ ଯେଉଁ ଦୁଇ ଲୋକଙ୍କୁ ମଣିଷମର ଏତେ ଭୟ, ସେମାନେ ଏ ଘଟଣାରେ ଆଦୌ ସଂପୃକ୍ତ ନୁହନ୍ତି ।

ଆପଣଙ୍କର ଏ କଥାରେ ମୁଁ ମଧ୍ୟ ଏକମତ, ମିଷ୍ଟର ମହାପାତ୍ର । ସପନ ଓ ସୈଜୁ ପିସ୍ତଲର ବ୍ୟବହାର ଜାଣନ୍ତି ନାହିଁ ବା ହତ୍ୟା କରିବାର ସାହସ ସେମାନଙ୍କର ଆଦୌ ନାହିଁ କହିଲେ ଚଳେ । ତେବେ ଘଟନା ପ୍ରକୃତରେ କଣ ?

ଯଦି ମତେ ପଚାରୁଛନ୍ତି, ତେବେ ମୁଁ ନିଶ୍ଚୟ ଜଣାଇବି ଯେ ମୋର ଏହି ଘଟଣାରେ ସ୍ୱତନ୍ତ୍ର ଧାରଣା ଜାତ ହୋଇଛି ।

କଣ ?

ଆପଣ ନିଶ୍ଚୟ ଜାଣିଥିବେ ଯେ ଏହି ସ୍ଥାନର ଆଖ ପାଖ ଗ୍ରାମ ମାନଙ୍କରେ ଏବେ କେତେ ଦିନ ହେଲା ଲକ୍ଷଣ ଡକାୟତି ହେବାର

Digitized by PPRACHIN, SOA

ଶୁଣା ଯାଉଛି, ଏପରି କି ଅପହୃତ ମାଲ ଏବଂ ଡକାୟତର ଏପର୍ଯ୍ୟନ୍ତ ସନ୍ଧାନ ବି ମିଳୁ ନାହିଁ ।

ତେଣୁ ଆପଣଙ୍କର କଣ ଏହି ଧାରଣା ଯେ ସେହି ସବୁ ଚୋରି ମାଲ.................।

ବର୍ତ୍ତମାନ କିଛି ଠିକ୍ କରି କହି ହେଉ ନାହିଁ । ସେ ଯାହାହେଉ ନା କାହିଁକି ମୋର ବିଶ୍ୱାସହିଁ ବିଶ୍ୱାସ । ଯଦି ଆପଣ ମୋର ଗୋଟିଏ କଥା ମାନି ପାରନ୍ତି, ତେବେ ବହୁତ ଭଲ ହୁଅନ୍ତା ।

କଣ ?

ଆପଣ ଏ ବିଷୟ ନିଶ୍ଚୟ ବୁଝି ପାରିଥିବେ ଯେ ରାତିରେ ଏହି ଘରର ଗୃହଆଡେ ପୁଲିସ ପହରା ରହିବା କଥାଟା ଅଦୌ କାମନା ପସନ୍ଦ କରୁ ନାହିଁ । ତେଣୁ ମୁଁ ଅନୁରୋଧ କରୁଛି ଯେ, ଅନ୍ତତଃ ଆଜି ରାତି ପାଇଁ ହେଲେ ଆପଣ ସ୍ୱର ଗୃହଆଡେ କୌଣସି ପ୍ରକାର ଜଗୁଆଳିର ବନ୍ଦୋବସ୍ତ କରନ୍ତୁ ।

ପଣ୍ଡା ଆଶ୍ଚର୍ଯ୍ୟର ସହିତ ମିଷ୍ଟର ମହାପାତ୍ରଙ୍କୁ କହିଲେ—ଆପଣଙ୍କର ଏ କଥା ଟିକିଏ ହେଲେ ବୁଝି ହେଲା ନାହିଁ, ମିଷ୍ଟର ମହାପାତ୍ର

କାରଣ ଏହି ଯେ ମୁଁ ଏଠାରେ ଆଉ ବେଶୀ ଦିନ ରହିବାକୁ ଚାହେଁ ନାହିଁ । ତେଣୁ ଘଟଣାଟିର ଯେତେଶୀଘ୍ର ମୀମାଂସା ହୋଇଯିବ, ସେତେ ଭଲ । ଘରର ଗୃହଆଡେ ଜଗୁଆଳି ନ ରଖିଲେ, ସେମାନେ ନିଶ୍ଚେ ଆଜି ରାତିରେ ତାଙ୍କୁ ଖତମ କରି ଦେବେ ।

ବର୍ତ୍ତମାନ ମୋର ଆପଣଙ୍କ ସଙ୍ଗରେ ମତଭେଦ ହେବାର କାରଣ କିଛି ଦେଖି ପାରୁ ନାହିଁ । କିନ୍ତୁ ଆପଣଙ୍କୁ ପୂର୍ବରୁ ସ୍ମରଣ ରଖିବାକୁ ହେବ ଯେ ସେମାନେ କେତେଦୂର ବିପଦଜନକ ପ୍ରାଣୀ !

ମୁଁ ସବୁ ଜାଣିଛି । କିନ୍ତୁ ଏହି ରହସ୍ୟକୁ ଭଲ ଭାବରେ ବୁଝିବାକୁ ମତେ ଅନ୍ୟ କୌଣସି ବାଟ ଦେଖା ଯାଉ ନାହିଁ ।

Digitized by PPRACHIN, SOA

ଆଉ ଗୋଟେ କଥା ମିଷ୍ଟର ମହାପାତ୍ର ! ଗାଁ-ବାଲାଙ୍କ ସାଙ୍ଗରେ କଥାବାର୍ତ୍ତା କରିବା ପରେ ମତେ ଜଣେ ଅଦ୍ଭୁତ ନାବିକର ସନ୍ଧାନ ମଧ୍ୟ ମିଳିଛି । ସେ ସବୁବେଳେ ଗୋଟେ ଡଙ୍ଗାରେ ବସି ଏଣେ ତେଣେ ବୁଲୁଥାଏ । ବହୁତ ଲୋକ ମଧ୍ୟ ତା ପଛରେ ଲାଗିଥିବେ, କିନ୍ତୁ ଆଶ୍ଚର୍ଯ୍ୟ କଥା, କିଛି ଦୂର ଗଲା ପରେ ସେ ଅଦୃଶ୍ୟ ହୋଇଯାଏ । ଗାଁ ଲୋକମାନେ ତାକୁ ପ୍ରେତ ବୋଲି ବିଶ୍ୱାସ କରନ୍ତି । କିନ୍ତୁ ମୁଁ ତାକୁ ଜୀବିତ ବୋଲି ଭାବେ । ମୋର ମଧ୍ୟ ଦୃଢ଼ ବିଶ୍ୱାସ, ସେହି ବ୍ୟକ୍ତି ଓ ଶରଧାରୀ ବ୍ୟକ୍ତି ଏକ ।

ସମ୍ଭବପର ମନେ ହେଲା ।

କିଛିକ୍ଷଣ ପର୍ଯ୍ୟନ୍ତ ଏହିପରି ନାନା ବିଷୟରେ ଆଲୋଚନା କରିବା ପରେ, ମିଷ୍ଟର ପଣ୍ଡା ବିଦାୟ ନେଲେ । ମିଷ୍ଟର ମହାପାତ୍ର ଅନୁସନ୍ଧାନ ଦ୍ୱାରା ଜାଣି ପାରିଲେ, ବଦମାସମାନେ ଯେଉଁ ସିଡ଼ି ଖଣ୍ଡିକ ଘରର ଝିଡ଼କି ଦେହରେ ଲଗାଇ ଭିତରକୁ ଆସନ୍ତି, ଗୋଟେ ଆଖ ପାଖ ବୁଦା ଭିତରେ ତାହା ଲୁଚି ଯାଇଥାଏ ।

କିଛି ସମୟ ଏହିପରି ଅତିବାହିତ ହେଲା ପରେ ମିଷ୍ଟର ମହାପାତ୍ର ସେହି ଖୋଲା ପଡ଼ିଆରେ ଟହଲିବା ଉଦ୍ଦେଶ୍ୟରେ ବାହାରି ଆସିଲେ । ଆଗରୁ ଗଦାଧର ଆସୁଥିବାର ମଧ୍ୟ ଜଣା ପଡ଼ିଲା । ସେ ଗୋଟେ ମାଛଧରା ବନସୀଖଡ଼ା ଧରିଥିଲା । ସେ ମିଷ୍ଟର ମହାପାତ୍ରଙ୍କ ପାଖକୁ ଲାଗି ଆସି କହିବାକୁ ଲାଗିଲା—ଏଠି ପାଣି ଭିତରେ ବହୁତ ବଡ଼ ବଡ଼ ମାଛ ଥିବାର ଶୁଣୁଛି । ଚାଲନ୍ତୁ ନା ଶୀକାର କରିଯିବା ।

ମିଷ୍ଟର ମହାପାତ୍ର ହସି ଉଠିଲେ । ତାଙ୍କୁ ମାଛ ଧରିଯିବାର ସମୟ ନ ଥିଲା କିନ୍ତୁ, ଗଦାଧରର ଉତ୍ସୁକତାରେ ସେ ବାଧା ଦେଇ ପାରିଲେ ନାହିଁ ।

Digitized by PPRACHIN, SOA

୨୦

କନିସ୍ ଘଣ୍ଟା ହାତରେ ଧରି ଗଦାଧର ମିଶ୍ରଙ୍କ ମହାପାତ୍ରଙ୍କ ସହିତ କଥାବାର୍ତ୍ତା କରିବାକୁ ଲାଗିଲା—ଆପଣଙ୍କୁ କୌଣସି ନୂଆ କଥ ଜଣା ଗଲା ?

ମାଷ୍ଟର ମହାପାତ୍ର—ସେହି ଦୁଷ୍ଟ ବ୍ୟକ୍ତିମାନଙ୍କ ଦଳ ଏମିତି କୌଣସି ବସ୍ତୁ ପଛରେ ଲାଗିଛନ୍ତି, ଯାହାକି ଭୂମି କୋଠି ଭିତରେ ଅଛି । ହୁଏତ ହୋଇପାରେ, ମଣିରାମଙ୍କୁ ସେ ବିଷୟ କିଛି ଜଣା ନାହିଁ । କିନ୍ତୁ ଏହା ନିଶ୍ଚିତ, ମଣିରାମ ଯେଉଁ କାରଣରୁ ଏତେଦୂର ଭୟବିହ୍ୱଳ ହୋଇ ପଡ଼ିଛି, ସେ ତାଙ୍କର ଏକ ମିଥ୍ୟା ଧାରଣା । ମୋର ବିଶ୍ୱାସ, ଯଦି ସେ ଖୋଜି ଦେଇରେ ବି ଭୂମି କୋଠିର ଘରଆଡ଼େ ବୁଲନ୍ତି, ତେବେ ସୁଦ୍ଧା ତାଙ୍କର କେହି କିଛି ଅନିଷ୍ଟ କରିପାରିବ ନାହିଁ ବିପଦ ଯାହା କିଛି ଅଛି କେବଳ ଆମର ଉପରେ ।

କିଏ ?

ଦୁଷ୍ଟ ବ୍ୟକ୍ତିମାନଙ୍କର ଉଦ୍ଦେଶ୍ୟ ସାଧନ ପଥରେ ଆମ୍ଭେମାନେ କଣ୍ଟକ ତୁଲ୍ୟ ହୋଇ ରହିଛୁଁ ।

ତାଙ୍କର ଏ କଥାର କୌଣସି ଜବାବ ଦେବା ପୂର୍ବରୁ ଗଦାଧରର ଦୃଷ୍ଟି ଗୋଟିଏ ସାମୁଦ୍ରିକ ବାୟୁଯାନ ଉପରେ ପଡ଼ିଲା । ତାହା କୌଣସି ତନ୍ତୁ ସହିତ ସଂଲଗ୍ନ ହୋଇ କୂଳରେ ବନ୍ଧା ଯାଇଥିଲା । ଏହା ବ୍ୟତୀତ ଅନ୍ୟ ଏକ ପଦାର୍ଥ ପ୍ରତି ମଧ୍ୟ ଦୃଷ୍ଟି ଆକୃଷ୍ଟ ହୋଇଥିଲା । ଏହା ଏକ କ୍ଷୁଦ୍ର ଡଙ୍ଗା, ଯା ଉପରେ କ୍ଷୁଦ୍ର କୁଡ଼ିଆଟିଏ ତିଆରି ହୋଇଥିଲା କାଶି ନାମକ ଏକ ମତ୍ସ୍ୟଜୀବୀର ତାହା ନିବାସ । ସେ ସମୟରେ ଡଙ୍ଗାର ଏକ ପାଖରେ କାଶି ଦୂରବୀକ୍ଷଣ ଯନ୍ତ୍ର ସାହାଯ୍ୟରେ ସେମାନଙ୍କର ଭାବଭଙ୍ଗୀ ନିରୀକ୍ଷଣ କରୁଥିଲା ।

ମିଷ୍ଟର ମହାପାତ୍ର ଏହି ଦୁଇଟି ବସ୍ତୁ ଦେଖିଲେ ଏବଂ କହିଲେ— ଆପେଜୀ ଜାଣି ପାରୁଛ ଏ ବାୟୁଯାନଟି କାହାର ଏବଂ କେଉଁ ଉଦ୍ଦେଶ୍ୟରେ ଏଠାରେ ରଖା ଯାଇଛି । ମୋ ଇଚ୍ଛା, ଆଉ ଟିକିଏ ନିକଟକୁ ଯାଇ ତାକୁ ଦେଖନ୍ତି ।

ଠିକ୍ କଥା—ଏହାପରେ କହି ଗଦାଧର ବନସୀଖଡ଼ା ପାଣିରୁ କାଢ଼ି କୂଳରେ ରଖିଦେଲା । ତା ପରେ ଗୋଟିଏ ଛୋଟ ଡଙ୍ଗାରେ ଚଢ଼ି ସେମାନେ ସେହି ସାମୁଦ୍ରିକ ବାୟୁଯାନ ଆଡ଼କୁ ଅଗ୍ରସର ହେଲେ ।

କିଛିଦୂର ଅଗ୍ରସର ହେଲା ପରେ ସେମାନଙ୍କର ଦୃଷ୍ଟି ଏଇମେତ ଆଉ ଗୋଟିଏ ଡଙ୍ଗା ଉପରେ ପଡ଼ିଲା—ତା ଉପରେ ଜଣେ ଲୋକ ଟୋପି ପିନ୍ଧି ବସିଥିଲା । ସେ ଲୋକଟିକୁ ଦେଖିଲା ମାତ୍ରେ ମିଷ୍ଟର ମହାପାତ୍ରଙ୍କର ଅତିଶୟ କୌତୁହଳ ଜାତ ହେଲା । ତେଣୁ ସେ ଗଦାଧର ଆଡ଼କୁ ଚାହିଁ କହିଲେ—ଗଦାଧର ! ସାମୁଦ୍ରିକ ବାୟୁଯାନର କଥା ପଛେ ଦେଖା ଯିବ । ପ୍ରଥମେ ଚାଲ ଦେଖିବା ସେ ଲୋକଟି କିଏ ।

Digitized by PPRACHIN, SOA

ଗଦାଧର ସେହି ନୌକା ଆଡ଼କୁ ନିଜ ଡଙ୍ଗାର ମଙ୍ଗ ବୁଲାଇ ଦେଲା ଏବଂ ଖୁବ୍ ଜୋରରେ ସେହି ଆଡ଼କୁ ନୌକା ବାହିବାକୁ ଆରମ୍ଭ କଲା । ଏ ସବୁ ଦେଖି ପାର୍ ସେ ନୌକା ମଧ୍ୟ ଆହୁରି ଜୋରରେ ଆଗକୁ ଧାଇଁବାକୁ ଲାଗିଲା ଏବଂ କିଛିଦୂର ଗଲା ପରେ ଏକ ଅତଡ଼ା ଭିତରେ ତା ଡଙ୍ଗାକୁ ପୁରେଇ ଦେଇ ସେହି ଲୋକଟି ଅଦୃଶ୍ୟ ହୋଇଗଲା ।

କିଛି ସମୟ ପରେ ମିଷ୍ଟର ମହାପାତ୍ରଙ୍କର ନୌକା ମଧ୍ୟ ସେହି ସ୍ଥାନରେ ଆସି ପହଞ୍ଚିଗଲା । ସେହି ଅତଡ଼ାର ଆର ପାଖରେ ମିଷ୍ଟର ମହାପାତ୍ରଙ୍କୁ ଏକ ପ୍ରକାଣ୍ଡ ପଡ଼ିଆ ଦେଖା ଗଲା । ସେହି ପଡ଼ିଆଟି ଏକ ପ୍ରକାର ଦ୍ୱୀପ ଭଳି, କାରଣ ଚତୁର୍ଦ୍ଦିଗରେ ଜଳବେଷ୍ଟିତ ହୋଇ ରହିଥିଲା ।

ମିଷ୍ଟର ମହାପାତ୍ର ଏଣେ ତେଣେ ଘୂରିଆସି ବହୁତ ଅନୁସନ୍ଧାନ କଲେ । କିନ୍ତୁ ସେହି ବ୍ୟକ୍ତିର କୌଣସି ସନ୍ଧାନ ସୂତ୍ର ମିଳିଲା ନାହିଁ । ତେଣୁ ମିଷ୍ଟର ମହାପାତ୍ର କହିଲେ—ଏହି ବ୍ୟକ୍ତିକୁ ନିଜ ଡଙ୍ଗା ସହିତ ଏପରି ଆକସ୍ମିକ ଭାବରେ ଅଦୃଶ୍ୟ ହୋଇ ଯିବାରେ ମନେ ହୁଏ, ଯେଉଁ ନାବିକ ବିଷୟରେ ଗ୍ରାମବାସୀଙ୍କ ମନରେ ନାନା ପ୍ରକାର ଆଶଙ୍କା ଓ ସନ୍ଦେହ ଜାତ ହୁଏ, ଏ ବୋଧହୁଏ ସେହି ।

ଗଦାଧର—ଘଟନାଟି ସେହିପରି । ସେ କୌଣସି ଜୀବନ୍ତ ମନୁଷ୍ୟ ବୋଲି ମୋର ଅନୁମାନ । ଆଶ୍ଚର୍ଯ୍ୟର କଥା, ସେ କିପରି ଏପରି ଆକସ୍ମିକ ଭାବରେ ହଠାତ୍ ଅଦୃଶ୍ୟ ହୋଇଗଲା ।

ଶେଷରେ ନାଚାର୍ ହୋଇ ସେମାନେ ସେହି ସ୍ଥାନରୁ ଫେରିବାକୁ ଲାଗିଲେ । କିଛି ସମୟ ପରେ ସେମାନଙ୍କର ନୌକା ସେହି ସାମୁଦ୍ରିକ ବାୟୁଯାନ ନିକଟରେ ଆସି ପହଞ୍ଚିଗଲା । ସେମାନେ ଜାଣି ପାରିଲେ— ସେଥିରେ କେହି ଅବଶିଷ୍ଟ ନାହାନ୍ତି ।

Digitized by PPRACHIN, SOA

ମିଷ୍ଟର ମହାପାତ୍ର ଥରେ ତାହା ଉପରେ ଚଢ଼ି ତାକୁ ଭଲ ଭାବରେ ପର୍ଯ୍ୟବେକ୍ଷଣ କରିବାକୁ ଇଚ୍ଛା ପ୍ରକାଶ କଲେ । ଏହା ଏକ ପ୍ରକାର ଅନୁଚିତ, କାରଣ ସେହି ନୌକାର ମାଲିକ ଉପସ୍ଥିତ ନ ଥିଲି । ମାଲିକର ବିନା ଅନୁମତିରେ କୌଣସି ଜାହାଜରେ ଚଢ଼ିବା ଭଦ୍ରତା ଦୃଷ୍ଟିରୁ ଗ୍ରହଣୀୟ ନୁହେଁ ।

ସେ ଯାହା ହେଉ ମିଷ୍ଟର ମହାପାତ୍ର ନିଜର ଉତ୍ସୁକତା ଦମନ କରି ପାରିଲେ ନାହିଁ । ଡଙ୍ଗାକୁ ବାୟୁଯାନ ସାଙ୍ଗରେ ବାନ୍ଧି ଦିଆଗଲା ଏବଂ ମିଷ୍ଟର ମହାପାତ୍ର ଗଦାଧରକୁ ସାଙ୍ଗରେ ଧରି ତା ଉପରେ ଆରୋହଣ କଲେ ।

ଅଧ ଘଣ୍ଟା ପର୍ଯ୍ୟନ୍ତ ମିଷ୍ଟର ମହାପାତ୍ର ତା ଉପରେ ବୁଲି ବୁଲି କଲେ । କିନ୍ତୁ କୌଣସି ପ୍ରକାର ସନ୍ଦେହ ଜନକ ବିଷୟ ତାଙ୍କର ଦୃଷ୍ଟି ଗୋଚର ହେଲା ନାହିଁ । ତେଣୁ ସେ ନିଜ ଡଙ୍ଗା ଉପରକୁ ଫେରିଆସି ଚଢ଼ିଲେ । ଡଙ୍ଗା ଅନ୍ୟ ଦିଗରେ ଗଲିଲା ।

ସେମାନେ କିଛିଦୂର ଅଗ୍ରସର ହେଲା ପରେ କୂଳରୁ ଗୋଟିଏ ମଟର ବୋଟ ଖୁବ୍ ବେଗରେ ସେମାନଙ୍କ ଆଡ଼କୁ ଆସୁଥିବାର ଦେଖାଗଲା । ମିଷ୍ଟର ମହାପାତ୍ରଙ୍କର ଅତିଶୟ କୌତୂହଳ ଜାତ ହେଲା । ଏବଂ ସେହି ମଟରବୋଟ ତାଙ୍କ ଡଙ୍ଗା ସମ୍ମୁଖରେ ଆସି ଛିଡ଼ା ହୋଇ ନ ଯିବା ପର୍ଯ୍ୟନ୍ତ ସେ ତାକୁ ନିର୍ନିମେଷ ଦୃଷ୍ଟିରେ ଦେଖିବାକୁ ଲାଗିଲେ ।

ସେହି ମଟର ବୋଟରେ ଦୁଇ ଜଣ ମାତ୍ର ଆରୋହୀ ଥିଲେ ଏବଂ ତାଙ୍କ ଭିତରୁ ଜଣେ ମହାପାତ୍ରଙ୍କୁ ପଚାରିଲେ—କହନ୍ତୁ ମହାଶୟ ! ମୋ ସାମୁଦ୍ରିକଯାନର ଖାନତଲାସ ସରିଲା ? ଆପଣଙ୍କ ଉଦ୍ଦେଶ୍ୟ ପରି କୌଣସି ବସ୍ତୁ ତ ସେଥିରେ ଦେଖାଯାଇ ନ ଥିବ ।

ମିଷ୍ଟର ମହାପାତ୍ର ଅତିଶୟ ନମ୍ରତାର ସହିତ ଉତ୍ତର ଦେଲେ —କାରଣ ଏହି ଯେ ମହାଶୟ, ମୁଁ କୌଣସି ଅସତ୍ ଉଦ୍ଦେଶ୍ୟ ନେଇ

Digitized by PPRACHIN, SOA

ତା ଉପରକୁ ଯାଇ ନ ଥିଲି । ଆପଣ ଜାଣିଥିବେ ଯେ ମୁଁ ଜଣେ ଗୁପ୍ତ ପୁଲିସ ଏବଂ ମୋ ନାଁ ମିଷ୍ଟର ମହାପାତ୍ର । ପ୍ରାୟ ବର୍ଷକ ତଳେ ଏ ଅଞ୍ଚଳରେ ଏପରି କେତେକ ଡକାୟତି ସଂଘଟିତ ହୋଇଛି, ଯାହାର ଖବର ଏ ଯାଏ କିଛି ମିଳିନାହିଁ । ତେଣୁ ସେ ସବୁ ଅନୁସନ୍ଧାନର ଭାର ମୁଁ ନିଜ ଉପରକୁ ନେଇଛି । ଏ ବାୟୁଯାନ କାହାର ଏବଂ କି ଉଦ୍ଦେଶ୍ୟରେ ଏଠି ରଖାଯାଇଛି, ଏହା ଜାଣିବା ପାଇଁ କେବଳ କୌତୂହଳବଶ ହୋଇ ମୁଁ ତା ଉପରକୁ ଯାଇଥିଲି । ଆଶା କରେଁ ଆପଣ ଏ କଥାକୁ କୌଣସି ଗୁରୁତ୍ୱ ଦୃଷ୍ଟିରେ ଦେଖିବେ ନାହିଁ ।

ସେହି ବ୍ୟକ୍ତି ଭ୍ରୂକୁଟି କୁଞ୍ଚିତ କରି ଉତ୍ତର ଦେଲା—ଦେଖନ୍ତୁ ମହାଶୟ ! ଆପଣଙ୍କର ଏହା ବରାବର ମନେ ରଖିବା ଉଚିତ ଯେ ବିନା ଅନୁମତିରେ କୌଣସି ବ୍ୟକ୍ତିର ବାୟୁଯାନ ଉପରେ ଆରୋହଣ କରିବା କପରି ଦଣ୍ଡନୀୟ ବ୍ୟାପାର । ଆଉ ଗୋଟିଏ କଥା ଏହି ଯେ ଗୁପ୍ତଚରମାନଙ୍କ ସହିତ ବିଶେଷତଃ ଆପଣଙ୍କ ସହିତ ମୋର ଏକବାର ଅହି ନକୁଳ ସମ୍ବନ୍ଧ । ତେଣୁ ଆପଣ ମୋ ବିନା ଅନୁମତିରେ ଏ ଯାନ ଉପରେ ଆରୋହଣ କରିଥିବା ଦୋଷ ହେତୁ ମତେ କ୍ଷମା ମାଗନ୍ତୁ, ନଚେତ୍ ଏହି ଅଗାଧ ଜଳ ଭିତରେ ସମାଧି ପାଇବାକୁ ତିଆର ହୋଇ ଯାଆନ୍ତୁ ।

ତାର ଏହି ଅସଭ୍ୟ ବ୍ୟବହାରରେ ମିଷ୍ଟର ମହାପାତ୍ର ବହୁତ ଉତ୍ତେଜିତ ହୋଇ ପଡ଼ିଲେ । ସେ ଟିକିଏ ଦୃଢ଼ ସ୍ୱରରେ କହିଲେ—ଦେଖନ୍ତୁ ମହାଶୟ ! ଯଦି ଆପଣ ମୋ ସହିତ ଭଦ୍ର ବ୍ୟବହାର କରିଥାନ୍ତେ, ତେବେ ସମ୍ଭବତଃ ମୁଁ ଆପଣଙ୍କୁ ସ୍ୱତଃପ୍ରବୃତ୍ତ ହୋଇ କ୍ଷମା ମାଗିଥାନ୍ତି । କିନ୍ତୁ ବର୍ତ୍ତମାନ ଆପଣଙ୍କର ଏହି ବ୍ୟବହାରରେ ଆପଣଙ୍କୁ କ୍ଷମା ମାଗିବା ଲାଗି ମୋର ଆଦୌ ଇଚ୍ଛା ହେଉନାହିଁ ।

Digitized by PPRACHIN, SOA

ତାଙ୍କର ଏହି ଉତ୍ତର ଶୁଣି ସେହି ବ୍ୟକ୍ତି ଗଗଡରେ ଚାଟି ଉଠିଲା । ହଠାତ୍ ତାର ସାଥୀ ଜଣକ କହି ପକାଇଲା—ସର୍ଦ୍ଦାର ! କାହିଁକି ଆଉ ଡେରି କରୁଛନ୍ତି ? ଯାଙ୍କୁ ଏଇଠି ଠିକଣା କରିଦେଲେ କିଏ ଦେଖୁଛି ?

ସେହି ବ୍ୟକ୍ତି ଥରେ ତୀକ୍ଷ୍ଣ ଦୃଷ୍ଟିରେ ତା ଆଡ଼କୁ ଅନାଇ କହିଲା —ପାଗଳ ହେଲୁ କି କଣ ? ଜାଣୁନାହିଁ ଯେ ସେହି କେଉଁଠି ଦୂରବୀକ୍ଷଣ ଯନ୍ତ୍ର ଲଗାଇ କିପରି ଧ୍ୟାନରେ ଆମ୍ଭମାନଙ୍କର ଗତିବିଧି ଲକ୍ଷ୍ୟ କରୁଛି ।

କ୍ଷମା କରିବେ । ମୁଁ ଭୁଲିଯାଇଥିଲି । ଏତିକି କହି ସେ ଚୁପ ହୋଇଗଲା । ଠିକ୍ ଏହି ସମୟରେ ମେଷ୍ଟର ମହାପାତ୍ର କହିଲେ— ମୋର ଯାହା ଧାରଣା ନ ଥିଲା, ତୁମ୍ଭେମାନେ ତା ଅପେକ୍ଷା ଅଧିକ ସମ୍ମାନ ବୋଧ ହେଉଛ । ମୋ ବିଚାରରେ ଅନ୍ୟୁନପକ୍ଷେ ପାଞ୍ଚ ବର୍ଷ ଲାଗି ତୁମ୍ଭମାନଙ୍କୁ ଜେଲଖାନା ଭିତରକୁ ପଠାଇବାକୁ ବନ୍ଦୋବସ୍ତ କରିବାକୁ ହେବ ।

ତାଙ୍କ କଥା ଶୁଣି ସେ ଦୁଇଜଣ ଏକାବେଳକେ କ୍ରୋଧାନ୍ଧ ହୋଇ ଉଠିଲେ । ତା ସାଙ୍ଗ ଜଣକ ହଠାତ୍ ନିଜ ପକେଟରୁ ପିସ୍ତଲ କାଢ଼ି-ନେଇ ନଳିକୁ ମୁହଁ ମେଷ୍ଟର ମହାପାତ୍ରଙ୍କ ଗୁଡ଼ି ଆଡ଼କୁ ବୁଲାଇବାକୁ ଚେଷ୍ଟା କରୁଛି, ଠିକ ଏହି ସମୟରେ ସଦା ସାବଧାନୀ ମେଷ୍ଟର ମହାପାତ୍ର ହଣ୍ଟର ଉଠାଇ ଏପରି ଜୋରରେ ଏକ ପାହାର ତା ହାତ ଉପରେ ଦେଲେ ଯେ ପିସ୍ତଲ ତଳେ ଖସି ପଡ଼ିଲା ।

ଏହା ଦେଖି ପାରି ଅପର ବ୍ୟକ୍ତିଟି ହଠାତ୍ ତାଙ୍କ ଡଙ୍ଗା ଉପରକୁ ଡେଇଁ ଆସିଲା ଏବଂ ମେଷ୍ଟର ମହାପାତ୍ରଙ୍କ ଉପରେ ଆକ୍ରମଣ କରିବାକୁ ଉଦ୍ୟତ ହେଉଛି, ଏପରି ସମୟରେ ମେଷ୍ଟର ମହାପାତ୍ର ଅବଲୀଳାକ୍ରମେ ତାହାର ଦୁଇ ହାତକୁ ଟେକି ନେଇ ଏତେ ଜୋରରେ ଫୋପାଡ଼ି ଦେଲେ ଯେ ସେ ଯାଇ ପାଣି ଭିତରେ ବୁଡ଼ିଗଲା ।

Digitized by PPRACHIN, SOA

କିଛି ସମୟ ପର୍ଯ୍ୟନ୍ତ ସେହି ବ୍ୟକ୍ତି ପାଣି ଭିତରେ ବୁଡ଼ି ରହିଗଲା । କିନ୍ତୁ ହଠାତ୍ ପାଣି ହାବୁକା ସହିତ ଉପରକୁ ଉଠି ଆସି ହାତଗୋଡ଼ ବାଡ଼େଇବାକୁ ଲାଗିଲା । ଏହି ଅଳ୍ପ ସମୟ ଭିତରେ ତା ପେଟରେ ପେଟେ ପାଣି ଭର୍ତ୍ତି ହୋଇ ଯାଇଥିଲା । ସହସା ଗଦାଧର ଚିତ୍କାର କରି ଉଠିଲା—ଏ ଦୁଷ୍ଟ ବୋଧହୁଏ ପହଁରି ଜାଣେ ନାହିଁ ।

ମିଷ୍ଟର ମହାପାତ୍ର ମଧ୍ୟ ଅତି ଶୀଘ୍ର ଏହା ହୃଦୟଙ୍ଗମ କରି ପାରିଲେ । ଯଦିଓ ସେହି ବ୍ୟକ୍ତି ତାଙ୍କ ସହିତ ଅତିଶୟ ଖରାପ ବ୍ୟବହାର କରିଥିଲା, ତଥାପି ସେ ନିଜ ଆଖି ଆଗରେ କୌଣସି ବ୍ୟକ୍ତିର ଏପରି ଅସହାୟ ଅବସ୍ଥାରେ ଜଳସମାଧି ଧୈର୍ଯ୍ୟ ଧରି ପାରିଲେ ନାହିଁ । ତେଣୁ ହଠାତ୍ ସେ ହାତ ଉଠାଇ ତା ଆଡ଼କୁ ଲମ୍ବାଇଦେଲେ । ଅତି ଶୀଘ୍ର ସେ ତାକୁ ଆଶ୍ରା କରିନେଲା, କିନ୍ତୁ ଏ ପର୍ଯ୍ୟନ୍ତ ବି କ୍ରୋଧଯୁକ୍ତ ଆଖିରେ ସେ ମିଷ୍ଟର ମହାପାତ୍ରଙ୍କୁ ଦେଖୁଥିଲା ।

ମଟରବୋଟରେ ତାର ଅନ୍ୟ ସାଥୀଟି ନିଶ୍ଚିନ୍ତ ଭାବରେ ବସି ନ ଥିଲା । ହଠାତ୍ ଇଞ୍ଜିନ ବନ୍ଦ ହେବାର ଶବ୍ଦ ମିଷ୍ଟର ମହାପାତ୍ରଙ୍କ କାନରେ ପଡ଼ିଲା ଏବଂ ସେ ଅତି ଶୀଘ୍ର ଘୁଞ୍ଚି ଆସି ମିଷ୍ଟର ମହାପାତ୍ରଙ୍କ ନୌକାରେ ଏପରି ଏକ ଆଘାତ ଦେଲା ଯେ ମିଷ୍ଟର ମହାପାତ୍ର ଅସମ୍ଭାଳ ଭାବରେ ପାଣିରେ ପଡ଼ି ପଡ଼ିଲେ ।

ସେ ଚେଷ୍ଟାକରି ଉପରକୁ ଉଠିଲେ ଦେଖିଲେ ମଟରବୋଟରେ ବସିଥିବା ବ୍ୟକ୍ତିଟି ନିଜ ହାତର ସାହାଯ୍ୟରେ ସେହି ବୁଡ଼ି ମରୁଥିବା ବ୍ୟକ୍ତିକୁ ଉଦ୍ଧାର କରି ସାରିଛି । ତେଣୁ ମିଷ୍ଟର ମହାପାତ୍ର ଗଦାଧରଙ୍କୁ କହିଲେ—ଏଠି ଆଉ ମୁହୂର୍ତ୍ତେବି ରହିବା ନିରାପଦ ନୁହେଁ, ଡଙ୍ଗା କୂଳକୁ ନେଇଚାଲ । ଏମାନଙ୍କ ଉପଦ୍ରବ ଶେଷ ହୋଇନାହିଁ ।

Digitized by PPRACHIN, SOA

ଗଦାଧର ଅତି ଶୀଘ୍ର ନିଜ ଡଙ୍ଗାର ମୁହଁ ବୁଲେଇଦେଲେ ଏବଂ ଖୁବ୍ ଜୋରରେ କୂଳ ଆଡ଼କୁ ଅଗ୍ରସର ହେବାକୁ ଲାଗିଲେ । କିନ୍ତୁ ସେହି ଡଙ୍ଗା ଅଧିକ ଦୂର ଆସିବା ପୂର୍ବରୁ ମିଷ୍ଟର ମହାପାତ୍ର ଦେଖି ପାରିଲେ, ମଟରବୋଟ୍ଟି ପୁନର୍ବାର ଦ୍ୱିଗୁଣ ବେଗରେ ତାଙ୍କ ଆଡ଼କୁ ଅଗ୍ରସର ହେଉଛି । ମିଷ୍ଟର ମହାପାତ୍ର ବୁଝି ପାରିଲେ, ମଟରବୋଟ ପୁଣି ଥରେ ତାଙ୍କ ଡଙ୍ଗା ସହିତ ସଂଘର୍ଷ କରିବାକୁ ଯାଉଁଛି । କିନ୍ତୁ ତାହାରୁ ବଞ୍ଚିବାର ଉପାୟ ସେତେବେଳେ ବା କଣ ଥିଲା ?

ନଅ

ଅତି ଶୀଘ୍ର ଗଦାଧରକୁ ସ୍ଥାନଚ୍ୟୁତ କରି ମିଷ୍ଟର ମହାପାତ୍ର ନୌକା ବାହକର ସ୍ଥାନ ଅଧିକାର କଲେ ଏବଂ ଗଦାଧର ପିସ୍ତଲ ତିଆରି ରଖି ଦୃଢ଼ ମନରେ ବସିଲା । ମିଷ୍ଟର ମହାପାତ୍ର ହଠାତ୍ ମୁହଁ ମଟରବୋଟ ଆଡ଼କୁ କରିଦେଲେ ଏବଂ ସ୍ଥିର ଭାବରେ ବସିଯାଇ ତାଙ୍କ ଡଙ୍ଗା ସହିତ ସଂଘର୍ଷର ସମୟକୁ ପ୍ରତୀକ୍ଷା କରିବାକୁ ଲାଗିଲେ । ସେ ଭଲ ଭାବରେ ଜାଣିଥିଲେ, ଏହି ସଂଘର୍ଷରେ ତାଙ୍କର କ୍ଷୁଦ୍ର ଡଙ୍ଗାଟି ଅପେକ୍ଷା ବରଂ ସେହି ମଟରବୋଟ ଅଧିକ କ୍ଷତିଗ୍ରସ୍ତ ହେବ ।

କିନ୍ତୁ ଏହା ମଧ୍ୟ ମଟରବୋଟ ଆରୋହୀମାନଙ୍କ ଦୃଷ୍ଟିରୁ ଅନ୍ତରାଳରେ ନ ଥିଲା ଏବଂ ସେମାନେ ମଧ୍ୟ ଏପରି କୌଣସି ସଂଘର୍ଷ ଲୋଡ଼ୁଁ ନ ଥିଲେ । ବୋଟ ନିକଟରୁ ନିକଟତର ହୋଇ ଆସିଲା ଏବଂ ହଠାତ୍ ଡଙ୍ଗା ପାଖ ଦେଇ ଅତି ବେଗରେ ବାହାରି ଯାଇ ଜଙ୍ଗଲ ମଧ୍ୟରେ କେଉଁ ଆଡ଼େ ଅଦୃଶ୍ୟ ହୋଇଗଲା ।

Digitized by PPRACHIN, SOA

ସେ କେଉଁ ଆଡ଼େ ଗଲ, ଏ ବିଷୟ ଖବର ନେବାରେ ମେଷ୍ଟର ମହାପାତ୍ରଙ୍କର କୌଣସି ଆବଶ୍ୟକତା ନ ଥିଲା । ତା ପରେ କୂଳେ କୂଳେ ନୌକା ଚାଳନ କରି ହୁସ୍ୟାଁ କୋଠି ଆଡ଼େ ଅଗ୍ରସର ହେବାକୁ ଲାଗିଲେ ।

ହଠାତ୍ ଆକାଶ ପାଉଁଶିଆ ରଙ୍ଗ ହୋଇ ଆସିଲା ଏବଂ ଝଡ଼ ତୋଫାନର ଆଶଙ୍କା ମଧ୍ୟ ଜଣାଗଲା । ଯଥା ଶକ୍ତି ଚେଷ୍ଟା ସହକାରେ ମେଷ୍ଟର ମହାପାତ୍ର ନୌକାର ଗତି ବଢ଼ାଇବାକୁ ଲାଗିଲେ । ଅଧ ଘଣ୍ଟାକ ପରେ ବର୍ଷା ଗର୍ଜ୍ଜନ କରିବାକୁ ଲାଗିଲା ଏବଂ ବିଜୁଳି ଚମକ ଉଠିଲା ।

ସହସା ମେଷ୍ଟର ମହାପାତ୍ରଙ୍କର ଦୃଷ୍ଟି ଏପରି ଜଣେ ବ୍ୟକ୍ତି ଉପରେ ପଡ଼ିଲା, ଯେ କି ହାତରେ ପିସ୍ତଲ ନେଇ ଧୀର ସ୍ଥିରଭାବରେ ମେଷ୍ଟର ମହାପାତ୍ରଙ୍କୁ ଲକ୍ଷ୍ୟ କରିବାରେ ଲାଗିଛି । କୂଳରେ ଥିବା ବୁଦା ଓ ନଳ ଆଗକୁ ଘୁଞ୍ଚି ଆସି ମେଷ୍ଟର ମହାପାତ୍ର ସେହି ଲୋକକୁ ଭଲ ଭାବରେ ଦେଖିପାରିଲେ । ଗଦାଧର ମଧ୍ୟ ତାକୁ ଦେଖିପାରି ପିସ୍ତଲ ଫାଏର କଲା । କିନ୍ତୁ ସେତେବେଳକୁ ପବନରେ ତଳକୁ ନଇଁ ଆସିଥିବା ବୁଦାଗୁଡ଼ିକ ପୁଣି ସିଧା ହୋଇ ଛିଡ଼ା ହୋଇଯାଇଥିଲା ଏବଂ ବୋଧହୁଏ ସେହି ଲୋକ ସେଠାରୁ କିଛି ଦୂର ଅଗ୍ରସର ହୋଇ ଯାଇଥିଲା ପୁନର୍ବାର ସେହି ଆଡ଼କୁ ଲକ୍ଷ୍ୟ କରି ଗଦାଧର ବାରଂବାର ତିନି ଥର ଗୁଳି ବର୍ଷଣ କଲା ।

ବର୍ତ୍ତମାନ ମୁଷଳ ଧାରରେ ବର୍ଷା ଆରମ୍ଭ ହୋଇଗଲା । ଥରେ ମାତ୍ର ଦୃଷ୍ଟି ଫେରାଇ ମିଷ୍ଟର ମହାପାତ୍ର ପୁଣି ଥରେ ଡଙ୍ଗା ଉପରେ ଥିବା କଣ୍ଠର ସେହି କୁଢ଼ଆଁକୁ ଦେଖିବାକୁ ଲାଗିଲେ । ତାଙ୍କୁ ଏହା ହିଁ ବିସ୍ମିତ କରିଦେଲା, ଝଡ଼ ତୋଫାନର କୌଣସି ପ୍ରଭାବ ତା ଉପରେ ପଡ଼ିବାକୁ ନାହିଁ ।

Digitized by PPRACHIN, SOA

ମିଷ୍ଟର ମହାପାତ୍ର ତାଙ୍କୁ କୂଳରେ ଖଟାଇ ଦେଇ ଦଉଡ଼ଜଗରେ ଭୂୟାଁ କୋଠି ଆଡ଼କୁ ଅଗ୍ରସର ହେଲେ । ସେତେବେଳକୁ ବର୍ଷା ପାଣିରେ ସମୁଦାୟ ଜଙ୍ଗଲ ଭରିଯାଇଥିଲା । ତେଣୁ ଅତିଶୟ ଆୟାସ ସହକାରେ ସେ ବହୁ ଡେରିରେ ଆସି ଭୂୟାଁ କୋଠିର ନିକଟବର୍ତ୍ତୀ ହେଲେ ।

ଦୁଆର ନିକଟରେ ପହଞ୍ଚି ସେ ପ୍ରାୟ ପାଞ୍ଚ ମିନିଟ ଯାଏ କବାଟ ଉପରେ ଆଘାତ କଲେ । ଭିତରେ କିନ୍ତୁ କିଛି ଖବର ମିଳିଲା ନାହିଁ । ସୌଭାଗ୍ୟର କଥା, ସେ ବାହାରକୁ ଆସିବା ବେଳେ ନିଜ କୋଠରୀର ଝରକାଟିକୁ ସେହିପରି ଖୋଲା ରଖି ଯାଇଥିଲେ । ତେଣୁ ସିଡ଼ିରେ ଚଢ଼ି ତା ଉପରେ ପହଞ୍ଚିବାକୁ ବସିଚନ୍ତି, ଏପରି ସମୟରେ ଦୁଆର ଖୋଲିଗଲା । କବାଟ ନିକଟରେ ସୁରସେନର ଶରୀର ଦୃଷ୍ଟିଗୋଚର ହେଲା । କାମିଜର କଲର ସେତେବେଳକୁ ଗୋଟିପଣେ ନୋଚ୍‌କୋଚ୍ ହୋଇ ଯାଇଥିଲା । ମିଷ୍ଟର ମହାପାତ୍ରଙ୍କ ଉପରେ ଦୃଷ୍ଟି ପଡ଼ିବା ମାତ୍ରେ ସେ କହିଲା—କ୍ଷମା କରିବେ ମିଷ୍ଟର ମହାପାତ୍ର ! କ୍ଷୀପ୍ରମ ଦୁଆର ଖୋଲିବାର ଆଦେଶ ଦେଇ ନ ଥିଲେ । ତାଙ୍କର ଧାରଣା, ଆପଣ ଓ ଗଦାଧର ଆସି ନାହାନ୍ତି । ବରଂ ସପନ ଓ ରାଜୁ କବାଟ ଖୋଲି ଭିତରେ ପଶିବାର ପ୍ରଯତ୍ନ କରୁଛନ୍ତି । ଏହି ତୋଫାନରେ ତାଙ୍କର ଲୋତ ଆତୁର ବଢ଼ି ଯାଇଛି । ବହୁ କଷ୍ଟରେ ତାଙ୍କୁ ବୁଝାସୁଝି କରି ମୁଁ ଦୁଆର ଖୋଲିବାକୁ ଆସିଲି । ସେମାନେ ନିଜ ନିଜର କୋଠରୀ ଭିତରେ ପଶି ଭିତରୁ ଦରଜା ବନ୍ଦ କରି ଦେଇଛନ୍ତି ।

ତନହେଁ ସିଧା ସିଧା ବୈଠକଖାନା ଆଡ଼କୁ ଅଗ୍ରସର ହେଲେ ଏବଂ ସେଠାରେ ପ୍ରାୟ ତିନି ମିନିଟ ପର୍ଯ୍ୟନ୍ତ ବସିଚନ୍ତି, ବିଜୁଳି ଚମକି ଉଠିଲା ଏବଂ ଘଡ଼ଘଡ଼ ଶବ୍ଦରେ ପୃଥିବୀ ଦୁଲୁକି ଗଲା । ସହସା କୌଣସି ବ୍ୟକ୍ତିର ଚିତ୍କାର ଶବ୍ଦ ମଧ୍ୟ ସେମାନଙ୍କ କାନରେ ଆସି ବାଜିଲା ।

Digitized by PPRACHIN, SOA

ସୁରସେନ କହିଲେ—ହେଉ ଦେଖନ୍ତୁ, ମଣିରାମଙ୍କର ଚିତ୍କାର ଧ୍ୱନି ଜଣା ଯାଉଛି ସେ ବର୍ତ୍ତମାନ ଭୟରେ ଅତିଶୟ ବିଚଳିତ ହୋଇ ପଡ଼ିଛନ୍ତି ।

ନିକଟବର୍ତ୍ତୀ କୋଠରୀରୁ ମଧ୍ୟ ନାରାୟଣର ହୁଁ ହୁଁ କରୁଥିବାର ଚିତ୍କାର ଶୁଣାଗଲା, ଯେଉଁଥିରୁ ଜଣାଗଲା କି ଭୟରେ ସେ ଗୋଟିପଣେ ଥରିବାରେ ଲାଗିଛି ।

ଗଦାଧର କହିଲେ—ଜଣା ଯାଉ ନାହିଁ ସେ ସ୍ତ୍ରୀଲୋକର ବର୍ତ୍ତମାନ ଅବସ୍ଥା କଣ ହୋଇ ନ ଥିବ ?

ମିଷ୍ଟର ମହାପାତ୍ର—ସେ ଖୁବ ସାହସୀ ସ୍ତ୍ରୀ । ତାର ଏ ସବୁରେ କିଛି ନାହିଁ ।

ଗଦାଧର—କିନ୍ତୁ ସେଦିନ କବାଟ ଧୀରେ ଧୀରେ ଖୋଲିବା ବେଳେ ତ ସେ ଠିକ୍ ଏହିପରି ଚିତ୍କାର କରି ଉଠିଥିଲା ।

ସ୍ମିତହାସ୍ୟ ପ୍ରକଟ କରି ମିଷ୍ଟର ମହାପାତ୍ର କହିଲେ—ତାର ଚାଲକି, ଗଦାଧର । ଏହିପରି ଚିତ୍କାର କରି ସେ ମଣିରାମ ଓ ନାରାୟଣ ଉଭୟଙ୍କ ଭିତରେ ଭୟର ଭାବ ସଞ୍ଚାର କରେ । ବୋଧହୁଏ ଏଥିରେ ବି ତାର କୌଣସି ଅଭିସନ୍ଧି ଅଛି ।

Digitized by PPRACHIN, SOA

ଦଶ

ମିଷ୍ଟର ମହାପାତ୍ର ଗଦାଧରଙ୍କୁ ସାଙ୍ଗରେ ନେଇ ବୈଠକଖାନାରେ ପହଞ୍ଚିଲେ । ସେଠାରେ ନାରାୟଣ ଦୁଇ ହାତରେ ନିଜର ମୁହଁ ଢାଙ୍କି ରଖି ଟେବୁଲ ଉପରେ ଢଳି ପଡ଼ିଥିଲା ଏବଂ କାମିନୀ ତାକୁ ସନ୍ତୋଷର ଦୃଷ୍ଟିରେ ଚାହିଁ ରହିଥିଲା । ମିଷ୍ଟର ମହାପାତ୍ର ସେହି କୋଠରିରେ ପ୍ରବେଶ କଲାବେଳେ ଆକାଶରେ ବଡ଼ ଜୋରରେ ବଜ୍ରଗର୍ଜ୍ଜନ କରୁଥିଲା । ତେଣୁ କାମିନୀ ଏ ଆଗନ୍ତୁକମାନଙ୍କର ପଦ ଶବ୍ଦ ସୁଦ୍ଧା ବାରି ପାରିଲେ ନାହିଁ । ମିଷ୍ଟର ମହାପାତ୍ରଙ୍କୁ ବର୍ତ୍ତମାନ ଗୋଟିଏ ରହସ୍ୟ ଦେଖିବାର ସୁଯୋଗ ମିଳିଗଲା—ଯାହାକି ଏତେ ଦିନ ପର୍ଯ୍ୟନ୍ତ ତାଙ୍କ ମନ ଭିତରେ ସନ୍ଦେହର କଳା ବଉଦମାଳା ସୃଷ୍ଟି କରିବାରେ ଲାଗିଥିଲା ।

ହଠାତ୍ ପୁଣି ଥରେ ଆକାଶ ଗର୍ଜନ କରି ଉଠିଲା । ସାଥେସାଥ କାମିନୀ ମଧ୍ୟ ଅତି ଜୋରରେ ଚମକି ଉଠିଲା । ତାର ଚମକ ଦେଖି ନାରାୟଣର ସର୍ବାଙ୍ଗ ଥରି ଉଠିଲା ଏବଂ ତା ମୁହଁରୁ ଏକ କ୍ଷୀଣ ଦୀର୍ଘଶ୍ୱାସ ବାହାରି ପଡ଼ିଲା ।

Digitized by PPRACHIN, SOA

ବର୍ତ୍ତମାନ ମିଷ୍ଟର ମହାପାତ୍ର ଭଲ ଭାବରେ ଜାଣି ପାରିଲେ—କେବଳ ନାରାୟଣଙ୍କୁ ଭୟ ଭୀତ କରିବା ଲାଗି କାମିନୀ ଏତେଦୂର ନାଟକ ରଚନା କରିଛନ୍ତି । କାରଣ ସେ ନାରାୟଣ ଦ୍ୱାରାହିଁ ମଣିରାମଙ୍କୁ ଭୟଭୀତ କରାଇବାକୁ ଚାହୁଁଥିଲା । ତେଣୁ ସେ ଅତିଶୀଘ୍ର ଯାଇ ତା ପଛଆଡେ ଠିଆ ହୋଇଗଲେ ଏବଂ କହିଲେ-କାମିନୀ ! କାହିଁକି ଏତେ ପରିଶ୍ରମ କରିବାରେ ଲାଗିଛ ? ମୁଁ ଭଲକରି ଜାଣେ, ଚଡ଼ଚଡ଼ ଶବ୍ଦରେ ତୁମେ ଯେତେଦୂର ଭୟଭୀତର ଛନ୍ଦ ପ୍ରକାଶ କରୁତ ପ୍ରକୃତରେ ତୁମ ହୃଦୟରେ ଆଦୌ ସେତେଦୂର ଭୟ ସଞ୍ଚାରିତ ହୋଇ ନାହିଁ ।

ସେ ଚମକି ପଡ଼ି ମିଷ୍ଟର ମହାପାତ୍ରଙ୍କ ଆଡ଼କୁ ଦେଖିବାକୁ ଲଗିଲା । ତାଙ୍କ ଆଖିରୁ ସେତେବେଳେ ଯେପରି କ୍ରୋଧ ଓ ଘୃଣା ଝରି ପଡ଼ୁଥିଲା । ମିଷ୍ଟର ମହାପାତ୍ର ପୁନର୍ବାର ଯୋଗ କଲେ—କାମିନୀ ! ତୁମକୁ ଏହି ଘର ଛାଡ଼ି ଯିବାକୁ ହବ ।

କାମିନୀ ଖିଲ୍‌ଖିଲ୍ ହୋଇ ହସି ଉଠିଲା ଏବଂ କହିଲା—ଏହା କଣ ତୁମେ ଗମ୍ଭୀରପର ମନେ କରୁଛ ?

କାହିଁକି ନୁହେଁ ? ଯଦି ମଣିରାମ ତୁମକୁ ଏହି ଘର ଛାଡ଼ି ଚାଲି ଯିବାର ଆଜ୍ଞା ଏହି ମୁହୂର୍ତ୍ତରେ ଦେଇ ନ ପାରନ୍ତି, ତେବେ ମତେ ସ୍ୱୟଂ ଦବାକୁ ପଡ଼ିବ । କେବଳ ଏତିକି ନୁହେଁ, ନାରାୟଣଙ୍କୁ ବି ତୁମ ସାଙ୍ଗରେ ଏଠୁ ଲୁଗାପଟା ଉଠାଇବାକୁ ପଡ଼ିବ । ଯଦି ସତ୍ୟ ପଚାରାଯାଏ, ତେବେ ମୁଁ ବୁଝି ପାରୁନାହିଁ, ନାରାୟଣ ଏ ଘର ଭିତରକୁ କିପରି ଆସିଲା ?

ଅବଜ୍ଞାସୂଚକ ସ୍ମିତହାସ୍ୟ ପ୍ରକଟ କରି ସେ କହିଲା—ଏଥିରୁ ଜଣା ପଡ଼ୁଛି ନାରାୟଣ ଏଠାକୁ କିପରି ଆସିଲା ତାହା ତୁମକୁ ଜଣାନାହିଁ ।

Digitized by PPRACHIN, SOA

ନିଶ୍ଚୟ ଜାଣେ ଏବଂ ଜଣାଇ ପାରେ ବି । ଆଜିଠାରୁ ଏକବର୍ଷ ପୂର୍ବେ ତୁମେ ନିଜର ସ୍ୱାମୀ ସହିତ ଏହି ଘରେ ବାସ କରୁଥିଲ ଏବଂ ଏହା ତୁମର ଘର ଥିଲା । ଠିକ ସେହି ସମୟରେ ଆଖପାଖ ସ୍ଥାନ ମାନଙ୍କରେ ଭୟଙ୍କର ଚୋରି ଡକାୟତି ବି ଶୁଣା ଯାଉଥିଲା । ମୋର ବିଶ୍ୱାସ, ସେହି ଚୋରି ଭିତରେ ତୁମର ବି କିଛିନା କିଛି ସମ୍ପର୍କ ଅଛି । କିନ୍ତୁ ଏହି ସମ୍ବନ୍ଧ ଯେ କି ପ୍ରକାରର ତାହା ମୁଁ ଏ ସମୟରେ ପରିଷ୍କାରଭାବେ ଦର୍ଶାଇ ପାରିବି ନାହିଁ । ତୁମେ ଆଜିଠାରୁ ଜାଣି ରଖ ଯେଉଁ ବ୍ୟକ୍ତି ଚୋରି କରେ ସେ ନିଜ ପଛରେ କିଛି ନା କିଛି ଚିହ୍ନ ନିଶ୍ଚୟ ଛାଡ଼ିଯାଏ, ଯାହାକୁ ଆଶ୍ରା କରି ଦିନେ ନା ଦିନେ ସମସ୍ତ ରହସ୍ୟ ପୁଲିସ ଉଦ୍‌ଘାଟନ କରିବାକୁ ସମର୍ଥ ହୁଏ । ପୁଲିସ ସବୁ ଆସାମୀଙ୍କର ଚରିତ୍ର ସହିତ ହୁଏ ତ ପରିଚିତ ରହିଥାଏ । ଏକ ଅନୁଭବୀ ପୁଲିସ ଅଫିସର ଇନ୍‌ସପେକ୍ଟର ପତ୍ରା ଘଟଣା ସ୍ଥଳରେ ପହଞ୍ଚି ପହଞ୍ଚି ନିଶ୍ଚୟ ଜଣାଇ ଦେବେ ଯେ କେଉଁ କେଉଁ ବ୍ୟକ୍ତିଙ୍କ ଦ୍ୱାରା ଚୋରି ହୋଇଛି । ଧରନ୍ତୁ, ଚାରି ଜଣ ଚୋରଙ୍କ ଉପରେ ପୁଲିସର ସନ୍ଦେହ ହେଲା । ତେବେ ଏପରି ସ୍ଥଳେ ସେ ନିଶ୍ଚୟ ଦେଖିବାକୁ ଚାହିଁବ, ଚାରିଜଣଙ୍କ ମଧ୍ୟରେ ପ୍ରକୃତ ଚୋର କିଏ ? ଆଚ୍ଛା, ଅନୁସନ୍ଧାନରୁ ଜଣାଗଲା, ଉକ୍ତ ଚୋରି ସମୟକୁ ପ୍ରଥମ ଜଣକ ଜେଲଖାନାରେ ଥିଲା ଓ ଦ୍ୱିତୀୟଟି କେଉଁଠି ବିଦେଶରେ ରହିଥିଲା । ତୃତୀୟ ଜଣକ ଚୋରି ସମୟରେ ଅନ୍ୟ କୌଣସି କାର୍ଯ୍ୟରେ ବ୍ୟସ୍ତ ଥିବାର ଦୃଢ଼ ପ୍ରମାଣ ମଧ୍ୟ ମିଳିଗଲା । ତେବେ ଏପରି ସ୍ଥଳେ ଚତୁର୍ଥ ଜଣକ ଯେ ଚୋର ସାବ୍ୟସ୍ତ ହେବ, ଏଥିରେ ସନ୍ଦେହ କଣ ଅଛି ?

ଏତିକି କହି ଦେଇ ମିଷ୍ଟର ମହାପାତ୍ର ଚୁପ ହୋଇଗଲେ ଏବଂ କିଛିକ୍ଷଣ ପରେ ପୁଣି କହିଲେ — ମୁଁ ଆଶା କରେଁ, ତୁମେ ଏହା ସ୍ପଷ୍ଟରୂପେ ବୁଝି ପାରିଛ, ପୁଲିସ ପକ୍ଷରେ ପ୍ରକୃତ ଚୋରର ଅନୁସନ୍ଧାନ କରିବା ଆଦୌ ବଡ଼ କଥା ନୁହେଁ । ଏହି ସ୍ଥାନର ଆଖପାଖ ଗାଁମାନଙ୍କରେ

Digitized by PPRACHIN, SOA

ଯେଉଁ ଡକାୟତି ହୋଇଛି, ତାର ଖବର ମଧ୍ୟ ନିଆଯାଇ ସାରିଛି ଏବଂ ଏ ଚୋରି ଭିତରେ କିଏ କିଏ ସାମିଲ ଥାଇ ପାରନ୍ତି, ତାହାବି ଜଣା ପଡ଼ିଛି । କେବଳ ଅସଲ ଚୋରର ଖବର ଯଦିଓ ମିଳିନାହିଁ, ତଥାପି ତାହା ଜାଣିବାକୁ ଆମକୁ ଆଉ ବେଶୀ ସମୟ ଲାଗିବ ନାହିଁ । ଏହି ଦୁଇ ଏକ ହପ୍ତା ଭିତରେ ଆମେ ତାର ସନ୍ଧାନ ନେଇଯିବୁ ।

ସ୍ମିତହାସ୍ୟର ରେଖା ଖେଳାଇ କାମିନୀ କହିଲେ—ହଁ, ଆଉ ଗୋଟେ ଦଶ ବର୍ଷ ଗଲେ ବା କ୍ଷତି କଣ ?

ସେହିଭଳି ଦୃଢ଼ ସ୍ୱରରେ ମିଷ୍ଟର ମହାପାତ୍ର କହିଲେ—ନାଁ, ଏତେ ସମୟ ଲାଗିବାର ମତେ କୌଣସି ଆବଶ୍ୟକତା ଜଣା ପଡ଼ୁ ନାହିଁ । ସେହି ଲୋକ ଏବେ ବି ଏହି ନିକଟବର୍ତ୍ତୀ କୌଣସି ସ୍ଥାନରେ ଥିଲା ପରି ଜଣା ପଡ଼ୁଛି । ମଣିରାମ କହି ପାରନ୍ତି, ହୁଏତ ସେ ତାଙ୍କର ଯେଉଁ ଦୁଇ ସାଥୀଙ୍କୁ ଜେଲଖାନାରେ ଭରିବାର କାରଣ ହୋଇଥିଲେ, ସେମାନେ ଆଜି ଜୀବନ ପଣ କରି ତାଙ୍କ ପଛେ ପଛେ ଲାଗି ରହିଛନ୍ତି—କିନ୍ତୁ ମୁଁ ଏହାଂ ମାନିବାକୁ ଆଦୌ ପ୍ରସ୍ତୁତ ନୁହେଁ । କାରଣ ସେପରି ବର୍ତ୍ତମାନ ବିରହମପୁରରେ ଅଛି ଓ ରାଜୁ ଯାଜପୁରରେ ଥିବା ତାର ସେହି ପୁରୁଣା ଆଡ୍ଡାରେ ଯୋଗ ଦେଇଛି । ଇନ୍‌ସ୍‌ପେକ୍ଟର ପଣ୍ଡା ମଧ୍ୟ ଏ ସବୁ ଟ୍ରଲ ଖବରରେ ଅନୁସନ୍ଧାନ କରି ସାରିଛନ୍ତି ।

ତେଣୁ ଏହା ନିଃସନ୍ଦେହରେ କୁହାଯାଇ ପାରେ ଯେଉଁ ବଦମାସ ଦଳ ଏ ଘର ଚାରିଆଡ଼େ ଘେରି ରହିଛନ୍ତି, ସେଥିରେ ସେପରି ଓ ରାଜୁ ଦହିଁଙ୍କର ଟିକିଏ ହେଲେ ସମ୍ପର୍କ ନାହିଁ । ପୁନଶ୍ଚ ମୋର ପୂର୍ବ କଥିତ ଚୋରା ମାଲସବୁ ହୁଏତ ଏ ଘର ଭିତରେ କୌଣସି ଜାଗାରେ ଅଛି ଅଥବା ସେଗୁଡ଼ିକ କେଉଁ ସ୍ଥାନରେ ସୁରକ୍ଷିତ ହୋଇଛି, ତାହା ଜାଣିବାର ସୂତ୍ର ଏ ଘରର କାହାରି ନିକଟରେ ଅଛି । ମୋର ବିଶ୍ୱାସ, ତୁମକୁ ଏହି ଭେଦ ଜଣା ନ ଥିବ । ଯଦି ଜାଣିଥାନ୍ତ, କେଉଁଦିନରୁ

Digitized by PPRACHIN, SOA

ସେହି ବଦମାସ ସାଙ୍ଗୀମାନଙ୍କୁ ଏ ଖବର ଦେଇ ସାରନ୍ତିଣି । ସେମାନେ ଏ ଘରର ଚୋରଆଡେ ଏତେ ଦିନ ହେଲା ଅନ୍ୱେଷଣ ଚଳାଇ ନିଷ୍ଫଳ ହୋଇଛନ୍ତି !

ମୋର ସମ୍ଭବ, ପ୍ରଥମେ ଯେଉଁଲୋକ ଏହି ଚେଷ୍ଟା କରିଥିଲା ହୁଏତ ସେ ମରିଗଲାଣି । ମୋର ଧ୍ରୁବ ବିଶ୍ୱାସ, ତା ଶତ୍ରୁମାନେ ତାକୁ ଯେତେଦୂର ଚାଲାକ ବୋଲି ଭାବୁ ନ ଥିଲେ, ବରଂ ସେ ତା ଅପେକ୍ଷା ଅଧିକ ଚାଲାକ !

ମିଷ୍ଟର ମହାପାତ୍ରଙ୍କର ଏ କଥା ଶୁଣି କାମିନୀର ଚେହେରା ଫିକା ପଡ଼ିଗଲା । ପରିଷ୍କାର ଜଣାଗଲା ଯେ ମିଷ୍ଟର ମହାପାତ୍ରଙ୍କ ମୁହଁରୁ ବାହାରିଥିବା ଶବ୍ଦଗୁଡ଼ିକ ତାଙ୍କ ଲାଗି ଅତ୍ୟନ୍ତ ମର୍ମଦାହୀ । ସେ ପୁନର୍ବାର କହିଲେ—ଯେଉଁ ସମୟରେ ଜଗବନ୍ଧୁଙ୍କୁ ହତ୍ୟା କରାଗଲା ।...

ଏତିକି କହିଦେଇ ମିଷ୍ଟର ମହାପାତ୍ର ଚୁପ ହୋଇଗଲେ ଏବଂ ଧୀର ଭାବରେ ନିରୀକ୍ଷଣ କରିବାକୁ ଲାଗିଲେ, ତାଙ୍କର ଏ କଥା ତା ଉପରେ କିପରି ପ୍ରଭାବ ଆଣୁଛି । ସେ ଦେଖି ପାରିଲେ—ଏ କଥା ଶୁଣୁ ଶୁଣୁ ସେ ଷୋଳଅଣା ଉତ୍କଣ୍ଠିତା ହୋଇ ଉଠିଲା ଏବଂ ଟେବୁଲ ଉପରେ ଭରା ଦେଇ ପାଖରେ ଥିବା ଏକ ଚୌକି ଉପରେ ବସିଗଲା । ସାତେ ସାତ ତାଙ୍କ ମୁହଁରୁ ବାହାରି ପଡ଼ିଲା—ସେତ ଆତ୍ମହତ୍ୟା କରିଛନ୍ତି !

ମିଷ୍ଟର ମହାପାତ୍ର ଉତ୍ତର ଦେଲେ—ହଁ, ସମସ୍ତେ ତାହାହିଁ କହିବା ଉଚିତ । କିନ୍ତୁ ମୁଁ ବରାବର ଜୋରଦେଇ କହିବି, ତାଙ୍କୁ ହତ୍ୟା କରାଯାଇଛି ।

ତାଙ୍କ କଥା ଶୁଣୁ ଶୁଣୁ କାମିନୀ ଯେତିକି ଉତ୍କଣ୍ଠିତା ହେବାକୁ ଲାଗିଲା, ମିଷ୍ଟର ମହାପାତ୍ରଙ୍କର ଆନନ୍ଦ ସେତିକି ବଢ଼ିବାକୁ ଲାଗିଲା । ସେ ଚୌକି ଟାଣିଆଣି ତା ଆଗରେ ବସିଗଲେ ଏବଂ ଜଳ ଜଳ କରି ତାଙ୍କ ମୁହଁ ଦେଖିବାକୁ ଲାଗିଲେ ।

Digitized by PPRACHIN, SOA

ସେ କହିଲେ—ତୁମେ ବୋଧେ ଜାଣି ପାରି ନ ଥିବ, ତୁମର ଟେଟେହସ୍ପିର ଭୂତ ମତେ ବିଶ୍ୱସ୍ତଭାବରେ ଏକ ଗୋପନୀୟ ଭାଷାରେ ଅତୀତର ସମସ୍ତ ଘଟନା ଶୁଣାଇ ଦେଇ ଯାଉଛି । ମୁଁ ଦୃଢ଼ଭାବରେ କହିପାରେଁ, ତୁମେ ଓ ତୁମର ସାଥୀମାନେ ମିଳିମିଶି ଜଗବନ୍ଧୁଙ୍କୁ ହତ୍ୟା କରିଛ ଏବଂ ତାଙ୍କ ଚେଷ୍ଟା ଦ୍ୱାରା ଏକତ୍ରିତ କରା ଯାଇଥିବା ମାଲସବୁ ହସ୍ତଗତ କରିବାକୁ ଚାହୁଁଛ । ତୁମ୍ଭମାନଙ୍କର ବିଶ୍ୱାସ ଥିଲା, ଜଗବନ୍ଧୁଙ୍କ ମୃତ୍ୟୁ ପରେ ତାଙ୍କର ଏକତ୍ରିତ ସମସ୍ତ ଧନ ସହଜରେ ମିଳିଯିବ । କିନ୍ତୁ ଏହି ସମ୍ବନ୍ଧରେ ସେ ମୃତ୍ୟୁ ପରେ ମଧ୍ୟ ତୁମକୁ ଉତ୍ତମ ଶିକ୍ଷା ଦେଇଗଲେ । ସେ ନିଜର ସମସ୍ତ ସମ୍ପତ୍ତି ଏପରି ଭାବରେ ଲୁଚାଇ ଯାଇଛନ୍ତି ଯେପରିକି ତୁମେମାନେ ତାର କୌଣସି ଖବର ନ ପାଇ ପାର । ତୁମ୍ଭମାନଙ୍କର ବିଶ୍ୱାସ ଥିଲା, ସମସ୍ତ ଧନ ଭଣ୍ଡାର ଏହି ଘରର କୌଣସି ସ୍ଥାନରେ ଅଛି । କିନ୍ତୁ ପ୍ରକୃତ ନିଶ୍ଚିତ ଘଟନା ତୁମକୁ ସେ ସମୟରେ ଜଣା ନ ଥିଲା କି ବର୍ତ୍ତମାନ ବି ଜଣା ଯାଇ ନାହିଁ । ଠିକ ଏହିପରି ସମୟରେ ତୁମମାନଙ୍କର ସଂପୂର୍ଣ୍ଣ ଅଜାଣତରେ ହଠାତ୍ ମଣିରାମ ଏ ଘରକୁ ରେଜେଷ୍ଟ୍ରି କରିନେଲେ ଏବଂ ନିଜର ସ୍ତ୍ରୀ ସହିତ ଏଠାରେ ଆସି ବାସ କରିବାକୁ ଲାଗିଲେ । ସେହିଦିନଠାରୁ ସେ ଏ ଘରର କବାଟ ଓ ଝରକାସବୁକୁ ମଜବୁତଭାବରେ ବନ୍ଦ କରିଦେଲେ, ସେହି ଗୁପ୍ତ ସମ୍ପତ୍ତିର ସନ୍ଧାନ ପାଇବା ତୁମ ପକ୍ଷରେ ଆହୁରି କଠିନତର ହୋଇ ଉଠିଲା । କ୍ରମେ କ୍ରମେ ଗ୍ରାମବାସୀମାନଙ୍କ ମଧ୍ୟରେ ତୁମେ ଏହି ଘର ବିଷୟରେ ଏକ ବିଚିତ୍ର ପ୍ରଚାର ଚଳାଇ ଦେଲ, ଏ ଘର ପ୍ରେତମାନଙ୍କର ଆଡ୍ଡାଭୂମି ଏବଂ ଏହି ଘରେ ବାସ କରୁଥିବା ଅନ୍ୟାନ୍ୟ ବ୍ୟକ୍ତିମାନଙ୍କ ଉପରେ ମଧ୍ୟ ତାର ଦୃଢ଼ ପ୍ରଭାବ ପଡ଼ିଲା । ଇତ୍ୟବସରରେ ତୁମେ ନିଜ କୋଠରୀ ଭିତରେ ଏକ ସିଗ୍ନ୍ୟାଲ୍ ଲେମ୍ପ ବି ଲଗାଇଦେଲ ଏବଂ କ୍ରମେ କ୍ରମେ ମଣିରାମଙ୍କୁ ନିଜର ଆୟତ୍ତାଧୀନ କରି ସେହି ଗୁପ୍ତ ସମ୍ପତ୍ତିର ଅନୁସନ୍ଧାନ କରିବାରେ

Digitized by PPRACHIN, SOA

ରହିଲ । କାଲି ତୁମେ ଜାଣି ଶୁଣି ତାକୁ ନିଶା ପିଆଇ ଅଚେତ କରି ପକାଇଥିଲ । ଏହାର କାରଣ—ତୁମ ସାଥୀମାନେ ଯେପରି ସୁବିଧାରେ ଆସି ସେହି ଗୁପ୍ତଧନର ଅନୁସନ୍ଧାନ କରି ପାରିବେ । କିନ୍ତୁ ସୁଖର ଖବର, ସେ ଦିନ ମୁଁ ବିଶେଷ ସତର୍କ ଥିବା ହେତୁ ତୁମର ଓ ତୁମ ସାଥୀମାନଙ୍କର ସକଳ ଅଭିସନ୍ଧି ପଣ୍ଡ ହୋଇଗଲା । ଆଚ୍ଛା, ବର୍ତ୍ତମାନ ମୁଁ ଯାଉଛି ଏବଂ ଏହି ଅବସରରେ ତୁମେ ଏଠାରୁ ବାହାରି ଯିବାକୁ ପ୍ରଯତ୍ନ କର ।

ଜାମିନୀ ଭୟରେ ଚମକି ଉଠିଲା । ମିଷ୍ଟର ମହାପାତ୍ର ବୁଝି ପାରିଲେ—ସେ ତାଙ୍କ କଥାର ସତ୍ୟତା ଅନୁଭବ କରି ପାରିଛି । ତେଣୁ ସେ ଗଦାଧରକୁ କହିଲେ—ଦେଖ ଗଦାଧର ! ସେ ସ୍ତ୍ରୀଲୋକ ମୋ କଥା ଶୁଣୁ ଶୁଣୁ କିପରି ବିଚଳିତ ହୋଇ ଉଠିଲା । ବର୍ତ୍ତମାନ ଜଗବନ୍ଧୁର ୨୪ ଘଣ୍ଟେ ଯଦି ମିଳନ୍ତା, ତେବେ ଆହୁରି ସୁବିଧା ହୁଅନ୍ତା । ମୁଁ ତାଙ୍କର ଗୋଟିଏ ନକଲି ପ୍ରେତମୂର୍ତ୍ତି ଠିଆ କରି ଏମାନଙ୍କୁ ଆହୁରି ଭୟଭୀତ କରି ପକାନ୍ତି । କିନ୍ତୁ ପରେ ମିଷ୍ଟର ମହାପାତ୍ରଙ୍କୁ ଯାହା ଜଣାଗଲା, ସେଥିରୁ ଭୂତକୋଠି ଭିତରେ କୌଣସି ପ୍ରେତମୂର୍ତ୍ତି ପ୍ରଦର୍ଶିତ କରିବାର ଆବଶ୍ୟକତା ବୋଧ ହେଲା ନାହିଁ ।

Digitized by PPRACHIN, SOA

ଏଗାର

କିଛି ସମୟ ପରେ ମିଷ୍ଟର ମହାପାତ୍ର ଗଦାଧର ସାଙ୍ଗରେ ବାହାରକୁ ଚାଲି ଆସିଲେ । ଅନୁସନ୍ଧାନରୁ ବୁଝାଗଲା ସେହି ମଟରବୋଟ ମାଲିକର ନାମ ଡାଭିଡ୍ ଏବଂ ହୁମାୟୁଁ କୋଠିଠୁଁ ଅଳ୍ପ ଦୂରରେ ତାର ବାସସ୍ଥାନ । କିନ୍ତୁ ତାକୁ ସାକ୍ଷାତ୍ କରି ମିଷ୍ଟର ମହାପାତ୍ରଙ୍କର ବିଶେଷ କିଛି ଲାଭ ହେଲା ନାହିଁ । ଡାଭିଡ୍ ତାର ସାତ ଆଠ ଜଣ ସାଙ୍ଗସାଥୀଙ୍କୁ ନେଇ ସେ ଘରେ ରହୁଥିଲା । ସେ ମିଷ୍ଟର ମହାପାତ୍ରଙ୍କ ଉପରେ ତା ସାଥୀମାନଙ୍କ ସହାୟତାରେ ଆକ୍ରମଣ ଚଳାଇବାର ପ୍ରଯତ୍ନ ମଧ୍ୟ କଲା । କିନ୍ତୁ ମିଷ୍ଟର ମହାପାତ୍ର ସେଠାରୁ ଅକ୍ଳେଶରେ ଉଦ୍ଧାର ପାଇ ଆସିଲେ । ରାସ୍ତାରେ ସେ ଗଦାଧରକୁ କହିଲେ—ମୁଁ ଗୋଟେ ବଡ଼ ଭୁଲ କରିଛି ଗଦାଧର ! ଡାଭିଡ ନିଶ୍ଚେ କାମିନୀର ସାଥୀମାନଙ୍କ ଭିତରୁ ଜଣେ ଏବଂ ଏମାନେ ସମସ୍ତେ ସେହି ଗୁପ୍ତଧନରେ ଅନୁସନ୍ଧାନରେ ଲାଗି ରହିଛନ୍ତି । ମୁଁ ସେଠାକୁ ଯାଇଥିଲି ବୋଲି ସେମାନେ ନିଶ୍ଚେଁ ଚାଲକ ହୋଇଯିବେ ଏବଂ ଏପରିକି ନିଜ ନିଜର ବାସସ୍ଥାନ ମଧ୍ୟ ବଦଳାଇ ଦେବେ ।

Digitized by PPRACHIN, SOA

ଏଥିରେ ସନ୍ଦେହ ନାହିଁ । ସେମାନେ ନିଶ୍ଚୟ ଆଜି ରାତରେ ଭୂୟାଁ କୋଠି ଭିତରକୁ ଆସି କିଛି ନା କିଛି ଉପଦ୍ରବ କରିବେ । ତେଣୁ ଆମର ବରାବର ସତର୍କ ଓ ସାବଧାନ ରହିବା ଦରକାର । ସେମାନେ ଗୋଟେ ଗୋଟେ ଭୟଙ୍କର ଜନ୍ତୁ ।

ଭୂୟାଁ କୋଠିକୁ ଫେରିଆସି ମିଷ୍ଟର ମହାପାତ୍ର ଢେର ବେଳ ଯାଏ ଗଦାଧର ସାଙ୍ଗରେ ପରାମର୍ଶ କରିବାକୁ ଲାଗିଲେ । ତା ପରେ ଖାଇପିଇ ସାରି ଯେତେବେଳେ ଯେଝାର କୋଠରୀକୁ ଶୋଇବାକୁ ଗଲେ ।

ରାତ୍ରିର ଗଭୀର ନିର୍ଜନତା ଭୂୟାଁ କୋଠିର ଚତୁର୍ଦ୍ଦିଗ ବେଷ୍ଟିତ କରି ରଖିଥିଲା । ଠିକ୍ ଏପରି ସମୟରେ ଏକ କଦାକାର ମନୁଷ୍ୟ ମିଷ୍ଟର ମହାପାତ୍ରଙ୍କ ପଲଙ୍କ ତଳୁ ବାହାରି ଆସିଲା । ଖୁବ୍ ସାବଧାନ ହୋଇ ଆସ ସେ ଦୁଆର ନିକଟରେ ଉପସ୍ଥିତ ହେଲା ଏବଂ ଧୀରେ ଧୀରେ କବାଟର ତାଲା ଖୋଲିବାକୁ ଲାଗିଲା । କୋଠରୀ ଭିତରେ ଲେମ୍ପର ସ୍ତିମିତ ଆଲୁଅ ଆଚ୍ଛନ୍ନ ହୋଇ ରହିଥିଲା । କିନ୍ତୁ ରାସ୍ତାରେ ଘନୀଭୂତ ଅନ୍ଧକାରର ସ୍ତବ୍ଧ କାଳିମା ବିରାଜୁଥିଲା । ସେହି ଅନ୍ଧାରରେ କା ଭୁଣ୍ଡ ଶୁଣାଗଲା ।

କିଏ, ଆପଣ ନା ?

ହିଁ କହିଦେଇ ମିଷ୍ଟର ମହାପାତ୍ର ଗଦାଧର ପଛରେ ଯାଇ ଠିଆ ହୋଇଗଲେ ।

ସେ କହିଲା—ସେମାନେ କାମ ଆରମ୍ଭ କରି ଦେଇ ସାରିଛନ୍ତି । ଚାଲନ୍ତୁ ନା, ଦେଖିବା !

ଦୁହେଁ ଅନ୍ଧକାରରେ ଆଗକୁ ଚାଲିଲେ । ତା କୋଠରୀରେ ପ୍ରବେଶ କରି ଗଦାଧର ଗୋଟେ ମିଞ୍ଜିମିଞ୍ଜି ଆଲୁଅ ଜାଳିଦେଲା । ବିଛଣା ଉପରେ ଲୁଗା ପଟା ମୋଡ଼ା ମୋଡ଼ି ହୋଇ ଏପରି ଭାବରେ ସଜାଇ ରଖା ଯାଇଥିଲା ଯେ ବାହାର ବ୍ୟକ୍ତି ଯେପରି କେହି ଶୋଇ ରହିଥିବାର ବୁଝି ପାରିବ । ମିଷ୍ଟର ମହାପାତ୍ର ଦେଖିଲେ, ଗୋଟେ ଲମ୍ବା ଛୁରୀ ଏ ଲୁଗା ଭିତରେ ହାତେ ପର୍ଯ୍ୟନ୍ତ ଗଳି ଯାଇଛି ।

Digitized by PPRACHIN, SOA

ଗଦାଧର କହି ପକାଇଲା—ଆପଣଙ୍କ କହିବା ଅନୁଯାୟୀରେ ମୁଁ ବିଛଣା ତଳେ ଲୁଚି ରହିଥିଲି । ଏପରି ସମୟରେ ଏକ ଝଣଝାଣ ଶବ୍ଦ ଆରମ୍ଭ ହେଲା । ହାତରେ ଅଣ୍ଡାଳିବାରୁ ଛୁରିର ଅଗ୍ରଭାଗ ମତେ ବିଛଣା ତଳୁ ଜଣା ପଡ଼ିଲା ।

ମିଷ୍ଟର ମହାପାତ୍ରଙ୍କୁ ଆଶ୍ଚର୍ଯ୍ୟ ବୋଧ ହେଲା, ତାଙ୍କୁ ହତ୍ୟା କରିବାର କୌଣସି ପ୍ରଯତ୍ନ ଏ ପର୍ଯ୍ୟନ୍ତ କାହିଁକି କରାଯାଇ ନାହିଁ । ଗଦାଧରକୁ ସାଙ୍ଗରେ ନେଇ ସେ ନିଜ କୋଠରି ଆଡ଼କୁ ଅଗ୍ରସର ହେଲେ ଏବଂ ଦୁଆର ଖୋଲି ଦେଇ ଖୁବ୍ ଜୋରରେ କାନ୍ଥର ଗୋଟିଏ ପାଖକୁ ଚାଲି ଆସିଲେ । ସାତେ ସାତ କୌଣସି ବସ୍ତୁ ଝଣଝାର ଶବ୍ଦ କରି ତାଙ୍କ ପଛ ଆଡ଼ୁ ବାହାରିଗଲା । ସେ ବୁଝିପାରିଲେ, କୋଠରି ଭିତର ଆଡ଼ୁ କେହି ତାଙ୍କୁ ଲକ୍ଷ୍ୟ କରି ଛୁରି ଫୋପାଡ଼ୁଛି । ତା ପରେ ଏକା କୁଦାକେ ସେ ଘର ଭିତରେ ଆସି ପ୍ରବେଶ କଲେ ଏବଂ ଘରର ଏକ କୋଣରେ ଦଣ୍ଡାୟମାନ ଏକ ମନୁଷ୍ୟ ମୂର୍ତ୍ତି ନିକଟରେ ପହଞ୍ଚି ଯାଇ ତାକୁ ଶୂନ୍ୟେ ଶୂନ୍ୟେ ଉପରକୁ ଟେକି ନେଲେ । ତା ପରେ ଏତେ ଜୋରରେ ତାକୁ ଝରକା ଭିତର ଦେଇ ବାହାରକୁ ଫୋପାଡ଼ି ଦେଲେ ଯେ ସେ ଭୂଇଁ କୋଠରି ଚାରିଆଡ଼େ ଘେରି ରହିଥିବା ଏକ ଖାଇ ଭିତରେ କଚାଡ଼ି ହୋଇ ପଡ଼ି ଏକବାରେ ବେହୋସ ହୋଇଗଲା । ବର୍ତ୍ତମାନ ତାଙ୍କୁ ପରିଷ୍କାର ଜଣାଗଲା, ବଦମାସ ଦଳ ଭୂଇଁ କୋଠ ଭିତରେ ଆସି ଉପସ୍ଥିତ ହୋଇଗଲେଣି । ବର୍ତ୍ତମାନ ହତ୍ୟା ପର୍ଯ୍ୟନ୍ତ କରିବାକୁ ସେମାନେ ପଶ୍ଚାତ୍ପଦ ହେବେ ନାହିଁ । ଏପରିସ୍ଥଳେ ଆଲୋକରେ ରହିବା ବିପଦ-ଜନକ ଭାବି ସେ ଅନ୍ଧକାରରେ ଘର ଭିତରୁ ବାହାରି ଆସିଲେ । ସେମାନେ ଅଧିକ ଦୂର ନ ଯାଉଣୁ ହଠାତ୍ ତାଙ୍କୁ ଆଲୋକର ଏକ କ୍ଷୀଣ ରେଖା ଦେଖିବାକୁ ମିଳିଲା । କୌଣସି ମନୁଷ୍ୟ ମୂର୍ତ୍ତି ଧୀରେ ଧୀରେ ତାଙ୍କର ଆଡ଼କୁ ବଢ଼ି ଚାଲୁଥିଲା । କିନ୍ତୁ

Digitized by PPRACHIN, SOA

ଆଶ୍ଚର୍ଯ୍ୟର ବିଷୟ, ସେହି ମନୁଷ୍ୟର ସମସ୍ତ ଶରୀରରୁ ଏକ ଝାପ୍‌ସା ଜ୍ୟୋତି ଚମକ ଉଠୁଥିଲା ଏବଂ ସେ ଭୂଇଁ ଉପରୁ ପ୍ରାୟ ଏକରୁଖଣ୍ଡ ଉଚ୍ଚରେ ରହିଥିଲା । ତାକୁ ଦେଖିଲେ ଯେ କୌଣସି ବ୍ୟକ୍ତିର ସନ୍ଦେହ ହେବ, ସେ ପ୍ରେତ ବ୍ୟତୀତ କେବେ ହେଲେ ଜୀବନ୍ତ ମନୁଷ୍ୟ ହୋଇପାରେ ନା ।

ସନ୍ଧ୍ୟା ସମୟରେ ମିଷ୍ଟର ମହାପାତ୍ରଙ୍କୁ ଜଗବନ୍ଧୁର ଖଣ୍ଡେ ଫଟୋ ମିଳିଥିଲା । ମିଷ୍ଟର ମହାପାତ୍ର ଦେଖି ପାରିଲେ, ସେହି ପ୍ରେତମୂର୍ତ୍ତିର ଚେହେରା ଠିକ ଜଗବନ୍ଧୁର ଫଟୋ ସହିତ ମିଳି ଯାଉଛି । ପ୍ରେତମୂର୍ତ୍ତି ସ୍ଥିର ଭାବରେ ମିଷ୍ଟର ମହାପାତ୍ରଙ୍କ ଆଡ଼କୁ ଚାଲି ଚାଲି ଆସୁଥିଲା । ମିଷ୍ଟର ମହାପାତ୍ର ତୀକ୍ଷ୍ଣ ସ୍ୱରରେ କହିଲେ—ସାବଧାନ ! ଆଉ ଏକ କଦମ ବି ଆଗକୁ ବଢ଼ି ପାରିବ ନାହିଁ ।

କିନ୍ତୁ ତାଙ୍କ କଥା ପ୍ରତି କୌଣସି ପ୍ରକାର ଜାଘା ନ ରଖି ପ୍ରେତମୂର୍ତ୍ତି ସେହିପରି ବଢ଼ି ଚାଲିଥିଲା । ହଠାତ୍ ପିସ୍ତଲର ଆବାଜ ବି ହେଲା ଏବଂ ଗୁଳି ସମ୍ମୁଖର କାନ୍ଥ ଉପରେ ଯାଇ ବାଜିଲା । ପ୍ରେତମୂର୍ତ୍ତି ଉପରେ ତାର କୌଣସି ପ୍ରଭାବ ଆସି ନ ଥିଲା ।

ମିଷ୍ଟର ମହାପାତ୍ରଙ୍କ ସ୍ଥାନରେ ସେତେବେଳେ ଯଦି ଅନ୍ୟ କୌଣସି ମନୁଷ୍ୟ ଥାନ୍ତା, ତେବେ କଠୋର ଭୀତି ଭିତରେ ତାର ହସ୍ତପଦ ପର୍ଯ୍ୟନ୍ତ ଚଳନ୍ତା ନାହିଁ । କିନ୍ତୁ ମିଷ୍ଟର ମହାପାତ୍ର ବି ସେ ସମୟରେ ଅତୁଳନୀୟ ଧୈର୍ଯ୍ୟ ଓ ସାହସିକତାର କାର୍ଯ୍ୟ ଦେଖାଇଥିଲେ । ସେ କ୍ରମେ ଧୀରେ ଧୀରେ ସେହି ମୂର୍ତ୍ତି ଆଡ଼କୁ ଅଗ୍ରସର ହେଲେ ଏବଂ ତା ନିକଟରୁ ନିକଟତର ହେବା କ୍ଷଣି ଦେଖି ପାରିଲେ, ସେହି ମୂର୍ତ୍ତି କ୍ରମଶଃ କ୍ଷୀଣ ଓ ଝାପ୍‌ସା ହୋଇ ଶେଷରେ ବାୟୁମଣ୍ଡଳ ସହିତ ମିଶିଗଲା ଏବଂ ସେହି ସ୍ଥାନରେ ପୁନର୍ବାର ଗମ୍ଭୀର ଅନ୍ଧକାର ସ୍ଥିର ହୋଇଗଲା ।

ମିଷ୍ଟର ମହାପାତ୍ର ବର୍ତ୍ତମାନ କିଂକର୍ତ୍ତବ୍ୟବିମୂଢ଼ ହୋଇ ସେହି ସ୍ଥାନରେ ଠିଆ ହୋଇଥିଲେ । ହଠାତ୍ ଅନ୍ଧକାର ମଧ୍ୟରୁ କୌଣସି

Digitized by PPRACHIN, SOA

ମନୁଷ୍ୟ ବାହୁ'ର ତାଙ୍କ କାନ୍ଧ ଉପରେ କୁଦି ପଡ଼ିଲା ଏବଂ ତାଙ୍କ ଗଳାକୁ ଦୁ' ହାତରେ ମାଡ଼ିବସି ଜୋରସୋରରେ ତଳକୁ ଦାବିବାକୁ ଲାଗିଲା । ମିଷ୍ଟର ମହାପାତ୍ର ଚଟାଣ ଉପରେ ଗଡ଼ି ପଡ଼ୁ ପଡ଼ୁ ବର୍ତ୍ତିଗଲେ ଏବଂ ଶୀଘ୍ର ନିଜକୁ ପ୍ରସ୍ତୁତ କରିନେଇ ଏକ ଜବର ମୁଥା ସେହି ଅଜ୍ଞାତ ବ୍ୟକ୍ତିର ମୁହଁ ଉପରେ ବସାଇ ଦେଲେ । ହାଡ଼ରେ ହାଡ଼ ଜୁଟିବାର ଓ ଭୟଙ୍କର ଲଢ଼ାଇର ଶବ୍ଦ ଶ୍ରୁତି ଗୋଚର ହେଲା ଏବଂ ତା ପରେ ସେହି ବ୍ୟକ୍ତି ପଛଘୁଞ୍ଚା ଦେବାକୁ ଲାଗିଲା । ମିଷ୍ଟର ମହାପାତ୍ର ହଠାତ୍ ପକେଟରୁ ଟର୍ଚ୍ଚ ବାହାର କରି ଆଲୁଅ କଲେ, କିନ୍ତୁ ସେଠାରେ କେହି ହେଲେ ନ ଥିଲେ । ସମ୍ମୁଖରେ ତଳକୁ ଓହ୍ଲାଇବାର ସିଡ଼ି ଥିଲା ଏବଂ ପଛ ଭାଗରେ ଏକ ଅନ୍ଧକାରମୟ କୋଠରୀର ଖୋଲା ଦୁଆର ।

ମିଷ୍ଟର ମହାପାତ୍ର ତୁରନ୍ତ ସେହି ଖୋଲା ଦୁଆର ଭିତର ଦେଇ ଘର ଭିତରକୁ ପଶିଗଲେ ଏବଂ ଘରର ଚତୁର୍ଦ୍ଦିଗରେ ଟର୍ଚ୍ଚ ବୁଲାଇବାକୁ ଲାଗିଲେ । ସମ୍ମୁଖରେ କାନ୍ଥକୁ ଘସିହୋଇ ନାରାୟଣ ଛିଡ଼ା ହୋଇଥିଲା । ତାର ସମସ୍ତ ଶରୀର ଭୟରେ ବରଡ଼ା ପତ୍ର ପରି ଥରୁଥିଲା । ତା ମୁହଁ ଉପରେ ସେହି ମୁଥାର ଚୋଟ ପରିଷ୍କାର ବାରିହୋଇ ପଡ଼ୁଥିଲା, ଯାହା ଅନ୍ଧାରରେ ମିଷ୍ଟର ମହାପାତ୍ର ସେହି ଅଜ୍ଞାତ ଆକ୍ରମଣକାରୀର ଉଦ୍ଦେଶ୍ୟରେ ପ୍ରୟୋଗ କରିଥିଲେ ।

ମିଷ୍ଟର ମହାପାତ୍ର ଅତି ଶୀଘ୍ର ଯାଇ ତା ନିକଟରେ ପହଞ୍ଚିଗଲେ ଏବଂ ତା କାନ୍ଧରେ ହାତ ରଖି ତାକୁ ହଲାଇ ଦେଇ ପଚାରିଲେ—ସତ କୁହ ନାରାୟଣ ! ଘଟଣା କଣ ?

କିନ୍ତୁ ନାରାୟଣ ତାଙ୍କ କଥାର କିଛି ହେଲେ ଜବାବ ଦେଲା ନାହିଁ । ଭୟରେ ତାର ଜୀବନୀ ଶକ୍ତି ଲୋପ ପାଇ ଆସୁଥିଲା ।

ପ୍ରଥମତଃ ମିଷ୍ଟର ମହାପାତ୍ର ସେହି ଘରର ଅଙ୍କାବଙ୍କା ରାସ୍ତା ସହିତ ଭଲ ଭାବରେ ପରିଚିତ ନ ଥିଲେ । ଦ୍ୱିତୀୟତଃ ଗଳିର

Digitized by PPRACHIN, SOA

ଅନ୍ଧକାର ହେତୁ ତାଙ୍କୁ ଜଣାଯାଉ ନ ଥିଲା, ସେ ସେତେବେଳକୁ ଗୃହର କେଉଁ ସୀମାରେ ଅବସ୍ଥିତ ଅଛନ୍ତି । ସେ କହିଲେ—ନାରାୟଣ ! ଟିକଏ ସବୁର କରି ଦେଖ ! ତୋ ମସ୍ତିଷ୍କ ଠିକ ଅବସ୍ଥାକୁ ଫେରି ଆସିବ । ଚାଲ ! ଆଗକୁ ଚାଲ !

ମିଷ୍ଟର ମହାପାତ୍ର ଜାଣିଥିଲେ, ନାରାୟଣ ସେହି ସ୍ଥାନରେ ପରିଚିତ ହୋଇଥିବ । ତାଙ୍କ ଆଦେଶ ଶୁଣିବା ମାତ୍ରେ ନାରାୟଣ ଆଗକୁ ବଢ଼ିବାକୁ ଲାଗିଲା । ମିଷ୍ଟର ମହାପାତ୍ର ଟର୍ଚ୍ଚ ଆଲୁଅ କରି ତା ପଛେ ପଛେ ଚାଲିବାକୁ ଲାଗିଲେ । ତାଙ୍କ ଭାବନାର ବିଷୟ ଥିଲା, ଗଦାଧର କେଉଁଆଡେ଼ ଗଲା । ଗଦାଧର ବର୍ତ୍ତମାନ କାଳୀନ ପରିସ୍ଥିତି ବିଷୟ ନେଇ ତାଙ୍କର ଅଧିକ ଚିନ୍ତାର କାରଣ ହୋଇ ଉଠିଥିଲା ।

ପରିଶେଷରେ ନାରାୟଣ ଏକ ଦୁଆର ନିକଟରେ ଯାଇ ଠିଆ ହୋଇଗଲା । ଅନ୍ଧାରରେ ଅଣ୍ଡାଳି ଅଣ୍ଡାଳି ସେ ନେହେରେଲ୍ ବୁଲାଇ ଦେବାରୁ ଦୁଆର ଖୋଲିଗଲା । ଦୁଆର ଟିକିଏ ଯାଉଛି, ଏହି ସମୟରେ ହଠାତ୍ ପିସ୍ତଲର ଆବାଜ ଆସିଲା ଏବଂ ତାଙ୍କର ଏପରି ଭାବରେ ନିୟମିତ ଗୁଳି ଫୁଟିଲା, ଯେପରି ମେସିନ୍‌ଗନ୍ ଚାଲୁଛି । ପରକ୍ଷଣରେ ନାରାୟଣ ଭୂଇଁରେ ଗଡ଼ି ପଡ଼ିଲା । ମିଷ୍ଟର ମହାପାତ୍ର ମଧ୍ୟ ସେହିପରି କରିବା ହୋଇ ପଡ଼ିଲେ ଏବଂ ଅତିଶୟ ଆୟାସ ସହକାରେ ସେ ନିଜର ପିସ୍ତଲ ଅଣ୍ଡାଳି ନେଇ ଘର ଭିତରକୁ ଗୁଳି ଚଳାଇଲେ । କାହାର ଆହତ ଚିତ୍କାର ଆସିଲା ଏବଂ ତତ୍ପରେ ସେହିପରି ଅନ୍ଧକାର ସ୍ଥିର ହୋଇଗଲା ।

ବାର

ମିଷ୍ଟର ମହାପାତ୍ର ତୁରନ୍ତ ଟର୍ଚ୍ଚ ଜାଳିଦେଲେ । ତା ଆଲୁଅରେ ସେ ନାରାୟଣଙ୍କୁ ଦୁଆର ନିକଟରେ ଓ ଅନ୍ୟ ଏକ ବ୍ୟକ୍ତିଙ୍କୁ ଘର ଭିତରେ ପଡ଼ି ଥିବାର ଦେଖି ପାଇଲେ । ସହସା ପିସ୍ତଲ୍‌ର ଆବାଜ ହେଲା ଏବଂ ଗୋଟିଏ ଗୁଳି ତାଙ୍କ କାନ ପାଖ ଦେଇ ବାହାରିଗଲା । ତେଣୁ ଅତି ଶୀଘ୍ର ସେ ଟର୍ଚ୍ଚ ଲିଭାଇ ଦେଇ କବାଟ କଣକୁ ହଟି ଆସିଲେ ।

ବର୍ତ୍ତମାନ ଗଦାଧର ବିଷୟରେ ତାଙ୍କର ଚିନ୍ତା ଆହୁରି ବଢ଼ିଗଲା । କାରଣ କିଛିକ୍ଷଣ ପରେ, ସେ ଗଦାଧରଙ୍କୁ ଯେଉଁଆଡ଼େ ଛାଡ଼ି ଆସିଥିଲେ, ସେଇଆଡ଼୍ ତାଙ୍କ ଉପରକୁ ଗୁଳି ପକା ଯାଇଥିଲା । ତେଣୁ କବାଟ କଣରୁ ଧୀରେ ଧୀରେ ବାହାରକୁ ବାହାରି, ଆସ୍ତେ ଆସ୍ତେ ସେଇ ଦିଗକୁ ଅଗ୍ରସର ହେଲେ । ଏହି ବିପଦଜନକ ଓ ହତ୍ୟାକାରୀ ଦଳଙ୍କ ପକ୍ଷରେ ଗଦାଧରର ପ୍ରାଣନାଶ କରିଥିବା କୌଣସି ବିଚିତ୍ର କଥା ନୁହେଁ । କିନ୍ତୁ ଏ ପର୍ଯ୍ୟନ୍ତ ତାଙ୍କୁ କୌଣସି ବ୍ୟକ୍ତିର ଆର୍ତ୍ତ ଚିତ୍କାର ଶୁଣାଯାଇ ନ ଥିଲା । ସେ ପୁଣି ଥରେ ଟର୍ଚ୍ଚ ଲଗାଇ ଦେଖିଲେ, କିନ୍ତୁ ଚତୁର୍ଦ୍ଦିଗ ତମସାଚ୍ଛନ୍ନ ଥିଲା । ଅଗକୁ ବଢ଼ିଲକ୍ଷଣି ତାଙ୍କୁ ଏହା ଦେଖି ଆହୁରି ଆଶ୍ଚର୍ଯ୍ୟଜନକ ବୋଧ ହେଲା, ନାରାୟଣର ଶବର ସେହି କୋଠରୀରେ

Digitized by PPRACHIN, SOA

ପଡ଼ି ରହିଛି, ଯେଉଁଠାରେ ତାକୁ ସେ କିଛିକ୍ଷଣ ପୂର୍ବେ କାନ୍ଥ ଦେହରେ ଲାଗିହୋଇ ଠିଆ ହେବାର ଦେଖି ଯାଇଥିଲେ । ପରିଷ୍କାର ଜଣାଗଲା, ଶରୀରରେ ଯଥେଷ୍ଟ ଶକ୍ତି ଥିବାରୁ ଗୁଳି ଲାଗିବା ପରେ ମଧ୍ୟ ସେ ଏତିକି ବାଟ ଦୌଡ଼ି ଆସି ପାରିଥିଲା । କିନ୍ତୁ ବର୍ତ୍ତମାନ ତା ମୃତ୍ୟୁ ଆଉ ଅଧିକ ବିଳମ୍ବ ନ ଥିଲା । ମିଷ୍ଟର ମହାପାତ୍ର ଏହା ଭଲ ଭାବରେ ଜାଣି ପାରିଥିଲେ, ଯେଉଁ ଗୁଳିରେ ନାରାୟଣର ମୃତ୍ୟୁ ହୋଇଛି, ତାହା ବାସ୍ତବରେ ତାଙ୍କୁହିଁ ଲକ୍ଷ୍ୟ କରି ଫୁଟା ଯାଇଥିଲା ।

ମିଷ୍ଟର ମହାପାତ୍ରଙ୍କର ସୀମାତୀତ କ୍ରୋଧ ଜାତ ହେଲା । ତେଣୁ ଟର୍ଚ୍ଚ ଲଗାଇ ଦେଇ ସେ ଅତିଶୟ ବ୍ୟଗ୍ର ପାଦରେ ଆଗକୁ ବଢ଼ି ଚାଲିଲେ, କିନ୍ତୁ ସବୁଠାରୁ ବିଷମ ସମସ୍ୟା ତାଙ୍କ ଆଖି ଆଗରେ ଥିଲା— ସେ କେଉଁ ଆଡ଼କୁ ଯେ ଚାଲିଛନ୍ତି ତାହା ତାଙ୍କୁ ଅଗୋଚର ।

ପରିଶେଷରେ ତାଙ୍କୁ ସମ୍ମୁଖରେ ଏକ ଗୃହର ଖୋଲା ଦୁଆର ଟିଏ ମିଳିଗଲା । ଅତି ଶୀଘ୍ର ସେ ତା ଭିତରକୁ ପଶିଗଲେ । ତାଙ୍କର ବହୁତ ଆନନ୍ଦ ହେଲା । କାରଣ ଯେଉଁ ବୈଠକଖାନା ଭିତରେ ସେ ପ୍ରଥମେ ମଣିରାମ ସହିତ ସାକ୍ଷାତ କରିଥିଲେ, ବର୍ତ୍ତମାନ ତାହାର ଭିତରକୁହିଁ ସେ ଆସି ଯାଇଛନ୍ତି । ଟେବୁଲ ଉପରେ ଲେମ୍ପ ଟିଏ ରଖା ଯାଇଥିଲା । ସେ ତାକୁ ଜଳାଇବାକୁ ଚାହିଁଲେ । କିନ୍ତୁ ଏହି ସମୟରେ ଘରର ଦରଜା ବନ୍ଦ କରି ଯାଉ ଥିବାର ଶବ୍ଦ ଆସି ତାଙ୍କ କାନରେ ବାଜିଲା । ଚମକି ପଡ଼ି ସେ ପଛକୁ ଚାହିଁଲେ । କବାଟ ନିଜ ଛାଏଁ ଧୀରେ ଧୀରେ ବନ୍ଦ ହୋଇ ଯାଉଥିଲା ।

ଦୌଡ଼ି ଯାଇ ସେ ଦୁଆର ପାଖରେ ହାଜର ହୋଇଗଲେ ଏବଂ ମୁଦ୍ରିତ ହୋଇ ଯାଉଥିବା କବାଟକୁ ଖୋଲା ରଖିବାକୁ ଚାହିଁଲେ । କିନ୍ତୁ ସେ ବହୁ ଚେଷ୍ଟାରେ ମଧ୍ୟ ବିଫଳ ମନୋରଥ ହେଲେ । ବର୍ତ୍ତମାନ ମିଷ୍ଟର ମହାପାତ୍ରଙ୍କୁ ସହଜରେ ଜଣାଗଲା, ତାଙ୍କୁ ସେହି ଗୃହ ଭିତରେ ବନ୍ଦୀ କରି ଦିଆଗଲା ।

Digitized by PPRACHIN, SOA

କୋଠରୀର ଏକ କୋଣରେ ଗୋଟିଏ କୋଦାଳ ପଡ଼ିଥିଲା । ମିଷ୍ଟର ମହାପାତ୍ର ତାର ସାହାଯ୍ୟରେ ଝରକା ଦେହରେ କଣ୍ଟା ପିଟି ଯାଇଥିବା କାଠ ପଟା ବାହାର କରି ଦବାକୁ ଚେଷ୍ଟା କରୁଛନ୍ତି, ଠିକ ଏହି ସମୟରେ ତାଙ୍କ ପଛ ଆଡ଼େ କାହାର ପଦଶବ୍ଦ ଶୁଣାଗଲା । ଅତି ଶୀଘ୍ର ସେ ଭୂଇଁରେ ନୀରବରେ ବସି ପଡ଼ିଲେ । ଉପଯ୍ୟୁପରି ପିସ୍ତଲରୁ ଗୁଳି ଛୁଟିଲା ଏବଂ ଅସଂଖ୍ୟ ଗୁଳିରେ ସେହି ସ୍ଥାନ ଭରି ହୋଇଗଲା—ଯେଉଁଠି କିଛିକ୍ଷଣ ପୂର୍ବେ ସେ ଠିଆ ହୋଇ ରହିଥିଲେ । ତା ପରେ ସେହିପରି ଘୁଷୁରି ଘୁଷୁରି ସେହି ଦରକୁ ଆଗେଇବାକୁ ଲାଗିଲେ—ପିସ୍ତଲର ଗୁଳି ସେଇ ଆଡ଼ୁ ଆସୁଥିଲା । କୌଣସି ମନୁଷ୍ୟର ସ୍ଥିର ପିସ୍ତଲ ହାତରେ ଧରି ଠିଆ ହୋଇଥିଲା, ତା ନିକଟରେ ପହଞ୍ଚିବାମାତ୍ରେ ମିଷ୍ଟର ମହାପାତ୍ର ହଠାତ୍ ଠିଆ ହୋଇଗଲେ ଏବଂ ନିଜ ଶରୀରର ସମସ୍ତ ଶକ୍ତି ଖର୍ଚ୍ଚ କରି ଏକ ବଳିଷ୍ଠ ମୁଥା ତା ଗାଲ୍‌ପାଟି ଉପରେ ବସାଇ ଦେଲେ । ସେହି ଲୋକଟି ଅଚେତନ ଅବସ୍ଥାରେ ଭୂଇଁରେ ଗଡ଼ି ପଡ଼ିଲା ।

ବର୍ତ୍ତମାନ ତାଙ୍କ ଦୃଷ୍ଟି ଦୁଆର ଆଡ଼କୁ ଆକୃଷ୍ଟ ହେଲା । କବାଟ ସେ ସମୟକୁ ଖୋଲା ହୋଇଥିଲା । ସେ ଏକା ଖେପାକେ ଡିଆଁ ମାରି ବାହାରକୁ ଚାଲି ଆସିଲେ । କିନ୍ତୁ ଏହି ସମୟରେ ହଠାତ୍ ତୀର ଛୁଟିବାର ଝନତ୍କାର ଶବ୍ଦ ଶୁଣାଗଲା, ଏବଂ ଗୋଟିଏ ତୀର ତାଙ୍କ କାନ ପାଖଦେଇ ଚାଲିଗଲା । ମିଷ୍ଟର ମାହାପାତ୍ର ବୁଝି ପାରିଲେ ସେହି ତୀର ନିମାଣଧାରୀ ବର୍ତ୍ତମାନ ଗୃହ ଭିତରେ ଉପସ୍ଥିତ ହୋଇ ଯାଇଛି । ଅତି ନିର୍ନିମେଷ ଧ୍ୟାନରେ ଦେଖିଲା ପରେ ଗୋଟିଏ କଳା ମୂର୍ତ୍ତି ଗୃହର ଏକ ସୀମାରେ ଠିଆ ହୋଇଥିବାର ଦେଖାଗଲା । ପଲକ ମାତ୍ରେ ସେ ତା ନିକଟରେ ଯାଇ ପହଞ୍ଚିଗଲେ ଏବଂ ଶକ୍ତ ଏକ ଘୁପୁଡ଼ା ତା ଗାଲ୍‌ପାଟିରେ ଲଗେଇ ଦେଲେ । ଘୁପୁଡ଼ାଟି ଠିକ ଯଥା ସ୍ଥାନରେ ବସିଲା ସତ, କିନ୍ତୁ ଠିକ ଏହିପରି ସମୟରେ ଆଉ ଏକ ଜବର ମୁଥା ଅନ୍ୟ ଜଣକ ହାତରୁ ଆସି ଠିକ ତାଙ୍କ କାନମୂଳ ବନ୍ଦ କଲା । ତାଙ୍କ ମୁଣ୍ଡ ଘୂରିଗଲା ଏବଂ ସେ ନିର୍ଜୀବ ପରି ତଳେ ଚଟାଣ ଉପରେ କଣ୍ଢେଇ ହୋଇ ପଡ଼ିଗଲେ ।

Digitized by PPRACHIN, SOA

ତେର

ସେହି ତେଜୋମୟ ପ୍ରେତମୂର୍ତ୍ତିକୁ ସମ୍ମୁଖରେ ଦେଖି ମିଷ୍ଟର ମହାପାତ୍ର ଯେତେବେଳେ ତା ଆଡ଼କୁ ଅଗ୍ରସର ହେଲେ, ଗଦାଧର କିଂକର୍ତ୍ତବ୍ୟବିମୂଢ଼ ଭାବରେ ନିଜ ସ୍ଥାନରେ ଠିଆ ହୋଇ ଭୟବିଚଳିତ ନେତ୍ରରେ ସେହି ଆଡ଼କୁ ଚାହିଁ ଥିଲା । କିନ୍ତୁ ଯେତେବେଳେ ସେହି ମୂର୍ତ୍ତି ଅଦୃଶ୍ୟ ହୋଇଗଲା ଏବଂ ତା ସ୍ଥାନରେ ଭୟଙ୍କର ଅନ୍ଧାର ଘୋଟି ହୋଇଗଲା, ସେତେବେଳେ ମିଷ୍ଟର ମହାପାତ୍ରଙ୍କୁ ଅନ୍ୱେଷଣ କରିବା ଉଦ୍ଦେଶ୍ୟରେ ସେ ବହିର୍ଗତ ହେଲା, କିନ୍ତୁ ସେ ପ୍ରାୟ ଦୁ କଦମ ନ ଯାଉଣୁ ତା ମୁଣ୍ଡ କୌଣସି ଶୀତଳ ବସ୍ତୁ ଦେହରେ ଯାଇ ବାଜିଲା ।

କିନ୍ତୁ ସେ ବସ୍ତୁ ଏକବାରେ ତା ପଥରୁଦ୍ଧ କରିଦେଲା ଜାଣିପାରି ଗଦାଧର ଅତି ଶୀଘ୍ର ଟର୍ଚ୍ଚ ଜଳାଇଦେଲା । ସେଇ ଆଲୁଅରେ ସେ ଦେଖିବାକୁ ପାଇଲା ତା ସମ୍ମୁଖରେ ଛାତ ଦେହରେ ତଳ ଚଟାଣ ପର୍ଯ୍ୟନ୍ତ ଗୋଟେ ମୋଟା କାଚର କାନ୍ଥ ଲାଗି ରହିଛି ।

ସେଇ କାନ୍ଥକୁ ଦେଖି ଗଦାଧରର ସୀମାତୀତ କୌତୂହଳ ଜାତ ହେଲା । ତାକୁ ବୋଧହେଲା—ଏହି କାନ୍ଥ ମିଷ୍ଟର ମହାପାତ୍ରଙ୍କର ଆଗକୁ ବଢ଼ି ନ ଯିବା ପାଇଁ ଏ ସ୍ଥାନରେ ଠିଆ କରାଯାଇଛି । କିନ୍ତୁ

Digitized by PPRACHIN, SOA

ଏତେ ବଡ଼ ମୋଟା କାଚର ପ୍ରକାଣ୍ଡ କାନ୍ଥଟି କପରି ଭାବରେ ଏ ସ୍ଥାନକୁ ଅଣାଗଲା, ଏହା ତାକୁ ଅତିଶୟ ଆଶ୍ଚର୍ଯ୍ୟାନ୍ୱିତ କରିଦେଲା ।

ହଠାତ୍ ଏକ ନୂଆ ବିଷୟ ତା ମନ ଭିତରେ ଉପୁଜି ହେଲା । ତାର ଧାରଣା ହେଲା ଯେ ସେହି ପ୍ରେତମୂର୍ତ୍ତି ଅନ୍ୟ କୌଣସି ବସ୍ତୁ ନୁହେଁ—ଏହି କାଚର କାନ୍ଥକୁ ପରଦା ତୁଲ୍ୟ ବ୍ୟବହାର କରାଯାଇ ତାର ଉପରେ ବାୟୁସ୍କୋପ ପରି ରେଖାପାତ କରା ଯାଇଥିବା କୌଣସି ଫଟର ଛାୟା ।

ଗଦାଧରକୁ ବହୁତ ଆଶ୍ଚର୍ଯ୍ୟଜନକ ବୋଧ ହେଲା । ଭୂଗର୍ଭ କୋଠିରେ ଏପରି ଆଶ୍ଚର୍ଯ୍ୟ ଧରଣର ରହସ୍ୟମାନ ଭରିହୋଇ ରହିଛି ଏ କଥା ପୂର୍ବେ ତା ମନରେ ସ୍ୱପ୍ନରେ ସୁଦ୍ଧା ଜାଗି ନ ଥିଲା । ଅନ୍ଧାରରେ ଅଣ୍ଡାଳି ଅଣ୍ଡାଳି ସେ ଘରର ଅନ୍ୟ ଏକ କାନ୍ଥ ନିକଟରେ ଯାଇ ପ୍ରବେଶ କଲା । ଆକସ୍ମିକଭାବରେ ତା ହାତ ସେହି କାନ୍ଥର ଏପରି ଏକ ସ୍ଥାନରେ ଯାଇ ପଡ଼ିଲା, ଯେଉଁଠ ବାଜିବା ମାତ୍ରେ ଏକ କ୍ଷୀଣ ଖଟ ଖଟ ଶବ୍ଦ ହେଲା ଏବଂ ସାତେସାନ୍ଥ ସେହି କାନ୍ଥର ଏକ ସ୍ୱଳ୍ପକୋଣ ବିଶିଷ୍ଟ ଅଂଶ ତଳକୁ ଝୁଲିପଡ଼ି ଗୋଟିଏ ସ୍ଥାନରେ ଚତୁଷ୍କୋଣ ବିଶିଷ୍ଟ ଏକ ଖୋଲା ଝରକା ପରି ସ୍ଥାନ ତିଆରି ହୋଇଗଲା ।

ଗଦାଧର ସାବଧାନତାର ସହିତ ସେହି କଣା ଭିତରେ ଯାଇ ପଶିଗଲା । ଆହୁରି କୌତୂହଳର ବିଷୟ—ସେ ସେହି ଜଳା ଦେଇ ଆରି ପାଖରେ ପହଞ୍ଚିବା ମାତ୍ରେ ଦେଖିବାକୁ ପାଇଲା, ସେଇ ଅଂଶ ପୁଣି ଥରେ ଖଟ ଖଟ ଶବ୍ଦ କରି ନିଜ ସ୍ଥାନରେ ଆସି ଯୋଡ଼ି ହେଇଗଲା । ଗଦାଧର କିଛି ସମୟ ଦମ ନେଲା । ତା ପରେ ସେ ଯେତେବେଳେ କୌଣସି ଆଡ଼ୁ କୌଣସି ଶବ୍ଦ ଶୁଣିବାକୁ ନ ପାଇଲା, ତତ୍‌କ୍ଷଣାତ୍ ଟର୍ଚ୍ଚ ଜାଳିଦେଲା । ଆଲୋକ ହେବା ମାତ୍ରେ ସେ ନିଜକୁ ଏପରି ଏକକୋଠରୀ ଭିତରେ ପାଇଲା, ଯେଉଁଥିରେ ରଖାଯାଇଥିବା ଆସବାବରୁ ପରିଷ୍କାର

Digitized by PPRACHIN, SOA

ଜଣା ପଡ଼ୁଥିଲା ଯେ ଏହା ନାରାୟଣର ରହିବା କୋଠରୀ । କୌଣସି ଅନ୍ୟ କୋଠରୀର କବାଟ ସମ୍ମୁଖରେ ଦେଖା ଯାଉଥିଲା । ଗଦାଧର ତାର ନିକଟବର୍ତ୍ତୀ ହୋଇ ତାକୁ ଖୋଲିଦେଲା ଏବଂ ଭିତରେ ପ୍ରବେଶ କଲା । ସେ ଘରଟି ନାନା ପ୍ରକାର ମେସିନ୍ ଓ ଯନ୍ତ୍ରପାତିରେ ଭରି ଯାଇଥିଲା ।

ବର୍ତ୍ତମାନ ଗଦାଧରର କୌଣସି କଥା ବୁଝିବାକୁ ବାକି ରହିଲା ନାହିଁ । ଯେ ବୁଝି ପାରିଲା, ସେମାନେ ନାରାୟଣକୁ ଯେତେଦୂର ପାଗଳ ଓ ବେକୁବ ବୋଲି ଭାବିଥିଲେ, ବାସ୍ତବରେ ସେ ସେପରି ନୁହେଁ । ବାସ୍ତବିକ ସେ ଜଣେ ଧୂର୍ତ୍ତ ଗୁଣିଆ ମେକାନିକ । ଏପରି ସମୟରେ ହଠାତ୍ କୌଣସି ଘରୁ ବାରମ୍ବାର ପିସ୍ତଲ ଫାଇର ହେଉଥିବାର ଶବ୍ଦ ଆସି କାନରେ ବାଜିଲା ।

ବହୁତ ଯତ୍ନ କଲେ ସୁଦ୍ଧା ସେଠାରୁ ବାହାରକୁ ଆସିବାର କୌଣସି ପଥ ଗଦାଧରକୁ ଆଉ ଦେଖାଗଲା ନାହିଁ । ଏପରି ଅବସ୍ଥାରେ ପ୍ରାୟ ପନ୍ଦର ମିନିଟ ସମୟ ଅତୀତ ହୋଇଗଲା । ହଠାତ୍ କୌଣସି ନିକଟବର୍ତ୍ତୀ କୋଠରୀରେ ଦଳେ ଲୋକଙ୍କର କଥୋପକଥନର ଶବ୍ଦ ଆସି ତା କାନରେ ବାଜିଲା । ଜଣେ କହିଲା—ନାଁ ଭାଇ, ମୋ ଦ୍ୱାରା ଏ କାମ କେବେହେଲେ ହୋଇ ପାରିବ ନାହିଁ । ମହାତ୍ମାଜୀ ସାଧାରଣ ଲୋକ ନୁହେଁ । ସେ ସୈତାନର ସୈତାନ ।

ଅନ୍ୟ ଜଣେ ଉତ୍ତର ଦେଲା—ମୋର ବିଶ୍ୱାସ ନ ଥିଲା, ତୁ ଏତେଦୂର ଭୀରୁ ଓ ଡରୁଆ ।

ପ୍ରଥମ ବ୍ୟକ୍ତି କହିଲା—ତାହେଲେ ତୁ କାହିଁକି ନିଜେ ଯାଇ ତାକୁ ଶେଷ କରି ଆସୁନାହୁଁ ? ତୋର ବି ତା ହାତରେ ପିସ୍ତଲ ଅଛି ।

ସେମାନେ ଏହିପରି ପରସ୍ପର ମଧ୍ୟରେ ଝଗଡ଼ାରେ ବ୍ୟାପୃତ ଥିବା ସମୟରେ ଜଣେ ସ୍ତ୍ରୀଲୋକ କହି ଉଠିଲା—ଚୁପ୍, ଚୁପ !

Digitized by PPRACHIN, SOA

ବର୍ତ୍ତମାନ ଜଣା ପଡ଼ଲାଣି ଯେ ତୁମ ବନ୍ଧୁଙ୍କ ଭିତରୁ କେହି ହେଲେ ଏ କାମ ପାଇଁ ଉପଯୁକ୍ତ ନୁହଁ । ଆଚ୍ଛା ! ମୁଁ ନିଜେ ଯାଇ ଏ କାମ କରିବାକୁ ପ୍ରସ୍ତୁତ ହେଲି ।

ଦ୍ୱିତୀୟ ବ୍ୟକ୍ତି କହିଲା—ତୋ ହାତରେ କଣ ?

ସେ ସ୍ତ୍ରୀଲୋକ କହିଲା—ଏ ହେଉଛି ବୃଟଲ । ମୁଁ ଏହିପରି ଅବସ୍ଥାରେ ଅନ୍ଧାରରେ ଅଣ୍ଡାଳି ହୋଇ ତା ନିକଟରେ ପହଞ୍ଚିବି । ତାର ମୋ ଉପରେ ତିଳେ ହେଲେ ସନ୍ଦେହ ଜନ୍ମି ନ ପାରେ । ପୁଣି ମତେ ସ୍ତ୍ରୀଲୋକ ଭାବି ସେ ଗୁଳିବି ଚଳାଇ ପାରିବ ନାହିଁ । ମୁଁ ଆକସ୍ମିକ ଭାବରେ ଏହି ତରଳ ପଦାର୍ଥ ତା ଶରୀର ଉପରେ ଓଜାଡ଼ି ଦେବି । ସେ ଅନ୍ଧ ହୋଇଯିବ । ଆଉ ଠିକ ଏହି ଅବସରରେ ତୁମେମାନେ ତାକୁ ଗୁଳି ମାରିବ ।

ତା ପରେ ସେମାନେ ଆଉ କିଣ କଥୋପକଥନ ହେଲେ, ଗଦାଧର ଶୁଣି ପାରିଲା ନାହିଁ । କିନ୍ତୁ ଏପର୍ଯ୍ୟନ୍ତ ଯେତିକ ଶୁଣିଥିଲା, ସେତିକ ତାକୁ ଯଥେଷ୍ଟ ବୋଧ ହେଲା । ତା ମୁନିବର ଜୀବନ ଅଧୁନା ବିପଦ-ସଙ୍କୁଳ । ଯେପରି ହେଉନା କାହିଁକି ତାଙ୍କୁ ଯାଇ ସାବଧାନ କରିଦେବା ଗଦାଧରର ବର୍ତ୍ତମାନ ପ୍ରଧାନ କର୍ତ୍ତବ୍ୟ ।

Digitized by PPRACHIN, SOA

ଚଉଦ

ଗଦାଧର ଅତି ଶୀଘ୍ର ନାରାୟଣର କୋଠରୀକୁ ଲେଉଟି ଆସିଲା, କିନ୍ତୁ ସେଠାରୁ ବାହାରକୁ ଆସିବା କୌଣସି ପ୍ରକାର ତା ପକ୍ଷେ ସମ୍ଭବ ନ ଥିଲା । ଯେଉଁ ଗୁପ୍ତ ଦୁଆରଟି ଭିତର ଦେଇ ସେ ସେହି କୋଠରୀ ଭିତରେ ପ୍ରବେଶ କରିଥିଲା, ତାହା ବର୍ତ୍ତମାନ ବନ୍ଦ ହୋଇଯାଇଥିଲା ଏବଂ ତାକୁ ଖୋଲିବା କିମ୍ବା ବନ୍ଦ କରିବାର ଉପାୟ ଗଦାଧରକୁ ଜଣା ନ ଥିଲା ।

କିନ୍ତୁ ତାର ପ୍ରଭୁ ବିପଦରେ ପଡ଼ିଥିଲେ । ତେଣୁ ତାକୁ ଯେ କୌଣସି ପ୍ରକାରେ ହେଲେ ସେହି କୋଠରୀର ବାହାରକୁ ଆସିବାକୁ ହେବ । କୋଠରୀରେ କେବଳ ଗୋଟିଏ ମାତ୍ର ଖିଡ଼କି ଥିଲା—ତା ଉପରେ ପଟା ମରା ଯାଇଥିଲା । କୋଣରେ ପଡ଼ିଥିବା ଏକ ସାବୁଳରେ ସେ ସେହି ପଟା କାଢ଼ି ଦେବାକୁ ଚେଷ୍ଟା କଲା । ତା ଟର୍ଚ୍ଚ ଓ ପିସ୍ତଲ ସେତେବେଳକୁ ଭୂଇଁରେ ରଖିଦେଇଥିଲା ।

ସହସା ତା ପଛ ପଟରୁ କାହାର ଶବ୍ଦ ଶୁଣା ଗଲା—ଦ ହା ଉପରକୁ ଟେକ । ମୋର ତୋ ସାଙ୍ଗରେ କିଛି କଥା ଅଛି ।

Digitized by PPRACHIN, SOA

ଏପରି ଅସାବଧାନ ଅବସ୍ଥାରେ ନିଜ ପିସ୍ତଲ ଏପରି ସ୍ଥାନରେ ଭଳେ ରଖି ଦେଇଥିବା ହେତୁ ଗଦାଧରର ଦୁଃଖ ହେଲା । ବର୍ତ୍ତମାନ ବା କଣ କରାଯାଇ ପାରେ ? ଅତି ଶୀଘ୍ର ସେ ତା ହାତରେ ଥିବା ସାବୁନ ଉଠାଇ ସେହି ଆଡ଼କୁ ଲକ୍ଷ୍ୟ କରି ଫିଙ୍ଗିଦେଲା । ସାଙ୍ଗେ ସାଙ୍ଗେ ପିସ୍ତଲର ଆବାଜ ଆସିଲା ଏବଂ ଗୁଳି ତା କାନ ପାଖ ଦେଇ ଚାଲିବାକୁ ଲାଗିଲା ।

ଏକା ଡ଼ିଆଁ କେ ଝଟ ପାଖରେ ପହଞ୍ଚିଯାଇ ତାକୁ ଉଠାଇ ଦେଲା ଏବଂ ପିସ୍ତଲ ହାତରେ ନେଇ ଯେଉଁ ଦିଗରେ ସେହି ମନୁଷ୍ୟ ଥିବାର ଅନୁମାନ କରୁଥିଲା, ସେହି ଦିଗକୁ ଲକ୍ଷ୍ୟକରି ଛୁଡ଼ିଲା । ଏକ ଆକୁଳ ଚିତ୍କାର ଓ ଭୂମି ଉପରେ କାହାର ପଡ଼ିବାର ଶବ୍ଦ ଆସି ତା କାନରେ ବାଜିଲା ।

ଶତ୍ରୁ ଦେହରେ କେଉଁଠି ଗୁଳି ବାଜିଛି, ଏହା ଦେଖିବାକୁ ଗଦାଧରର ସମୟ ନ ଥିଲା । ଅତି ଶୀଘ୍ର ସେ କୋଠରୀରୁ ବାହାରକୁ ଚାଲି ଆସିଲା ଏବଂ ଯେଉଁ ଆଡ଼େ ସେହି କାଚର କାନ୍ଥ ଦେଖି ଯାଇଥିଲା ସେହି ଆଡ଼େ ଅଗ୍ରସର ହେଲା । କିଛିକ୍ଷଣ ବଙ୍କା ଟେଢ଼ା ରାସ୍ତାରେ ଆସିବା ପରେ ସେ ଏପରି ଏକ ଘର ନିକଟରେ ପହଞ୍ଚିଗଲା, ଯା ଦୁଆର ଖୋଲି ଥିଲା । ଚଟାଣରେ ନାରାୟଣର ମୃତ ଶବ ପଡ଼ିଥିଲା । ଗଦାଧର ଅତଶୟ ଆଶ୍ଚର୍ଯ୍ୟର ସହିତ ତାକୁ ଦେଖିବାରେ ମଗ୍ନ ଅଛି, ତା ମୁଣ୍ଡ ଉପରେ ଏକ ଶକ୍ତ ଆଘାତ ବାଜିଲା ଏବଂ ସେ ବେହୋସ ହୋଇ ଭୂଇଁରେ ଗଡ଼ି ପଡ଼ିଲା ।

ଗଦାଧରର ହୋସ ଫେରି ଆସିବା ବେଳକୁ ଦେଖେତ, ସେ ଗୋଟେ କୋଠରୀ ଭିତରେ ଚୌକି ଉପରେ ବସିଛି । ଦୁ ହାତ ତାର ଦୃଢ଼ ଭାବରେ ପଛଆଡ଼େ ବନ୍ଧା ଯାଇଛି ଏବଂ ସମ୍ମୁଖରେ ଏକ ଚୌକି ଉପରେ ହାତରେ ପିସ୍ତଲ ଧରି ଦାଉଦ ବସିଛି । ଗଦାଧରର ଚେତନା ଫେରି ଆସିବାରୁ, ସେ କହିଲା—ଦେଖ, ମୁଁ ବି ସବୁ କଥା ଜାଣେ ।

Digitized by PPRACHIN, SOA

ମିଷ୍ଟର ମହାପାତ୍ର ସେହି ସବୁ ଡକାୟତି ମାଲର ସନ୍ଧାନରେ ଆସିଛ—ଯାହା ଆମେ ସବୁ ଖୋଜିବାରେ ଲଗିଛୁ । ତେବେ ମୋର ତା ବିଷୟରେ କିଛି ପରବାଏ ନାହିଁ । କାରଣ ଏତେବେଳକୁ ସେ ଆଉ ପୁରରେ ପହଞ୍ଚି ଯାଇଥିବ । ବର୍ତ୍ତମାନ ତୁଇ କେବଳ ବଞ୍ଚି ରହିବୁ । ଯଦି ଛରନ୍ଦନ ଏହିପରି ଜୀବନରେ ରହିବାକୁ ଚାହୁଁ, ଆଗ କହ ସେ ଡକାୟତି ମାଲସବୁ କେଉଁଠି ଲୁଚି ଯାଇଛି ।

ଗଦାଧର ଅତି ଶୀଘ୍ର ଉତ୍ତର ଦେଲା—ମତେ ଜଣା ନାହିଁ । କ୍ରୋଧରେ ଅଧୀର ହୋଇ ସେହି ବ୍ୟକ୍ତି ଗୋଟେ ଉଲର ମୁଥା ଗଦାଧରର ଗାଲପାଟି ପାଖରେ ବସାଇ ଦେଇ କହିଲା—ଠିକ୍ ଠିକ୍ କହ, ନଚେତ୍ ଏହି ଭଲ ମୁଥାରେ ତୋ ପ୍ରାଣ ବାହାର କରିଦେବି ।

ଗଦାଧର ବାରମ୍ବାର ଅସ୍ୱୀକାର କରିବାରେ ଲଗିଲା ଏବଂ ଦାଉଦ ତା ଶକ୍ତ ମୁଥାରେ ତା ଗାଲପାଟି ରଙ୍ଗା କରିବାରେ ଲଗିଲା । ଶେଷରେ ଦାଉଦ ପିସ୍ତଲ ନଳର ମୁହଁ ତା ଆଡ଼କୁ କରି କହିଲା—ଦେଖ, ମୁଁ ପାଞ୍ଚ ପର୍ଯ୍ୟନ୍ତ ଗଣି ଯାଉଛି । ଆଉ ଯଦି ଭିତରେ ତୁ ଯଦି ସେହି ଗୁପ୍ତଧନର ଭେଦ ନ ବତାଉ, ତୋ ଖପୁରି ଉଡ଼ାଇ ଦେବି ।

ଗଦାଧର ଚୁପ୍ ହୋଇ ତା ସ୍ଥାନରେ ବସି ରହିଲା । ଦାଉଦର ମୁହଁରୁ ଏକ···ଦୁଇ···ତିନି···ଚାରି ବାହାରିଗଲା ଓ ପାଞ୍ଚ ଶବ୍ଦ ବାହାରିବା ସମୟରେ ଦୁଆର ଖୋଲିଗଲା ଏବଂ ନାରାୟଣର ବିଶାଳ ଶରୀର ଗୃହ ଭିତରେ ପ୍ରବେଶ ହେଲା ।

ଦାଉଦ ଅତି ଶୀଘ୍ର ତା ପିସ୍ତଲର ନଳ ସେହି ଆଡ଼କୁ କରି ଘୋଡ଼ା ଟିପିଦେଲା । ଏଥିରେ ସନ୍ଦେହ ନାହିଁ, ପିସ୍ତଲରୁ ଯାଇଥିବା ଗୁଳି ତା ଶରୀର ଭିତରେ ଗଲା ଯାଇଥିବ । ଏପରି ସମୟରେ ସେ ଆଗକୁ ବଢି ଚାଲିଲା ଏବଂ ଦାଉଦ ପାଖକୁ ଆସି ତା ଉପରେ ଗଡ଼ି ପଡ଼ିଲା । ଦାଉଦ ପଛ ଆଡ଼କୁ ତଳେ ପଡ଼ିଲା ଏବଂ ତା ମୁଣ୍ଡ ଟେବୁଲ ଉପରେ

Digitized by PPRACHIN, SOA

ବାଡେଇ ହୋଇଗଲେ । ଏହି ଆଘାତ ପାଇ ଟେବୁଲ ଉପରେ ରଖା ଯାଇଥିବା ଲେମ୍ପଟି ତଳେ ଗଡ଼ି ପଡ଼ିଲା ଏବଂ ଘରର ସ୍ୱଳ୍ପ ଆଲୁଅ ଅନ୍ଧାରରେ ଲୁଇ ହୋଇଗଲା ।

ଗଦାଧର ହଠାତ୍ ଠିଆ ହୋଇଯାଇ ଶରୀରର ସମସ୍ତ ବଳ ଖର୍ଚ୍ଚ କରି ନିଜର ଦୁଇ ହାତକୁ ଚୌକି ଦେହରେ ବନ୍ଧା ଯାଇଥିବା ଦଉଡ଼ି ଭିତରୁ ମୁକ୍ତ କରିଦେଲେ ଏବଂ ସେହି ଅନ୍ଧକାରରେ ଦୌଡ଼ି ଦୌଡ଼ି ବାହାରକୁ ପଳାଇ ଆସିଲେ ।

ସେ ଯେ କେଉଁଆଡ଼େ ଯାଉଥିଲେ, ତାକୁ କିଛି ଖବର ନ ଥିଲା । କେତୁଟା ସିଡ଼ି ଓହ୍ଲାଇବା ଓ ଚଢ଼ିବା ପରେ ସେ ହଠାତ୍ ଗୋଟେ ସ୍ଥାନରେ ଆସି ଠିଆ ହୋଇଗଲେ । କୌଣସି ସ୍ତ୍ରୀ ଲୋକ ହାତରେ ଗୋଟେ ପିଆଲା ଧରି ସାବଧାନତାର ସହିତ ଅଗ୍ରସର ହେଉଥିବାର ଦେଖି ପାରିଲେ—ସେ କାମିନୀ ଛଡ଼ା ଆଉ କେହି ନୁହେଁ । ଗଦାଧରର ଆନନ୍ଦର ସୀମା ରହିଲା ନ, ସେ ଭାବିଲେ ସେ ଠିକ୍ ସମୟରେ ଆସି ପହଞ୍ଚି ଯାଇଛନ୍ତି । ଖୁବ୍ ସାବଧାନରେ ସେ କାମିନୀର ପଛଆଡ଼େ ପହଞ୍ଚି ତାକୁ ଏପରି ଏକ ଧକ୍କା ଦେଲେ, ପିଆଲାଟି ତଳେ ପଡ଼ି ଖଣ୍ଡ ଖଣ୍ଡ ହୋଇଗଲା । ସେ ନିଜେ ଅନ୍ଧୁଣୀ ହୋଇ ତଳେ କରୁଡ଼ି ହୋଇ ପଡ଼ିଲା ।

ବର୍ତ୍ତମାନ ଗଦାଧରର ଦୃଷ୍ଟି ସମ୍ମୁଖରେ ଖୋଲାଥିବା ଗୋଟେ ଦୁଆର ଉପରେ ପଡ଼ିଲା । ତାହା ସେହି ବୈଠକ ଖାନାର ଖୋଲା ଦୁଆର—କିନ୍ତୁ ମିଷ୍ଟର ମହାପାତ୍ରଙ୍କର କୌଣସି ଚିହ୍ନ ସେଠାରେ ମିଳିଲା ନାହିଁ ।

ଗଦାଧର ଜାଣେ ନାହିଁ—ମିଷ୍ଟର ମହାପାତ୍ରଙ୍କ ଉପରେ ଏ ପର୍ଯ୍ୟନ୍ତ କି ପ୍ରକାର ବିପଦ ପଡ଼ିଥିବ । ଏହି ଭୟ ଓ ଆଶଙ୍କା ତାକୁ ଉଦ୍‌ବିଗ୍ନ କରିଦେଲା । ସେ ପୁନର୍ବାର ଦୌଡ଼ିବାକୁ ଆରମ୍ଭ କଲେ କେତେକ ସିଡ଼ି ଚଢ଼ିବା ଓ ଓହ୍ଲାଇବା ପରେ ସେ ପୁନର୍ବାର ଗୋଟେ

Digitized by PPRACHIN, SOA

ସ୍ଥାନରେ ଆସି ଠିଆ ହୋଇଗଲେ । ସହସା ତାର ଦୃଷ୍ଟି ସେହି ନାବିକ ଉପରେ ଯାଇ ପଡ଼ିଲା—ସେ ସେତେବେଳକୁ ସଦର ଦୁଆର ପାର ହୋଇ ବ୍ୟସ୍ତ ଗତିରେ ବାହାରର ଖୋଲା ପଡ଼ିଆ ଆଡ଼କୁ ଅଗ୍ରସର ହେଉଥିଲେ ।

ସେହି ନାବିକକୁ ଏ ସ୍ଥାନରେ ଦେଖି ପାରି ଗଦାଧର ଭାରି ଆଶ୍ଚର୍ଯ୍ୟ ହେଲା ଏବଂ ସେ ତା ପଛେ ପଛେ ଲୁଚି ଲୁଚି ଚାଲିବାକୁ ଲାଗିଲା । ନିଜ ପ୍ରଭୁଙ୍କ ସହିତ ସାକ୍ଷାତ କରିବା ଅପେକ୍ଷା ସେହି ରହସ୍ୟମୟ ନାବିକର ଗତି ବିଧି ଜାଣିବାକୁ ସେ ଅତିଶୟ ଉତ୍କଣ୍ଠିତ ହୋଇ ଉଠିଲା ।

ରହସ୍ୟମୟ ନାବିକ ସିଧା ସିଧା ପାଣି ଆଡ଼କୁ ଟପ ଟପ ଚାଲିଥିଲେ । ଯେତେବେଳେ ଗଦାଧର ତା ପଛେ ପଛେ ଆସି କୂଳରେ ପହଞ୍ଚି ଗଲା, ସେ ଗୋଟିଏ ଛୋଟ ଡଙ୍ଗାରେ ବସି ଆଗକୁ ଚାଲିଲେ ।

ଗଦାଧରର ବହୁତ ଦୁଃଖ ହେଲା । ପଛକୁ ଫେରି ଯିବାକୁ ତାର ମନ ଥିଲା । କିନ୍ତୁ ଏହା ତାହାର ପ୍ରକୃତି ବିରୁଦ୍ଧ କାର୍ଯ୍ୟ । କାରଣ ସେ ଯଦି କୌଣସି କାର୍ଯ୍ୟରେ ଲାଗି ରହେ, ସେହି କାର୍ଯ୍ୟକୁ ଶେଷ ନ କରି ଛାଡ଼େ ନାହିଁ । ତେଣୁ ଅତିଶୀଘ୍ର ସେ ନିଜ ପୋଷାକ ପତ୍ର ସଜାଡ଼ି ନେଇ ପାଣିକି ଡେଇଁ ପଡ଼ିଲା, ଏବଂ ସେହି ନାବିକକୁ ଲକ୍ଷ୍ୟ କରି ପହଁରିବାକୁ ଲାଗିଲା ।

ନାବିକ ଜୋରରେ ଆହୁଲା ପକାଉଥିଲେ ଏବଂ ତା ଆହୁଲା ପକାଇବା ଶବ୍ଦ ଭିତରେ ଗଦାଧରର ପହଁରିବା ଶବ୍ଦ ଛପିଗଲା । ଆକାଶ ଅନ୍ଧକାର, ପୁଣି ବଉଦମାଳାରେ ପରିପୂର୍ଣ୍ଣ । ତେଣୁ ନାବିକ କୌଣସି ଆଡ଼ ଦେଖି ପାରୁ ନ ଥିଲେ ।

କ୍ରମଶଃ ନାବିକ ଯାଇ ସେହି ଟାପୁ ନିକଟରେ ପହଞ୍ଚିଗଲେ—ଯେଉଁଠି ପହଞ୍ଚି ସେ ଅଦୃଶ୍ୟ ହୋଇ ଯିବାର ସେ ଦିନ ଗଦାଧର ଓ ନିଷ୍ଠୁର ମହାପାତ୍ର ଦେଖି ପାରିଥିଲେ । ସେଇଠି ପହଞ୍ଚିବା ମାତ୍ରେ ଚାରିଆଡ଼େ ଘେରି ରହିଥିବା ନାନା ପ୍ରକାର ଗଛ ଓ ଦଳ ଭିତରେ

Digitized by PPRACHIN, SOA

ପଶିଯାଇ ତତ୍‌କ୍ଷଣାତ୍ ଏକବାର ଅଦୃଶ୍ୟ ହୋଇଗଲା । ଗଦାଧର ମଧ୍ୟ ଦଶ ମିନିଟ ପରେ ଯାଇ ସେ ସ୍ଥାନରେ ଉପସ୍ଥିତ ହେଲା । ଭୟଙ୍କର ଥଣ୍ଡାରେ ତା ଦାନ୍ତଗୁଡ଼ିକ ଠକ ଠକ ବାଜୁଥିଲା । ତଥାପି ସାହସ ବାନ୍ଧି ସେ ଥରେ ଚାରିଆଡ଼କୁ ଦୃଷ୍ଟିପାତ କଲା । ନୌକାଟିର କୌଣସି ପ୍ରକାର ଚିହ୍ନବର୍ଣ୍ଣ ମିଳିଲା ନାହିଁ । କିନ୍ତୁ ଅତି ଶୀଘ୍ର ଗଦାଧର ପାଣିରୁ ଉଠି ଶୁଖିଲା ଭୂଇଁ ଉପରକୁ ଚାଲି ଆସିଲା । ପ୍ରାୟ ଅଧ ଘଣ୍ଟା ପର୍ଯ୍ୟନ୍ତ ସେହି ନୌକାର ଖବର ନେବା ପାଇଁ ଗଦାଧର ଖୁବ୍ ବ୍ୟସ୍ତ ହେଲା । କିନ୍ତୁ କୌଣସି ଆଡ଼େ କିଛି ସନ୍ଧାନ ମିଳିଲା ନାହିଁ । ସେହି ଟାପୁର ଏକ ପାଖରେ ଗୋଟିଏ ବଡ଼ ଉଚ୍ଚ ଗୁମ୍ଫା ଭଳି କୌଣସି ଜିନିଷ ତିଆରି ହୋଇଥିଲା । ଗଦାଧର ସେହି ଗୁମ୍ଫା ନିକଟରେ ପହଞ୍ଚିଲାକ୍ଷଣି ତାର ଏକ ଛିଦ୍ର ଦେଇ ଧୂଆଁ ବାହାରୁ ଥିବାର ତାକୁ ଦେଖାଗଲା । ଅତି ଶୀଘ୍ର ସେ ସେହି ଛିଦ୍ର ପାଖରେ ଯାଇ ପହଞ୍ଚିଗଲା ଏବଂ ଅତିଶୟ ମନଯୋଗର ସହିତ ସେହି କଣା ବାଟେ ଭିତରକୁ ଦେଖିବାକୁ ଲାଗିଲା ।

ବର୍ତ୍ତମାନ ଗଦାଧରର କୌଣସି ବିଷୟ ବୁଝିବାକୁ ଆଉ ବାକି ରହିଲା ନାହିଁ । ସେହି ଗୁମ୍ଫା ଭିତରେହିଁ ସେ ରହସ୍ୟମୟ ନାବିକ ନିଜ ବାସସ୍ଥାନ ରଚନା କରିଥିଲା ।

ଗୁମ୍ଫାର ଚାରିଆଡ଼େ ବୁଲୁ ବୁଲୁ ଗଦାଧର ଯାଇ ଝରକା ପରି ଏକ ଉଚ୍ଚା ତିଆରି ହୋଇଥିବା ସ୍ଥାନରେ ପହଞ୍ଚିଗଲା । ଉଷାର ଧବଳିମା ଆକାଶର ଚାରିଆଡ଼େ ଆଚ୍ଛାଦିତ ହେବାକୁ ଆରମ୍ଭ କରିଥିଲା । ଗଦାଧର ଅତିଶୟ ଆଶ୍ଚର୍ଯ୍ୟର ସହିତ ଦେଖିବାକୁ ପାଇଲା—ସେହି ଝରକାଟି ଗୋଟିଏ କ୍ଷୁଦ୍ର କୋଠରୀର । ତା ଭିତରେ ଏକ ଆରାମ ଚୌକି ଉପରେ ବସି ସେହି ଆଶ୍ଚର୍ଯ୍ୟମୟ ନାବିକ କୌଣସି କାଗଜ ପଢ଼ିବାରେ ବ୍ୟସ୍ତ ଅଛି । ଏବଂ ତା ସମ୍ମୁଖରେ ଗୋଟିଏ ଚୁଲ୍ଲୀରେ ନିଆଁ ଜଳୁଛି ।

Digitized by PPRACHIN, SOA

ଗଦାଧର କିଛିକ୍ଷଣ ପର୍ଯ୍ୟନ୍ତ ନିଜ ସ୍ଥାନରେ ଠିଆ ହୋଇ ଏହିସବୁ ଅଲୌକିକ ଦୃଶ୍ୟରାଜି ଅତିଶୟ ଧ୍ୟାନର ସହିତ ଦେଖିବାକୁ ଲାଗିଲା । ହଠାତ୍ ସେହି ରହସ୍ୟମୟ ନାବିକ ନିଜ ଦୃଷ୍ଟି ଉଠାଇଲା ଏବଂ ତାହା ଯାଇ ଉଜଳନ୍ତା ନିଆଁ ପରି ଜଳୁଥିବା ଗଦାଧରର ଦୃଷ୍ଟି ସହିତ ମିଶିଗଲା ।

Digitized by PPRACHIN, SOA

ପନ୍ଦର

ମିଷ୍ଟର ମହାପାତ୍ରଙ୍କର ଚେତନା ଫେରନ୍ତେ, ସେ ନିଜକୁ ଏକ ଡଙ୍ଗା ଉପରେ ପଡ଼ିଥିବାର ଦେଖି ପାରିଲେ । ସେ ଜାଣି ପାରିଲେ— ସେ ଡଙ୍ଗାଟି ସେହି କେଉଟ କାଶିର । ତାଙ୍କ ହାତ ଗୋଡ଼ ବନ୍ଧା ଯାଇଥିଲା ଏବଂ ମୁହଁରେ କନା ବଣ୍ଡା ମରା ଯାଇଥିଲା ।

ତାଙ୍କୁ ସେହି ଡଙ୍ଗା ଉପରେ ରଖା ଯିବାର କାରଣ ଆଉ ଅଜଣା ରହିଲା ନାହିଁ । ଭୂମି କୋଠିର ଖାନତଲାସ ପାଇଁ ପୁଲିସମାନେ ପହଞ୍ଚିଯାଇ ସାରିଛନ୍ତି । ତେଣୁ ତାଙ୍କୁ ସେଠାରୁ ଉଠାଇ ନିଆଯାଇ ଏହି ଡଙ୍ଗା ଉପରକୁ ଅଣା ଯାଇଛି, କାରଣ ତାଙ୍କର ଏହି ଡଙ୍ଗାରେ ରହିବା କଥା କୌଣସି ପୁଲିସ ସ୍ୱପ୍ନରେ ସୁଦ୍ଧା ଜାଣି ପାରିବ ନାହିଁ ।

ମିଷ୍ଟର ମହାପାତ୍ର ଅନ୍ଧାରରେ କଟମଟ କରି ଦେଖିବାକୁ ଲାଗିଲେ । କିଛି ଦୂରରେ କାଶି ପଡ଼ିଥିବାର ଦେଖି ସେ କହିଲେ— ହାଲ୍ ଗୁଲ୍ କଣ ? ସେଠି କାହିଁକି ପଡ଼ିଚ ? ଟିକଏ ପାଖକୁ ଆସ ।

କାଶି ତାଙ୍କ କଥାର କୌଣସି ପ୍ରତ୍ୟୁତ୍ତର ଦେଲା ନାହିଁ । କେବଳ ତାର ନିଶ୍ୱାସ ନେଉଥିବାର ଶବ୍ଦ ତାଙ୍କ କାନରେ ବାଜିଲା । ସେ ଆଉ ଥରେ ଡାକିଲେ, ମାତ୍ର ଏଥର ବି କୌଣସି ପ୍ରତ୍ୟୁତ୍ତର ଆସିଲା ନାହିଁ ।

Digitized by PPRACHIN, SOA

ତୃତୀୟ ପ୍ରଶ୍ନରେ ସେ ଏହିପରି ଉତ୍ତର ଦେଲା—ଧୂର୍ତ୍ତବା ଏତେ ଦୁଷ୍ଟ ଯେ ମୋର ଡଙ୍ଗା ଭିତରେ ମୋ ହାତ ଗୋଡ଼ ବାନ୍ଧି ପକାଇ ଦେଇ ଯାଇଛି । ଭଗବନ୍ଧୁ ଆଜି ଯଦି ଜୀବନରେ ଥାନ୍ତା, ତେବେ ମୋର ଏପରି ଦଶା କେବେ ହେଲେ ହୋଇ ନ ଥାନ୍ତା । ସେ ଖୁବ ଭଲ ଲୋକ । ଦୁଷ୍ଟମାନେ ନିସ୍ସହ ପ୍ରାଣୀଟିକୁ ହତ୍ୟା କରି ଦେଇଛନ୍ତି ।

ମିଷ୍ଟର ମହାପାତ୍ର ତାଙ୍କ ସ୍ଥାନରେ ପଢ଼ି ରହି ଉତ୍ତର ଦେଲେ—କିଏ ତାଙ୍କୁ ହତ୍ୟାକଲା ?

କିନ୍ତୁ ତାଙ୍କର କଥା ଆଡ଼କୁ କୌଣସି ପ୍ରକାର ଧ୍ୟାନ ନ ଦେଇ କାଶି ସେହିପରି କହିବାରେ ଲାଗିଲା—କିନ୍ତୁ ଭଗା ଅଧା ପାଗଳ ଥିଲା । ଧୂର୍ତ୍ତବା ଏତେ ସୁନ୍ଦର ଡଙ୍ଗାଟାକୁ ପାଣିରେ ବୁଡ଼ାଇଦେଲା । ଡଙ୍ଗାଟା ପଚାଶ ଟଙ୍କାରୁ କମ୍ ଦାମରେ ମିଳିବ ନାହିଁ । ବାର୍ ବାର୍ ମନାକଲି, କିନ୍ତୁ ସେ ଶୁଣିଲାନାହିଁ । କେବଳ ହସି ଦେଇ ଏତିକି କହିଲା—ମୋ ପରେ ତୁ ଏହି ଡଙ୍ଗାକୁ ନିଜର ବୋଲି ଭାବିବୁ ଏହି ଘଟଣାର ଦୁଇ ଦିନ ପରେ ତ ବିଚରାକୁ ହତ୍ୟା କରି ଦିଆଗଲା ।

ବର୍ତ୍ତମାନ ମିଷ୍ଟର ମହାପାତ୍ର ସବୁ ରହସ୍ୟ ବୁଝି ପାରିଲେ । ସେ ଅନୁସନ୍ଧାନ କରିନେଲେ—ଏହି ଡଙ୍ଗାରେ ଡକାୟତି ଧନ ରଖାଯାଇ ଥିଲା ଏବଂ ତାର ଅନ୍ୱେଷଣରେ ବଦମାସମାନେ ଚାରିଆଡ଼େ ବୁଲୁଥିଲେ ।

ଏହି ସମୟରେ କାଶି ପୁନର୍ବାର କହିଲା—ହେଇ ଦେଖ, ସାମନାରେ ଯେଉଁ ବୁଦାଗୁଡ଼ାକ ଦିଶୁଛି ସେଇଠି ସେ ଡଙ୍ଗା ବୁଡ଼ା ଯାଇଛି । ସେଠି ଅନ୍ତତଃପକ୍ଷେ ଆଠ ଫୁଟ ଗଭୀରର ପାଣି । ମୁଁ ଭାବୁଛି ତାକୁ ବାହାର କରିବ କିଏ ? ଧୂର୍ତ୍ତବା ସେ ପାଣି ଭିତରେ ସଢ଼ୁଥାଉ ।

ଏତିକିବେଳେ ମିଷ୍ଟର ମହାପାତ୍ର ବଡ଼ ପାଟିରେ କହିଲେ—ଦେଖ କାଶି ! ଆମ ଦୁଇଜଣଙ୍କର ହାତ ଗୋଡ଼ ବନ୍ଧା ଯାଇଛି । ତୁ ଟିକିଏ ସାହାଯ୍ୟ କରନ୍ତୁ ତ ଉଦ୍ଧାର ମିଳି ପାରନ୍ତା ।

Digitized by PPRACHIN, SOA

କାଶୀ ହେଁ ହେଁ ହୋଇ ହସି ଉଠଲା ଓ କହିଲା—ମୋ ହାତ ଗୋଡ ଇଏଁ ବି ହଲଚଲ ହୋଇ ପାରିବ ନାହିଁ, ଭାଇ !

ତେବେ ମୁଁ ତୋ ପାଖକୁ ଯାଉଚି—କହିଦେଇ ମିଷ୍ଟର ମହାପାତ୍ର ଘୁସୁରି ଘୁସୁରି ଯାଇ ତା ପାଖରେ ପହଞ୍ଚିଗଲେ ଏବଂ ବହୁତ କଷ୍ଟରେ ନିଜର ବନ୍ଧା ହୋଇଥିବା ହାତ ଦ୍ୱାରା ତା ହାତ ବନ୍ଧା ଯାଇଥିବା ତାରକୁ ଖୋଲିଦେଲେ ।

ହାତ ଖୋଲିଯିବା ପରେ କାଶୀ ନିଜ ପାଦକୁ ମଧ୍ୟ ସ୍ୱାଧୀନ କରିଦେଲା । ତା ପରେ ସେ ମିଷ୍ଟର ମହାପାତ୍ରଙ୍କର ହାତ ଖୋଲିବାରେ ଲାଗିଲା । ସେ ମିଷ୍ଟର ମହାପାତ୍ରଙ୍କର ହାତ ବନ୍ଧା ଯାଇଥିବା ତାରକୁ ଭଲ ଭାବରେ ଛଡ଼ାଇ ପାରିଲା ନାହିଁ । ଏପରି ସମୟରେ ଆଉ କୌଣସି ଡଙ୍ଗା ଆସି ତା ଡଙ୍ଗା ସାଥିରେ ବାଡେଇ ହୋଇଗଲା । ମିଷ୍ଟର ମହାପାତ୍ର ବୁଝିନେଲେ ଯେ ବଦମାସଦଳ ଆସି ଉପସ୍ଥିତ ହୋଇଛନ୍ତି । ମିଷ୍ଟର ମହାପାତ୍ର ଧୀର କଣ୍ଠରେ କାଶୀକୁ ସେହି ସ୍ଥାନରେ କିଛିଦୂର ପରି ପଡ଼ି ରହିବାକୁ କହି ନିଜ ସ୍ଥାନରେ ଯାଇ ଚୁପ୍‌ଚାପ ପଡ଼ି ରହିଲେ । ଯେଉଁ କନା ବଣ୍ଡାକୁ ମୁହଁରୁ କାଢ଼ି ତଳେ ଫିଙ୍ଗି ଦେଇଥିଲେ, ତାହାକୁ ନେଇ ସେ ପୁନର୍ବାର ପାଟିରେ ଗୁଞ୍ଜି ଦେଲେ !

ସହସା ବିଦ୍ୟାଧର ଦୁଇଜଣ ପୁରୁଷ ଓ ଜଣେ ସ୍ତ୍ରୀ ସାଙ୍ଗରେ ସେହି ଡଙ୍ଗା ଉପରକୁ ଆସୁଥିବାର ଦେଖାଗଲା । ସେ ପହଞ୍ଚିବା ମାତ୍ରେ ମିଷ୍ଟର ମହାପାତ୍ରଙ୍କ ସମ୍ମୁଖରେ ଠିଆ ହୋଇଗଲେ ଏବଂ ତାଙ୍କ ମୁହଁରୁ ଲୁଗା ବଣ୍ଡା କାଢ଼ିଦେଇ ଓ ନିଜ ପିସ୍ତଲର ନଳୀ ତାଙ୍କ କପାଳ ଉପରେ ରଖି କହିଲା—ଦେଖ୍, ତୋର ଯଦି ଭଲ ଦଶା ଥାଏ, ତେବେ ତୁ ପରିଷ୍କାର କହିଦେ, ଡକାୟତି ମାଲ ସବୁ କେଉଁଠି ଅଛି ?

କିଛିକ୍ଷଣ ପର୍ଯ୍ୟନ୍ତ ଟିକିଏ ସ୍ତମ୍ଭୀଭୂତ ହୋଇ ମିଷ୍ଟର ମହାପାତ୍ର କହିଲେ-ସେ ବିଷୟ ମତେ ଜଣାଅଛି । ଯଦି ତୁ ମତେ ସ୍ୱତନ୍ତ୍ର କରି

Digitized by PPRACHIN, SOA

ଦେବାର ଶପଥ କରୁ, ତେବେ ମୁଁ ତାହା କହିପାରେଁ । ମୁଁ ହିଁ ତମେ ସେହି ଗୁପ୍ତ ସ୍ଥାନ ଦେଖାଇ ଦେବି । ସେଥିଲାଗି ତମେ ତୋର ସାଥି-ମାନଙ୍କୁ କିଛି ସମୟ ଲାଗି ଏଠାରୁ ବାହାର କରି ଦେବାକୁ ହେବ ।

ଦାଉଦ ବି ମିଷ୍ଟର ମହାପାତ୍ରଙ୍କ କଥାରେ ବିଶ୍ୱାସ କରିଗଲା ସେ ନିଜର ସାଥିମାନଙ୍କୁ ସେଠାରୁ ଚାଲି ଯିବାକୁ ନିର୍ଦ୍ଦେଶ କଲା । କିନ୍ତୁ ସେ ଲୋକମାନେ ବି କମ ଚତୁର ନ ଥିଲେ । ସେମାନଙ୍କର ବିଶ୍ୱାସ ଥିଲା, ଯଦି ଦାଉଦକୁ ସେହି ସ୍ଥାନର ସନ୍ଧାନ ମିଳିଯାଏ, ତେବେ ସେ ନିଶ୍ଚୟ ସେମାନଙ୍କୁ ଅଙ୍ଗୁଳି ଦେଖାଇ ଦେଇ ସମସ୍ତ ଧନ ଏକା ଏକା ଆତ୍ମସାତ କରି ବସିବ—ତେଣୁ ଅନ୍ତତଃ ସେମାନେ ସେଠାରୁ ଚାଲି ଯିବାକୁ ମଞ୍ଜୁରି ଦେଲେ ନାହିଁ ।

ମିଷ୍ଟର ମହାପାତ୍ର ମଧ୍ୟ ଚୁପ୍‌ଚାପ ପଡ଼ି ରହି ନ ଥିଲେ । ଧୀରେ ଧୀରେ ସେ ନିଜର ହାତ ପାଦର ବନ୍ଧନ ହୁଗୁଳା କରିଦେଲେ । ସହସା ସେମାନଙ୍କ ଭିତରୁ ଜଣେ ବ୍ୟକ୍ତି ଚିତ୍କାର କରି ଉଠିଲା—ହେ ! ଘଟଣା କଣ? କାଶିର ହାତଗୋଡ଼ ଖୋଲି ହୋଇ ଯାଇଛି !

ଦାଉଦ ଓ ତାର ଅନ୍ୟାନ୍ୟ ସାଥୀମାନେ ସେହି ଆଡ଼କୁ ଅନାଇଲେ । ମିଷ୍ଟର ମହାପାତ୍ର ଏକା ନିଶ୍ୱାସକେ ଉଠି ଠିଆ ହୋଇଗଲେ । ଯେତେବେଳେ ଦାଉଦ ତାଙ୍କ ଆଡ଼କୁ ନିର୍ଘିଷଣ କରିବାକୁ ଲାଗିଲା, ସେ ଏକା ଚୁମୁଡ଼ାକେ ତା ହାତରେ ଥିବା ପିସ୍ତଲକୁ ଦୂରକୁ ଫିଙ୍ଗିଦେଲେ । ଦାଉଦ ପଲକମାତ୍ରେ ତାଙ୍କ ଉପରେ ଲମ୍ଫ ଦେଲା ଏବଂ ତାର ଅନ୍ୟାନ୍ୟ ସାଥୀମାନେ ମଧ୍ୟ ତାକୁ ସାହାଯ୍ୟ କରି ବସିଲେ । ସହସା ସେହି ଡଙ୍ଗା ଗୋଟେ ପାଖକୁ ଓଲଟି ପଡ଼ିଲା ଏବଂ ତା ଭିତରେ ପାଣି ପଶିଗଲା । ଦାଉଦ ଓ ମିଷ୍ଟର ମହାପାତ୍ର ଉଭୟଙ୍କର ଲଢ଼ାଇରେ ବ୍ୟାପୃତ ଥିବା ସମୟରେ ତାର ଦୁଇ ସାଥି ଓ କାମିନୀ ସେଠାରୁ ବାହାରି ଚାଲି ଯିବାକୁ ବସିଲେ ।

Digitized by PPRACHIN, SOA

ତନ୍ନହେଁ କୁଦା ମାରି ତାଙ୍କ ଡଙ୍ଗାକୁ ଚାଲି ଆସିଲେ । ସହସା ଡଙ୍ଗାର ପାଖକର ଖଣ୍ଡେ ପଟା ଫାଟି ଯାଇ ଓଲଟା ହୋଇଗଲା, ଏବଂ ଦାଉଦ ଓ ମିଷ୍ଟର ମହାପାତ୍ର ଯାଇ ପାଣିରେ ପଡ଼ିଲେ ।

ମିଷ୍ଟର ମହାପାତ୍ରଙ୍କର ପାଣି ଭିତରେ ରହିବାର ଅଭ୍ୟାସ ଦାଉଦ ଠାରୁ ଢେର ବେଶୀ । କିନ୍ତୁ ପ୍ରଥମେ ପାଣିରେ ପଡ଼ିବା ମାତ୍ରେ ସେମାନେ ଏକବାର ତଳକୁ ଚାଲିଗଲେ । ତା ପରେ ପାଣି ଧାରୁକା ସାଙ୍ଗରେ ଉପରକୁ ଉଠିଲେ । ଦଣ୍ଡେକ ପାଇଁ ଲଢେଇ ବନ୍ଦ କରି ଉଭୟେ ଦମ୍ ନବାକୁ ଲାଗିଲେ । ଇତ୍ୟବସରରେ ମିଷ୍ଟର ମହାପାତ୍ର ତାକୁ ଫେରେ ଥରେ ମାଡ଼ ବସିଲେ ଏବଂ ପାଣି ଭିତରେ ବାରମ୍ବାର ବୁଡ଼ାଇବାକୁ ଲାଗିଲେ ।

ଦାଉଦ ବେଳାଏ ପାଣି ଢୋକି ଦେଇଥିବା ହେତୁ ବେହୋସ ହୋଇଗଲା । ତହୁଁ ମିଷ୍ଟର ମହାପାତ୍ର ତାକୁ ଟାଣି ଟାଣି ପାଣି ଉପରକୁ ଘେନି ଆସିଲେ । ଠିକ ଏତିକି ବେଳେ ପିସ୍ତଲର ଆବାଜ ହେଲା ଏବଂ ଗୋଟିଏ ଗୁଳି ଆସି ତାଙ୍କ ନିକଟରେ ପାଣି ଉପରେ ପଡ଼ିଲା । ତାର କେହି ସାଥୀ କୂଳରେ ଠିଆ ହୋଇ ତାଙ୍କ ଉପରେ ଗୁଳି ଚଳାଇବାକୁ ଆରମ୍ଭ କରିଥିଲା ।

ଏପରି ଅବସ୍ଥାରେ ମଧ୍ୟ ଦାଉଦକୁ ପାଣିରେ ବୁଡ଼ି ମରିବା ଲାଗି ଛାଡ଼ି ଆସିବା ମିଷ୍ଟର ମହାପାତ୍ର ଉଚିତ ମନେ କଲେ ନାହିଁ । ଶତ୍ରୁ ହେଲେ ମଧ୍ୟ ମିଷ୍ଟର ମହାପାତ୍ର ତାକୁ ଟାଣି ଟାଣି କୂଳ ଆଡ଼କୁ ଘେନି ଆସିଲେ ଏବଂ ବହଳ ଦଳ ଉପରେ ତାକୁ ଶୁଆଇ ଦେଲେ । ସହସା ପୁନର୍ବାର ପିସ୍ତଲର ଆବାଜ ହେଲା ଏବଂ ଦାଉଦର ଶରୀର ଗୋଟିଏ ଥର ଉଠି ପୁନଶ୍ଚ ବନ୍ଦ ହୋଇଗଲା । କ୍ଷଣକ ମଧ୍ୟରେ ମିଷ୍ଟର ମହାପାତ୍ର ସମସ୍ତ କଥା ବୁଝିନେଲେ । ଦାଉଦକୁ କୂଳରେ ରଖିବା ସମୟରେ ମିଷ୍ଟର ମହାପାତ୍ର ତାର ଶୀର ଖୁଣ୍ଟାକୁ ଉଚ୍ଚା ଜାଗାରେ

Digitized by PPRACHIN, SOA

ରଖି ଦେଇଥିଲେ । ତେଣୁ ସେହି ଶୀରକୁ ମିଷ୍ଟର ମହାପାତ୍ରର ଶୀର ବୋଲି ଅନୁମାନ କରି କେହି ଯେ ଗୁଳି ଚଳାଉଥିଲା, ଏ କଥା ବାଲ୍ଦରଙ୍କ ମଧ୍ୟ ବୁଝିବାକୁ ବାକି ନ ଥିଲା ।

ମିଷ୍ଟର ମହାପାତ୍ର ପୁନର୍ବାର ଦଳ ଭିତରେ ବୁଡ଼ିଗଲେ ଏବଂ ପାଣି ଭିତରେ ଭିତରେ ଯାଇ ସେଠାରୁ ବେଶ ଦୂରରେ ଗୋଟିଏ ଜାଗାରେ ପହଞ୍ଚିଲେ । ବର୍ତ୍ତମାନ ସେ ନିଜର ମୁଣ୍ଡ ପାଣି ଉପରକୁ ବାହାର କଲେ । ତାଙ୍କ ଶରୀର ଆଦ୍ୟ ଦଳ ଓ ଶୈବାଳରେ ପରିପୂର୍ଣ୍ଣ । କ୍ରମଶଃ ସେ ପାଣିରୁ ଉପରକୁ ଉଠି ଆସିଲେ ଏବଂ ସାବଧାନତାର ସହିତ ଅଗକୁ ବଢ଼ିବାକୁ ଲାଗିଲେ । କିଛିଦୂର ଗଲା ପରେ କେତେକ ବ୍ୟକ୍ତିଙ୍କର କଥୋପକଥନର ସ୍ୱର ଆସି ତାଙ୍କ କାନରେ ବାଜିଲା । ଅତି ଶୀଘ୍ର ସେ ସେମାନଙ୍କୁ ଚିହ୍ନି ପାରିଲେ । ସ୍ୱର କାମିନୀର ଏବଂ ସେ କହୁଥିଲା—ତୋର କଣ ଠିକ୍ ବିଶ୍ୱାସ, ମହାପାତ୍ର ଉପରେ ଗୁଳି ବସିଛି ! କେହି ଉତ୍ତର ଦେଲା—ମୁଁ ଠିକ୍ କରି କହି ପାରିବି ନାହିଁ । ସେ ପୁନର୍ବାର କହିଲେ—ଅଚ୍ଛା, ମୁଁ ମ୍ୟାକ୍ଙ୍କୁ ନେଇ ଭୂମ୍ୟାଁକୋଠିକୁ ଯାଉଛି । ତୁ ଏ ବିଷୟରେ ସଠିକ ଖବର ନେଇ ଫେରି ଆ । ତକାୟୁତ ମାଲର ଖବର ନେବା ସବୁଠାରୁ ଜରୁରୀ !

କିଛିକ୍ଷଣ ପର୍ଯ୍ୟନ୍ତ ମିଷ୍ଟର ମହାପାତ୍ର ନିଜ ସ୍ଥାନରେ ଠିଆହୋଇ ରହିଲେ । ତା ପରେ ସେ ଧୀରେ ଧୀରେ ଅଗ୍ରସର ହେବାକୁ ଲାଗିଲେ । କାମିନୀ ସେତେବେଳକୁ ଜଣେ ଲୋକ ସାଙ୍ଗରେ ଭୂମ୍ୟାଁକୋଠି ଆଡ଼କୁ ଚାଲି ଯାଇଥିଲା । ଅନ୍ୟ ଲୋକଟି ଧୀରେ ଧୀରେ କୂଳ ଆଡ଼କୁ ଅଗ୍ରସର ହେଉ ଥିବାର ଜଣା ପଡ଼ୁଥିଲା ।

ମିଷ୍ଟର ମହାପାତ୍ର ଗୋଡ଼ ଚିପି ଚିପି ଆସି ତା ପଛରେ ଠିଆ ହୋଇଗଲେ ଏବଂ ପଲକ ଭିତରେ ଏପରି ଏକ ତୀବ୍ର ଆଘାତ ତା ପିସ୍ତଲ ଧରିଥିବା ହାତରେ ଦେଲେ ଯେ ପିସ୍ତଲ କିଛି ଦୂରରେ ଯାଇ

Digitized by PPRACHIN, SOA

ପଡ଼ିଗଲା । ଏକା ଥରକେ ସେ ପିସ୍ତଲକୁ ମାଡ଼ ବସିଲେ ଏବଂ ସେହି ପିସ୍ତଲ ସାହାଯ୍ୟରେ ଏପରି ଏକ ଜବର୍ ପାହାର ସେହି ଆଶ୍ଚର୍ଯ୍ୟ ବସ୍ତ୍ରକ ବ୍ୟକ୍ତିର କାନ ପାଖରେ ବସାଇ ଦେଲେ, ସେ ଅଚେତ ହୋଇ ତଳେ ପଡ଼ିଗଲା ।

ବର୍ତ୍ତମାନ ମିଷ୍ଟର ମହାପାତ୍ର ଭୂଷୁଁକୋଠି ଆଡ଼କୁ ଚାଲିଲେ । ଭୂଷୁଁକୋଠିର ସଦର ଦୁଆର ସେ ସମୟକୁ ଖୋଲା ରହିଥିଲା । ଭିତର ଏକବାର ନିସ୍ତବ୍ଧ ଥିଲା । ସିଡ଼ି ଉପରେ ଆରୋହଣ କରି ସେ କାମିନୀର କୋଠରୀ ଆଡ଼କୁ ଆଗେଇଲେ । କିନ୍ତୁ ସେହି ରାସ୍ତାର ଅଧେ ପାର ହୋଇଛନ୍ତି କି ନାହିଁ, କାମିନୀ ଜଣେ ଲୋକ ସହିତ ସ୍ଥିର ଭାବରେ ଠିଆ ହୋଇ କୌଣସି ଆଡ଼କୁ ଅପଲକ ଦୃଷ୍ଟିରେ ଚାହିଁ ରହିଥିବାର ଦେଖି ପାରିଲେ ।

ମିଷ୍ଟର ମହାପାତ୍ର ମଧ୍ୟ ଧୀର ପାଦରେ ସେମାନଙ୍କ ପଛ ଆଡ଼େ ଯାଇ ଦେଖିବାକୁ ଲାଗିଲେ । ତାଙ୍କ ସମ୍ମୁଖରେ କିଛି ଦୂରରେ ମଣିରାମ ଠିଆ ହୋଇଥିଲା । ତାର ଗୋଟିଏ ହାତରେ ଲେମ୍ପ ଏବଂ ସେଥିରୁ ଧୂଆଁ ବାହାରୁଥିଲା । ସେ ତାକୁ ନିଜ ଶରୀର ପାଖରେ ଟେକି ରଖିଥିଲା ଏବଂ ଅନ୍ୟ ହାତରେ ତାର ପିସ୍ତଲ ଥିଲା । ତା ଆଗରେ କାମିନୀକୁ ଲକ୍ଷ୍ୟକରି କହୁଥିଲା—ହା ହା ହା ! ସପନା ଆଜି ରାଜୁ ! ତୁମେ ମୋତେ ହତ୍ୟା କରିବାକୁ ଆସିଥିଲ । କିନ୍ତୁ ତୁମର ଉଦ୍ଦେଶ୍ୟ ଆଜି ସଫଳ ହୋଇ ପାରିବ ନାହିଁ—ପାରିବ ନାହିଁ । ହା-ହା-ହା- ।

ସହସା କାମିନୀ ଜବାବ ଦେଲା—ଏ ପାଗଳ ହୋଇ ଯାଇଛି । ପିସ୍ତଲର ଆବାଜ ହେଲା ଏବଂ ମଣିରାମଙ୍କ ପିସ୍ତଲରୁ ବାହାରି ଥିବା ଗୁଳି କାମିନୀ ସାଥିରେ ଥିବା ଲୋକର ଛାତିରେ ଯାଇ ଭୁସି ହୋଇଗଲା ।

ଏହି ସମୟରେ ହାତରେ ଥିବା ଲ୍ୟାମ୍ପକୁ ଜୋର୍ ଭାବରେ ଲକ୍ଷ୍ୟକରି ସେ କାମିନୀ ଉପରକୁ ଫୋପାଡି ଦେଲେ । ସାଙ୍ଗେ ସାଙ୍ଗେ

Digitized by PPRACHIN, SOA

କାମେନା ସାଥିରେ ଥିବା ଲୋକର ପିସ୍ତଲରୁ ଗୁଳି ଫୁଟିଲି ଏବଂ ମଣିଗ୍ରାମ କଟା ଗଛ ପରି ତଳେ ଗଡ଼ି ପଡ଼ିଲ ।

ଲ୍ୟାମ୍ପର ଆଘାତ ପାଇ କାମେନାର ଖପୁରୀ ଫୁଟି ଯାଇଥିଲା ଏବଂ ସେ ତଳେ ପଡ଼ିଗଲା । ତାଙ୍କ ସାଥିଟି ସେତେବେଳକୁ ସଂସାରର ଅନ୍ୟ ପାରର ପଥିକ ହୋଇ ସାରିଥିଲା । ଲ୍ୟାମ୍ପଟି ଖଣ୍ଡ ଖଣ୍ଡ ହୋଇ ଇତସ୍ତତ ବିକ୍ଷିପ୍ତ ହୋଇ ପଡ଼ିଗଲା ଏବଂ ସେଥିରୁ ନିର୍ଗତ ହେଉଥିବା ଅଗ୍ନି ଶିଖା ନିକଟବର୍ତ୍ତୀ ଶୁଖିଲା କାଠର କବାଟ ଦେହରେ ବଡ଼ ଜୋରରେ ଲାଗିଗଲା ।

ଦଶ ମିନିଟ ଭିତରେ ସେହି ତରଳ ଅଗ୍ନି ଶିଖା ଲେଲିହାନ ଜିହ୍ବା ବିସ୍ତାର କରି ଭୂମ୍ୟାଁ କୋଠରୀ ଚତୁର୍ଦ୍ଦିଗ ରକ୍ତମୟ କରିଦେଲା । ମିଷ୍ଟର ମହାପାତ୍ରଙ୍କ ମନରେ କେବଳ ଗଦାଧର ଓ ସୁରସେନଙ୍କ ଲାଗି ଅଧିକ ଚିନ୍ତା ଥିଲା । ଅତି ଶୀଘ୍ର ସେ ସିଡ଼ିରେ ଓହ୍ଲାଇ ଆସି କୋଠରୀ ତଳକୁ ଦୌଡ଼ିଲେ । ସୁରସେନଙ୍କୁ ସେ ଗୋଟିଏ ଘରେ ପାଇଲେ । ସେହି ଘରର ଗୃହଆଡ଼ ସେତେବେଳକୁ ନିଆଁ ଘେରି ଯାଇଥିଲି । ସୁରସେନର ଖପୁରୀରୁ ଅଜସ୍ର ରକ୍ତସ୍ରାବ ହେଉଥିବାର ସେ ଦେଖି ପାରିଲେ ।

ମିଷ୍ଟର ମହାପାତ୍ରଙ୍କୁ ସମ୍ମୁଖରେ ଦେଖିବା ମାତ୍ରେ ସେ ନିଜ ପ୍ରଭୁର ସମ୍ବାଦ ପଚାରି ବସିଲା । ତାର ଉତ୍ତରରେ ମିଷ୍ଟର ମହାପାତ୍ର କହିଲେ—ସେ ଭୟରେ ପାଗଳ ହୋଇ ଯାଇ ମୋ ଉପରେ ଗୁଳି ଚଳାଇଲା । ତାର ଘା ମୋ ଶରୀର ଉପରେ ବିଦ୍ୟମାନ ରହିଛି, କିନ୍ତୁ ଏଥିରେ ତାଙ୍କର କିଛି ଦୋଷ ନାହିଁ ।

ସ୍ୱାମୀଭକ୍ତ ସେବକକୁ ନିଜର ପ୍ରାଣପ୍ରିୟ ମୁନିବ ମଣିଗ୍ରାମଙ୍କ ଦାରୁଣ ମୃତ୍ୟୁ ସମ୍ବାଦ ଜଣାଇବା ମିଷ୍ଟର ମହାପାତ୍ରଙ୍କ ପକ୍ଷରେ ଯୁକ୍ତି ସଙ୍ଗତ ବୋଧ ହେଲା ନାହିଁ । କେବଳ ସନ୍ତୋଷଜନକ ସୁମିଷ୍ଟ ବାକ୍ୟ ପ୍ରୟୋଗ କରି ତାକୁ ନିଜ କାନ୍ଧ ଉପରକୁ ଉଠାଇନେଲେ ଏବଂ

Digitized by PPRACHIN, SOA

ଚତୁର୍ଦ୍ଦିଗ ପରିବ୍ୟାପ୍ତ ସେହି ଜ୍ୱଳନ୍ତ ଅଗ୍ନି ସମୁଦ୍ର ଭିତରୁ ବାହାରି ଗଲେ ।

ସେଠାରେ ପହଞ୍ଚିବା ମାତ୍ରେ ସେ ସୁରସେନଙ୍କୁ ନିଜ କାନ୍ଧ ଉପରୁ ଓହ୍ଲାଇଦେଲେ ଏବଂ ପଚାରିଲେ—ଆଚ୍ଛା, ଆଗେ କହତ ଗଦାଧର କାହିଁ ।

ବଡ଼ ଦୁଃଖିତ ହୋଇ ସୁରସେନ ଉତ୍ତର ଦେଲେ—ମୁଁ ଖାଲି ତାର୍ ଅନ୍ତିମ ଜୀବନର ଦୃଶ୍ୟ ଦେଖିଥିଲି, କିନ୍ତୁ କହି ପାରିବି ନାହିଁ ତାର୍ ପରବର୍ତ୍ତୀ ଗତି କଣ ।

ହଉ, ତୁ ବର୍ତ୍ତମାନ ନିଜର ଯତ୍ନ ନେ—ଏତିକି କହି ଦେଇ ମିଷ୍ଟର ମହାପାତ୍ର ଜୋରରେ ବୈଠକଖାନା ଆଡ଼କୁ ଦୌଡ଼ିବାକୁ ଲାଗିଲେ । ଅଗ୍ନିର ଭୟଙ୍କର ଲହ ଲହ ରକ୍ତ-ଶିଖା ସେତେବେଳକୁ ଛୁଆଁ କୋଠରି ଚତୁର୍ଦ୍ଦିଗ ଗ୍ରାସ କରି ସାରିଥିଲା । କିନ୍ତୁ ନିଜର ବିଶ୍ୱାସୀ ଭୃତ୍ୟ ଉପରେ ପଡ଼ିଥିବା ଅବଶ୍ୟମ୍ଭାବୀ ବିପଦକୁ ସ୍ମରଣ କରି ସେ ଏ ସାମାନ୍ୟ ବିପଦକୁ ଭୁଲିଗଲେ । ସୁରସେନ ତାଙ୍କୁ ସିଡ଼ି ଉପରେ ଚଢ଼ୁଥିବା ଦେଖି ପାରିଲା ଏବଂ ଫେରି ଦେଖି ପାରିଲା, ଅଧା ପୋଡ଼ି ଯାଇଥିବା ସିଡ଼ି ମିଷ୍ଟର ମହାପାତ୍ରଙ୍କ ଭାର ସମ୍ଭାଳି ନ ପାରି ମଡ଼ ମଡ଼ ହୋଇ ଛିଡ଼ିଗଲା ଏବଂ ମିଷ୍ଟର ମହାପାତ୍ର ଏକ-ପାଖିଆ ସେହି ଜ୍ୱାଳାମୟୀ ଅଗ୍ନି କୁଣ୍ଡ ଭିତରେ କରୁଢ଼ ହୋଇ ପଡ଼ିଲେ ।

ଷୋହଳ

ମୁଣ୍ଡରୁ ଗୋଡ଼ ଯାଏ ଦେହର ସ୍ୱରଆଡ଼େ ଅଙ୍ଗାର ଓ ପାଉଁଶରେ ଗୋଳ ହୋଇ ମିଷ୍ଟର ମହାପାତ୍ର ଘୁସୁର ଘୁସୁର ଆଗକୁ ଗ୍ଲଲେ । ଲୁଣ୍ଠ କୋଠିର ଚତୁର୍ଦ୍ଦିଗ ଅଗ୍ନି ଶିଖାରେ ପରିବେଷ୍ଟିତ ହୋଇ ଯାଇଥିଲା । ତଥାପି ଏ ପର୍ଯ୍ୟନ୍ତ ବି ଅନେକ ସ୍ଥାନ ଷ୍ୱଷଣ ଅଗ୍ନି ଶିଖା ମୁଖରୁ ବର୍ତ୍ତି ରହି ପାରିଥିଲା ।

କେତେ ଣି କେତେ ଅସଂଖ୍ୟ କୋଠରୀ ଗୋଟିକ ପରେ ଗୋଟିଏ ଖୋଜି ଖୋଜି ମିଷ୍ଟର ମହାପାତ୍ର ଶେଷରେ ଗଦାଧରଙ୍କ କୌଣସି ଖବର ପାଇଲେ ନାହିଁ । ଦାଉଦର ଦୁଇଜଣ ସାଥୀ ମରି ପଡ଼ିଥିବାର ସେ ଦେଖିଲେ । ସେମାନଙ୍କ ଶରୀରରେ ସେହି କମାଣଧାରୀର ଶରବିଦ୍ଧ ଚିହ୍ନ ସ୍ପଷ୍ଟ ବାରି ହେଉଥିଲା ।

ଏହି ଶବକୁ ଦେଖିଲା ପରେ ମିଷ୍ଟର ମହାପାତ୍ର ଏତିକ ବୁଝି ପାରିଲେ, ସେ କମାଣଧାରୀ ଓ ଦାଉଦ ଭିତରେ କିଛି ସମ୍ବନ୍ଧ ନାହିଁ ।

ସହସା ଲୁଣ୍ଠ କୋଠି ଭିତରେ ତାଙ୍କର ମିଷ୍ଟର ପଣ୍ଡାଙ୍କ ସହିତ ସାକ୍ଷାତ ଘଟିଲା । ସେ ଲୁଣ୍ଠ କୋଠି ନିକଟରେ ଗ୍ଲଲ ଫଏର ହୁବାର

Digitized by PPRACHIN, SOA

ଆବାଜ ଶୁଣିପାରି ପ୍ରାୟ ଅଧ ଡଜନେ ସଶସ୍ତ୍ର ପୁଲିସ ଧରି ସେଠାରେ ଉପସ୍ଥିତ ହୋଇ ଯାଇଥିଲେ ।

କିନ୍ତୁ ମିଷ୍ଟର ମହାପାତ୍ର ଓ ପୁଲିସବାଲାମାନଙ୍କର ପରିଶ୍ରମର କିଛି ଫଳ ହେଲା ନାହିଁ । ଗଦାଧରର ସନ୍ଧାନ ମିଳିଲା ନାହିଁ । ମିଷ୍ଟର ମହାପାତ୍ର ନିରାଶ ହେଲେ । ମିଷ୍ଟର ପଣ୍ଡା ତାଙ୍କୁ ବହୁତ ପ୍ରକାର ବୁଝାଇ ସନ୍ତୋଷ କରିବାକୁ ଚେଷ୍ଟା କଲେ କିନ୍ତୁ ସମସ୍ତ ବିଫଳ ହେଲା ।

ଜଗବନ୍ଧୁର ଚୋରାଯିବା ମାଲ ସମ୍ବନ୍ଧରେ ମିଷ୍ଟର ମହାପାତ୍ର ଇନସ୍‌ପେକ୍ଟର ପଣ୍ଡାଙ୍କୁ ସମସ୍ତ ସନ୍ଧାନ ଜଣାଇ ଦେଲେ । ସେ କହିଲେ —କାଣିକ ପରିଲେ ସମସ୍ତ ଘଟଣାର ସନ୍ତୋଷଜନକ ସନ୍ଧାନ ମିଳି ପାରିବ ।

ତତ୍ପରେ ସେମାନେ ସେହି ଖୋଲା ପଡ଼ିଆର ଚତୁର୍ଦ୍ଦିଗରେ ଗଦାଧରର ସନ୍ଧାନ ନେବାକୁ ଆରମ୍ଭ କଲେ । କୌଣସି ସ୍ଥାନରେ ମିଷ୍ଟର ମହାପାତ୍ରଙ୍କୁ ଏକ ହାଲୁକା ପାଦଚିହ୍ନ ମାଲୁମ ହେଲା ଏବଂ ସେହି ଚିହ୍ନକୁ ଦେଖି ସେ ସେହି କମାଣଧାରୀର କଥା ମନେ ପକାଇଲେ । ଏହିପରି ଚିହ୍ନ ସେ ଆଗରୁ ଅନେକ ବାର ଦେଖି ସାରିଥିଲେ, କିନ୍ତୁ ଏ ସମ୍ବନ୍ଧରେ ତାଙ୍କର ଆଜ ପର୍ଯ୍ୟନ୍ତ କୌଣସି ସନ୍ଦେହ ନ ଥିଲା ।

କିନ୍ତୁ ସବୁଠୁ ତାକୁ ବେଶୀ ଆଶ୍ଚର୍ଯ୍ୟ ଲାଗିଲା—ସେ ଠିକ ସେହି କମାଣଧାରୀର ପାଦଚିହ୍ନ ପଛେ ପଛେ ଗଦାଧରର ଜୋତାର ଚିହ୍ନ ବି ନଇକୂଳ ଯାଏ ପଡ଼ିଥିବାର ଦେଖି ପାରିଲେ । ତାଙ୍କୁ ପରିଷ୍କାର ଜଣାଗଲା—ଗଦାଧର ସେହି କମାଣଧାରୀର ପଛେ ପଛେ ନଦୀ ତୀର ପର୍ଯ୍ୟନ୍ତ ଅଣ୍ଟସ୍ଥ ଆସିଛି । କୂଳରେ ସେମାନଙ୍କର ପାଦଚିହ୍ନ ଠିକ୍ ଯେଉଁଠାରେ ଶେଷ ହୋଇଥିଲା, କିଛି ସମୟ ପୂର୍ବେ ସେଠାରେ ନାଆ ଲଗା ଯାଇଥିବାର ଚିହ୍ନ ମଧ୍ୟ ମିଳିଲା । ସେ ବୁଝି ପାରିଲେ ଯେ

Digitized by PPRACHIN, SOA

କମାଣଧାରୀ ଆଉ ସେହି ରହସ୍ୟମୟ ନାବିକ ଦୁଇଟି ବ୍ୟକ୍ତି ନୁହନ୍ତି ଏହି ସ୍ଥାନରେ ନୌକା ଚଢ଼ି ସେହି କମାଣଧାରୀ ଆଗକୁ ଖସ ଯାଇଛି।

ତାଙ୍କର ବିଶ୍ୱାସ ଥିଲା, ଗଦାଧର ସେହି ଡଙ୍ଗାରେ ଯାଇ ନ ଥାଇପାରେ। କିନ୍ତୁ ତାଙ୍କ ମନରେ ବାରମ୍ବାର ସନ୍ଦେହ ଉପୁଜୁଥିଲା, ଗଦାଧର ଏ ସ୍ଥାନରୁ କେଉଁଆଡ଼େ ଗଲା। କିଛି ସମୟ ଚେଷ୍ଟା କଲାପରେ ତାଙ୍କୁ ଏ ବିଷୟ ମଧ୍ୟ ବୁଝିବାକୁ ବାକି ରହିଲା ନାହିଁ, ପାଣିର ଖୁବ୍ ନିକଟରେ ଗଦାଧରର ପାଦ କାଦୁଅ ଭିତରେ ଅତି ଗଭୀର ଭାବରେ ଧସି ଯାଇଥିବାର ଦେଖି ପାର ତାଙ୍କର ସ୍ୱତଃ ବିଶ୍ୱାସ ଜାତ ହେଲା, ଗଦାଧର ନିଶ୍ଚୟ ଜଳରେ ସନ୍ତରଣ ପୂର୍ବକ ସେହି ନାବିକର ଅନୁଧାବନ କରିଛି।

ବର୍ତ୍ତମାନ କେବଳ ସେହି ଏକ ସମସ୍ୟା ତାଙ୍କର ବିଚାରାଧୀନ—ଶେଷରେ ଡଙ୍ଗାଟି ଗଲା କୁଆଡ଼େ? ପ୍ରାୟ ପନ୍ଦର ମିନିଟ ପର୍ଯ୍ୟନ୍ତ ମିଷ୍ଟର ମହାପାତ୍ର ପଣ୍ଡାଙ୍କ ସହିତ କୂଳରେ ଠିଆ ହୋଇ ଏହି ବିଷୟ ଆଲୋଚନା କରିବାକୁ ଲାଗିଲେ। ଶେଷରେ ସ୍ଥିର ହେଲା—ଡଙ୍ଗାଟି ନିଶ୍ଚୟ ଆଗରେ ଦେଖା ଯାଉଥିବା ଟାପୁକୁ ଛାଡ଼ି ଅନ୍ୟ କେଉଁଆଡ଼େ ଯାଇ ନ ଥିବ। ସେହି ରହସ୍ୟମୟ ନାବିକ ବିଷୟରେ ତାଙ୍କର ପୂର୍ବ ଅଭିଜ୍ଞାନ ତଥା ଅନୁସନ୍ଧାନ ପଥ ପ୍ରଦର୍ଶକ ହେବାକୁ ଲାଗିଲା ଏବଂ ଅବଶେଷରେ ସେ ମିଷ୍ଟର ପଣ୍ଡାଙ୍କୁ ସାଙ୍ଗରେ ନେଇ ସେ ଆଡ଼କୁ ଯିବାକୁ ସ୍ଥିର କଲେ।

Digitized by PPRACHIN, SOA

ସତର

ସେହି ରହସ୍ୟମୟ ନାବିକ ପଛକୁ ଫେରି ଯିବା ମାତ୍ରେ, ଗଦାଧର ପଛକୁ ହଟି ଆସିଲା । କାରଣ ତାର ବିଶ୍ୱାସ ଥିଲା, ନିଶ୍ଚୟ ତା'ର ଅନଧିକାର ଖବର ସେହି ନାବିକଙ୍କୁ ଜଣା ପଡ଼ି ନାହିଁ । କିନ୍ତୁ ଆଶ୍ଚର୍ଯ୍ୟର ଘଟଣା, ସେ ଏ ବିଷୟ ପ୍ରତି ପ୍ରକୃତରେ କୌଣସି ଧ୍ୟାନ ନ ଦେଇ ଲଣ୍ଠନଟିରେ ଥିବା କାଗଜ ପଢ଼ିବାରେ ଲାଗିଲା ।

ଗଦାଧର ବର୍ତ୍ତମାନ ସେଠାରେ ଦଣ୍ଡେ ମାତ୍ର ରହିବା ଉଚିତ ମନେ କଲା ନାହିଁ । ସେ ଠିକ ଭାବରେ ଜାଣି ପାରି ନ ଥିଲା, ସେହି ନାବିକର ଦୃଷ୍ଟି ପ୍ରକୃତରେ ତା ଉପରେ ପଡ଼ିଛି କି ନାହିଁ । ତଥାପି ସେ ସେହି ସ୍ଥାନରୁ ଫେରି ଆସିବାକୁ ନିଜର ମଙ୍ଗଳମୟ ସୌଭାଗ୍ୟ ବୋଧ କଲା ।

ଗଦାଧର ସେ ସ୍ଥାନରୁ ଫେରି ଆସିଲା । କିନ୍ତୁ ଅନ୍ଧାରରେ ବହୁତ ସନ୍ଧାନ ନେବା ପରେ ତାକୁ ସେହି ଗୁପ୍ତ ସିଡ଼ିର ଖବର ମିଳି

Digitized by PPRACHIN, SOA

ପାରିଲା ନାହିଁ । ଶେଷରେ ସେ ଯେତେବେଳେ ଯାଇ ହେଡ଼ ଝିଙ୍କ ଛାତରେ ପହଞ୍ଚିଲା, ଚାବି ଦେଖାଗଲା, ଭିତରଟା ଏକ ଶୂନ୍ୟ କୋଠରୀ ଏବଂ ତା ଭିତରେ ଜଣେ ହେଲେ ମଣିଷ ନାହିଁ ।

ସେ ସେହି କୋଠରୀ ଭିତରଟା ପରିଷ୍କାର ଦେଖି ପାରୁଥିଲା । ତେଣୁ ଆହୁରି ଧ୍ୟାନର ସହିତ ଜିନିଷ ଛଡ଼ରେ ଦେଖିବା ଲାଗି ସେ ଝରକାର ଆହୁରି କତିକି ଘୁଞ୍ଚିଗଲା । ତା'ର ଦୃଷ୍ଟି ଗୋଚର ହେଲା—କୌଣସି ସ୍ଥାନରେ ଗୋଟିଏ କାଠର ପଟା ଢିଲା ହୋଇ ଯାଇଛି ଏବଂ ତାହାର ଭିତର ଦେଇ ଅନ୍ୟ ଏକ କୋଠରୀକୁ ଯିବାର ବାଟ ପରିଷ୍କାର ଜଣା ପଡ଼ୁଛି । ଆହୁରି ଆଶ୍ଚର୍ଯ୍ୟଜନକ, ଆର କୋଠରୀର କାନ୍ଥରେ ନାନା ପ୍ରକାର ଉଜ୍ଜ୍ୱଳ ମୂଲ୍ୟବାନ ଧାତୁଦ୍ରବ୍ୟ ଲଗାଯାଇ ଚକମକ କରୁଛି ।

ଗଦାଧର ପରିଷ୍କାର ଜାଣି ପାରିଲା—ଜଗବନ୍ଧୁର ସେହି ଲୁଟି ତରାଜ୍ଞ ଦ୍ରବ୍ୟସବୁ ବାସ୍ତବରେ କେଉଁଠି ଲୁଚି ଯାଉଛି, ଯହିଁଥିପାଇଁ ହୁଏଁ କୋଟିରେ ଅହରହ ହାଣକାଟ ସଙ୍ଘଟିତ ହେବାରେ ଲାଗିଛି । ତା'ର ଘନୀଭୂତ ବିଶ୍ୱାସ—ଜମାଣଧାରୀ ଓ ନାବିକ ଦୁଇ ବ୍ୟକ୍ତି ନୁହନ୍ତି । ବର୍ତ୍ତମାନ ତାଙ୍କର ଏକମାତ୍ର ସନ୍ଦେହ— ସେହି ନାବିକ ଜଗବନ୍ଧୁଙ୍କ ଲୁକାୟିତ ମାଲର ସନ୍ଧାନ କେଉଁଠୁ ପାଇଲେ ଏବଂ ସେ ସବୁକୁ ଲୋକ ଲୋଚନ ଅଗୋଚରରେ ଏତେଦୂର ଆଣି କପରି ଲୁଚାଇ ରଖି ପାରିଲା ।

ମେଲା ଦୁଆର । ଗଦାଧର ତା ଭିତର ଦେଇ କୋଠରୀରେ ପ୍ରବେଶ କରିବାକୁ ସାହସ କରୁ ନ ଥିଲା । ସେ ଫେରି ଆସିବାକୁ ଭାବୁଥିଲା ବେଳେ ପଛ ଆଡ଼ୁ ଶବ୍ଦ ଶୁଭିଲା—ନା, ପଛକୁ ହଟି ଯିବାର ପ୍ରୟୋଜନ ନାହିଁ, ଭିତରକୁ ଆସିବାକୁ ପଡ଼ିବ ।

ଗଦାଧର ଚମକି ପଡ଼ି ପଛକୁ ବୁଲିଲା । ତା'ର ଠିକ୍ ପିଠି ପାଖରେ ସେହି ନାବିକ ଠିଆ । ବର୍ତ୍ତମାନ ଗଦାଧର ପକ୍ଷରେ ଦୁଆର ଭିତରେ ପ୍ରବେଶ କରିବା ଛଡ଼ା ଅନ୍ୟ ଉପାୟ ଉନ୍ମୁକ୍ତ ନୁହେଁ ।

Digitized by PPRACHIN, SOA

ନାୟକ ଗଦାଧରର ପଛେ ପଛେ ଘର ଭିତରକୁ ଚାଲି ଆସିଲା ଏବଂ ସମ୍ମୁଖସ୍ଥ ଗୋଟିଏ କାଠ ବାକ୍ସ ଉପରେ ତାକୁ ବସିବାକୁ ନିର୍ଦ୍ଦେଶ ଦେଲା । ଗଦାଧର ସ୍ଥାନ ଗ୍ରହଣ କରି ସାରିବା ପରେ ସେ ହସି ହସି କହିଲା—ତୁ ନିଶ୍ଚେ ଜାଣିଥିବୁ ମୁଁ କିଏ ?

ସାହସର ସହିତ ଗଦାଧର ଜବାବ ଦେଲା—ତୁ ସେହି ରହସ୍ୟମୟ ନାୟକ, ଯାହା ନାଁରେ ଗ୍ରାମବାସୀଙ୍କ ମନରେ ଧୁକା କେଁକୁଆ ଭୟ ଜାତ ହୁଏ ।

ସେହି ପ୍ରକାର ସ୍ମିତ ହାସ୍ୟର ସହିତ ନାୟକ କହିଲା—ଯଥାର୍ଥ । ମୁଁ କେବଳ ସେତିକି ନୁହେଁ, ଆଉ କିଛି ବେଶୀ । ଅଚ୍ଛା, ଦେଖିପାରୁଛୁ କାନ୍ଥ ଦେହରେ କି କି ଜିନିଷ ଲଗା ଯାଇଛି, ଆଉ ସେ ସବୁ ମୁଁ କେଉଁଠୁ ପାଇଲି ?

ତୁ କେଉଁଠୁ ପାଇଛୁ, ତାହା ଏକମାତ୍ର ତୋତେ ଜଣା । ତେବେ ମୁଁ ଏତିକି କହି ପାରିବି, ଏ ସବୁ ଜବେନ୍ଦ୍ରର ଡକାୟତି ମାଲ ଛଡ଼ା ଆଉ କିଛି ନୁହେଁ ।

ଷୋଳଅଣା ଠିକ୍ । ଅଚ୍ଛା, ବର୍ତ୍ତମାନ କହ ତୁ କିଏ ?

ପ୍ରସିଦ୍ଧ ଡିଟେକ୍ଟିଭ ମିଷ୍ଟର ମହାପାତ୍ରଙ୍କ ସହକାରୀ, ଗଦାଧର ।

ସେ ସବୁରେ ମୋର ଯାଏ ଆସେ ନାହିଁ । ମୋତେ ଖାଲି ଏତିକି କହ, ତୁ ଏଠିକି କାହିଁକି ଆସିଛୁ ।

ତୋତେ ଭୂୟାଁ କୋଠିରୁ ବାହାରିଯିବାର ଦେଖିପାରି ମୁଁ ତୋ ପଛେ ପଛେ ଅନୁଧାବନ କରି ଏତେ ବାଟ ଚାଲି ଆସିଛି ।

ତୋ ଡଙ୍ଗା କେଉଁଠି ?

ମୁଁ ଡଙ୍ଗାରେ ଆସିନାହିଁ । ପହଁରି ପହଁରି ଏତେଦୂର ଆସିଛି । ମୋତେ ତୋର ସମସ୍ତ ରହସ୍ୟ ଜାଣିବାର ଉତ୍ସୁକତା ଅନ୍ଧ କରି ରଖିଥିଲା ।

Digitized by PPRACHIN, SOA

ଅଚ୍ଛା, ବର୍ତ୍ତମାନ ତୋର ସମସ୍ତ ଉଦ୍ବେଗ ଦୂର ହୋଇ ଯାଇଚ ?

ସମ୍ପୂର୍ଣ୍ଣ ନୁହେଁ । ଅସଲ କଥା ମୋର ପ୍ରଭୁ ମଣିଗ୍ରାମଙ୍କୁ ସହାୟତା କରିବା ଲାଗି ଏ ସ୍ଥାନକୁ ଆସିଛନ୍ତି । ମଣିଗ୍ରାମର ଭୃତ୍ୟ, ସପନ୍ନ ଓ ରାଜୁ ତାଙ୍କୁ ହତ୍ୟା କରିବା ଲାଗି ଷଡ଼ଯନ୍ତ୍ର କରୁଛନ୍ତି ।

ପୁଣି ଥରେ ସ୍ମିତ ହାସ୍ୟ ପୂର୍ବକ ନାବିକ କହିଲା—ତେବେ ଦାଉଦର ସାର୍ଥୀମାନଙ୍କୁ ମୁଁ ସପନ୍ନ ତଥା ରାଜୁ ବୋଲି ବୁଝି ନେଇଛୁ ?

ଏଥିରେ ସନ୍ଦେହ ବା କଣ ?

ପ୍ରକୃତରେ ଏସବୁ ସେହି ଦୁଷ୍ଟା କାମିନୀର ଖେଳବାଜି । ସେ ଖୁସ୍ ଭୃତ୍ୟଙ୍କସ୍ ସ୍ତ୍ରୀ ଲୋକ । ଦାଉଦର ସାର୍ଥୀମାନଙ୍କୁ ସେ କେବଳ ଭୁଆଁ-କୋଠିକୁ ଡକାଇଛୁ । ତାର ସହାୟତାରେ ସେମାନେ ଲୁକାୟିତ ଧନର ସନ୍ଧାନ ନେବାକୁ ଯାଉଥିଲେ । କିନ୍ତୁ ଜଗବନ୍ଧୁ ବେକୁବ ନ ଥିଲା ସେ ବରଂ ତାର ଶତ୍ରୁମାନଙ୍କ ଅପେକ୍ଷା ହଜାର ଗୁଣ୍ଡୁର ଚାଲାକ ଥିଲା । ସେ ଆତ୍ମହତ୍ୟାର ବାହାନା କଲା । ସେମାନେ ଗୋଟିଏ ମୁର୍ଦ୍ଦାର ମଧ୍ୟ ପାଇଲେ ଏବଂ ତାଙ୍କୁ ଜଗବନ୍ଧୁର ଶବ ବୋଲି ଧରି ନେଲେ । ଶବର ଅବସ୍ଥା ବିଲକୁଲ ଖରାପ ହୋଇ ଯାଇଥିଲା । ତେଣୁ ସେମାନେ ପ୍ରକୃତରେ ଚିହ୍ନି ନ ପାରି ଧାରଣା କରିନେଲେ, ଜଗବନ୍ଧୁ ଆଉ ଇହ ସଂସାରରେ ନାହିଁ ।

ଗଦାଧର ଆଶ୍ଚର୍ଯ୍ୟାନ୍ୱିତ ହୋଇ ନାବିକର ମୁହଁକୁ ବଲବଲ କରି ଚାହିଁ ରହିଲା । ତା କଥା ଶୁଣିବା ମାତ୍ରେ ସମସ୍ତ ଘଟଣା ଧୀରେ ଧୀରେ ତା ମାନସ ପଟରେ ନାଚିବାକୁ ଲାଗିଲା । କିଛିକ୍ଷଣ ପରେ ସେ କହିଲା—ମୋର ବିଶ୍ୱାସ, ତୁ କଣ ଜଗବନ୍ଧୁ ନୋହୁଁ ?

ତୁ ଠିକ୍ ବୁଝିଛୁ, ଗଦାଧର । ସେ କେବଳ ବିଷୟ ତୁ ନିଜେ ଶୁଣିଥିବୁ । ଏ ମୋର ଭଳି ଚଳନ୍ତି ଲୋକର କୃତିତ୍ୱ । ସେଠାରୁ

Digitized by PPRACHIN, SOA

ଯାଇଥିବା ସମସ୍ତ ମାଲ୍‌ମତା ଦେଖ୍ ତୋଅର ସମ୍ମୁଖରେ କାଳି ଦେହରେ ଦପ୍ ଦପ୍ ହୋଇ ଜଳୁଛି ।

ଏତିକି କହିଦେଇ ନାବିକ ଚୁପ୍ ହୋଇଗଲା । ହଜାର ହଜାର ପ୍ରକାର ଭାବଧାରା ସେତେବେଳେ ଆଷାଢ଼ ମାସର ମେଘପରି ତା ହୃଦୟ ଆକାଶରେ ବିଚରଣ କରିବାକୁ ଲାଗିଲା । ତାର ଅବିଶ୍ୱାସ ହେଲା ଏହି ସବୁ ମାଲ୍‌ମତା ଏହି ଟାପୁ ଭିତରୁ ଆଉ କୌଣସି ପ୍ରକାର ହେଲେ କେହି ନେଇଯାଇ ନେଇ ନ ପାରେ । ଏହିପରି ଏକ ଦୃଢ଼ ବିଶ୍ୱାସ ନ ହେଲେ ନାବିକଟି ହୁଏତ ସମସ୍ତ ଭେଦ ତା ପାଖରେ ଖୋଲି ଦେଇ ନ ଥାନ୍ତା । ତାର ଏହି ସନ୍ଦେହ ଅତି ଶୀଘ୍ର ବାସ୍ତବରେ ପରିଣତ ହେଲା, କାରଣ ନାବିକ ପୁଣି ଥରେ ତାକୁ ସମ୍ବୋଧନ କରି କହିବାକୁ ଲାଗିଲା—ଗଦାଧର ! ତୋର ପ୍ରଭୁଙ୍କ ଉପରେ ମୋର ଘୋରତର ଅଶ୍ରଦ୍ଧା ଭାବ ଜନ୍ମିଛି । ଛୁଆଁଟେକାଠି ଭିତରକୁ ଯାଇ ତା ଉପରକୁ ମୁଁ ଥରେ ଶର ନିକ୍ଷେପ କରିଥିଲି । ମୋର ବିଶ୍ୱାସ, ସେ ବର୍ତ୍ତମାନ ଏ ସଂସାରରେ ନାହିଁ । ଡାକୁଦଳର ସହଚରମାନେ ମଧ୍ୟ ଭାରି ଦୁଷ୍ଟ । ମୁଁ ସେମାନଙ୍କୁ ମଧ୍ୟ ଶୀକାର କରି ସାରିଛି । କାମିନୀ ଆଉ ମଣିରାମ ବର୍ତ୍ତମାନ ଏ ସଂସାରରେ ନାହାନ୍ତି । ତୁ ବି ବଞ୍ଚି ରହି ଆଉ କଣ କରିବୁ ? ତଥାପି ମୁଁ ତୋ [illegible] ସୂର୍ଯ୍ୟୋଦୟ ପର୍ଯ୍ୟନ୍ତ ସମୟ ଦେଲି । ଏହି ଭିତରେ ଶେଷ ଥର ଲାଗି ତୁ ତିଆରି କରି ନେ । ଦେଖ୍, ତୋର ଆଗରେ ସବୁ ଜିନିଷ ସଜ୍ଜିତ ହୋଇ ରହିଛି ।

ଖିନ୍ନ ମନରେ ଗଦାଧର ଷ୍ଟୋଭ ଉପରେ ଗୋଟେ କେଟଲି ବସାଇଲା । ନାବିକ ଚୁଲି ପଛ ଝିଡ଼କି ବାଟେ ବାହାରକୁ ନିରୀକ୍ଷଣ କରିବାରେ ଲାଗିଲା ।

ପୂର୍ବାକାଶ ଉପରେ ଅଲତା ରଙ୍ଗର ପୁଟ ଚଢ଼ିବାକୁ ଆରମ୍ଭ ହୋଇ ଯାଇଥିଲା ।

Digitized by PPRACHIN, SOA

ଅଠର

ଗଦାଧର ଅସ୍ତେ ଆସ୍ତେ ଚା ପିଉଥିଲା । ତାର ବିଶ୍ୱାସ ଥିଲା, ସେ ଯେ ପର୍ଯ୍ୟନ୍ତ ନିଜ ପିଆଲରୁ ଚା ପିଇ ଶେଷ ନ କରୁଛି, ନାବିକ ତାକୁ ହତ୍ୟା କରିବାକୁ ଚେଷ୍ଟା କରିବ ନାହିଁ ।

ଚା ପିଉ ପିଉ ସେ କହିଲା—ମୋର ଧାରଣା, ମୋତେ ହତ୍ୟା କରିବାରେ ତୋର କୌଣସି ଆବଶ୍ୟକତା ନାହିଁ ।

ସ୍ମିତ ହାସ୍ୟ ଖେଳାଇ ନାବିକ ଜବାବ ଦେଲା—କଥାଟା ବୁଝିନାହୁଁ ଗଦାଧର । ଏ ଯାଏ ସବୁ କାମ ମୋ ମନ ଅନୁସାରେ ହୋଇଛି । ସମସ୍ତେ ମତେ ମୃତ ଜାଣିଛନ୍ତି । କେହି ସ୍ୱପ୍ନରେ ସୁଦ୍ଧା କଳ୍ପନା କରିନାହିଁ, ମୁଁ ଏହି ଟାପୁ ଭିତରେ ଗୁମ୍ଫା ତିଆରି କରି ରହିଛି । ସମସ୍ତଙ୍କ ଦୃଷ୍ଟିରେ ମୁଁ ମଧ୍ୟ ସେହିପରି ରହିବାକୁ ଚାହେଁ । ବର୍ତ୍ତମାନ ତୁ ମୋର ଉଦ୍ଦେଶ୍ୟ ବୁଝି ସାରିଥିବୁ । ତୁ ଏଠାରୁ ଯାଇ ମୋର ସମସ୍ତ ଭେଦ ସାଧାରଣରେ ପ୍ରକାଶ କରିଦେବୁ । ଏହା ମୁଁ କଦାପି ସହ୍ୟ କରି ପାରିବି ନାହିଁ ।

ଗଦାଧର ଧୀର କ୍ଷୀଣ ସ୍ୱରରେ କହିଲା—ତେବେ ମୁଁ ଶପଥ କରୁଛି, ତୋ ସନ୍ଧାନ ମୁଁ କୌଣସିଠାରେ ପ୍ରକାଶ କରିବି ନାହିଁ ।

Digitized by PPRACHIN, SOA

ନାବିକ ଖୁବ୍ ଜୋରରେ ହସିଲା ଏବଂ କହିଲା—ଶପଥ ! ମୂର୍ଖ ଯୁବକ ତୁ କଣ ବିଶ୍ୱାସ କରୁଛୁ ମୁଁ ସଂସାରରେ କାହାରିକି ବିଶ୍ୱାସ କରେ ? ଯଦି ମୁଁ ଲୋକମାନଙ୍କ କଥାରେ ବିଶ୍ୱାସ କରୁଥାନ୍ତି, ତେବେ ମୋର ଜୀବନର ଧାରା ଆଜି ଏପରି ଭାବରେ ଦେଖିବାକୁ ମିଳନ୍ତା ନାହିଁ । ନାଁ, ଗଦାଧର, ଏହା ହୋଇ ନ ପାରେ । ମୋର ତୋ ପ୍ରତି ବିଶେଷ ଶ୍ରଦ୍ଧା ଜାତ ହୋଇଛି, କିନ୍ତୁ ମୁଁ ନାଚାର । ମୁଁ ତୋତେ ଏତିକି ସୁବିଧା ଦେଇପାରେ ଯେ ତୁ ମୋ ସାଙ୍ଗରେ ଶେଷ ଥର ପାଇଁ ପିଆଲାଏ ସୁରା ପିଇ ପାରୁ । କହ, ତୋର ଇଚ୍ଛା କଣ ?

ଗଦାଧରକୁ ସମ୍ମତିସୂଚକ ମଥା ହଲାଇବାର ଦେଖି ପାରି ସେ ଅତି ଶୀଘ୍ର ସୁରା ତିଆରି କରିବାରେ ଲାଗିଗଲା ଏବଂ ସୁରା ତିଆରି ହେଲା ପରେ ଦୁଇଟି କପ୍‌ରେ ଯତ୍ନରେ ସଜାଡ଼ି ରଖି ଗୋଟିଏ ଗଦାଧର ଆଡ଼କୁ ବଢ଼ାଇ ଦେଇ ଅନ୍ୟଟି ନିଜ ସମ୍ମୁଖରେ ରଖିଲା ।

ଗଦାଧର ତାର ଉଦ୍ଦେଶ୍ୟ ବୁଝି ପାରିଥିଲା । ଗୀରରେ ହତ୍ୟା କରିବା ଅପେକ୍ଷା ସୁରାରେ ବିଷ ମିଶାଇ ତାର ପ୍ରାଣ ସଂହାର କରିବାକୁ ସେ ନିଜର ଦୟାଶୀଳତା ବୋଧ କରୁଥିଲା । ହୁଏତ ଏହାର କାରଣ, ଗଦାଧର ପ୍ରତି ତା ହୃଦୟରେ ଏକ ଅସ୍ୱାଭାବିକ ଶ୍ରଦ୍ଧାର ଭାବ ଜାତ ହୋଇଥିଲା ।

ଗଦାଧର ତା ହାତରୁ ପିଆଲା ଉଠାଇ ନେଇ ଓଠ ପାଖରେ ଲଗାଇଲା । ଏହି ସମୟରେ ହଠାତ୍ ସେ ଚମକି ଉଠି ଝରକା ଆଡ଼କୁ ମୁହଁ ଫେରାଇନେଲା, ଯେପରିକି ସେ ଆଡ଼େ ତା ଉପରେ କୌଣସି ପ୍ରକାର ଆଘାତ ହୋଇଛି । ନାବିକର ଦୃଷ୍ଟି ମଧ୍ୟ ଝରକା ଉପରେ ପଡ଼ିଲା । ଗଦାଧର ଇତ୍ୟବସରରେ ସୁବିଧା ଓ ସୁଯୋଗ ପାଇ ଆପଣା ପିଆଲାରେ ଥିବା ସୁରା ତକ ଘରର ଗୋଟିଏ କଣରେ ଢାଳି ଦେଇ ଖାଲି ପିଆଲାଟି ମୁହଁରେ ଲଗାଇବାକୁ ଲାଗିଲା ।

Digitized by PPRACHIN, SOA

ନାବିକକୁ ତା ଆଡ଼କୁ ଚାହିଁଥିବାର ଦେଖି ପାରି ସେ କହିଲା—ବାହାରୁ କୌଣସି ବିପଦର ଆଶଙ୍କା ବୋଧ ହେଉଛି । ଓଃ, ମୋ ମୁଣ୍ଡ ବୁଲୁଛି ।

ହସି ହସି ନାବିକ ଉତ୍ତର ଦେଲା—ଏଠି କୌଣସି ବିପଦର ସମ୍ଭାବନା ନାହିଁ । ନେ, ଆଉ ଟିକିଏ ରମ୍ ପିଇ ଦେ, ଦେହ ତାଜା ହୋଇଯିବ ।

ଏତିକି କହି ନାବିକ ଫେରି ଥୋଡ଼େ ରମ୍ ତା ପିଆଲାରେ ଢାଳି ଦେଲା । ଏଥର ବାଧ୍ୟ ହୋଇ ତାକୁ ଟିକିଏ ରମ୍ ପିଇବାକୁ ହେଲା । ତା ପରେ ସେ ପିଆଲାକୁ ତଳେ ରଖିଦେଇ, ନିଜ ମୁଣ୍ଡ ଏପରି ଭାବରେ ତଳକୁ ନୁଆଁଇ ଦେଲା, ଯେମିତି ତାକୁ ଜୋରରେ ନିଶା ଧରିଲାଣି ।

ନାବିକ ଥରେ ସନ୍ଦେହପୂର୍ଣ୍ଣ ଦୃଷ୍ଟିରେ ତାକୁ ନିରୀକ୍ଷଣ କଲା । ତାର ମଧ୍ୟ ବିଶ୍ୱାସ ଜନ୍ମିଗଲା ଯେ ଗଦାଧର ଛଳନା କରୁ ନାହିଁ । ତେଣୁ ଶୀଘ୍ର ରମ୍ ପି ଦେଇ ସେ ବାହାରକୁ ଚାଲିଗଲା ।

ଗଦାଧର ଯେଉଁ କାଠ ବାକ୍ସ ଉପରେ ବସିଥିଲା, ସେଥିରେ ନିଆଁ ଲଗାଇ ଦେବାକୁ କାଠ ସବୁ ଯୋଗାଡ଼ ହୋଇ ରଖାଯାଇଥିଲା । ନାବିକକୁ ବାହାରକୁ ଯିବାର ଦେଖିପାରି ସେ ଜଲଦି ଠିଆ ହୋଇଗଲା ଏବଂ ସେଇ କାଠରୁ ଖଣ୍ଡେ ମୋଟା ଶକ୍ତ କାଠ ବାହାର କରି ହାତରେ ଧରି ସଜ ହୋଇଗଲା ।

ନାବିକ ପୁଣି କୋଠରୀ ଭିତରକୁ ଫେରି ଆସିଲା । ତା ହାତରେ ଖଣ୍ଡେ ମୋଟା ଦଉଡ଼ି । ଗଦାଧର ତା ଉଦ୍ଦେଶ୍ୟ ବୁଝି ପାରିଥିଲା—ବୋଧହୁଏ ତା ଶବକୁ କାଠ ପଥରର ଏକ ଭାରି ବୋଝରେ ବାନ୍ଧି ପାଣି ଭିତରକୁ ଫୋପାଡ଼ି ଦେବାକୁ ଚାହୁଁଥିଲା ।

ଗଦାଧରକୁ ଏପରି ଆକସ୍ମିକ ଅବସ୍ଥାରେ ଲଢ଼ାଇ କରିବାକୁ ତିଆରି ରହିଥିବା ଦେଖି ପାରି ସେ ଅତି ଶୀଘ୍ର ପକେଟରେ ହାତ ପଶାଇ ପିସ୍ତଲ କାଢ଼ିନେଲା । କିନ୍ତୁ ଗଦାଧର ଭାରି ସାବଧାନତାର ସହିତ ତାର

Digitized by PPRACHIN, SOA

ପିସ୍ତଲ ଧରିଥିବା ହାତର ନେହରେ ଏମିତ ଗୋଟେ ପାହାର ଦେଲା ଯେ ପିସ୍ତଲ ଖଣ୍ଡେ ଦୂରରେ ଛିଟକି ହୋଇ ପଡ଼ିଲା ।

କିନ୍ତୁ ନାବିକର ଶରୀରରେ ଅସାଧାରଣ ବଳ ଥିଲା । ତାର ଗୋଟେ ହାତ ଗଦାଧରର କାଠ ପାହାରରେ ଛେଚ ହୋଇ ବେକାମୀ ହୋଇ ଯାଇଥିଲା ସତ, କିନ୍ତୁ ଆର ହାତରେ ସେ ଗଦାଧରକୁ ଅତି ଶୀଘ୍ର କୁଣ୍ଢାଇ ପକାଇଲା । ଗଦାଧର ଆଗ ଗୋଡ଼ରେ ନାତ ମାରି ପିସ୍ତଲକୁ ଘରୁ ବାହାରକୁ ଫୋପାଡ଼ ଦେଲା ।

ଶରୀରର ସମସ୍ତ ବଳ ଖର୍ଚ୍ଚ କରି ଓ ଜୀବନ ମରଣ ପଣ କରି ନାବିକ ଶେଷ ଥର ପାଇଁ ଗଦାଧରକୁ ଭୂଇଁରେ କଚାଡ଼ ଦେଇ ନିଜର ଗାର କମାଣ ଧରି ତିଆରି ହେବାକୁ ଚେଷ୍ଟା କଲା । କିନ୍ତୁ ଗଦାଧର ଅତି ଶୀଘ୍ର ସେଠାରୁ ଉଠି ଆସି ସେହି କାଠ ବାକ୍ସକୁ ଉଠାଇ ତା ଉପରେ କଚାଡ଼ ଦେଲା । ତାକୁ କାନ୍ଥ ସାଙ୍ଗରେ ମାଡ଼ ବସିଲା । ଏକ ପାଖରେ କାନ୍ଥର ପଟା ଓ ଅନ୍ୟ ପାଖରେ କାଠର ବାକ୍ସ—ମଝିରେ କି-କର୍ତ୍ତବ୍ୟବିମୂଢ଼ ନାବିକ ଚୁପି ହୋଇ ରହିଗଲା । ଏପରି ସମୟରେ ମଝି ଅଜାଣାରେ ତା ଶରୀର ଏକ ମୁନିଆ ଅଂଶ ତା ନିଜ ଦେହରେ ଗଳିଗଲା ।

ଏତକ ଦେଖିବାମାତ୍ରେ ଗଦାଧରକୁ ନିଶା ଖାଇଲା ପରି ବୋଧ ହେଲା ; ସେ ହଠାତ୍ ଅଚେତନ ହୋଇ ତଳେ ପଡ଼ିଗଲା ।

ତାର ସମ୍ପୂର୍ଣ୍ଣ ସଂଜ୍ଞା ଫେରି ଆସିବା ବେଳକୁ ସେ ଦେଖି ପାରିଲା —ଜଗବନ୍ଧୁ ଖାଲି ତାର କାହିଁକି, ସଂସାରର କୌଣସି ବ୍ୟକ୍ତିର ସୁଦ୍ଧା କୌଣସି ପ୍ରକାରର ଅନିଷ୍ଟର କାରଣ ହେବାକୁ ରହି ପାରିନାହିଁ ।

କଟକ, ଅରୁଣୋଦୟ ପ୍ରେସରେ
ପ୍ରିଣ୍ଟର ଚୌ: ଶ୍ରୀ ମଧୁସୂଦନ ମହାପାତ୍ରଙ୍କ ଦ୍ୱାରା ମୁଦ୍ରିତ

Digitized by PPRACHIN, SOA